# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୮/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, November 18/ 2018 | (ଛୁଟିଦିନ ସହ) | ★★★★

୪୪ଶ ଭାଗ ୩୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଲକ୍ଷ୍ୟ ସେନ୍ ସେମିଫାଇନାଲରେ

ଭାରତର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ କାନାଡାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୯

୦୨

## ମହିଳା କମିଶନ ସମ୍ମୁଖରେ ହାଜର ହେଉନାହାନ୍ତି

ନୋଟିସ ଜାରି ସତ୍ତ୍ୱେ ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ନିକଟରେ ହାଜର ହେଉନାହାନ୍ତି ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ।








# ବିରୋଧକୁ ଦମନ

## ବିୟର ଫ୍ୟାକ୍ଟ୍ରି ପାଇଁ ଗଛକଟା

- ପୋଲିସ-ଗ୍ରାମବାସୀ ଛକାପଞ୍ଝା
- କଟାଗଲା ୪୦୦ରୁ ଊର୍ଦ୍ଧ୍ୱ ଗଛ
- ୩ ମହିଳାଙ୍କ ସମେତ ୧୩ ଗିରଫ

**ଓଡ଼ାପଡ଼ା, ୧୭।୧୧(ଡି.ଏନ.ଏ.)**

ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ନିର୍ମାଣ ପାଇଁ ଗଛକଟାକୁ ନେଇ ଅଶାନ୍ତ ହୋଇଉଠିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ବଳରାମପୁର। ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ, ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ କଟାଯାଇଛି ଶତାଧିକ ଗଛ। ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝାରେ ଶନିବାର ସବୁଜିମାଭରା ଫ୍ୟାକ୍ଟ୍ରି ନିର୍ମାଣ ପରିବେଶ ପାଲଟିଯାଇଥିଲା ରଣକ୍ଷେତ୍ର। ନିରୁପାୟ ହୋଇପଡ଼ିଥିବା ପୋଲିସ ଶେଷରେ ଆନ୍ଦୋଳନ ଦମନ କରିବାକୁ ଆରମ୍ଭ କରିଦେଇଥିଲା ପ୍ରୟାସ। ଘଟଣାରେ ୩ ମହିଳାଙ୍କ ସମେତ ମୋଟ ୧୩ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ଢେଙ୍କାନାଳ ସଦର ଉପଜିଲାପାଳଙ୍କ କୋର୍ଟରେ ହାଜର କରାଯିବା ପରେ ସେଠାରୁ ଜାମିନରେ ଛଡ଼ାଯାଇଛି। ଏ ନେଇ ନଂ. ୧୬୯/୧୮, ୧୭୪/୧୮ ଏବଂ ଦଫା ୧୦୭ରେ ଦୁଇଟି ମାମଲା ରୁଜୁ କରାଯାଇଛି।

ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବରୁ ଏକାଧିକବାର ବିରୋଧର ସମ୍ମୁଖୀନ ହୋଇଥିବା ପ୍ରଶାସନ ପକ୍ଷରୁ ଶନିବାର ଗଛକାଟିବାକୁ ବ୍ୟାପକ ପ୍ରାକ୍ ପ୍ରସ୍ତୁତି କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ୫ ପ୍ଲାଟୁନ ଫୋର୍ସ, ପୋଲିସ ଏବଂ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନ ୮ଟାରେ ପୋଲିସ ଫୋର୍ସ ସହିତ ଗଛକଟା ଦଳ ପହଞ୍ଚି ସାରିଥିଲେ ଘଟଣାସ୍ଥଳରେ। ହେଲେ ଏହାକୁ ସାମାନ୍ୟତମ ଖାତିର କରି ନ ଥିଲେ ଅଞ୍ଚଳବାସୀ। ଗଛକଟାକୁ ତୀବ୍ର ବିରୋଧ କରିବା ସହ ପ୍ରଶାସନ ବିରୋଧୀ ସ୍ଲୋଗାନ ଦେଇ ସେମାନେ ମଧ୍ୟ ପହଞ୍ଚିଥିଲେ ପ୍ରସ୍ତାବିତ ପ୍ଲାଣ୍ଟ ନିର୍ମାଣସ୍ଥଳରେ। ଗଛକଟାରେ ନିୟୋଜିତ କର୍ମଚାରୀଙ୍କୁ ସେମାନେ ଗୋଡ଼ାଇଥିଲେ। ଆଉ ଗ୍ରାମବାସୀଙ୍କ ପଛରେ ପଡ଼ିଥିଲା ପୋଲିସ ଫୋର୍ସ। ବେଶ୍ କିଛି ସମୟ ଧରି ପୋଲିସ ଓ ବିରୋଧକାରୀଙ୍କ ମଧ୍ୟରେ ଯୁକ୍ତିତର୍କ, ଛକାପଞ୍ଝା ହୋଇ ଧସ୍ତାଧସ୍ତି ଯାଏ କଥା ଯାଇଥିଲା। ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ପୋଲିସ ଆରମ୍ଭ କରିଦେଇଥିଲା ଗିରଫଦାରି। ଏସବୁ ଭିତରେ ଗଛ କଟାଳିମାନେ ଗଛକଟା ଜାରି ରଖିଥିଲେ। ଅଞ୍ଚଳବାସୀ ନିଜ ସାମର୍ଥ୍ୟ ଅନୁଯାୟୀ ପ୍ରତିବାଦ କରିଥିଲେ। ବିରୋଧକୁ ଜୋରଦାର କରିବା ଲାଗି ଗାଁକୁ ଯାଇ ଭରସା ଦେଇଥିବା ରାଜନୈତିକ ନେତୃବୃନ୍ଦଙ୍କୁ ପ୍ରତିବାଦସ୍ଥଳରେ ଦେଖିବାକୁ ମିଳି ନ ଥିଲା।

ନଭେମ୍ବର ୩ରେ ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ ବିୟର ବଟ୍‌ଲିଂ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିବାବେଳେ ଜିଲାପାଳ ନିଖିଲ ପୱନ କଲ୍ୟାଣ ଏହାର ଶିଳାନ୍ୟାସ କରିଥିଲେ। ବିୟର ପ୍ଲାଣ୍ଟ ହେଲେ ହାତୀ ଉପଦ୍ରବ ବଢ଼ିବା ଅଭିଯୋଗ କରିବା ସହ ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ଏପରି କି ଜିଲାପାଳଙ୍କ ଗାଡ଼ିକୁ ଅଟକାଇଥିଲେ। ଶିଳାନ୍ୟାସ ଦିନରୁ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଶନିବାର ଏହା ଉଗ୍ରରୂପ ନେଇଥିଲା। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଭାବେ ଗଁଦିଆ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ହରେକୃଷ୍ଣ ପ୍ରଧାନ, ଏସ୍‌ଡିପିଓ ଶେଖ ଅବଦୁଲ କରିମ୍ ପ୍ରମୁଖ ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏ ସମ୍ପର୍କରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କୁହନ୍ତି, ଗଛକଟାକୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନଙ୍କୁ ବୁଝାଶୁଝା କରି ପଠାଇ ଦିଆଯାଇଛି। ଏବେ ପରିସ୍ଥିତି ସ୍ୱାଭାବିକ ଅଛି।

**ଲୋଟିବ ୧ହଜାରରୁ ଊର୍ଦ୍ଧ୍ୱ ଗଛ**

ପ୍ରସ୍ତାବିତ ପ୍ଲାଣ୍ଟ ଅଞ୍ଚଳରେ ରହିଛି ବହୁ ପୁରାତନ ଶାଳ, ବେଲ, ପଟାସ, ବାହାଡ଼ା, କାଜୁ ଗଛ। ଶନିବାର ଖୁବ୍ କମ୍ ସମୟରେ ୪୦୦ରୁ ଊର୍ଦ୍ଧ୍ୱ ଗଛ କାଟି ☞ପୃଷ୍ଠା-୪



ଗଛକୁ ଜଗି ରହିଛନ୍ତି ମହିଳା।

## ନୀରବି ଗଲା ବନମାଳୀଙ୍କ ମର୍ଦ୍ଦଳ



**ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୧୭।୧୧(ଡି.ଏନ୍.ଏ.)**

ନୀରବି ଯାଇଛି ବିଶିଷ୍ଟ ତାଳବାଦ୍ୟ ଗୁରୁ ବନମାଳୀ ମହାରଣାଙ୍କ ଯନ୍ତ୍ର ସଙ୍ଗୀତର ଧୁନ୍। ନିଜ ପ୍ରିୟ ମର୍ଦ୍ଦଳକୁ ଛାଡ଼ି ଚିରଦିନ ପାଇଁ ଆଖି ବୁଜିଛନ୍ତି ଓଡ଼ିଶା ଯନ୍ତ୍ର ସଙ୍ଗୀତ ଜଗତର ଏହି ମହାନ୍ ଶିଳ୍ପୀ। ଶନିବାର ଅପରାହ୍ନରେ ତାଙ୍କର ୭୭ବର୍ଷ ବୟସରେ ପରଲୋକ ଘଟିଛି। ଦୁଇବର୍ଷ ଧରି ଯକୃତ ରୋଗରେ ଆକ୍ରାନ୍ତ ଥିବା ଏହି ଖ୍ୟାତନାମା ମର୍ଦ୍ଦଳ ବାଦକ ଭୁବନେଶ୍ୱର ଶ୍ୟାମପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୨୦ଦିନ ଧରି ଚିକିତ୍ସାଧୀନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ହେଲେ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ନ ଆସିବାରୁ ଆଇସିୟୁରୁ ☞ପୃଷ୍ଠା-୪

## ଆଡ୍ ଗୁରୁ ଆଲିକ୍ ପଦମ୍‌ସୀଙ୍କ ପରଲୋକ



**ମୁମ୍ବାଇ,୧୭।୧୧(ଆଇଏଏନ୍‌ଏସ୍)**

ବିଶିଷ୍ଟ ଅଭିନେତା, ମଞ୍ଚ କଳାକାର ତଥା ଆଡଭର୍ଟାଇଜିଂ (ବିଜ୍ଞାପନ) ଗୁରୁ ଆଲିକ୍ ପଦମ୍‌ସୀଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ଅସୁସ୍ଥ ଥିବାରୁ ମୁମ୍ବାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ପଦମ୍‌ସୀ। ଶନିବାର ସକାଳେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ପାରିବାରିକ ସୂତ୍ରରୁ ଜଣାପଡ଼ିଛି। ପଦମ୍‌ସୀ ଦୁଇ ପୂର୍ବତନ ସ୍ତ୍ରୀ, ଜଣେ ପୂର୍ବତନ ପାର୍ଟନର ଏବଂ ☞ପୃଷ୍ଠା-୪

# ଅନୁଦାନ ଖର୍ଚ୍ଚକୁ ନେଇ ହଙ୍ଗାମା: ମନ୍ତ୍ରୀ ହଟହଟା

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**



କେନ୍ଦ୍ର ସରକାର ଦେଉଥିବା ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା(ଏସ୍‌ସିଏ) ଅନୁଦାନ ଟ୍ରାଇବାଲ ସବ୍‌ପ୍ଲାନ(ଟିଏସ୍‌ପି) ଜରିଆରେ ଆଦିବାସୀଙ୍କ ବିକାଶ ପାଇଁ ଖର୍ଚ୍ଚ ହେଉନି। ବିଜେଡି କର୍ମୀମାନେ ଦଳୀୟ ଭିତ୍ତିରେ ଏହାକୁ ଖର୍ଚ୍ଚ କରୁଛନ୍ତି। ଆଦିବାସୀ ଉନ୍ନୟନ ପରିଷଦ ବୈଠକ ବସୁ ନାହିଁ। ମନ୍ତ୍ରୀ ଗୃହରେ ମିଥ୍ୟା ତଥ୍ୟ ଦେଉଛନ୍ତି। ଏ ପଇସା କାହା ବାପର ନୁହେଁ। ସରକାରଙ୍କ ପଇସା। ଆଦିବାସୀଙ୍କ ପାଇଁ ଖର୍ଚ୍ଚ ହେବା କଥା । ତାହା ନ କରି ଦଳୀୟ କର୍ମୀମାନେ ନିଜ ଇଚ୍ଛାରେ ଖର୍ଚ୍ଚ କରୁଛନ୍ତି। ପ୍ରକଳ୍ପ ଅନୁମୋଦନ ନେଇ ବୈଠକ ହେଉନି କିମ୍ବା କେଉଁ ଆଡେ ଖର୍ଚ୍ଚ ହେଉଛି ତାହା ମଧ୍ୟ ଜଣାପଡୁନି। ଏଭଳି ଗୁରୁତର ଅଭିଯୋଗ ଆଣି ବିରୋଧୀ କଂଗ୍ରେସ ଦଳର ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ରମେଶ ମାଝି ଆବାକାବା ହୋଇ ଯାଇଥିଲେ। ମନ୍ତ୍ରୀ ବିରୋଧୀଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲେ। ପ୍ରବଳ ହଟ୍ଟଗୋଳରେ ହଜି ଯାଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ବାଚସ୍ପତି ବାଧ ହୋଇ ୧୦ଟା ୪୭ରୁ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ବିଧାନସଭାର କାର୍ଯ୍ୟସୂଚୀ ଅନୁଯାୟୀ ବାଚସ୍ପତି ପ୍ରଦୀପ କୁମାର ଅମାତ ୧୦ଟା ୩୦ ମିନିଟରେ ଗୃହକୁ ପ୍ରବେଶ କରିଥିଲେ। ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ ନ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରଶ୍ନ ନଂ ୩୧ରୁ ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ପ୍ରଶ୍ନ ଥିଲା କଂଗ୍ରେସ ସଦସ୍ୟ ପ୍ରଫୁଲ୍ଲ ମାଝିଙ୍କର। ରାଜ୍ୟ ପାଇଁ ୨୦୧୮-୧୯ ଆର୍ଥିକବର୍ଷରେ ଅନୁଚ୍ଛେଦ ୨୭୫(।) ଅନୁଯାୟୀ ଏସସିଏରୁ ଟିଏସପି ପାଇଁ କେତେ ବଜେଟ ଥିଲା। ସୁନ୍ଦରଗଡ ଆଇଟିଡିଏ ପାଇଁ କେତେ କେଉଁ ବାବଦରେ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକଳ୍ପ ରିପୋର୍ଟ ଉପସ୍ଥାପନ କରିବା ସହ ଏସ୍‌ସିଏରୁ ଟିଏସପି ପାଇଁ କେତେ ରଖାଯାଇଛି ଓ କେଉଁ ପ୍ରକଳ୍ପ ଅନୁମୋଦନ ହୋଇଛି, ସେ ନେଇ ବିସ୍ତୃତ ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କୁ ପଚାରିଲେ। ମନ୍ତ୍ରୀ ଲେଖା ଉତ୍ତର ପଢି ଶୁଣାଇଲେ। ୨୦୧୮-୧୯ରେ କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜନଜାତିଙ୍କ ☞ପୃଷ୍ଠା-୪

# ଭିଜିଲାନ୍ସ ଜାଲରେ ଏମ୍‌ଭିଆଇ

**ନୟାଗଡ଼ ଅଫିସ,୧୭।୧୧**



ପ୍ରଭାକର ପାଣିଗ୍ରାହୀ

ନୟାଗଡ଼ ଜିଲା ଏମ୍‌ଭିଆଇ ପ୍ରଭାକର ପାଣିଗ୍ରାହୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ନଗଦ ୧ ଲକ୍ଷ ୮୧ ହଜାର ଟଙ୍କା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ନୟାଗଡ଼-ଓଡ଼ଗାଁ ରାସ୍ତା ଲେଙ୍କୁଡ଼ିପଡ଼ା ମିଲନ ମାର୍ବଲ୍ସଠାରେ ଏମଭିଆଇ ପ୍ରଭାକର ଘର ଭଡ଼ା ନେଇ ରହୁଥିଲେ। ଶନିବାର ସନ୍ଧ୍ୟା ୭ଟା ୩୦ ମିନିଟରେ ସେ କାର (ନଂ.ଓଡ଼ି ୦୭ ଏଲ୍ ୫୯୮୨)ରେ ପରିବାର ସହିତ ବ୍ରହ୍ମପୁର ଷ୍ଟେଶନ ନିକଟରେ ଥିବା ତାଙ୍କ ଘରକୁ ଯାଉଥିଲେ। ସେ ଘରୁ ବାହାରି କିଛି ବାଟ ଯାଇଥିବା ବେଳେ ଲେଙ୍କୁଡ଼ିପଡ଼ା ଛକଠାରେ ଭିଜିଲାନ୍ସ ଟିମ୍ ଅଟକାଇଥିଲା। ଏହାପରେ ସେ ସାଥିରେ ନେଇ ଯାଉଥିବା ୧ ଲକ୍ଷ ୮୧ ହଜାର ଟଙ୍କା ଗାଡିରୁ ଜବତ କରାଯାଇଥିଲା। ଏତେ ଟଙ୍କା କେଉଁଠାରୁ ଆସିଲା ସେ ନେଇ ହିସାବ ଦେଇପାରି ନ ଥିଲେ ପ୍ରଭାକର। ପରେ ଭିଜିଲାନ୍ସ ଟିମ୍ ତାଙ୍କ ଭଡ଼ା ଘରେ ଚଢ଼ାଉ କରିଥିଲା। ☞ପୃଷ୍ଠା-୪


## ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ମନ୍ତବ୍ୟ

"ଯେଉଁମାନେ ଅନେକ କିଛି ଲୁଚାଉଛନ୍ତି ସେମାନେ କେନ୍ଦ୍ରୀୟ ସଂସ୍ଥାର ତଦନ୍ତକୁ ଭୟ କରୁଛନ୍ତି ।

-ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

### କିଛି ତଥ୍ୟ

୨୦୧୩-୧୪ରେ ଦେଶରେ ୫୬୫.୭୭ ନିୟୁତ ଟନ୍ କୋଇଲା ଉତ୍ପାଦନ ହୋଇଥିବା ବେଳେ ୨୦୧୭-୧୮ରେ ଏଥିରେ ୧୧୦.୭୧ ନିୟୁତ ଟନ୍ ବୃଦ୍ଧି ଘଟି ୬୭୬.୪୮ ନିୟୁତ ଟନ୍ ଛୁଇଁଛି।

-କୋଲ୍ ଇଣ୍ଡିଆ


## ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

**କଟକ /ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଜଳା/ପିପିଲି / ପୁରୀ ମାର୍ଗରେ ଚୂଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)**

ଏତଦ୍ୱାରା **କଟକ / ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଜଳା / ପିପିଲି / ପୁରୀ ମାର୍ଗରେ** ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ପ୍ରଥମ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (1st Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" ତା **୦୫.୦୩.୨୦୧୫** ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରାଯାଇଥିଲା । ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକୁ ତର୍ଜମା କରାଯାଇ ଦ୍ୱିତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (2nd Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ଧରିତ୍ରୀ", "ସମାଜ" ଓ "ସମ୍ବାଦ" ତା **୧୯.୦୪.୨୦୧୮** ରିଖରେ ପ୍ରକାଶିତ କରାଯାଇଥିଲା । ଉକ୍ତ ପ୍ରକାଶିତ ବିଜ୍ଞାପନକୁ ଆଧାରକରି, ୪୮ ଗୋଟି ଆପତ୍ତି ଓ ଅଭିଯୋଗ ହସ୍ତଗତ ହୋଇଅଛି । ଅଭିଯୋଗ ତଥା ଆପତ୍ତି ଗୁଡିକୁ ବିଚାରକୁ ନିଆଯାଇ ମାନଦଣ୍ଡରେ ପରିବର୍ତ୍ତନ କରାଯାଇ ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇଅଛି, ଯାହାକି ରାଜ୍ୟ ପରିବହନ ଆୟୁକ୍ତଙ୍କର ନିମ୍ନରେ ପ୍ରଦତ୍ତ ୱେବସାଇଟରେ ଉପଲବ୍ଧ ଅଟେ ।

1. www.odishatransport.gov.in
2. www.orissatransport.nic.in

ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ତା ୨୦.୧୧.୨୦୧୮ ରିଖରୁ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରାଗଲା । ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ସୁଚାଇ ଦିଆଯାଉଅଛି କି ସେମାନଙ୍କର ଯାତ୍ରୀବାହୀ ଯାନ ଗୁଡିକୁ ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀରେ ଚଳାଚଳ କରିବେ ।

ଅନୁମତି ପତ୍ର / ପର୍ମିଟଧାରୀ ଯଦି ଚାହିଁବେ ତେବେ ଦିଆଯାଇଥିବା ସମୟକୁ ପରିବର୍ତ୍ତନ ନିମନ୍ତେ ଖାଲିଥିବା ସ୍ଥାନକୁ ଯାଇପାରିବେ । ଏଥିପାଇଁ ଖବର କାଗଜରେ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଆବେଦନ କଲେ ତାହା ଯୋଗ୍ୟତା ଭିତିରେ ବିଚାରକୁ ନିଆଯିବ ।

ବି.ଦ୍ର : ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ରେ ଯଦି କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସେଗୁଡିକୁ case to case ଭିତିରେ ଶୁଣାଣି ମାଧ୍ୟମରେ ଅଭିଯୋଗ ପ୍ରାପ୍ତ ହେବାର ୩୦ ଦିନ ମଧ୍ୟରେ ବିଚାର କରାଯିବ ।

**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ଓଡିଶା, କଟକ**


### ଆଜିର ସମ୍ପାଦକୀୟ

**କଂଗ୍ରେସ ପାଇଁ ଆହ୍ୱାନ**


NECC NATIONAL EGG CO-ORDINATION COMMITTEE | 17.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 56 | 101 | 111 |
| ANG | 60 | 106 | 116 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers



ବିଧାନସଭା ନିର୍ବାଚନରେ ମୋତେ ଟକ୍କର ଦେବାକୁ କଂଗ୍ରେସ ଭୟ କରୁଛି। ଅନ୍ୟ କାହାକୁ ନ ପାଇବାରୁ ଏହି ଦଳ ପୂର୍ବତନ ଭାଜପା ନେତା ଯଶୱନ୍ତ ସିଂଙ୍କ ପୁଅ ମାନବେନ୍ଦ୍ର ସିଂଙ୍କୁ ପ୍ରାର୍ଥୀ କରିଛି।

- ବସୁନ୍ଧରା ରାଜେ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ଆରପାରିରେ 'ବ୍ୟାଟଲ୍ ଅଫ୍ ଲଙ୍ଗେୱାଲା' ହିରୋ



**ଚଣ୍ଡିଗଡ଼,୧୭।୧୧(ଆଇଏଏନ୍ଏସ୍):** ଦେଶ ମାତୃକା ପାଇଁ ଲଢ଼ିଥିବା 'ବ୍ୟାଟଲ୍ ଅଫ୍ ଲଙ୍ଗେୱାଲା' ହିରୋ ବ୍ରିଗେଡିୟର କୁଲ୍ଦୀପ୍ ସିଂ ଚାନ୍ଦପୁରୀଙ୍କ ପରଲୋକ ହୋଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ଚାନ୍ଦପୁରୀ କର୍କଟ ରୋଗରେ ପୀଡ଼ିତ ଥିଲେ। ମୋହାଲି ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ବୀରଯୋଦ୍ଧା ଚାନ୍ଦପୁରୀ ୧୯୭୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧବେଳେ ମେଜର୍ ଥିଲେ। ରାଜସ୍ଥାନର ଲଙ୍ଗେୱାଲା ଯୁଦ୍ଧବେଳେ ରାତାରାତି ମେଜର ଭାବେ ନିଯୁକ୍ତ ହେବା ପରେ ସେ ମାତ୍ର ୧୨୦ ଯବାନଙ୍କୁ ନେଇ ପାକିସ୍ତାନର ଅନେକ ସୈନ୍ୟଙ୍କ ସହ ଲଢ଼ିଥିଲେ। ଶତ୍ରୁପକ୍ଷକୁ ପରାଜିତ କରିବାରେ ସେ ସଫଳ ହୋଇଥିଲେ। ଏହି ବୀରତା ଯୋଗୁ ଚାନ୍ଦପୁରୀଙ୍କୁ ମିଳିଥିଲା ମହାବୀର ଚକ୍ର। ତାଙ୍କ ସାହସିକତା ଏବଂ କାର୍ଯ୍ୟଶୈଳୀକୁ ନେଇ ନିର୍ମାଣ ହୋଇଥିଲା ବଲିଉଡ୍ ଫିଲ୍ମ 'ବର୍ଡର'।

### ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ମୋଦି



**ମାଲେ,୧୭।୧୧(ପି.ଟି.):** ମାଳଦ୍ୱୀପର ନୂଆ ରାଷ୍ଟ୍ରପତି ଭାବେ ଶନିବାର ଶପଥ ଗ୍ରହଣ କରିଛନ୍ତି ଇବ୍ରାହିମ୍ ମହମ୍ମଦ ସୋଲି। ରାଜଧାନୀ ମାଲେସ୍ଥିତ ନ୍ୟାଶନାଲ ଫୁଟବଲ୍ ଷ୍ଟାଡିୟମ୍ରେ ସେ ପଦ ଓ ଗୋପନୀୟତାର ଶପଥପାଠ କରିଛନ୍ତି। ୫୪ ବର୍ଷୀୟ ସୋଲିଙ୍କ ଦାୟିତ୍ୱଗ୍ରହଣ ପାଇଁ ଆୟୋଜିତ ଭବ୍ୟ ସମାରୋହରେ ଉପସ୍ଥିତ ଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ପାଇଁ ମାଳଦ୍ୱୀପର ନୂଆ ରାଷ୍ଟ୍ରପତିଙ୍କ ସହ ଭାରତ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି ସେ କହିଛନ୍ତି। ମୋଦି ଏବଂ ସୋଲି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ମାଳଦ୍ୱୀପର ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଚାଇନାର ଦୃଢ଼ ସମର୍ଥନକାରୀ ନେତା ଅବ୍ଦୁଲ୍ଲା ୟାମିନ୍ଙ୍କୁ ଗାଦିଚ୍ୟୁତ କରିବା ପରେ ଗତ ସେପ୍ଟେମ୍ବରରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ସୋଲି। ମାଲ୍ଡିଭିଆନ୍ ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ପ୍ରାର୍ଥୀ ହୋଇଥିଲେ ସୋଲି। ଏବେ ସେ ମାଳଦ୍ୱୀପର ଶାସନ ମୁଖ୍ୟ ହୋଇଛନ୍ତି। ତାଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମାଳଦ୍ୱୀପ ସହ ବନ୍ଧୁତାର ନିଦର୍ଶନ ଲାଗି ମୋଦି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

### ଇତିହାସର ଆଇନାରେ

### ନଭେମ୍ବର ୧୮ର ପ୍ରମୁଖ ଘଟଣା

୧୯୬୩ ନଭେମ୍ବର ୧୮ରେ ଇଲେକ୍ଟ୍ରୋନିକ୍ ବଟନ୍ ବିଶିଷ୍ଟ ଟେଲିଫୋନ୍ (ପୁଶ୍-ବଟନ୍ ଟେଲିଫୋନ୍) ପ୍ରଥମକରି ଆମେରିକାରେ ସେବା ଆରମ୍ଭ କରିଥିଲା। ଏହି ପୁଶ୍-ବଟନ୍ ଟେଲିଫୋନ୍ରେ ନମ୍ବର ଡାଏଲ୍ କରିବା ପାଇଁ ଇଲେକ୍ଟ୍ରୋନିକ୍ ବଟନ୍ ବ୍ୟବହାର କରାଯାଇଥିଲା। ପୂର୍ବରୁ ରୋଟାରି ଡାଏଲ୍ ଫୋନ୍ (ଗୋଲାକାର ଢଙ୍ଗରେ ନମ୍ବର ଡାଏଲ କରାଯାଉଥିବା ଫୋନ୍)ଠାରୁ ଏହା ଅତି ସହଜ ଥିଲା।

୧୯୮୭ ନଭେମ୍ବର ୧୮ରେ ଲଣ୍ଡନର ସବୁଠାରୁ ବ୍ୟସ୍ତବହୁଳ ଅଣ୍ଡରଗ୍ରାଉଣ୍ଡ ଟ୍ରେନ୍ ଷ୍ଟେଶନ୍ କିଙ୍ଗ୍ସ କ୍ରସ୍ରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୩୧ ଜଣ ପ୍ରାଣ ହରାଇଥିବାବେଳେ ବହୁ ଲୋକ ଆହତ ହୋଇଥିଲେ। ରାତି ପ୍ରାୟ ୭ଟା ୩୦ ମିନିଟ୍ରେ କିଙ୍ଗ୍ସ କ୍ରସ୍ ସେଣ୍ଟ ପାନ୍କ୍ରାସ୍ ଟ୍ୟୁବ୍ ଷ୍ଟେଶନରେ ନିଆଁ ଲାଗିଥିଲା। ପିକାଡେଲି ଲାଇନରେ ସେବା ଯୋଗାଉଥିବା ଏକ୍ସଲେଟରରୁ ଏହି ନିଆଁ ଲାଗିଯାଇଥିଲା।

# ନିଆଁ ଆଁରେ କାଲିଫର୍ନିଆ

**ଚିକୋ,୧୭।୧୧(ପି.ଟି.)**



- ୭୧ ଦଗ୍ଧ, ୧୦୦୦ ନିଖୋଜ
- ୧,୪୬,୦୦୦ ଏକର ଅଞ୍ଚଳ ଭସ୍ମ
- ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଟ୍ରମ୍ପ
- କାଲିଫର୍ନିଆ ପ୍ରଶାସନକୁ ଦାୟୀ କଲେ

ଆମେରିକାର କାଲିଫର୍ନିଆରେ ସୃଷ୍ଟି ହୋଇଛି ଭୟଙ୍କର ବିପତ୍ତି। ସିଏରା ନେଭାଡା ପର୍ବତରେ ନଭେମ୍ବର ୮ରୁ ଲାଗିଥିବା ନିଆଁ ପ୍ରଶମିତ ହେବାର ନାଁ ଧରୁନାହିଁ। ବିସ୍ତୀର୍ଣ୍ଣ ଅଞ୍ଚଳ ପର୍ଯ୍ୟନ୍ତ ଅଗ୍ନି ବ୍ୟାପିଯିବା ଯୋଗୁ ଅନେକ ଧନଜୀବନ ହାନି ହୋଇଛି। ଏଯାବତ୍ ନିଆଁର ଆଁରେ ୭୧ ଜଣଙ୍କ ଜୀବନ ଗଲାଣି। ୧,୦୦୦ରୁ ଅଧିକ ଲୋକ ନିଖୋଜ ଥିବା ସୂଚନା ମିଳିଛି। ସେମାନଙ୍କ ସନ୍ଧାନ ଚାଲିଛି। ପରିସ୍ଥିତି ଭୟଙ୍କର ହେଉଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି ।

ଗତ ୯ ଦିନ ହେଲା କାଲିଫର୍ନିଆର ଅରଣ୍ୟ ଅଗ୍ନିକାଣ୍ଡ ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଛି। ୧,୪୬,୦୦୦ ଏକର ପରିମିତ ଅଞ୍ଚଳ ପୋଡ଼ି ପାଉଁଶ ହୋଇଗଲାଣି। ଅଣାୟତ୍ତ ନିଆଁକୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ଅହୋରାତ୍ର ଅଭିଯାନ ଚଳାଇଥିଲେ ସୁଦ୍ଧା ବିଫଳ ହୋଇଛନ୍ତି। ଏହାସତ୍ତ୍ୱେ ସ୍ୱତନ୍ତ୍ର ବାହିନୀ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ନିଆଁ ଏବଂ ଧୂଆଁରେ ସମଗ୍ର ଅଞ୍ଚଳ ଉତ୍ତପ୍ତ ପିଣ୍ଡ ପାଲଟିଛି। କାଲିଫର୍ନିଆ ଇତିହାସରେ ଏହା ହେଉଛି ସବୁଠୁ ବଡ଼ ଧ୍ୱଂସଚିତ୍ର। ଉକ୍ତ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ହଜାର ହଜାର ଲୋକ ଘରଛାଡ଼ି ପଳାୟନ କରିଛନ୍ତି। ଆହୁରି ଅନେକେ ଭିଟାମାଟି ଛାଡୁନାହାନ୍ତି। ନିଆଁ ବଳୟ ମଧ୍ୟରେ ଅସଂଖ୍ୟ ଲୋକ ଫସିରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ତଥାକଥିତ 'କ୍ୟାମ୍ପ୍ ଫାୟାର' ଯୋଗୁ ପ୍ରତିଦିନ ମୃତ୍ୟୁସଂଖ୍ୟା ବୃଦ୍ଧି ହେଉଥିବାବେଳେ ଶନିବାର ଆଉ ୮ ଜଣଙ୍କ ମୃତଦେହ ମିଳିଛି। ଏହାକୁ ମିଶାଇ ମୋଟ ୭୧ ଜଣଙ୍କ ଦେହାବଶେଷ ଠାବ କରିଛନ୍ତି ଉଦ୍ଧାରକାରୀ ଦଳ। ଶୁକ୍ରବାର ସୁଦ୍ଧା ନିଖୋଜଙ୍କ ସଂଖ୍ୟା ୬୩୧ କୁହାଯାଉଥିଲା। କିନ୍ତୁ ୨୪ ଘଣ୍ଟା ମଧ୍ୟରେ ଏହି ସଂଖ୍ୟା ବଢ଼ି ୧,୦୧୧ ଛୁଇଁଛି ବୋଲି ବ୍ୟୁଟ୍ କାଉଣ୍ଟି ଶେରିଫ୍ କୋରି ହୋନିଆ କହିଛନ୍ତି।

ଗୋଟିଏ ପଟେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁ କାଲିଫର୍ନିଆବାସୀ ଭୟାତୁର ହୋଇପଡ଼ିଥିବାବେଳେ ପ୍ରଭାବିତ ଅଞ୍ଚଳକୁ ଯାଇ ବିପନ୍ନଙ୍କ ଅବସ୍ଥା ପଚାରିବୁଝିଛନ୍ତି ଟ୍ରମ୍ପ। ତେବେ ଏହି ବିପତ୍ତି ପାଇଁ କାଲିଫର୍ନିଆ କର୍ତ୍ତୃପକ୍ଷଙ୍କୁ ସେ ଦାୟୀ କରିଛନ୍ତି। ଜଙ୍ଗଲକୁ ଠିକ୍ଭାବେ ପରିଚାଳନା କରି ନ ପାରିବା କାରଣରୁ ଏହି ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିବା ଫକ୍ସ ନ୍ୟୁଜ୍ର ଏକ ସାକ୍ଷାତ୍କାରରେ ଟ୍ରମ୍ପ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଏହି ବିପତ୍ତିର ଅନ୍ୟତମ କାରଣ ହୋଇପାରେ ବୋଲି ସେ ପ୍ରକାଶ ପରିଛନ୍ତି।

ସିଏରା ନେଭାଡା ପର୍ବତର ୫୦ ଭାଗ ପୋଡ଼ିଯିବା ପରେ ପ୍ରଭାବିତ ଅଞ୍ଚଳରୁ ୪୭,୨୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏବେସୁଦ୍ଧା ଲୋକଙ୍କ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଆମେରିକାର ରେଡ୍ କ୍ରସ୍ ପକ୍ଷରୁ ବିଭିନ୍ନ ଚର୍ଚ୍ଚ ଏବଂ ଅନ୍ୟାନ୍ୟ ସ୍ଥାନରେ ଆଶ୍ରୟସ୍ଥଳ ନିର୍ମାଣ ହୋଇଛି। ସେଠାରେ ବାସହରା ଲୋକେ ମୁଣ୍ଡ ଗୁଞ୍ଜୁଛନ୍ତି। ତେବେ ବିପନ୍ନମାନେ ଏହି ଅଗ୍ନିକାଣ୍ଡ ପାଇଁ ଟ୍ରମ୍ପ ପ୍ରଶାସନକୁ ଦାୟୀ କରିଛନ୍ତି। ମୃତଦେହ ଉଦ୍ଧାର ଲାଗି ସ୍ନିଫର କୁକୁରଙ୍କୁ ମଧ୍ୟ ମୁତୟନ କରାଯାଇଛି।

■ ଆର୍ଏଲ୍ଏସ୍ପି ମୁଖ୍ୟ କୁଶୱାହଙ୍କ ବିରୋଧର ସ୍ୱର

# ଭାଜପା ଯାଚୁଥିବା ଆସନ ଗ୍ରହଣୀୟ ନୁହେଁ

**ପାଟନା,୧୭।୧୧(ପି.ଟି.)**



ଲୋକ ସଭା ନିର୍ବାଚନ ଲାଗି ବିହାରରେ ଆସନ ଭାଗବଣ୍ଟାକୁ ନେଇ ଶାସକ ଏନ୍ଡିଏର ସହଯୋଗୀ ଦଳ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍ଏଲ୍ଏସ୍ପି) ମୁଖ୍ୟ ଉପେନ୍ଦ୍ର କୁଶୱାହ ଉଠାଇଛନ୍ତି ବିରୋଧର ସ୍ୱର। ଭାଜପା ଏବଂ ଜେଡିୟୁ ସମାନ ଆସନ ଭାଗବଣ୍ଟା କରି ନେଇଯିବା ପରେ ଆର୍ଏଲ୍ଏସ୍ପିକୁ ଲଢ଼ିବା ପାଇଁ ଯେଉଁ ନିର୍ବାଚନମଣ୍ଡଳୀ ଦେଉଛନ୍ତି, ସେଥିରେ ସେ ସନ୍ତୁଷ୍ଟ ନାହାନ୍ତି। ଭାଜପାର ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶନିବାର କୁଶୱାହ କହିଛନ୍ତି। ତେବେ ଆର୍ଏଲ୍ଏସ୍ପିକୁ ପ୍ରକୃତରେ ଭାଜପା କେତେସଂଖ୍ୟକ ଆସନ ଯାଚୁଛି, ତାହା ଜଣାପଡ଼ି ନାହିଁ। ନଭେମ୍ବର ୩୦ ସୁଦ୍ଧା ଆସନ ଭାଗବଣ୍ଟା ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ଏନ୍ଡିଏରେ ବୁଝାମଣା ନ ହେବା ଯାଏ ସେ କିଛି ପ୍ରକାଶ କରିବେ ନାହିଁ ବୋଲି କୁଶୱାହ ସ୍ପଷ୍ଟ କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ନୀତୀଶ କୁମାର ଏବଂ କୁଶୱାହଙ୍କ ମଧ୍ୟରେ ବାକ୍ଯୁଦ୍ଧ ଚାଲିଛି। ନିକଟରେ କୁଶୱାହଙ୍କୁ ବାଧିଲା ଭଳି କଥା କହିଦେଇଥିଲେ ନୀତୀଶ। ଏପଟେ ୨୦୧୯ ଲୋକ ସଭା ନିର୍ବାଚନ ପାଇଁ ବିହାରର ମୋଟ ୪୦ ଆସନ ମଧ୍ୟରୁ କିଏ କେତୋଟିରେ ଲଢ଼ିବେ ସେନେଇ ଆସନ ଭାଗବଣ୍ଟା ଛିଣ୍ଡୁ ନାହିଁ। ତେଣୁ ଖୋଲାଖୋଲି ବିଦ୍ରୋହ କରୁଛନ୍ତି କୁଶୱାହ। ଶନିବାର ଆର୍ଏଲ୍ଏସ୍ପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ କୁଶୱାହ ଭାଜପା ଏବଂ ଜେଡିୟୁ ଉପରେ ପ୍ରବଳ ବର୍ଷିଛନ୍ତି। ନୀତୀଶଙ୍କୁ ସମର୍ଥନ କରୁଥିବାରୁ ଭାଜପା ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ବିଦ୍ରୋହୀ ସାଜିବା ପରେ ଏବେ କୁଶୱାହ ଏନ୍ଡିଏରୁ ଓହରିଯାଇପାରନ୍ତି ବୋଲି କୁହାଯାଉଛି। ଏନେଇ ପ୍ରଶ୍ନ କରିବାରୁ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏବେସୁଦ୍ଧା ସେ ଏନ୍ଡିଏର ସଦସ୍ୟ ଅଛନ୍ତି। ବିହାରରେ ଏନ୍ଡିଏର ଅନ୍ୟତମ ସହଯୋଗୀ ଦଳ ହେଉଛି ରାମ ବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍ଜେପି)। ଏହା ମଧ୍ୟ କମ୍ ଆସନ ପାଇବ।

## ଇଣ୍ଡୋନେସିଆରେ ଭୂକମ୍ପ: ୭ ମୃତ



**ଜାକର୍ତ୍ତା,୧୭।୧୧:** ଇଣ୍ଡୋନେସିଆର ପଶ୍ଚିମ ସୁଲାୱେସି ପ୍ରଦେଶରେ ଭୂକମ୍ପ ହୋଇଛି। ଶୁକ୍ରବାର ଏବଂ ଶନିବାର ଯଥାକ୍ରମେ ୫.୧ ଏବଂ ୫.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ହେବା ଫଳରେ ଅନେକ କ୍ଷୟକ୍ଷତି ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୭ ଜଣ ପ୍ରାଣ ହରାଇଛନ୍ତି। ପଶ୍ଚିମ ସୁଲାୱେସି ପ୍ରଦେଶର ମାମସା ଜିଲା ହେଉଛି ଭୂକମ୍ପର କେନ୍ଦ୍ରସ୍ଥଳ। ଭୂକମ୍ପ ଝଟକା ଯୋଗୁ ଭୂସ୍ଖଳନ ଘଟି ଅନେକ ଘରଦ୍ୱାର ଭୁଶୁଡ଼ି ପଡ଼ିଥିବାରୁ ୮୦୦୦ରୁ ଅଧିକ ବାସହରା ହୋଇଥିବା ଜିନ୍ହୁଆ ନ୍ୟୁଜ୍ ଏଜେନ୍ସି ରିପୋର୍ଟରୁ ଜଣାପଡ଼ିଛି। ନିରାଶ୍ରୟଙ୍କ ଲାଗି ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି ବୋଲି ଜିଲା କର୍ତ୍ତୃପକ୍ଷ କହିଛନ୍ତି।

## ମଣିପୁର ବିଧାନସଭାରେ ଗ୍ରେନେଡ୍ ଆକ୍ରମଣ

**ଇମ୍ଫାଲ,୧୭।୧୧(ପି.ଟି.):** ମଣିପୁର ବିଧାନସଭା ପରିସରରେ ଘଟିଛି ଆକ୍ରମଣ। ସନ୍ଦିଗ୍ଧ ଆତଙ୍କବାଦୀମାନେ ସେଠାରେ ମୁତୟନ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରି ଗ୍ରେନେଡ୍ ମାଡ଼ କରିଛନ୍ତି। ଏଥିରେ ଜଣେ ବିଏସ୍ଏଫ୍ ଯବାନଙ୍କ ସମେତ ୩ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଇମ୍ଫାଲସ୍ଥିତ ରାଜ୍ୟ ବିଧାନସଭାର ଫାଟକ ନିକଟରେ ଶୁକ୍ରବାର ସନ୍ଧ୍ୟା ୫ଟା ୫୫ରେ ଏହି ଆକ୍ରମଣ ଘଟିଛି। ବିସ୍ଫୋରଣ ପରେ ଘଟଣାସ୍ଥଳରୁ ଏକ ଅଫୁଟା ଗ୍ରେନେଡ୍ ମିଳିଛି। ଆହତ ସୁରକ୍ଷାକର୍ମୀଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ସ୍ଥିର ରହିଛି ବୋଲି ଶନିବାର ମିଳିଥିବା ମେଡିକାଲ ବୁଲେଟିନ୍ ରିପୋର୍ଟରୁ ଜଣାପଡ଼ିଛି।

## ଫୁର୍ସତ

### ଗ୍ରୀନ୍ଲାଣ୍ଡରେ ବୃହତ୍ ଉଲ୍କା ଗର୍ତ୍ତ

**ଲଣ୍ଡନ:** ଏକ ଅନ୍ତର୍ଜାତୀୟ ଗବେଷକ ଟିମ୍ ଗ୍ରୀନ୍ଲାଣ୍ଡର ଉତ୍ତରପଶ୍ଚିମ ଭାଗର ହାୟାୱାଥା ଗ୍ଲେସିୟରରେ ଉଲ୍କାମାଡ ଦ୍ୱାରା ସୃଷ୍ଟ ଏକ ବୃହତ୍ ଗର୍ତ୍ତ ଠାବ କରିଛି। ବରଫ ଆସ୍ତରଣର ଅଧମାଇଲ୍ ତଳେ ଏହା ରହିଥିବା ଗବେଷକମାନେ ସୂଚନା ଦେଇଛନ୍ତି। ଏହି ଗର୍ତ୍ତର ଗଭୀରତା ପାଖାପାଖି ୧,୦୦୦ଫୁଟ ହୋଇଥିବା ବେଳେ ଏହାର ବ୍ୟାସ ୧୯ ମାଇଲ୍ରୁ ଅଧିକ। ଗ୍ରୀନ୍ଲାଣ୍ଡର ବରଫ ଆସ୍ତରଣ ତଳେ ଏହି ଆକୃତିର ଗର୍ତ୍ତ ଦେଖିବାକୁ ମିଳିବା ପ୍ରଥମ ଘଟଣା। ପୃଥିବୀର ଯେଉଁ ୨୫ଟି ବୃହତ୍ ଉଲ୍କା ମାଡ ହୋଇଛି ତନ୍ମଧ୍ୟରେ ଏହା ଅନ୍ୟତମ। ଏ ସମ୍ପର୍କିତ ଏକ ଅଧ୍ୟୟନ ଜର୍ନାଲ୍ ସାଇନ୍ସ ଆଡଭାନ୍ସେସ୍ରେ ପ୍ରକାଶ ପାଇଛି। ୩ ନିୟୁତ ବର୍ଷ ତଳେ ଏକ ବୃହତ୍ ଲୌହ ମିଶ୍ରିତ ଉଲ୍କାପିଣ୍ଡ ଗ୍ରୀନ୍ଲାଣ୍ଡର ଉତ୍ତରପଶ୍ଚିମ ଭାଗରେ ମାଡ ହୋଇଥିଲା। ଫଳରେ ଚାରିପାଖ ବରଫ ଦ୍ୱାରା ଏହି ଗର୍ତ୍ତଟି ପୋତି ହୋଇପଡ଼ିଥିଲା। ଉକ୍ତ ଗର୍ତ୍ତଟି ସମ୍ପୂର୍ଣ୍ଣ ଭାବରେ ଅକ୍ଷୁଣ୍ଣ ରହିଛି। ଗର୍ତ୍ତ ମଧ୍ୟରୁ ସ୍ଫଟିକ ବାଲି ମିଳିଛି। ଏହା ପ୍ରବଳ ଚାପ ଓ ତାପ ଯୋଗୁ ସୃଷ୍ଟି ହୋଇଥାଏ ବୋଲି ଡେନ୍ମାର୍କସ୍ଥିତ ଆରହୁସ୍ ୟୁନିଭର୍ସିଟିର ସହଯୋଗୀ ପ୍ରଫେସର ନିକୋଲାଜ୍ ଲାରସେନ୍ ପ୍ରକାଶ କରିଛନ୍ତି।

### ଚାପମୁକ୍ତ ଜୀବନ: ପାଠ ପଢ଼ାଇଲେ ରବିଶଙ୍କର



**ଦୁବାଇ(ୟୁଏଇ):** ଭାରତର ଆଧ୍ୟାତ୍ମିକ ଗୁରୁ ରବିଶଙ୍କର ସଂଯୁକ୍ତ ଆରବ ଏମିରେଟ୍ସର ଶାରଜାଠାରେ ଆୟୋଜିତ ଏକ ଯୋଗ ଶିବିରରେ ଚାପମୁକ୍ତ ଜୀବନଯାପନ ପାଇଁ ଦିଗ୍ଦର୍ଶନ ଦେଇଛନ୍ତି। ସେଠାରେ ପାକିସ୍ତାନ ସମେତ ୨୦ଟି ରାଷ୍ଟ୍ରର ୫,୦୦୦ ପ୍ରବାସୀ ଉପସ୍ଥିତ ଥିଲେ। କିପରି ଏକ ସୁଖୀ ଓ ଚାପମୁକ୍ତ ଜୀବନ ବଞ୍ଚିବାକୁ ହେବ ସେ ସମ୍ପର୍କରେ ରବିଶଙ୍କର ଯୋଗ ଓ ଧ୍ୟାନ ମାଧ୍ୟମରେ ବୁଝାଇଥିଲେ। ଯୋଗଗୁରୁ ରବିଶଙ୍କର 'ଆର୍ଟ ଅଫ୍ ଲିଭିଙ୍ଗ୍'ର ପ୍ରବର୍ତ୍ତକ। ସେ ଫୁଜାଇରା ଶାସକ ହାମାଦ୍ ବିନ୍ ମହମ୍ମଦ୍ ଅଲ୍ ଶାର୍କିଙ୍କ ନିମନ୍ତ୍ରଣ କ୍ରମେ ୪ଦିନିଆ ଆରବ ଗସ୍ତରେ ଅଛନ୍ତି। ଶୁକ୍ରବାର ଶାରଜା ଏକ୍ସପୋ ସେଣ୍ଟରଠାରେ ପ୍ରବାସୀମାନଙ୍କୁ ଉଦ୍ବୋଧନ ଦେଇ ରବିଶଙ୍କର କହିଲେ, ପ୍ରାଚୀନ ପଦ୍ଧତିର ଯୋଗଧ୍ୟାନ ମାଧ୍ୟମରେ ସୁଖୀ ଓ ଚାପମୁକ୍ତ ଜୀବନଯାପନ କରାଯାଇ ପାରିବ। ଏଥିରେ ଭାରତ, ଶ୍ରୀଲଙ୍କା, ଫିଲିପାଇନ୍ସ ଏବଂ ପାକିସ୍ତାନ ସମେତ ୨୦ଟି ରାଷ୍ଟ୍ରର ପାଖାପାଖି ୫,୦୦୦ ପ୍ରବାସୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଆଧ୍ୟାତ୍ମିକ ଗୁରୁ ଦକ୍ଷିଣ ଏସିଆ ପାଇଁ ଉଦ୍ଦିଷ୍ଟ ଶାରଜାସ୍ଥିତ ଲେବର କ୍ୟାମ୍ପ ପରିଦର୍ଶନ କରି ସୁଖୀ ଜୀବନଯାପନ ଉପରେ ଏକ ସାରଗର୍ଭକ ପ୍ରବଚନ ଦେଇଥିଲେ। ସେଠାରେ ୧୦ଟି ଦେଶର ପ୍ରାୟ ୧,୦୦୦ ଲୋକ ଯୋଗ ଦେଇଥିଲେ। ଏହା ଆର୍ଟ ଅଫ୍ ଲିଭିଙ୍ଗ୍ର ସ୍ଥାନୀୟ ଶାଖା ପକ୍ଷରୁ ଆୟୋଜିତ ହୋଇଥିଲା। ବ୍ଲୁ କୋଲାର ଶ୍ରମିକମାନଙ୍କୁ ଉଦ୍ବୋଧନ ଦେଇ ଗୁରୁଦେବ କହିଲେ, ଜୀବନର ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ସବୁବେଳେ ଖୁସି ରହିବା। ଧ୍ୟାନ ଓ ଯୋଗଦ୍ୱାରା ଜୀବନର କଷ୍ଟକର ସମୟକୁ ଅତିକ୍ରମ କରିହେବ। ଏପରି କି ଖରାପ ପରିସ୍ଥିତିରେ ମଧ୍ୟ ଆମକୁ ନୀରବ ଓ ଶାନ୍ତ ରହିବାକୁ ପଡିବ। ଯେ କୌଣସି କାର୍ଯ୍ୟ ହେଉନା କାହିଁକି ତାହାକୁ ଠିକ୍ ସମୟରେ କରିବାକୁ ହେବ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୭.୧ |
| ଚାନ୍ଦବାଲି | ୩୨.୯ | ୨୦.୦ |
| କଟକ | ୩୪.୪ | ୧୭.୪ |
| ପାରାଦ୍ୱୀପ | ୩୦.୮ | ୨୦.୪ |
| ଭୁବନେଶ୍ୱର | ୩୩.୨ | ୧୯.୩ |
| ଗୋପାଳପୁର | ୩୪.୮ | ୧୯.୮ |
| ପୁରୀ | ୩୧.୮ | ୨୧.୬ |
| ଅନୁଗୋଳ | ୩୩.୫ | ୧୪.୬ |
| ବାରିପଦା | ୩୦.୦ | ୧୮.୦ |
| ଝାରସୁଗୁଡ଼ା | ୩୨.୬ | ୧୬.୩ |
| କେନ୍ଦୁଝର | ୩୦.୬ | ୧୮.୪ |
| ସମ୍ବଲପୁର | ୩୩.୦ | ୧୬.୪ |
| ସୁନ୍ଦରଗଡ଼ | ୩୧.୦ | ୧୯.୦ |
| ହୀରାକୁଦ | ୩୨.୩ | ୧୬.୫ |
| ତାଳଚେର | ୩୫.୧ | ୧୬.୦ |
| ଭବାନୀପାଟଣା | ୩୩.୦ | ୧୬.୦ |
| ବଲାଙ୍ଗୀର | ୩୩.୫ | ୧୬.୬ |
| କୋରାପୁଟ | ୩୦.୦ | ୧୫.୬ |
| ଫୁଲବାଣୀ | ୩୨.୮ | ୧୧.୦ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୬.୦ | --- |
| ସୋନପୁର | ୩୩.୪ | ୧୫.୨ |
| ଦାରିଙ୍ଗିବାଡ଼ି | ୨୯.୦ | ୧୨.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍

## ମହିଳା କମିଶନକୁ ଭୟ



ତନୁଶ୍ରୀ ଦତ୍ତ

**ମୁମ୍ବାଇ:** ନୋଟିସ ଜାରି ସତ୍ତ୍ୱେ ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ନିକଟରେ ହାଜର ହେଉନାହାନ୍ତି। ଏଥିପାଇଁ ତନୁଶ୍ରୀଙ୍କ ଯୌନ ମାମଲାର ବିଚାର ପ୍ରକ୍ରିୟାରେ ଅଗ୍ରଗତି ହୋଇପାରୁ ନ ଥିବା କମିଶନ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କମିଶନ୍ ଅଧକ୍ଷା ବିଜୟା ରହତକର କହନ୍ତି, ତନୁଶ୍ରୀ ହାଜର ହୋଇ ତାଙ୍କ ପକ୍ଷ ରଖିବେ ବୋଲି ଆମେ ଅପେକ୍ଷା କରିଛୁ। କିନ୍ତୁ ସେ ଉପସ୍ଥିତ ହେଉ ନ ଥିବାରୁ ମାମଲାର ଅଗ୍ରଗତି ହୋଇପାରୁ ନାହିଁ। ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏ ସମ୍ପର୍କରେ କିପରି ଆଗେଇବାକୁ ହେବ ଆଇନଜୀବୀଙ୍କ ସହ ଆଲୋଚନା ଚାଲିଛି ବୋଲି ରହତକର ପ୍ରକାଶ କରିଥିଲେ। ଅକ୍ଟୋବର ୯ରେ ତନୁଶ୍ରୀ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ, ୨୦୦୮ରେ ଫିଲ୍ମ 'ହର୍ନ ଓକେ ପ୍ଲିଜ୍' ଶୁଟିଂ ହେଉଥିବା ବେଳେ ତାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା। ତାଙ୍କ ଅଭିଯୋଗ ଆଧାରରେ ଅଭିନେତା ନାନା ପାଟେକର, କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ, ପ୍ରଯୋଜକ ସମୀର ସିଦ୍ଦିକ୍ ଏବଂ ନିର୍ଦ୍ଦେଶକ ରାକେଶ ସାରଙ୍ଗ ଏହା ଉପରେ ୧୦ ଦିନ ମଧ୍ୟରେ ସେମାନଙ୍କ ଉତ୍ତର ରଖିବାକୁ ନୋଟିସ ଜାରି କରାଯାଇଥିଲା। ଏ ସମ୍ପର୍କିତ ଆଉ ଏକ ନୋଟିସ ମଧ୍ୟ ସିନେ ଓ ଟିଭି କଳାକାର ସଂଘକୁ ଜାରି କରାଯାଇ ଯୌନ ନିର୍ଯାତନା ଅଭିଯୋଗ ଉପରେ ସେମାନେ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ସ୍ପଷ୍ଟ କରିବାକୁ କୁହାଯାଇଥିଲା।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.





## ସଂକ୍ଷେପରେ

■ ଏଚ୍-୧ବି ଭିଜା

## ଜୀବନସାଥୀଙ୍କ ୱର୍କ ପରମିଟ ପାଇଁ ଆସିଲା ବିଲ

**ୱାଶିଂଟନ,୧୭।୧୧:** ଆମେରିକାରେ କାର୍ଯ୍ୟରତ ଏଚ-୧ବି ଭିଜାଧାରକଙ୍କ ପତ୍ନୀଙ୍କ ପାଇଁ ସଂସଦରେ ଏକ ବିଲ୍ ଆଗତ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଭଳି ଭିଜାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚାହୁଁଛନ୍ତି। ଦୁଇଜଣ ସାଂସଦ ଆନ୍ନା ଜି ଇଶୁ ଏବଂ ଜୋ ଲାଫଗ୍ରେନ ଏହି ବିଲ୍ ଆଣିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଜୀବନସାଥୀଙ୍କ ଭିଜା ରଦ୍ଦ କରିବା ଲାଗି ଟ୍ରମ୍ପ ପ୍ରଶାସନ ପକ୍ଷରୁ ହେଉଥିବା ଉଦ୍ୟମ ବିପଦପୂର୍ଣ୍ଣ। ଏହାଦ୍ୱାରା ଏଚ୍-୧ବି ଭିଜାଧାରୀ ବିଦେଶୀ କର୍ମଚାରୀମାନେ ନିଜ ଦେଶକୁ ଫେରିଯିବେ ଏବଂ ନିଜ ପ୍ରତିଭାର ଉପଯୋଗ ଆମେରିକା କମ୍ପାନୀଙ୍କ ବିରୋଧରେ ପ୍ରତିଯୋଗୀ ଭାବେ ଉଭା ହେବେ। ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ଏଚ୍-୧ବି ଭିଜା ସହ ଏଚ୍-୪ ଭିଜା ବ୍ୟବସ୍ଥା କରାଯାଇଥିଲା। ଏହି ଭିଜା ଜରିଆରେ ଏଚ୍-୧ବି ଭିଜାଧାରୀ ମାନେ ଆମେରିକାରେ ସେମାନଙ୍କ ଜୀବନସାଥୀଙ୍କୁ ରଖିପାରୁଛନ୍ତି ଏବଂ ସେମାନେ କାର୍ଯ୍ୟ କରିବାକୁ ଅନୁମତି ପାଉଛନ୍ତି। ଏହାକୁ ଟ୍ରମ୍ପ ସରକାର ବନ୍ଦ କରିବାକୁ ଚାହୁଁଛନ୍ତି।




# ଦେବ୍ରିଗଡ଼ରେ ଆଉ ଏକ ବାଘର ସନ୍ଧାନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଦେବ୍ରିଗଡ଼ ଅଭୟାରଣ୍ୟରେ ଆଉ ଏକ ବାଘର ସନ୍ଧାନ ମିଳିଛି। ହୀରାକୁଦ ବନଖଣ୍ଡ ଅଧୀନ ଲଖନପୁର ବନାଞ୍ଚଳରେ ଗ୍ରାମବାସୀ ଏକ ମହାବଳ ବାଘ ଦେଖିଛନ୍ତି। ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ଖବର ଦେବା ପରେ ବନ କର୍ମଚାରୀ ପହଞ୍ଚି ଜଙ୍ଗଲରୁ ବାଘର ମଳ ନମୁନା ସଂଗ୍ରହ କରିଛନ୍ତି। ମାତ୍ର ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। କିଛିଦିନ ତଳେ ବରଗଡ଼ରେ ମହାବଳ ବାଘ ଶିକାର ଘଟଣା ସମସ୍ତ ବନ୍ୟପ୍ରାଣୀପ୍ରେମୀଙ୍କୁ ହତୋତ୍ସାହିତ କରିଥିଲା। କିନ୍ତୁ ପୁଣି ଏକ ବାଘ ଦେଖାଯିବାର ଖବର ମିଳିବା ପରେ ସମସ୍ତଙ୍କ ମନରେ ଖୁସି ଖେଳିଯାଇଛି। ବନ ବିଭାଗ ନିଜ ତ୍ରୁଟି ସୁଧାରି ଏହି ବାଘକୁ କିପରି ସୁରକ୍ଷା ଦେବ ସେନେଇ ତତ୍ପରତା ଦେଖାଇବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଗ୍ରାମବାସୀ ମହାବଳ ବାଘକୁ ଦେଖିଥିବା କଥାକୁ ବନବିଭାଗ ଗୁରୁତ୍ୱର ସହ ନେବା ଉଚିତ। ଯଥାରୀତି କ୍ୟାମେରା ଟ୍ରାପ୍ ଲଗାଇ ବାଘର ଉପସ୍ଥିତିକୁ ନିଶ୍ଚିତ କରିବା ଉଚିତ। ଯେଉଁଭଳି ହୀରାକୁଦ ବନଖଣ୍ଡରେ ଆଇଏଫ୍ଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି ଅନୁରୂପ ଭାବେ ବରଗଡ଼ରୁ ସମ୍ପୃକ୍ତ ଡିଏଫ୍ଓଙ୍କୁ ତୁରନ୍ତ ହଟାଇ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତ କରା ନ ଗଲେ ଏହି ମହାବଳକୁ ସୁରକ୍ଷା ଦେବା ଅସମ୍ଭବ ହୋଇପଡ଼ିବ ବୋଲି ଶୁଭେନ୍ଦୁ କହିଛନ୍ତି। ଅନ୍ୟପଟେ ବରଗଡ଼ରେ ମହାବଳ ବାଘ ହତ୍ୟା ପରେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆର୍ସିସିଏଫ୍) ଓ.ପି. ସିଂଙ୍କୁ ବଦଳି କରାଯାଇଛି। କିନ୍ତୁ ବନ ବିଭାଗ ଏହାକୁ ସାଧାରଣ ବଦଳି ଓ ବାଘ ହତ୍ୟା ସହିତ କିଛି ସମ୍ପର୍କ ନାହିଁ ବୋଲି କହିଛି।

**ସମ୍ବଲପୁର ଆର୍ସିସିଏଫ୍ଙ୍କ ବଦଳି**

## ସାତକୋଶିଆରେ ବନ୍ଦ ହେବନି ବ୍ୟାଘ୍ର ପ୍ରକଳ୍ପ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରି ଧରିବା ଓ ବାଘ 'ମହାବୀର'ର ମୃତ୍ୟୁ ପରେ ସାତକୋଶିଆରେ ବ୍ୟାଘ୍ର ପ୍ରକଳ୍ପ ଜାରି ରହିବା ନେଇ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ମହାବୀର ମୃତ୍ୟୁ ପରେ ଏନ୍ଟିସିଏ ପ୍ରକଳ୍ପକୁ ସାମୟିକ ସ୍ଥଗିତ ରଖିବା ପାଇଁ କହିଥିବାରୁ ଏହି ପ୍ରକଳ୍ପ ବନ୍ଦ ହୋଇଯିବ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ପ୍ରକଳ୍ପ ବନ୍ଦ ହେବ ନାହିଁ ବୋଲି ଏନ୍ଟିସିଏ ଆଇଜି ଅମିତ ମଲ୍ଲିକ କହିଛନ୍ତି। ମଲ୍ଲିକ ସାତକୋଶିଆରେ ୨ଦିନ ଅନୁଧ୍ୟାନ କରି ଶନିବାର ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାମୟିକ ଭାବେ ଏହି



ପ୍ରକଳ୍ପକୁ ସ୍ଥଗିତ ରଖାଯାଇଛି। ଆଗାମୀ ଦିନରେ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ପ୍ରକଳ୍ପ ଆଗେଇବ। ସୂଚନାଯୋଗ୍ୟ, ଗତ ଦୁଇଦିନ ମଧ୍ୟରେ ଏନ୍ଟିସିଏ ଓ ଡବ୍ଲ୍ୟୁଆଇଆଇ(ୱାଇଲ୍ଡ ଲାଇଫ ଇନ୍ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ)ର ଟିମ୍ ସାତକୋଶିଆ ଯାଇ ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହିତ ବ୍ୟାଘ୍ର ପ୍ରକଳ୍ପ ସମ୍ପର୍କରେ ପର୍ଯ୍ୟାଲୋଚନା କରିଥିଲେ। କାହ୍ନାରୁ ଆସିଥିବା ବାଘ 'ମହାବୀର'ର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘା ସଂକ୍ରମଣ ଯୋଗୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ରଣପୁର ବୃଦ୍ଧା ମୃତ୍ୟୁ ନେଇ ବିଧାନସଭାରେ ଉଦ୍‌ବେଗ

# ବାର୍ଦ୍ଧକ୍ୟ ଭତ୍ତା ୫୦୦ ଦାବି କଲେ ବିରୋଧୀ- ଶାସକ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଗଣମାଧ୍ୟମରେ ପ୍ରକାଶିତ ରଣପୁର ଅଞ୍ଚଳରେ ଭତ୍ତା ନେବାକୁ ଆସିଥିବା ୮୦ ବର୍ଷ ବୃଦ୍ଧାଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, ୩୦୦ ଟଙ୍କା ଭତ୍ତା ଆଣିବାକୁ ଯାଇ ବୃଦ୍ଧାଙ୍କ ପ୍ରାଣ ଗଲା। ସେ ଦୀର୍ଘ ୭ କିଲୋମିଟର ବାଟ ଚାଲି କରି ଭତ୍ତା ନେବାକୁ ଆସିଥିଲେ। ୮୦ ବର୍ଷର ବୃଦ୍ଧାଙ୍କ ପକ୍ଷେ ଏତେବାଟ ଯିବା ସମ୍ଭବ କି ବୋଲି ସେ ପ୍ରଶ୍ନ କରିଥିଲେ। ୩୦୦ ଟଙ୍କା ହିସାବରେ ଦିନକୁ ୧୦ ଟଙ୍କା ପଡୁଛି। ୧୦ ଟଙ୍କାରେ ଜଣେ ବ୍ୟକ୍ତି ଚଳିପାରିବ କି। ଏ ବିଷୟ ସରକାର ଚିନ୍ତା କରିବା ଦରକାର। ବାର୍ଦ୍ଧକ୍ୟ ଭତ୍ତା ଅତି କମରେ ୫୦୦ ଟଙ୍କା କରାଯାଉ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ମହେଶ ସାହୁ ବିରୋଧୀ ଦଳ ନେତାଙ୍କ ପ୍ରସ୍ତାବକୁ ସମର୍ଥନ କରିଥିଲେ। ସେ କହିଥିଲେ ଏଥିପାଇଁ ବିଡିଓ ଏବଂ ପଞ୍ଚାୟତ ସମିତି ସେକ୍ରେଟାରୀ ଦାୟୀ। ଯେଉଁମାନେ ଯାଇପାରୁନାହାନ୍ତି ସେମାନଙ୍କୁ ସେମାନଙ୍କ ଘରେ ଭତ୍ତା ଦିଆଯାଉ। ଭାଜପା ବିଧାୟକ କନକବର୍ଦ୍ଧନ ସିଂଦେଓ ବିରୋଧୀ ଦଳ ନେତାଙ୍କ ପ୍ରସ୍ତାବକୁ ସମର୍ଥନ କରିବା ସହ ଛତିଶଗଡରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କୁ ରାଜ୍ୟ ସରକାର ଶହୀଦ ମାନ୍ୟତା ଦିଅନ୍ତୁ। ତାଙ୍କ ପରିବାର ବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ମଧ୍ୟ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ଏଥିସହିତ ବିୟର କମ୍ପାନୀ ପାଇଁ ଢେଙ୍କାନାଳ ବଳରାମପୁରରେ ଗଛ କଟାଯିବାକୁ ସେ ବିରୋଧ କରିଥିଲେ। ବାଚସ୍ପତି ପ୍ରଦୀପ କୁମାର ଅମାତ ସଦସ୍ୟମାନେ ଉଠାଇଥିବା ପ୍ରସ୍ତାବଗୁଡ଼ିକ ପ୍ରତି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।


**ଦି ଓରିଏଣ୍ଟାଲ୍ ଇନ୍ସ୍ୟୁରାନ୍ସ କମ୍ପାନୀ ଲିଃ.**
କ୍ଷେତ୍ରୀୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଆଲୋକ ଭାରତୀ ଟାୱାର୍ସ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍: ୦୬୭୪-୨୫୪୧୪୬୧,୨୫୪୨୭୪୧
Website: www.orientalinsurance.org.in
CIN-U66010DL1947GOI007158, GSTIN- 21AAACT0627R3Z9
**ଭଡାସୂତ୍ରରେ ବ୍ୟବସାୟୀକ ଗୃହ ଆବଶ୍ୟକ**
**ସମ୍ବଲପୁର ସହର**ରେ ଭଡାସୂତ୍ରରେ ଆବଶ୍ୟକ ସର୍ବାଧିକ ୧୮୦୦ ବର୍ଗଫୁଟ (କାର୍ପେଟ କ୍ଷେତ୍ର)ର ବ୍ୟବସାୟୀକ ଗୃହ ନିମନ୍ତେ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ନିମନ୍ତେ ଆମର ୱେବ୍‌ସାଇଟ୍: www.orientalinsurance.org.in (tender) ଦେଖନ୍ତୁ।
ବିଡ୍ ଦାଖଲର ଅନ୍ତିମ ତାରିଖ: ୩୦.୧୧.୨୦୧୮
ସ୍ୱା/- ପି.ସି. ହୋତା
ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ

TRACK & TRAIL
CYCLES AND MORE
Looking for a business opportunity that gives you much more than just profits? Be part of a green revolution. Do your bit towards a greener & healthier environment. Become a Track & Trail franchisee & inspire India to get on a bicycle. Preferred locations :-
**Bhubaneswar/Angul/Puri/Jharsuguda/Jajpur Road/Balangir/Sambalpur/Bhawanipatna**
Interested people may please get in touch with:-
Mr. Nishant Khattwani @ 8334905905


■ କୋଣାର୍କ, ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ

# ଅଭିଜିତ୍‌ଙ୍କୁ କ୍ଷମା ଦେବାକୁ ଗୃହ କମିଟିର ସୁପାରିସ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

କୋଣାର୍କ ଓ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଜିତ୍ ଆୟର ମିତ୍ରଙ୍କୁ କ୍ଷମା କରିଦେବାକୁ ଗୃହ କମିଟି ବିଧାନସଭାକୁ ସୁପାରିସ କରିଛି। ଶନିବାର ବିଧାନସଭାରେ ଗୃହ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ବିନା ସର୍ତ୍ତରେ ଆୟର ନିଜର ଭୁଲ ପାଇଁ କ୍ଷମାପ୍ରାର୍ଥନା କରିଥିବାରୁ ଏହି ବିଷୟକୁ ଏଠାରେ ସମାପ୍ତ କରାଯିବା ଆବଶ୍ୟକ। ଏଥିସହିତ ଓଡିଶାର କଳା, ସଂସ୍କୃତି ଓ ଐତିହ୍ୟ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଆହରଣ ପାଇଁ ତାଙ୍କୁ ଆବଶ୍ୟକ ତଥ୍ୟ ଯୋଗାଇ ଦେବାକୁ କମିଟି ସୁପାରିସ କରିଛି। ଏହି ଅବସରରେ କମିଟି ସଦସ୍ୟ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଜଗନ୍ନାଥ ମହାପ୍ରଭୁଙ୍କର ଗୌରବମୟ ସଂସ୍କୃତି ଏବଂ ପବିତ୍ର ଭୂମି କଳିଙ୍ଗ କ୍ଷମା ଦେବାରେ ପରିଚିତ। କମିଟି ରିପୋର୍ଟ ଆଜି ଗୃହରେ ଉପସ୍ଥାପନ କରାଗଲା। ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହ କମିଟି ରିପୋର୍ଟ ଦେଇଥିବା ସୁପାରିସକୁ ପଢି ଶୁଣାଇବା ସହ ଗୃହରେ ଅଭିଜିତଙ୍କୁ କ୍ଷମା ଦେବାକୁ ଏକ ସଂକଳ୍ପ ଆଗତ କରିଥିଲେ। ତାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଅଭିଜିତଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଗତ ବିଧାନସଭାରେ ତୁମ୍ଭିତୋଫାନ ହୋଇଥିଲା। ଦଳଗତ ନିର୍ବିଶେଷରେ ଗତ ମୌସୁମୀ ଅଧିବେଶନରେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଥିଲେ। କମିଟି ଅଭିଜିତ୍‌ଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଦେଇଥିଲେ। କମିଟି ଆଗରେ ହାଜର ହେବା ଆଗରୁ ସେ ଅକ୍ଟୋବର ୧୭ ତାରିଖରେ ନିଜର ଭୁଲ ପାଇଁ ଇ-ମେଲ୍ ଜରିଆରେ ବାଚସ୍ପତିଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସେ ବିଧାନସଭା ଗୃହ କମିଟି ନିକଟକୁ ମଧ୍ୟ ଜଣାଇଥିଲେ। ସେ ଅକ୍ଟୋବର ୨୩ ଏବଂ ନଭେମ୍ବର ୨ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବା ସହ ଭୁଲ ପାଇଁ କ୍ଷମା ମାଗିଥିଲେ। ଏ ନେଇ ସେ ଏକ ସତ୍ୟପାଠ ମଧ୍ୟ ଦାଖଲ କରିଥିଲେ। ଗୃହ କମିଟି ତାଙ୍କୁ କ୍ଷମା କରିଦେବାକୁ ଗୃହକୁ ସୁପାରିସ କରିଥିଲା।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଇଷାନ
ପରିବାରବର୍ଗ



ବବ୍‌ଲି
ପରିବାରବର୍ଗ


ପିନୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖରିଫ ଧାନ ସଂଗ୍ରହରେ ଭାଗନେବେ ନାହିଁ ମିଲର

## ୩ ଜିଲାର ୬୦ ମିଲ ମାଲିକଙ୍କ ନିଷ୍ପତ୍ତି

**ନୟାଗଡ଼ ଅଫିସ,୧୭।୧୧**

୨୦୧୮-୧୯ ଖରିଫ ଧାନ ସଂଗ୍ରହରେ ଭାଗ ନେବେ ନାହିଁ ୩ଟି ଜିଲାର ମିଲର। ଚୁକ୍ତି (ଏଗ୍ରିମେଣ୍ଟ) ପୂର୍ବରୁ ବକେୟା ଟଙ୍କା କ୍ଲିୟର କରିବା, ସରକାର ମିଲରମାନଙ୍କୁ କେଉଁ କେଉଁ କାମ ପାଇଁ କେତେ ଟଙ୍କା ଦେବେ ତାହା ମିଲରମାନଙ୍କୁ ଜଣାଇଦେବା ଲାଗି ସେମାନେ ଦାବି କରିଛନ୍ତି। ଏହା ନ ହେଲେ ଚଳିତ ବର୍ଷ ସରକାରଙ୍କ କଷ୍ଟମ ମିଲିଙ୍ଗରେ ଭାଗ ନେବେ ନାହିଁ ବୋଲି ନୟାଗଡ଼ ଜିଲା ମିଲର୍ସ ସଂଘର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାର ଗୋଟିସାହିଠାରେ ନୟାଗଡ଼, ପୁରୀ ଓ ଖୋର୍ଦ୍ଧା ଜିଲାର ରାଇସ୍‌ମିଲ ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି।




# ପାଟିରେ ଘା’, ହାତୀ ଅସୁସ୍ଥ

**ଟାଙ୍ଗୀ(କଟକ) ୧୭।୧୧ (ଡି.ଏନ୍.ଏ.)**

କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ସଫା ସେକ୍ସନ ଅଧୀନ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମର ବିଲରେ ଶୁକ୍ରବାର ଗୋଠଛଡା ଏକ ଦନ୍ତାହାତୀ ପଶି ଫସଲ ନଷ୍ଟ କରିଥିଲା। ଖବରପାଇ ବନପାଳ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ନିକଟସ୍ଥ ଜଙ୍ଗଲକୁ ଘଉଡାଇ ଦେଇଥିଲେ। କିନ୍ତୁ ଜଙ୍ଗଲକୁ ନ ଯାଇ ଦନ୍ତା ହାତୀଟି ଉକ୍ତ ଗ୍ରାମ ନିକଟ ଏକ ଗଛ ମୂଳରେ ଅସୁସ୍ଥ ହୋଇ ପଡିଯାଇଥିଲା। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ପରେ ବନଖଣ୍ଡ ଅଧିକାରୀ ଏସ୍.ଏମ୍.ଟି. ରହେମନ୍, ରେଞ୍ଜ ଅଫିସର ମନୋରଞ୍ଜନ ସ୍ୱାଇଁ, ଓୟୁଏଟି ପ୍ରଫେସର ନିରଞ୍ଜନ ସାହୁ, ଟାଙ୍ଗୀସ୍ଥିତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ଖୁଣ୍ଟିଆ, ବନପାଳ ଚନ୍ଦ୍ରଶେଖର ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ଚିକିତ୍ସା କରିଥିଲେ। ଅସୁସ୍ଥ ହାତୀ ପାଟିରେ କୌଣସି କାରଣରୁ ଘା’ ସୃଷ୍ଟି ହୋଇଛି। ଏଥିଯୋଗୁ ସେ ଆହାର ଗ୍ରହଣ କରି ନ ପାରି ଅସୁସ୍ଥ ହୋଇପଡିଥିବା ବନପାଳ କହିଛନ୍ତି। ଏହି ଘା’ ପ୍ରାୟ ୧୦ରୁ ୧୫ ଦିନ ହେବ ବୋଲି ଅନୁମାନ କରାଯାଉଥିବା ଓୟୁଏଟି ପ୍ରଫେସର ସାହୁ କହିଛନ୍ତି। ଘା’ ସଫା କରିବାବେଳେ ସେଥିରେ ପୋକ ଲାଗିଥିବା ଦେଖିବାକୁ ମିଳିଥିଲା। ଘା’ ଶୁଖି ହାତୀ ନିୟମିତ ଆହାର ନେବା ନିମନ୍ତେ କିଛିଦିନ ସମୟ ଲାଗିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି। ସେ ପର୍ଯ୍ୟନ୍ତ ହାତୀକୁ ବନ କର୍ମଚାରୀଙ୍କ ହେପାଜତରେ ରଖାଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।



## ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ

# ରାଧାପାଦ ଦର୍ଶନ କଲେ ଶ୍ରଦ୍ଧାଳୁ

**ସାକ୍ଷୀଗୋପାଳ, ୧୭।୧୧(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁମାନେ ଓଡ଼ିଆଣୀ ବେଶରେ ଶ୍ରୀରାଧାଙ୍କୁ ଦେଖିବା ସହ ପାଦ ଦର୍ଶନ କରିଥିଲେ। ଅଳତା, ସିନ୍ଦୂର, କଜ୍ଜଳ ଓ ଚନ୍ଦନ ନାଇ ରାଧାରାଣୀ ଜୀବନ୍ତ ପ୍ରତୀୟମାନ ହୋଇଥିଲେ। ଶ୍ରୀରାଧାଙ୍କୁ ପାରମ୍ପରିକ ଗହଣା ସୁବର୍ଣ୍ଣ କିରଟୀ, ଦ୍ରାବିଡ଼ ଚନ୍ଦ୍ର, ମଥାମଣି, ମୟୂରବସାଗୁଣା, ନୁଥ, ଚାପସରି, ସେବତୀ ହାର, ଅଁଳା ଏବଂ ପୋହଳା ମାଳ, ଚନ୍ଦ୍ରହାର ଶିକୁଳୀ, ବେଙ୍ଗପାଟିଆ, ତାବିଜ, ବାଘନଖ, ଡେଉଁରିଆ, ପଣସକଣ୍ଟା ଖଡୁ, ପାଉଁଜି, ପାଦପଦ୍ମ ଝୁଣ୍ଟିଆ ପ୍ରଭୃତି ଲାଗି ହେବା ସହ ପାଟଶାଢ଼ୀ କାଣିଆ କଚ୍ଛାମାରି ପିନ୍ଧାଯାଇଥିଲା। ଶ୍ରୀରାଧାଙ୍କ ପାଦ ଯୁଗଳ ବର୍ଷକୁଥରେ ଦର୍ଶନର ସୁଯୋଗ ମିଳୁଥିବାରୁ ଦୁର୍ଲ୍ଲଭ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପାଦ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ବେଢ଼ା ପରିକ୍ରମା କରି ଅଁଳାବୃକ୍ଷ ପୂଜାର୍ଚ୍ଚନା ଓ ବନ୍ଦାପନା ସହିତ ବୃକ୍ଷରେ ଶଙ୍ଖା ସିନ୍ଦୂର ଓ ଡୋରି ବାନ୍ଧିଥିଲେ।

ପୂର୍ବରାତ୍ର ସାଢ଼େ ୧୨ଟାରୁ ମନ୍ଦିରର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ପରେ ସାକ୍ଷୀଗୋପାଳଙ୍କୁ ନଟବର ବେଶରେ ଏବଂ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯାଇଥିଲା। ଭୋର ସମୟରୁ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ, ବାଳଧୂପ ଓ ମଦନ ମୋହନଙ୍କ ଭୋଗ ସମାପନ କରାଯିବା ପରେ ପ୍ରଥମେ ସେବାୟତ ଓ ମନ୍ଦିର କର୍ମଚାରୀଙ୍କ ପରିବାରବର୍ଗ ଶ୍ରୀରାଧାଙ୍କୁ ଦର୍ଶନ କରିବାସହ ପାଦସ୍ପର୍ଶ କରିଥିଲେ। ସକାଳ ୬ଟାରୁ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ସାହାଣମେଳା କରାଯାଇଥିଲା। ଭକ୍ତମାନେ ଗର୍ଭଗୃହକୁ ପ୍ରବେଶ କରି ପାଦ ଦର୍ଶନ କରିଥିଲେ। ଚଳିତ ବର୍ଷ ପାଦସ୍ପର୍ଶ ବନ୍ଦ କରାଯାଇଥିବାରୁ ଭକ୍ତମାନେ ଯେପରି ପାଦସ୍ପର୍ଶ କରି ନ ପାରିବେ ସେଥି ନିମନ୍ତେ ଗର୍ଭଗୃହ ଓ ରତ୍ନ ସିଂହାସନ ନିକଟରେ ଲୁହାର ବ୍ୟାରିକେଡ୍ କରାଯାଇଥିଲା।


ଦର୍ଶନ ପାଇଁ ଭକ୍ତଙ୍କ ଭିଡ।

- **ବ୍ୟବସ୍ଥାବଳୀ ଯୋଗୁ ଫିକା ପଡ଼ିଲା ଯାତ୍ରା**
- **ନିରାଶ ହେଲେ ସେବାୟତ ଓ କ୍ଷୁଦ୍ର ବ୍ୟବସାୟୀ**

ପାଦସ୍ପର୍ଶ ଓ ଭିଆଇପି ପାସ୍ ବ୍ୟବସ୍ଥାକୁ ଉଠାଇ ଦିଆଯାଇଥିବାରୁ ପୂର୍ବବର୍ଷ ତୁଳନାରେ ଭିଡ଼ କମ୍ ରହିଥିବା ଦେଖାଯାଇଥିଲା। ପୂର୍ବବର୍ଷମାନଙ୍କରେ ମନ୍ଦିରଠାରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଲମ୍ବାଧାଡି ଲାଗୁଥିବାବେଳେ ଚଳିତ ବର୍ଷ ୫ଶହ ମିଟର ବ୍ୟାରିକେଡ୍ ଭିତରେ ଧାଡି ସୀମିତ ରହିଥିଲା। ବିଗତ ବର୍ଷ ମାନଙ୍କରେ ଭିଡଯୋଗୁ ସୃଷ୍ଟି ହେଉଥିବା ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରଶାସନ ପାଦସ୍ପର୍ଶ ଓ ଭିଆଇପି ପାସ୍ ପ୍ରଚଳନ ଉଠାଇଦେବା ସହିତ ବ୍ୟାପକ ବ୍ୟବସ୍ଥାବଳୀ ଜାରି ହୋଇଥିଲା। ମାତ୍ର ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଯିବାରୁ ଯାତ୍ରା ଫିକା ପଡିଯାଇଥିଲା। ଯାତ୍ରାରୁ କିଛି ଉପାର୍ଜନ କରିବାକୁ ଆଶା ରଖିଥିବା ସେବାୟତ ଓ କ୍ଷୁଦ୍ର ବ୍ୟବସାୟୀମାନେ ନିରାଶ ହୋଇଥିଲେ। ସାଧାରଣ ଦର୍ଶନ ଯେପରି ଶୃଙ୍ଖଳିତ ହେବ ସେଥିପାଇଁ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ଏବଂ ଦେବୋତ୍ତର ବିଭାଗର କମିଶନର ବିରଜାପ୍ରସାଦ ଦତ୍ତ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଉପଜିଲାପାଳ ଭବ ତାରଣ ସାହୁଙ୍କୁ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମନ୍ଦିର ପରିଚାଳନା କମିଟି ଓ ସେବାୟତ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ ବିଷୟ ତଦାରଖ କରିଥିଲେ। ଶାନ୍ତି ଶୃଙ୍ଖଳା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୫ଜଣ ମାଜିଷ୍ଟ୍ରେଟ, ୪ଜଣ ଅତିରିକ୍ତ ଏସ୍‌ପି, ଦୁଇଜଣ ଡେପୁଟି କମାଣ୍ଡାଣ୍ଟ, ୮ଜଣ ଡିଏସ୍‌ପି, ୧୭ଜଣ ଇନ୍ସପେକ୍ଟର, ୭୪ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୬ ହାବିଲଦାର, ୬୩ କନଷ୍ଟେବଲ, ୮ ଜଣ ଟ୍ରାଫିକ କନଷ୍ଟେବଲ, ୧୫୮ ଜଣ ଗୃହରକ୍ଷୀ ଏବଂ ୧୭ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା ଓ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀମାନେ ପାନୀୟଜଳ, ପରିମଳ ସେବା ଯୋଗାଇ ଦେଇଥିଲେ। ମନ୍ଦିରକୁ ଫୁଲମାଳ ଓ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜା ଯାଇଥିଲା। ପଞ୍ଚସଖା ପଡିଆରେ ପଲ୍ଲୀଶ୍ରୀ ମେଳା ଓ ତିନିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାତି ୧୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବାପରେ ଅବଶିଷ୍ଟ ଦେବନୀତି କରାଯାଇ ଠାକୁରଙ୍କ ପହୁଡ଼ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଆଡ୍ ଗୁରୁ...

୪ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ପରିବାରର ଅଧିକାଂଶ ସଦସ୍ୟ ମନୋରଞ୍ଜନ ଦୁନିଆରେ ନାମ ଅର୍ଜନ କରିଛନ୍ତି। କ୍ୟାରିୟରରେ ଅନେକ ସଫଳତା ପାଇଥିବା ଆଡ୍ ଗୁରୁ ପଦମ୍‌ସୀ ଓସ୍କାର ପୁରସ୍କାର ବିଜୟୀ ସିନେମା ‘ଗାନ୍ଧୀ’ (୧୯୮୨) ପାଇଁ ବେଶ୍ ଜଣାଶୁଣା। ଏଥିରେ ସେ ମହମ୍ମଦ ଅଲି ଜିନ୍ନା ଭୂମିକାରେ ଅଭିନୟ କରିଛନ୍ତି। ଇଂଲିଶ୍ ଭାଷାରେ ୭୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକ କରି ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ‘ଏଭିଟା’, ‘ତୁଗ୍‌ଲକ୍’, ‘ଜେସସ୍ କ୍ରାଏଷ୍ଟ ସୁପରଷ୍ଟାର’, ‘ଡେଥ୍ ଅଫ୍ ଏ ସେଲ୍ସମ୍ୟାନ୍’ ଆଦି ଲୋକପ୍ରିୟ ନାଟକରେ ସେ ଅଭିନୟ ପାରଦର୍ଶିତା ଦେଖାଇଛନ୍ତି। ବିଜ୍ଞାପନ ଜଗତରେ ପଦମ୍‌ସୀ ହେଉଛନ୍ତି ଜଣାଶୁଣା ବ୍ୟକ୍ତିତ୍ୱ। ଦେଶର ସର୍ବବୃହତ୍ ଆଡଭର୍ଟାଇଜିଂ ଏଜେନ୍ସି ‘ଲିଣ୍ଟାସ୍ ଇଣ୍ଡିଆ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ୧୯୮୦ରୁ ୧୯୯୪ ପର୍ଯ୍ୟନ୍ତ ଏହି ସଂସ୍ଥା ସହ ସେ ଜଡ଼ିତ ଥିଲେ। ମନୋରଞ୍ଜନ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦମ୍‌ସୀଙ୍କୁ ପଦ୍ମଶ୍ରୀ, ଆଡଭର୍ଟାଇଜିଂ ମ୍ୟାନ୍ ଅଫ୍ ଦ ସେନ୍‌ଚୁରୀ ଏବଂ ସଙ୍ଗୀତ ନାଟକ ଏକାଡେମୀ, ଟାଗୋର ରତ୍ନ ଆଦି ସମ୍ମାନ ମିଳିଛି।

### ନୀରବି ଗଲା...

ବାହାରକୁ ଅଣାଯାଇଥିଲା। ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୪୧ ମସିହା ମେ’ ୧୬ରେ ପୁରୀ ଜିଲା ରଘୁରାଜପୁରଠାରେ ଜନ୍ମଗ୍ରହଣ କରିଥିବା ବନମାଳୀ ଶାସ୍ତ୍ରୀୟ ସଙ୍ଗୀତ ଧାରାରେ ନୃତ୍ୟ, ସଙ୍ଗୀତ ସହ ମର୍ଦ୍ଦଳକୁ ସମାନ୍ତରାଳ ମର୍ଯ୍ୟାଦା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯେଉଁଥିପାଇଁ ତାଙ୍କୁ ମର୍ଦ୍ଦଳର ବିଶ୍ୱକର୍ମା ଭାବେ ଆଖ୍ୟା ଦିଆଯାଇଥିଲା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପ୍ରଥମେ ସେ ଜଣେ ସହଯୋଗୀ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ପରେ ତାଙ୍କୁ ନେଇ ୧୯୭୦ରେ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ମର୍ଦ୍ଦଳ ବିଭାଗ ଖୋଲାଯାଇଥିଲା। ଗୁରୁ କେଳୁଚରଣ ମହାପାତ୍ରଙ୍କର ଜଣେ ନିବିଡ଼ ସହଯୋଗୀ ଭାବେ ସେ ଦୀର୍ଘ ଦଶନ୍ଧି ଧରି ତାଙ୍କ ସହିତ କାମ କରିଥିଲେ। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ପରିବେଷଣ କରି ଓଡ଼ିଶୀ ମର୍ଦ୍ଦଳକୁ ଏକ ନୂଆସ୍ତରକୁ ନେଇଥିଲେ। ମର୍ଦ୍ଦଳ ବାଦନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ୧୯୯୪ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୨୦୦୪ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ୨୦୧୬ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ସମ୍ମାନ ‘କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ’ ମିଳିଥିଲା।

ଏହି ମହାନ୍ ଶିଳ୍ପୀଙ୍କ ପରଲୋକରେ ଓଡ଼ିଶା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ପୁରୁଣା ଭୁବନେଶ୍ୱରସ୍ଥିତ ଶାସନ ପଡ଼ିଆ ବାସଭବନକୁ ଅଣାଯିବା ପରେ ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର, ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଇଲିଆନା ଚିତାରିସ୍ତି, ଭାଜପା ନେତା ଅମିୟ ଦାଶ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ସଚ୍ଚିଦାନନ୍ଦ ଦାଶ, ନିରଞ୍ଜନ ପାତ୍ର, ଜଗନ୍ନାଥ କୁଅଁର, ବିଜୟ ବାରିକ, କାଳିନ୍ଦୀ ଚରଣ ପରିଡ଼ା ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରୁ ତାଙ୍କର ଜନ୍ମସ୍ଥାନ ରଘୁରାଜପୁର ଏବଂ ପରେ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

### ଅନୁଦାନ ଖର୍ଚ୍ଚକୁ...

ବିକାଶ ସକାଶେ ରାଜ୍ୟକୁ ଏସସିଏରୁ ଟିଏସପି ଯୋଜନାରେ ଯଥାକ୍ରମେ ୧୪୮୫୬.୯୭ ଲକ୍ଷ ଏବଂ ୧୨୫୫୩.୨୨ ଲକ୍ଷ ଅନୁଦାନ ମଞ୍ଜୁର କରାଯାଇଛି। ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ସୁନ୍ଦରଗଡକୁ ଏହି ଆର୍ଥିକ ବର୍ଷରେ ଏସସିଏରୁ ଟିଏସଏସ ଯୋଜନାରେ ବିଭିନ୍ନ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପାଇଁ ୪୩୬.୮୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ସେହିପରି ଅନୁଚ୍ଛେଦ ୨୭୫(୧) ଯୋଜନାରେ ବିଭିନ୍ନ ସ୍କୁଲ, କଲେଜ ଓ ଛାତ୍ରାବାସ ଭିତ୍ତିଭୂମି ନିର୍ମାଣ ପାଇଁ ୪୫୮.୧୮ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ମୂଳ ପ୍ରଶ୍ନକର୍ତ୍ତା ପ୍ରଫୁଲ୍ଲ ମାଝି ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କେଉଁ ଯୋଜନାରେ କେତେ ଖର୍ଚ୍ଚ ହୋଇଛି ସେ ବିଷୟରେ ଜଣାଇବାକୁ କହିଥିଲେ। ବିଜେଡି ସଭ୍ୟ ପଦ୍ମନାଭ ବେହେରା କେନ୍ଦ୍ର ସରକାର ଯେତିକି ଅନୁଦାନ ଦେବା କଥା ଦେଉଛନ୍ତି କି ନାହିଁ ବୋଲି ପଚାରିଥିଲେ। ଭାଜପା ସଭ୍ୟ ରବି ନାରାୟଣ ନାଏକ ୨୦୧୫-୧୬ରୁ ୨୦୧୮-୧୯ ମଧ୍ୟରେ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ କେତେ ଅନୁଦାନ ପାଇଛି ତାହାର ହିସାବ ଦେବାକୁ କହିଥିଲେ। କଂଗ୍ରେସ ସଭ୍ୟ ଭୁଜବଳ ମାଝି ଟିଏସପି ଅର୍ଥ ଦଳୀୟ ଭିତ୍ତିରେ ଖର୍ଚ୍ଚ ହେଉଥିବା ଅଭିଯୋଗ କଲେ। ମନ୍ତ୍ରୀ କହିଥିଲେ ଗତ ୫ ବର୍ଷରେ କେନ୍ଦ୍ରୀୟ ଅନୁଦାନ କମି ଯାଇଛି। ରାଜ୍ୟ ସରକାର ଦଳୀୟ ଭିତ୍ତିରେ ଅର୍ଥ ଖର୍ଚ୍ଚ କରୁନାହାନ୍ତି, ଯେମିତି ଖର୍ଚ୍ଚ ହେବା କଥା ହେଉଛି । ମନ୍ତ୍ରୀଙ୍କ ଉତ୍ତର ଶୁଣି ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଚାଇଁ କରି ଉଠିଲେ। ଅଭିଯୋଗ କଲେ ମନ୍ତ୍ରୀ ଗୃହରେ ଅସତ୍ୟ ତଥ୍ୟ ଦେଉଛନ୍ତି। ଏସସିଏ ଅର୍ଥ ବାଟମାରଣା ହେଉଛି। ବିଜେଡି କର୍ମୀମାନେ ଖର୍ଚ୍ଚ କରୁଛନ୍ତି। ସେ ବିଷୟରେ କାହାକୁ କିଛି ମାଲୁମ ପଡୁନି। ଏହା କହିବା ସହ ମନ୍ତ୍ରୀଙ୍କ ଉତ୍ତରକୁ ଜୋରଦାର ବିରୋଧ କରି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ତାଙ୍କୁ ସମର୍ଥନ କରି କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗରେ ନାରାବାଜି କଲେ। ଏ ପଇସା କାହା ବାପର ନୁହେଁ। ସରକାରୀ ପଇସା । ଆଦିବାସୀଙ୍କ ବିକାଶ ପାଇଁ ଖର୍ଚ୍ଚ ହେବା କଥା। ତାହା ହେଉ ନାହିଁ କହି ହଟଗୋଳ କଲେ। ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କଲେ। ବିଜେଡି ସଭ୍ୟମାନେ ମଧ୍ୟ ନିଜ ଆସନରେ ଛିଡା ହୋଇ ବିରୋଧୀ ଦଳ ସଦସ୍ୟମାନଙ୍କୁ ମୁକାବିଲା କଲେ। ଗୃହରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟର ପ୍ରତିବାଦ କଲେ। ସ୍ଥିତି ଅସମ୍ଭାଳ ହେଉଥିବା ଦେଖି ବାଚସ୍ପତି ଗୃହକୁ ୧୦ଟା ୪୭ରୁ ୧୨ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ । ୧୨ଟାରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ବିରୋଧକୁ...

ଦିଆଯାଇଛି। ପ୍ଲାଣ୍ଟ ପାଇଁ ୧୦୦୦ରୁ ଊର୍ଦ୍ଧ୍ୱ ଗଛ କଟାଯିବାକୁ ଯୋଜନା ରହିଛି। ହେଲେ ଗଛ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୋଲି ରୋକ୍‌ଠୋକ ଶୁଣାଇଛନ୍ତି ଅଞ୍ଚଳବାସୀ। ବାପା, ଜେଜେଅମଳରୁ ଯତ୍ନର ସହ ବଢ଼ାଇଥିବା ଗଛକୁ ଦାୟିତ୍ୱହୀନ ଭାବେ ମଦ କମ୍ପାନୀ ପାଇଁ କାଟି ଦିଆଯାଉଛି। ପ୍ରଶାସନ ପାଇଁ ଗଛଠାରୁ ମଦ ବେଶି ମୂଲ୍ୟବାନ। ଏପରି ଏକପାଖିଆ କାର୍ଯ୍ୟପନ୍ଥାକୁ ନେଇ ଆଗାମୀ ଦିନରେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଜିଲା ପ୍ରଶାସନ ଏବଂ ସରକାର ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ପ୍ରସ୍ତାବିତ ଅଞ୍ଚଳ ଜଙ୍ଗଲ ଜମି ନୁହେଁ**

ବଳରାମପୁର ଅଞ୍ଚଳରେ ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ଅଞ୍ଚଳ ଜଙ୍ଗଲ ଜମି ନୁହେଁ। ଏହା ରାଜସ୍ୱ ବିଭାଗର ଜମି। ୨୦୧୩-୧୪ ବର୍ଷରେ ସମ୍ପୃକ୍ତ ଅଞ୍ଚଳର ୮୯ ଏକର ଜମି ଇଡ୍‌କୋକୁ ଲିଜ୍ ଦିଆଯାଇଥିଲା। ସେଠାରେ ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ ପାଇଁ ଇଡ୍‌କୋ ଉକ୍ତ ଜମି ନେଇଛି। ସେଥିରୁ ୧୨.୮୬ ଏକର ଜମି ବିୟର ବଟ୍‌ଲିଂ ପ୍ଲାଣ୍ଟ ପାଇଁ ଦିଆଯାଇଥିବା ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ ସୂଚନା ଦେଇଛନ୍ତି।

**ବର୍ଷକୁ ପ୍ରସ୍ତୁତ ହେବ ୩.୬୦ କୋଟି ବୋତଲ ମଦ**

ଗାୟତ୍ରୀ ଗ୍ରୁପ୍ ତରଫରୁ ପି ଆଣ୍ଡ୍ ଏ ବଟ୍‌ଲର୍ସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ପକ୍ଷରୁ ଏହି ପ୍ଲାଣ୍ଟ ସ୍ଥାପନ କରାଯାଉଛି। ନିର୍ଦ୍ଧାରିତ ସମୟରେ କାମ ଆରମ୍ଭ ହେଲେ ୨୦୧୯ ଡିସେମ୍ବର ସୁଦ୍ଧା କାରଖାନାରୁ ବିୟର ଉତ୍ପାଦନ ଆରମ୍ଭ ହେବ। ପ୍ଲାଣ୍ଟରୁ ବାର୍ଷିକ ୨.୫ ଲକ୍ଷ ହେକ୍ଟୋଲିଟର ଅର୍ଥାତ୍ ୩ କୋଟି ୬୦ଲକ୍ଷ ବୋତଲ ମଦ ପ୍ରସ୍ତୁତ ହେବ। କମ୍ପାନୀରେ ମୋଟ ୨୮୦ କର୍ମଚାରୀ କାର୍ଯ୍ୟ କରିବେ। ମୁଖ୍ୟ ପରିଚାଳନା ବିଭାଗ, ବୈଷୟିକ ବିଭାଗକୁ ବାଦ୍ ଦେଲେ ୯୦% ନିଯୁକ୍ତି ସ୍ଥାନୀୟ ଲୋକଙ୍କୁ ଦିଆଯିବ ବୋଲି କମ୍ପାନୀ ଉପାଧ୍ୟକ୍ଷ ଦ୍ୱିବେନ୍ଦ୍ର କୁମାର ତୋଷେ ସୂଚନା ଦେଇଛନ୍ତି।

### ଭିଜିଲାନ୍ସ ଜାଲରେ...

ଘରେ ଆସବାବପତ୍ର ଛଡ଼ା ଅନ୍ୟ କିଛି ସାମଗ୍ରୀ ନ ଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ୩ଟି ଗାଡ଼ିରେ ୧୪ ଜଣିଆ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ସେହିପରି ବ୍ରହ୍ମପୁରର ପ୍ରଭାକରଙ୍କ ପୈତୃକ ବାସଭବନରେ ଚଢ଼ାଉ କରାଯାଉଥିବା ନେଇ ଡିଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ତାଙ୍କ ନାମରେ ବିଭିନ୍ନ ଅଭିଯୋଗ ଥିବାରୁ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ପ୍ରଭାକର ୬ ମାସ ଧରି ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଦାୟିତ୍ୱରେ ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗ୍ରହ ସ୍ଥିତି ଆପଣଙ୍କ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରକୁ ସରସ ସୁନ୍ଦର କରିବାରେ ସହାୟକ ହେବ। ଆକସ୍ମିକ ଭାବରେ ଜଣେ ବନ୍ଧୁ ଆସିବେ କିନ୍ତୁ ଫେରିବା ସମୟରେ ମନଦୁଃଖ କରି ବହୁତ ଅନୁରୋଧପୂର୍ଣ୍ଣ କଥା କହି ବିଦାୟ ନେବେ। ବ୍ୟବସାୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** ନିକଟ ଭବିଷ୍ୟତରେ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମିଥୁନ** ଆଜି ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଦୂରକୁ ଯିବାକୁ ପଡିବ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚ ବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ପିତୃବର୍ଗରେ ଶ୍ରଦ୍ଧାଭାଜନ ହେବେ ଏବଂ ସାମୟିକ ଆଶ୍ୱସ୍ତି ଲାଭ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ।

**କର୍କଟ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ। ଦୀର୍ଘଦିନ ପରେ ଆଜି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ନିର୍ମାଣ, ପରିବହନରେ କିଛି ସମସ୍ୟା ଦେଖାଦେବ। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପକୃତ ହେବେ।

**ସିଂହ** ଶୁଭଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ ମୁକାବିଲା କରିବେ ଓ ସଫଳତା ମଧ୍ୟ ପାଇବେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। କୌଣସି ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନପାରେ । ତରବର ନହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ । ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ ।ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ତୁଳା** ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧିରେ ଧିରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ । ମୂଲ୍ୟବାନ ଜିନିଷ କିଣି ପାରନ୍ତି। ଚାକିରିରେ, ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯେତେ ଭଲକାମ କଲେ ସୁଦ୍ଧା ପାରିପାର୍ଶ୍ୱିକ କାରଣରୁ ଆଶାନୁଯାୟୀ ଆଦର,ସମ୍ମାନ ପାଇ ପାରିବେ ନାହିଁ।

**ବିଛା** ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବ ଫଳରେ ମନଟା ଭଲ ଲାଗିବ ନାହିଁ। ବନ୍ଧୁମିଳନ ଜନିତ ସାମୟିକ ହସଖୁସୀର ଖୁରାକ ଜ୍ୟେଷ୍ଠା ନକ୍ଷତ୍ର ପାଇପାରନ୍ତି। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ୍ୟ ହେବେ, ଯଦ୍ୱାରାକି- ଜାଣିଶୁଣି ମଧ୍ୟ ସବୁ କଥାରେ ନୀରବ ରହିବାକୁ ପଡିବ। ଅତିନିଜର ଜଣେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନପାରେ।

**ଧନୁ** ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଅତିରିକ୍ତ କରିବା କ୍ଷତିର କାରଣ ହୋଇପାରେ । ବାଧ ବାଧକତାରେ ନାହିଁ କରି ନପାରି ଦୂରଯାତ୍ରା କରିବାକୁ ପଡିବ । ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସୀ ରହିବ ।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କାମ ଓ କଥାକୁ ସରଳତାରସହ ଗ୍ରହଣ କଲେ ଉପକୃତ ହେବେ। କ୍ରୀଡା, ଚଳଚ୍ଚିତ୍ର, କଳା, ସାହିତ୍ୟରେ ଉନ୍ନତି କରିବେ। ଅପ୍ରିୟସତ୍ୟ କହିବା କିମ୍ବା ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବା ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ** ନିକଟ ସମ୍ପର୍କୀୟମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବହୁତ ଦିନ ହେଲା ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ । ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ । ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ପକ୍ଷ ଦଶମୀ ଯୁକ୍ତ ଏକାଦଶୀ ରବିବାର, ନଭେମ୍ବର ୧୮ତାରିଖ, ଶ୍ରୀକୃଷ୍ଣଙ୍କର ଶରଦ୍ରାସାଧିବାସ, ରାଶିନକ୍ଷତ୍ର- ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ୧୦।୨୫, ଗତେ, ମୀନ ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଶରଣ, ଦିବା ଘ୭।୨୭ମି. ଗତେ ଘ୮।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୦ମି. ଗତେ ଘ୧୦।୧୫ମି. ମଧ୍ୟେ, ଘ୧।୦୧ମି. ଗତେ ଘ୨।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୪୦ମି. ଗତେ ଘ୫।୦୩ମି. ମଧ୍ୟେ ରାହୁକାଳ।



ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ ପ୍ରଦାନ କରୁଛନ୍ତି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ। ନିକଟରେ ଅଛନ୍ତି ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟେକ୍ ଆଡ୍ଡା'ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ (ଡାହାଣ)

# ବିଜେତାଙ୍କୁ ମିଳିଲା ସ୍ମାର୍ଟଫୋନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)– 'ଧରିତ୍ରୀ' ପକ୍ଷରୁ ଏହାର 'ସେଲ୍ଫି କର୍ନର' ବିଜେତାଙ୍କ ପାଇଁ ଶନିବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ 'ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା' ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ଅକ୍ଟୋବର ମାସର ୨୯ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପ୍ରଥମ ଥର ପାଇଁ ହୋଇଥିବା ଏହି ଉତ୍ସବରେ ସେଲ୍ଫି ପଠାଇଥିବା ଶ୍ରେଷ୍ଠ ପାଠିକା ପାଠକଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ପ୍ରତି ବିଜେତାଙ୍କୁ ଏକ ସ୍ମାର୍ଟ ଫୋନ୍ ସହ 'ଟେକ୍ ଆଡ୍ଡା' ପକ୍ଷରୁ ଏକ ହଜାର ଟଙ୍କାର ଭାଉଚର ପ୍ରଦାନ କରାଯାଇଥିଲା। ଏହା ସହ ଏୟାରଟେଲ ପକ୍ଷରୁ ଏକ ମାସର ଅନ୍‌ଲିମିଟେଡ୍ ଡାଟା ଓ ଅନ୍‌ଲିମିଟେଡ୍ କଲ୍ ଥିବା ଏକ ସିମ୍‌କାର୍ଡ ଦିଆଯାଇଥିଲା। ମଞ୍ଚରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟେକ୍ ଆଡ୍ଡା'ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ, ଏୟାରଟେଲ୍ ଓଡ଼ିଶାର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ହେଡ୍ କୀର୍ତ୍ତିନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ସମ୍ପାଦକ ସତପଥୀ କହିଥିଲେ, ଏଭଳି ଏକ କାର୍ଯ୍ୟକ୍ରମ ଦ୍ୱାରା ଆମେ ଆମର ପାଠିକା ପାଠକଙ୍କ ସହ ଭାବର ଆଦାନପ୍ରଦାନ କରିବାର ସୁଯୋଗ ପାଇଲୁ। ଏହି ଧାରା ଆଗକୁ ଜାରି ରହିବ। ଲୋକମାନେ ଏମିତି ସେଲ୍ଫି ପଠାନ୍ତୁ। ଆମେ ନିରପେକ୍ଷ ଭାବେ ବିଚାର କରୁଛୁ। ଶ୍ରେଷ୍ଠ ସେଲ୍ଫି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ, ଆମ 'ସେଲ୍ଫି କର୍ନର'କୁ ବହୁତ ଭଲ ରେସ୍‌ପନ୍ସ ମିଳୁଛି। ପ୍ରତିଦିନ ୧୦୦୦ରୁ ଊର୍ଦ୍ଧ୍ୱ ସେଲ୍ଫି ଆମ ପାଖକୁ ଆସୁଛି। ସେଥିମଧ୍ୟରୁ ୭ରୁ ୮ଟି ଫଟୋ ଚୟନ କରି ଖବରକାଗଜରେ ପ୍ରକାଶ କରିବା ଆମ ପାଇଁ ମଧ୍ୟ ବହୁତ କଷ୍ଟ ଥିଲା। ଏଥିପାଇଁ ମୁଁ ମୋ ଟିମ୍‌କୁ ଧନ୍ୟବାଦ ଦେବି। ଯେଉଁ ସେଲ୍ଫି ଆଜି ପୁରସ୍କାର ପାଇବାକୁ ବଛାଯାଇଛି ସେଗୁଡ଼ିକ ଭାଗ୍ୟଶାଳୀ ସେଲ୍ଫି।

ଉତ୍ସବକୁ ମନୋରଞ୍ଜନଧର୍ମୀ କରିବାକୁ ସ୍ୱତନ୍ତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ଭିଗ୍ନେଶ' ବ୍ୟାଣ୍ଡର ମୁଖ୍ୟ କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବ ଏହି ଅବସରରେ ମନଛୁଆଁ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ, ଯାହାର ତାଳେ ତାଳେ ଉପସ୍ଥିତ ଶ୍ରୋତାମାନେ ନାଚିବା ସହ କାର୍ଯ୍ୟକ୍ରମକୁ ଭରପୂର ଉପଭୋଗ କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

'ଟେକ୍ ଆଡ୍ଡା'ର ତାରିଣୀ ଦାସ କହିଥିଲେ, ଓଡ଼ିଶାରେ ସେଲ୍ଫିରେ ଏମିତି କ୍ରେଜ୍ ଥିବ ବୋଲି ଜାଣି ନ ଥିଲି। ଆଶାଠାରୁ ଏହି କାର୍ଯ୍ୟକ୍ରମ ଅଧିକ ଭଲ ହୋଇଛି। ଆଗକୁ ଏହି ଧାରା ଜାରି ରଖିବୁ ବୋଲି ଚିନ୍ତା କରୁଛୁ। 'ଧରିତ୍ରୀ'ର ଏହି 'ସେଲ୍ଫି କର୍ନର' କନ୍‌ସେପ୍ଟକୁ ପଶ୍ଚିମବଙ୍ଗର କେତେକ ଖବରକାଗଜ ସଂସ୍ଥା ଆପଣେଇବାକୁ ଆଗ୍ରହ ଦେଖାଇଛନ୍ତି। ବର୍ତ୍ତମାନ ଓଡ଼ିଶାରେ ଆମର ୩ଟି ଷ୍ଟୋର ରହିଛି। ଭବିଷ୍ୟତରେ ୩୦ଟି ଜିଲାରେ ଆମର ଷ୍ଟୋର କରିବା ପାଇଁ ଚିନ୍ତା କରିଛୁ। ଏୟାରଟେଲ୍‌ର କୀର୍ତ୍ତିନାଥ ତ୍ରିପାଠୀ କହିଥିଲେ, ଏହା ଏକ ଭଲ କାର୍ଯ୍ୟକ୍ରମ ଥିଲା। ସାଧାରଣ ପାଠକମାନଙ୍କ ସହିତ ସମ୍ପର୍କ ରଖିବା ପାଇଁ ଏହା ଉତ୍କୃଷ୍ଟ ମାଧ୍ୟମ। ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଆମେ ଆମର ନୂଆ ନୂଆ ସ୍କିମର ପ୍ରଚାର ପ୍ରସାର କରିପାରିବୁ। କଣ୍ଠଶିଳ୍ପୀ ଦୁର୍ଗାମାଧବ କହିଥିଲେ, 'ଧରିତ୍ରୀ' ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଏମିତି ସଫଳତା ମିଳିବ ବୋଲି ଭାବି ନ ଥିଲି। ଏଥିରେ ମୁଁ ସାମିଲ ହୋଇଥିବାରୁ ଖୁସି ଅନୁଭବ କରୁଛି।



କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବ



କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବ ଓ ମଞ୍ଚ ପରିଚାଳିକା ଶୋଭନା ମିଶ୍ରଙ୍କ ସହ ସେଲ୍ଫି କର୍ନର ବିଜେତାମାନଙ୍କ ନୃତ୍ୟ



ଉତ୍ସବରେ ସେଲ୍ଫି ଉଠାଉଥିବା ଜଣେ ବିଜେତା



ସେଲ୍ଫି କର୍ନର ବିଜେତା ଓ ଧରିତ୍ରୀର ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତା, ଏୟାରଟେଲ୍ ଓଡ଼ିଶାର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ହେଡ୍ କୀର୍ତ୍ତିନାଥ ତ୍ରିପାଠୀ, 'ଟେକ୍ ଆଡ୍ଡା'ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ, କର୍ମଚାରୀ ଅରିଜିତ୍ ବୋଷ, ଜୋନାଲ ବିଜ୍‌ନେସ୍ ହେଡ୍ ସୁମିତ୍ ପଟ୍ଟନାୟକଙ୍କ ସହ ସେଲ୍ଫି ଉଠାଉଛନ୍ତି ମଞ୍ଚ ପରିଚାଳିକା ଶୋଭନା ମିଶ୍ର



କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବଙ୍କ ଗୀତରେ ଉତ୍ସାହିତ ସେଲ୍ଫି କର୍ନର ବିଜେତାମାନେ



ସେଲ୍ଫି କର୍ନର ବିଜେତାମାନଙ୍କ ସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟେକ୍ ଆଡ୍ଡା'ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ ଓ ଅନ୍ୟମାନେ

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି - ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। -ଶ୍ରୀମା

# କଂଗ୍ରେସ ପାଇଁ ଆହ୍ୱାନ



ଆକାର ପଟେଲ

ଆମ ପ୍ରଧାନମନ୍ତ୍ରୀଙ୍କର ଗୋଟିଏ ବଡ଼ ଗୁଣ ହେଲା, ସେ ଖୁବ୍ ଭଲ ଯୁକ୍ତି କରିପାରନ୍ତି। ସେ କୌଣସି ସାଧାରଣ ଜିନିଷକୁ ଲୋକମାନେ ବିଶ୍ୱାସ କଲାଭଳି ନୂଆ ଢଙ୍ଗରେ ଉପସ୍ଥାପନ କରିପାରନ୍ତି। ଚଳିତ ସପ୍ତାହରେ କଂଗ୍ରେସ ଦାବି କଲା ଯେ, ଜବାହରଲାଲ ନେହେରୁ ତିଆରି କରିଥିବା ବ୍ୟବସ୍ଥା ଯୋଗୁ ସେ ଆଜି ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଏହାର ଉତ୍ତରରେ ମୋଦି କହିଲେ, ''ମୁଁ ସେମାନଙ୍କୁ ଆହ୍ୱାନ କରୁଛି, କଂଗ୍ରେସର କୌଣସି ଭଲ ନେତାଙ୍କୁ ଗାନ୍ଧୀ ପରିବାର ବାହାରୁ ପାଞ୍ଚବର୍ଷ ପାଇଁ ଦଳର ଅଧ୍ୟକ୍ଷ କରନ୍ତୁ, ତା'ହେଲେ ମୁଁ ସ୍ୱୀକାର କରିବି ଯେ ନେହେରୁ ବାସ୍ତବରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ତିଆରି କରିଥିଲେ।'' ଏହାର ଏକମାତ୍ର ପ୍ରତ୍ୟୁତ୍ତର ହେଉଛି ଯେ, ପି.ଭି. ନରସିଂହ ରାଓ ଗାନ୍ଧୀ ପରିବାରର ସଦସ୍ୟ ନ ହୋଇ ମଧ୍ୟ ପାଞ୍ଚବର୍ଷ କଂଗ୍ରେସର ଅଧ୍ୟକ୍ଷ ଥିଲେ ଏବଂ ସେ ମଧ୍ୟ ପ୍ରଧାନମନ୍ତ୍ରୀ ଥିଲେ। ତାଙ୍କ ପରେ ଅଳ୍ପ ସମୟ ପାଇଁ ହେଉ ପଛେ ସୀତାରାମ କେଶରୀ କଂଗ୍ରେସର ଅଧ୍ୟକ୍ଷ ଥିଲେ।

କିନ୍ତୁ ବାସ୍ତବ କଥା ହେଲା ନରେନ୍ଦ୍ର ମୋଦି ଠିକ୍ କହିଛନ୍ତି: କଂଗ୍ରେସ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପରି, ଯାହାର ସମସ୍ତ ଅଂଶଧନ ଗୋଟିଏ ପରିବାର ହାତରେ ରହିଛି। ଅପରପକ୍ଷେ ଭାରତୀୟ ଜନତା ପାର୍ଟି (ଭାଜପା) ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ପରି, ଯାହାର ଅଂଶଧନ ବହୁ ଲୋକଙ୍କ ଭିତରେ ବାଣ୍ଟି ହୋଇଛି ଏବଂ ଯେଉଁଠି ପାରିବାରିକ ବନ୍ଧନ ଅପେକ୍ଷା ଯୋଗ୍ୟତାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଆପଣ ଯଦି ଗାନ୍ଧୀ ପରିବାରର ସଦସ୍ୟ ହୋଇଥାନ୍ତି, ତେବେ ଆପଣ ବାରମ୍ବାର ବିଫଳ ହେଲେ ମଧ୍ୟ କଂଗ୍ରେସର ମୁଖ୍ୟ ରହିପାରିବେ। ଭଲ ପ୍ରଦର୍ଶନ କରିବା ପାଇଁ କୌଣସି ଚାପ ପଡ଼ିବ ନାହିଁ। ଅନ୍ୟପକ୍ଷରେ ୨୦୧୯ ନିର୍ବାଚନ ଜିତିବା ଲାଗି ଯଦି ମୋଦି ନିର୍ଣ୍ଣାୟକ ଢଙ୍ଗରେ ଦଳକୁ ନେତୃତ୍ୱ ଦେଇ ନ ପାରିବେ, ତେବେ ତାଙ୍କ ବିରୋଧରେ ଦଳ ଭିତରେ ଅସନ୍ତୋଷ ଦାନା ବାନ୍ଧିବ ଓ ସେ ଆହ୍ୱାନର ସମ୍ମୁଖୀନ ହେବେ। ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ପ୍ରତ୍ୟେକ ରାଜନୈତିକ ଦଳରେ ଏହା ହିଁ ଘଟିଥାଏ। ତେଣୁ ମୋଦି ଯାହା କହିଛନ୍ତି, ତାହା ସତ୍ୟ। ତେବେ ପ୍ରଶ୍ନ ହେଉଛି, ମୋଦିଙ୍କର ଏହି ଆହ୍ୱାନ ଓ ଉପଦେଶକୁ କ'ଣ କଂଗ୍ରେସ ଗ୍ରହଣ କରିପାରିବ ? ମୁଁ ଭାବୁଛି ପାରିବ। ତେବେ ମୁଁ ଭାବୁନାହିଁ ମୋଦି ଯାହା କହିଲେ ଅବିକଳ ତାହା କରିବା ଅର୍ଥାତ୍ ଦଳର ଅଧ୍ୟକ୍ଷ ପଦ ଛାଡ଼ିଦେବା ଦରକାର ନାହିଁ। ପ୍ରଧାନମନ୍ତ୍ରୀ ହେବା ଲାଗି ମୋର କୌଣସି ଅଭିପ୍ରାୟ ନାହିଁ ବୋଲି ରାହୁଲ ଗାନ୍ଧୀ କହିଲେ ମଧ୍ୟ ତାଙ୍କୁ ଦଳ ଭିତରେ ତଥା ଜନସାଧାରଣରେ ନିଜର ବିଶ୍ୱନୀୟତା ସୃଷ୍ଟି କରିବାକୁ ପଡ଼ିବ। ଆତ୍ମତ୍ୟାଗ କରୁଥିବା ଲୋକଙ୍କୁ ଆମ ସମାଜରେ ସବୁଠାରୁ ଉଚ୍ଚ ଆସନରେ ରଖାଯାଏ। ମହାତ୍ମା ଗାନ୍ଧୀଙ୍କ ପରି ଯେଉଁମାନେ କ୍ଷମତା, ପଦପଦବୀ ଓ ଧନସମ୍ପତ୍ତି ମୋହରୁ ସର୍ବଦା ଊର୍ଦ୍ଧ୍ୱରେ ରହିଛନ୍ତି, ସେମାନେ ଜନସାଧାରଣଙ୍କ ଦୃଷ୍ଟିରେ ସ୍ୱତଃ ମହାନ୍ ହୋଇଉଠନ୍ତି। ୨୦୦୪ରେ ଭାଜପାକୁ ପରାଜିତ କଲେ ମଧ୍ୟ ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ ପଦର ମୋହ ତ୍ୟାଗ କରିଥିବାରୁ ତାଙ୍କ ପ୍ରତି ଲୋକଙ୍କର ଉଚ୍ଚ ଧାରଣା ସୃଷ୍ଟି ହୋଇଥିଲା।

ବର୍ତ୍ତମାନର କଂଗ୍ରେସ ଅଧ୍ୟକ୍ଷ ଅନେକ ସମୟରେ କହିଛନ୍ତି ଯେ, ସେ ଏପରି ଏକ ଭାରତ ପାଇଁ ଲଢ଼େଇ କରୁଛନ୍ତି, ଯେଉଁଠି ହିନ୍ଦୁତ୍ୱ ଗଠନମୂଳକ ଓ ଉତ୍ପାଦନଶୀଳ ହୋଇଥିବ। ଭବିଷ୍ୟତରେ ଘୃଣା ଓ ହିଂସା କାଳେ ବୃଦ୍ଧି ପାଇପାରେ ବୋଲି ସେ ଭୟ କରନ୍ତି ଏବଂ ସେ ଚାହାନ୍ତି ଏକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାରତ। ତାଙ୍କର ଏପରି ଚିନ୍ତାଧାରା ପ୍ରଶଂସନୀୟ। କିନ୍ତୁ ଦେଶ ଯଦି ସେହି ଦିଗକୁ ଗତି କରୁଥାଏ, ଯାହା ସେ ଚାହୁଁଛନ୍ତି, ତେବେ ତାଙ୍କର ବ୍ୟକ୍ତିଗତ ଉଚ୍ଚାଭିଳାଷକୁ ଦୂରେଇ ରଖିବାରେ କୌଣସି ଅସୁବିଧା ନାହିଁ। ସବୁଦିନ ପାଇଁ ନ ହେଲେ ବି ଅନ୍ତତଃ ଏହି ନିର୍ବାଚନ ପାଇଁ। କଂଗ୍ରେସରେ ଦଳର ନେତୃତ୍ୱ ନେଇ ନିର୍ବାଚନ ପରିଚାଳନା କରିବା ଲାଗି ଦକ୍ଷ ନେତାଙ୍କର ଅଭାବ ନାହିଁ। ବ୍ୟକ୍ତିଗତ ଉଚ୍ଚାଭିଳାଷକୁ ବାଦ୍ ଦେବା ସହ ସେପରି ନେତାଙ୍କୁ ଦାୟିତ୍ୱ ଦେଲେ କଂଗ୍ରେସ ସହ ଅନ୍ୟ ଦଳଗୁଡ଼ିକ ମେଣ୍ଟ କରିବାକୁ ଆଗେଇଆସିବେ। ତା'ହେଲେ ଜାତୀୟ ସାମ୍ମୁଖ୍ୟ ଚିନ୍ତାଧାରା ପ୍ରତି ବିଶ୍ୱାସ ବୃଦ୍ଧି ପାଇପାରିବ। ସେପରି କଲେ ଗାନ୍ଧୀମାନେ କ୍ଷମତା ପ୍ରତି ଲାଳାୟିତ ନୁହନ୍ତି ବୋଲି କଂଗ୍ରେସ ଯେଉଁ ଦାବି କରୁଛି, ତାହା ସତ୍ୟ ପ୍ରମାଣିତ ହୋଇପାରିବ। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ଚାହାଁନ୍ତି ନାହିଁ ବୋଲି ରାହୁଲ ଯାହା କହୁଛନ୍ତି, ତାକୁ ଲୋକେ ବିଶ୍ୱାସ କରିବେ। ଏହା ଦଳକୁ ମଧ୍ୟ ସାହାଯ୍ୟ କରିବ। ଏହାଦ୍ୱାରା କଂଗ୍ରେସ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ଆଡ଼କୁ ଗତି କରିବ ଏବଂ ତା'ର ଭବିଷ୍ୟତ ଅଧିକ ସୁରକ୍ଷିତ ହୋଇପାରିବ। ପ୍ରଧାନମନ୍ତ୍ରୀ ଯାହା କହିଲେ ରାହୁଲ ଗାନ୍ଧୀ ତାକୁ ସକାରାତ୍ମକ ଭାବେ ଗ୍ରହଣ କରିବା ଉଚିତ। ସେ ଉକ୍ତ ଆହ୍ୱାନକୁ ଗ୍ରହଣ କରିବା ତାଙ୍କ ପାଇଁ ଓ ଦଳ ପାଇଁ ମଙ୍ଗଳକର। ଅବଶ୍ୟ ଅନ୍ୟ ଯେକୌଣସି ରାଜନୈତିକ ଦଳର ନେତାଙ୍କ ଅପେକ୍ଷା ଗାନ୍ଧୀ ପରିବାର ଯେ ଦେଶ ପାଇଁ ଅନେକ କିଛି ତ୍ୟାଗ କରିଛନ୍ତି, ଏଥିରେ ସନ୍ଦେହ ନାହିଁ। ଏହି ପରିବାରର ଦୁଇଜଣ ଆତତାୟୀଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି। ତେଣୁ ଏ ପରିବାରକୁ ରାଜନୀତିରେ ତିଷ୍ଠି ରହିବା ଲାଗି ସାହସ ଓ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ସେମାନେ ସମ୍ମାନ ପାଇବାକୁ ହକ୍‌ଦାର, ଯାହା ଅନେକ ସମୟରେ ପାଉ ନାହାନ୍ତି। ତେଣୁ ଆଉ ଏକ ତ୍ୟାଗ ଦ୍ୱାରା ହିଁ ସେମାନଙ୍କ ସମ୍ମାନ ଫେରିଆସିବ ବୋଲି ମୁଁ ଆଶା କରୁଛି।

Email: aakar.patel@gmail.com

# ଆମ ଗାଁର ଚିତ୍ରପଟ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ସକାଳ ଦଶଟାରେ ବି ଦଶମିଟର ଦୂରର ଦୃଶ୍ୟ ଦେଖି ହେଉ ନ ଥିବା ଆମ ଦେଶର ରାଜଧାନୀ ଦିଲ୍ଲୀ ଭଳି ଆମ ଭୁବନେଶ୍ୱରର ବି ସମାନ ଅବସ୍ଥା ହେବ ବୋଲି ପରିବେଶବିତ୍‌ମାନେ ସତର୍କ କଲା ପରେ ଏଠାକାର ବାସିନ୍ଦାମାନଙ୍କ ମନରେ ଛନକା ପଶିଲାଣି। କେବଳ ପରିବେଶ ପ୍ରଦୂଷଣ ନୁହେଁ, ଏକ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟର ବିଷାକ୍ତ ବଳୟ ମଧ୍ୟରେ ଅବରୁଦ୍ଧ ହୋଇ ଉଠୁଥିବା ଆମ ରାଜ୍ୟ ରାଜଧାନୀର ନବ୍ୟ ଚେହେରା ପ୍ରତ୍ୟକ୍ଷ କରି ସେଦିନ ଜଣେ ବନ୍ଧୁ ପ୍ରତିକ୍ରିୟା ପ୍ରକାଶ କରି କହୁଥିଲେ, 'ଏଠାକାର ବହୁଳ ଜନସଂଖ୍ୟା, କଂକ୍ରିଟର କୋଠାବଣ ଓ ମାଳ ମାଳ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ଭିତରେ ଜୀବନ ବଡ଼ ଦୁର୍ବିଷହ ମନେହେଲାଣି। ତା' ସାଙ୍ଗକୁ ଚରସ, ବ୍ରାଉନ୍‌ସୁଗାର ଭଳି ନିଶା ସେବନ କରି ନାଗରିକମାନଙ୍କ ନିରାପତ୍ତା ବିପନ୍ନ କରୁଥିବା ଉଦ୍ଦାମ ଯୁବଶକ୍ତିର ବିପଜ୍ଜନକ ଜାଗରଣ ମଣିଷର ଶାନ୍ତି ଚୋରାଇ ନେଲାଣି ବରଂ ସବୁଠୁ ଭଲ ଗାଁକୁ ଫେରିଯିବା ଓ ବାକି ଜୀବନ ସେଇଠି ବିତାଇଦେବା।'

ପ୍ରକୃତରେ ଚାଳିଶବର୍ଷ କାଳ ଗାଁ ଛାଡ଼ି ରାଜଧାନୀରେ ବସା ବାନ୍ଧିଥିବା ଅବସରପ୍ରାପ୍ତ ବନ୍ଧୁଙ୍କର ଏହି ସହର ବୈରାଗ୍ୟ କିଛି ଅମୂଳକ ନ ଥିଲା। ଏଠି ମନ୍ଦିର ଅଛି, ମାତ୍ର ଅପବିତ୍ର ଭକ୍ତଙ୍କ କୃତ୍ରିମ ଭକ୍ତିକୁ ଡରି ଠାକୁର କେଉଁକାଳରୁ ଉଭାନ ହୋଇଗଲେଣି। ଏଠି ପାର୍କ ଅଛି, ମାତ୍ର ଆଧୁନିକ ଜୀବନର ନଗ୍ନତା ମଧ୍ୟରେ ପ୍ରତ୍ୟେକ ସକାଳ ଓ ସନ୍ଧ୍ୟା କେମିତି ରୁଗ୍‌ଣ ଓ ରଙ୍ଗହୀନ ମନେହେଉଛି। ଏଠି ଅପର୍ଯ୍ୟାପ୍ତ ପଇସା ଅଛି, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ଭରଣା କରିବା ମଧ୍ୟରେ ବାପା ପୁଅ ଓ ମାଆ ଝିଅ ମଧ୍ୟରେ ଦୂରତା ବଢ଼ି ବଢ଼ି ଯାଉଛି। ନବ୍ୟ ଆଧୁନିକତାର ଭବ୍ୟ ଆକର୍ଷଣ ମଧ୍ୟରେ ଯୁବବର୍ଗ ସିନା ମସ୍‌ଗୁଲ ହୋଇ ଯୌବନର ଜୟଗାନରେ ମାତିଛନ୍ତି, ହେଲେ ପରିଣତ ବୟସର ବାର୍ଦ୍ଧକ୍ୟକୁ ନେଇ ବଞ୍ଚୁଥିବା ଲୋକଙ୍କ ପାଇଁ ଜୀବନ ଏକ ବୋଝ ପାଲଟିଯାଉଛି।

କେବଳ ଆମର ଏହି ବନ୍ଧୁ ନୁହନ୍ତି, ଅସତ୍ୟ ସହରର ଆଧୁନିକତାର ଅନ୍ଧ କୂପରେ ଛଟପଟ ହେଉଥିବା ପ୍ରତ୍ୟେକ ପରିଣତ ବୟସ୍କ ବହୁ ବର୍ଷ ତଳେ ଛାଡ଼ି ଆସିଥିବା ନିଜ ଗାଁର ମୁକ୍ତ ଆକାଶର ନିର୍ମଳ ସୂର୍ଯ୍ୟୋଦୟ ଆଉଥରେ ଦେଖିବାର ଆଶା ରଖୁଛନ୍ତି। ସରଳ, ନିଷ୍କପଟ ଅପାଠୁଆ ଗାଁ ପଡିଶାଙ୍କ ସହୃଦୟ ଆଚରଣ, ସମବୟସ୍କମାନଙ୍କ ସହ କେତୋଟି ଅନ୍ତରଙ୍ଗ ଅନାବିଳ ମୁହୂର୍ତ୍ତ, ଖୋଲା ଆକାଶ ତଳେ ଗାଁ ମେଲଣ ପଡିଆରେ ମୁକ୍ତବାୟୁ ସେବନ, ଗାଁ ପାଳଜମିର ସଜତୋଳା ପରିବାର ଲୋଭିଲା ଚେହେରା, ସାହୁବୁଢ଼ା ଦୋକାନର ନାଲି ଚା' ସାଙ୍ଗକୁ ଚାରଣିଆ ବରା ଓ ସର୍ବୋପରି ମୁହଁରେ ପାଏ ଓଜନର ଶସ୍ତା ପାଉଡର ମାଖି ଟୋକାଟିଏ ରାଣୀ ହେଉଥିବା ଗାଁ ଆଖଡାଶାଳର ପାର୍ବଣ ନାଟ। ଆଃ ! କି ଅପରୂପ ଅନୁଭବର ସଯତ୍ନ ସାଇତା ସତେଜ ସ୍ମୃତିସବୁ!!

ଅଥଚ ସମୟର ଦୁର୍ଭାଗ୍ୟ, ଚାଳିଶ ପଚାଶ ବର୍ଷ ତଳେ ଯେଉଁ ଗାଁକୁ ଛାଡ଼ି ଆମେସବୁ ସହରକୁ ଆସିଥିଲେ, ଏବେ ଫେରିଯାଇ ଯେତେ ଖୋଜିଲେ ବି ସେ ଗାଁ ଆଉ ମିଳିବାକୁ ନାହିଁ। ହାଫ୍ ପ୍ୟାଣ୍ଟ ପିନ୍ଧା ସ୍କୁଲ ଫେରନ୍ତା କିଶୋରଟି ଅଧାକଂସା ପଖାଳ ଓ ବଡିଚୂରାର ସେଇ ବିଭୋର ସ୍ମୃତିକୁ ବଡ଼ ହେଲାପରେ ଯେତେ ଖୋଜିଲେ ତାହା ଯେମିତି କେବେ ବି ମିଳେନାହିଁ। ସେମିତି ଆପଣାର ସୁକୁମାର ଶୈଶବ ଯେଉଁ ମାଟିର ବାସନାରେ ବିମୋହିତ ହୋଇଥିଲା, ସେଇ ଗାଁ ମାଟି ଏବେ ତାହାର ରଙ୍ଗ ହରାଇ ଅଚିହ୍ନା ଲାଗିଲାଣି। ଏଠି ତ ସହରର କଳାଧୂଆଁ ନାହିଁ କି ଗାଡ଼ିମୋଟରର ଗୁରୁଗର୍ଜନ ନାହିଁ। ଉଦ୍ଦଣ୍ଡ ସହରୀ ଟୋକାଙ୍କ ଉତ୍ପାତ ନାହିଁ କି ଆଧୁନିକତାର ଅଶୋଭନୀୟ ଆକର୍ଷଣ ନାହିଁ। ତଥାପି ଏଠି ବିଷାକ୍ତ ବଳୟ ମଧ୍ୟରେ ମାନବୀୟ ସତ୍ତା ଶ୍ୱାସରୁଦ୍ଧ ହୋଇଯାଉଛି କାହିଁକି। କାହିଁକି ଏ ପରିବର୍ତ୍ତନ। ତେବେ କ'ଣ ସହର ଓ ଗାଁ ମଧ୍ୟରେ ବିଶେଷ କିଛି ପ୍ରଭେଦ ନାହିଁ। ସବୁଠି କ'ଣ ଆଧୁନିକତାର ମୁଖଶାଳା ମଧ୍ୟରେ ଅସଭ୍ୟତାର ତାଣ୍ଡବ ଲୀଳା।

ସର୍ବଦା ଶାନ୍ତି ଓ ସଦିଚ୍ଛା ମଧ୍ୟରେ ବସବାସ କରୁଥିବା ଗାଁ ଲୋକେ ପୂର୍ବରୁ କଦବା କେମିତି ଯଦି ପରସ୍ପର ମଧ୍ୟରେ ଝଗଡ଼ା ଲାଗୁଥିଲେ, ତେବେ ଗାଁ ବା ପଞ୍ଚାୟତ ସ୍ତରରେ ତାହାର ନିଷ୍ପତ୍ତି ହେଉଥିଲା ଓ ଝଲକାଏ ବିଜୁଳି ଚମକିଲା ପରି ସେହି ସାମୟିକ ମନୋମାଳିନ୍ୟ ଅପସରି ଯାଇ ପୁଣି ଶାନ୍ତିର ବାତାବରଣ ବିରାଜମାନ କରୁଥିଲା। ମାତ୍ର ଏବେ ସାମାନ୍ୟ ସ୍ୱାର୍ଥ ପାଇଁ ଦଳଗତ ରାଜନୀତିର ପଶାକାଠିରେ ଛନ୍ଦିହୋଇ ପରସ୍ପର ମଧ୍ୟରେ ବିଦ୍ୱେଷ ଏତେ ହୀନସ୍ତରକୁ ଯାଉଛି ଯେ, ତାହା ଶେଷ ହେଉଛି କେଉଁଠି ଖଣ୍ଡା, ଭୁଜାଲି, ବନ୍ଧୁକ ବା ମୋବାମାଡ଼ରେ କାହାର ଜୀବନ ନେବାରେ ବା ନିଜ ଜୀବନ ଦେବାରେ। ଗୋଟିଏ ପରିବାର ମଧ୍ୟରେ ଶଙ୍ଖ, ପଦ୍ମ ବା ହାତ ଭଳି ପ୍ରତୀକର ପରିଚୟ ଭିତ୍ତିରେ ଚୁଲି ଅଲଗା ହୋଇଯାଉଛି ତ ଘର ମଧ୍ୟରେ ପାଚେରି ଉଠୁଛି। କୋର୍ଟ କଚେରିକୁ ଦୌଡ଼ି ଦୌଡ଼ି ଜୀବନ ସରିଯାଉଛି ସିନା, ବିବାଦ ଛିଡୁନାହିଁ।

ଆଧ୍ୟାତ୍ମିକ ଚେତନାର ଜାଗରଣକୁ ଜୀବନର ମୂଳ ଲକ୍ଷ୍ୟ ବୋଲି ବିଚାରୁଥିବା ବୟସ୍କ ଗୁରବିମାନେ ପୂର୍ବ ଭଳି ଭାଗବତ ଟୁଙ୍ଗିରେ ଭଗବତ୍ ଚର୍ଚ୍ଚା କରି ନିଜ ସମୟ ଅପଚୟ କରିବାକୁ ଆଉ ଉଚିତ ମଣୁନାହାନ୍ତି। ବରଂ ସେହି ସମୟରେ ବିଧାୟକ ବା ସାଂସଦଙ୍କ ପାଣ୍ଠିରେ ନବୀକରଣ ହୋଇଥିବା ପୁରୁଣା ଟୁଙ୍ଗି ଘରେ ସରଗରମ ଆଲୋଚନା ହେଉଛି କେଉଁଠି ଗାଁ ରାସ୍ତା ତିଆରି ପାଇଁ ଆସିଥିବା ଟଙ୍କାରୁ କାହାର ଭାଗ କେତେ ସମ୍ପର୍କରେ ଅବା ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀ ଦଳର ପଡୋଶୀଙ୍କ ପକ୍ଷଚ୍ଛେଦନ କରିବାର ରଣନୀତି ସମ୍ପର୍କରେ।

ଗ୍ରାମ୍ୟ ଜୀବନର ଏହି ବିକାଶ ପଥରେ ଗାଁର ନବ ଯୁବକମାନେ ପଛରେ ପଡିନାହାନ୍ତି। ଚାଳିଶ ପଚାଶ ବର୍ଷ ତଳେ ଗାଁର କେହି ସମୃଦ୍ଧ ଲୋକଙ୍କର ଘରେ ସାଇକେଲଟିଏ ବା ରେଡିଓଟିଏ ଥିବା ଥିଲା ତାଙ୍କ ସମ୍ଭ୍ରାନ୍ତପଣର ଏକମାତ୍ର ପରିଚୟ। ପ୍ରତି କୋଡ଼ିଏ ଘର ମଧ୍ୟରୁ ଗୋଟିଏ ଘର ହିଁ ଥିଲା ଏମିତି, ଯାହାଙ୍କର ଏ ଦୁଇଟି ଚିଜ ଥିବାର ଗୌରବ ପାଇଁ ଅନ୍ୟମାନଙ୍କଠୁ ସେ ସମ୍ମାନର ହକ୍‌ଦାର ହେଉଥିଲେ। ଏବେ ପ୍ରତି ଘରେ ଘରେ ଭିନ୍ନ କିସମର ଦୁଇଟିରୁ ଊର୍ଦ୍ଧ୍ୱ ମୋଟର ବାଇକ୍। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗାଁର ମାଟି କାଦୁଅର ରାସ୍ତା ନିଜର ଚେହେରା ବଦଳାଇ ସାରିଥିଲା ବେଳେ ତା' ଉପରେ ଘଡିକୁ ଘଡି ଛୁଟି ଚାଲିଛନ୍ତି ମାଳ ମାଳ ମୋଟର ବାଇକ୍। ପୁଣି ଉଚ୍ଚଶିକ୍ଷାର ବିକାଶ ମଧ୍ୟରେ ଗାଁଗୁଡିକରେ ଗଢି ଉଠିଥିବା କଲେଜମାନଙ୍କରୁ ପ୍ରତିବର୍ଷ ବାହାରି ପଡୁଛନ୍ତି ଶହ ଶହ ଗ୍ରାଜୁଏଟ୍, ଯେଉଁମାନେ କଲେଜ ନିର୍ବାଚନରେ ଭାଗନେଇ ନେତୃତ୍ୱର ସ୍ୱାଦ ଚାଖୁଛନ୍ତି, ରାଜଧାନୀକୁ ଆସି ମାସିକ ପାଞ୍ଚ ଛଅ ହଜାର ଟଙ୍କିଆ ଚାକିରି କରିବାକୁ ନିଜର ଭାଗ୍ୟ ମଣୁଛନ୍ତି ଅଥବା ବ୍ୟାଙ୍କରୁ ବେକାରି ଲୋନ୍ ଆଣି ବ୍ୟବସାୟ କରୁଛନ୍ତି ସିନା ମାତ୍ର ବାପାଙ୍କ ସହ କୃଷିଖେତକୁ ଯାଇ ଚାଷ କରିବାକୁ ନିଜ ମର୍ଯ୍ୟାଦାର ପରିପନ୍ଥୀ ବୋଲି ବିଚାରୁଛନ୍ତି।

କଲେଜ ପଢ଼ା ଶେଷକରି ଘରକୁ ଫେରି ଆସିଥିବା ଗ୍ରାମ୍ୟ ଯୁବକଟି ଆଖି ଆଗରେ ବେକାରିର ଭୟଙ୍କର କଳାରୂପ ଦେଖି ଆଉ ଡରିଯାଉନି। ବରଂ ସେମାନଙ୍କ ଅଞ୍ଚଳର ରାଜନେତାଙ୍କ ଛତ୍ରଛାୟା ତଳେ ନିଜ ମାଂସପେଶୀୟ ଶକ୍ତି ବିନିମୟରେ ବିନା ପୁଞ୍ଜିରେ ଅର୍ଥ ରୋଜଗାର କରିବାର ପନ୍ଥା ନିର୍ଦ୍ଧାରଣ କରି ମା'ବାପାଙ୍କର ଯୋଗ୍ୟ ପୁଅ ହୋଇପାରୁଛି। ଏ ସବୁ ବାହାରେ ଆଉ କିଛି ହତଭାଗ୍ୟ ନିଷ୍କର୍ମା ଯୁବକ ନିଜ ଅସାମର୍ଥ୍ୟର ଅଭିଶାପକୁ ଭୁଲିଯିବା ପାଇଁ ମଦ ଗଞ୍ଜେଇର ସାହାଯ୍ୟ ନେଉଛନ୍ତି ଓ ଏହାର ଖର୍ଚ୍ଚ ଭରଣା କରିବା ପାଇଁ ଉଭୟ ଘରେ ଓ ବାହାରେ ଛୋଟବଡ଼ ଅପରାଧ କରି ଆଖପାଖ ଅଞ୍ଚଳରେ ବେଶ୍ ନାଁ କମାଉଛନ୍ତି।

ଗାଁ ମୁଣ୍ଡ ବରଗଛ ମୂଳରେ ପୂର୍ବରୁ ଥିବା ସାହୁ ବୁଢ଼ାର ବରା ଗୁଲୁଗୁଲା ଦୋକାନଟି କେବେଠାରୁ ବିକାଶର ବଳିଷ୍ଠ ଆଲିଙ୍ଗନରେ ପେଷିହୋଇ ନିଜର ସତ୍ତା ହରାଇ ବସିଲାଣି। ବଦଳରେ ସେଠି ମୁଣ୍ଡ ଟେକିଛି ଏକ ଛୋଟକାଟର ବଜାର। ପ୍ରାୟ ତିରିଶରୁ ଊର୍ଦ୍ଧ୍ୱ ଛୋଟବଡ଼ ଦୋକାନ ସାଙ୍ଗକୁ ପ୍ରତିଦିନ ସନ୍ଧ୍ୟାରେ ବସୁଥିବା ପରିବା ଓ ମାଛ ଦୋକାନଗୁଡିକରେ କିଣାବିକାର କୋଳାହଳ ମଧ୍ୟରେ ଗାଁର ନିଶୂନ ନିଃଶବ୍ଦତା ସତ୍ତା ହରାଇ ବସିଲେଣି। ପିଲାଠୁ ବୁଢାଙ୍କ ଯାଏ ସମସ୍ତଙ୍କ ପାଇଁ ଏ ବଜାରଟି ଯେମିତି ଏକ ଚିତ୍ତ ବିନୋଦନ କେନ୍ଦ୍ର। ଏହାର କୋଳାହଳ ଯେମିତି ବ୍ୟସ୍ତ ଜୀବନର ଉତ୍ତାଳ ସଙ୍ଗୀତ।

ପୂର୍ବରୁ ବର୍ଷରେ ଚାରି ପାଞ୍ଚଥର ପାଲା, ଦାସକାଠିଆ, ଅପେରା ବା ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଥିଲା ଗାଁ ଲୋକଙ୍କ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ। ମାତ୍ର ଏବେ ସହରରୁ ସଂକ୍ରମିତ ହୋଇ ଆସିଥିବା ସ୍ମାର୍ଟଫୋନ ଓ ତହିଁରୁ ଉପଲବ୍ଧ ଇଣ୍ଟରନେଟ ଆବାଳବୃଦ୍ଧବନିତାଙ୍କ ମନ କିଣିନେଇଛି। ଅଙ୍ଗୁଳି ଟିପରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପହଞ୍ଚିଯାଉଛି ଗାଁର ବୁଢ଼ାବୁଢ଼ୀ, ଯୁବତୀଯୁବକ, ତରୁଣୀତରୁଣ, ଏପରି କି ପ୍ରାଥମିକ ବିଦ୍ୟାଳୟ ଛାଡି ନ ଥିବା କୋମଳମତି ବାଳିକାବାଳକଙ୍କ ପାଖରେ। ଏଥିପାଇଁ ବେଳେବେଳେ ଅପ୍ରତ୍ୟାଶିତ ପରିଣାମ ବି ଦେଖିବାକୁ ମିଳୁଛି। କେଉଁଠି ଦୁଇ ଯୁବତୀଯୁବକ ଅକସ୍ମାତ ଗାଁରୁ ଉଭାନ ହୋଇଗଲେଣି ତ ଅନ୍ୟ କେଉଁଠି ହାଇସ୍କୁଲରେ ପଢୁଥିବା କୁମାରୀଟିଏ ଗର୍ଭବତୀ ହେଲାଣି।

ଏ ସବୁ ହେଲା ସାମ୍ପ୍ରତିକ ଗ୍ରାମ୍ୟ ଜୀବନର ଏକ ସାଙ୍କେତିକ ଚିତ୍ରପଟ। ସହରରେ ଅଶାନ୍ତିର ଉଦ୍‌ବେଳନରେ ଅତିଷ୍ଠ ହୋଇ ଗାଁରେ ଆଶ୍ରୟ ଲୋଡୁଥିବା ଲୋକଟି ଯଦି ଦେଖେ ଯେ ସେ ଯେଉଁ ବିଷକୁ ଡରି ଅମୃତ ସନ୍ଧାନରେ ଏଠାକୁ ଆସିଥିଲା, ସେହି ବିଷର ପ୍ରଭାବରେ ଏଠି ମଧ୍ୟ ସବୁକିଛି ଝାଉଁଳି ପଡିଛି, ସେ ଯିବ କେଉଁଠାକୁ। ଆଶ୍ରୟ ଲୋଡିବ କେଉଁଠି। କିଏ ଦେବ ତାକୁ ଏକ ନିରାପଦ, ଶାନ୍ତିମୟ ଆବାସର ଠିକଣା।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣୀ,
ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ଆଚରଣ ପରିବର୍ତ୍ତନକାରୀ

ବ୍ୟକ୍ତିତ୍ୱ



ସେନ୍ଥିଲ ମୁଲ୍ଲାଇନାଥନ୍

ଇନ୍‌ଫୋସିସ୍ ସାଇନ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍) ପକ୍ଷରୁ ପ୍ରତିବର୍ଷ ଗବେଷକ, ବୈଜ୍ଞାନିକ, ସମାଜ ବିଜ୍ଞାନୀ ଏବଂ ଇଞ୍ଜିନିୟରମାନଙ୍କୁ ୬ଟି ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଆସୁଛି। ୨୦୧୮ ସକାଶେ ଇଞ୍ଜିନିୟରିଂ ଆଣ୍ଡ୍ କମ୍ପ୍ୟୁଟର ସାଇନ୍ସ ପାଇଁ ନବକାନ୍ତ ଭଟ୍ଟ, ମାନବବାଦ ସମ୍ବନ୍ଧୀୟ ଅଧ୍ୟୟନ ଲାଗି କବିତା ସିଂ, ଜୀବ ବିଜ୍ଞାନ ନିମନ୍ତେ ରୂପ ମଲିକ୍, ଗାଣିତିକ ବିଜ୍ଞାନ ଲାଗି ନଳିନୀ ଅନନ୍ତରାମନ୍, ଫିଜିକାଲ ସାଇନ୍ସ ପାଇଁ ଏସ୍.କେ. ସଥିଶ ଏବଂ ସେନ୍ଥିଲ ମୁଲ୍ଲାଇନାଥନ୍‌ଙ୍କୁ ସମାଜ ବିଜ୍ଞାନ ଲାଗି ବିଜେତା ଘୋଷିତ ହୋଇଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତିରେ ମଣିଷ ଆଚରଣରେ ଦେଖାଦେଉଥିବା ପରିବର୍ତ୍ତନ ବିଶ୍ୱବ୍ୟାପୀ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ସେହି ଦୃଷ୍ଟିରୁ ଦେଖିଲେ ମୁଲ୍ଲାଇନାଥନ୍‌ଙ୍କ ଏ ଦିଗରେ ନିରନ୍ତର ପରୀକ୍ଷାନିରୀକ୍ଷା ନୂଆ ଦିଗ୍‌ଦର୍ଶନ ଦେଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

୧୯୭୩ରେ ଭାରତରେ ଜନ୍ମିତ ମୁଲ୍ଲାଇନାଥନ୍ ୧୯୮୦ରେ ଆମେରିକାର ଲସ୍ ଏଞ୍ଜେଲ୍‌ସକୁ ଚାଲିଯାଇଥିଲେ। ୧୯୯୩ରେ କର୍ନେଲ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସ, ମାଥ୍‌ମେଟିକ୍ସ ଏବଂ ଇକନୋମିକ୍ସରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୯୮ରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ପିଏଚ୍.ଡି. କରିଥିଲେ। ଏବେ ସେ ଶିକାଗୋ ବିଶ୍ୱବିଦ୍ୟାଳୟ ଅଧୀନ ବୁଥ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ରେ ପ୍ରଫେସର ଭାବେ କାର୍ଯ୍ୟରତ। ଏହା ପୂର୍ବରୁ ଏମ୍‌ଆଇଟିରେ ୬ ବର୍ଷ ଅଧ୍ୟାପନା କରିବା ପରେ ସେ ହାର୍ଭାର୍ଡରେ ଯୋଗ ଦେଇଥିଲେ। ମୁଲ୍ଲାଇନାଥନ୍‌ଙ୍କ ଗବେଷଣା ମଣିଷର ଆଚରଣ ସମ୍ବନ୍ଧୀୟ ଅର୍ଥନୀତି ବା ବିହେଭିରାଲ୍ ଇକ୍‌ନୋମିକ୍ସ ବିଷୟବସ୍ତୁ ଉପରେ ଆଧାରିତ ନୂତନ ଥିଓରି ଦେବାରେ ସଫଳ ହୋଇଛି। ପକ୍ଷପାତ, ଦୁର୍ନୀତି ଏବଂ କମ୍ପାନୀ ଶାସନରେ ଦେଖା ଦେଉଥିବା ଅବ୍ୟବସ୍ଥାର କାରଣ ଓ ନିରାକରଣ ନେଇ ସେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଚାଲିଛନ୍ତି। ୨୦୧୩ରେ 'ପୋଭର୍ଟି ଇମ୍ପେଡ୍‌ସ କଗ୍‌ନିଟିଭ୍ ଫଙ୍କସନ୍' ସମ୍ପର୍କିତ ଗବେଷଣାଧର୍ମୀ ଲେଖାରେ ସେ ଦାରିଦ୍ର୍ୟ କିପରି ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେବା ସହିତ ବୋଧଶକ୍ତି ବିକାଶରେ ବାଧକ ସାଜିପାରେ ତାହା ଉପରେ ମାର୍ମିକ ଆଲୋଚନା କରିଛନ୍ତି। କାରଣ ମଣିଷ ଦାରିଦ୍ର୍ୟ ଦେଇ ଗତି କଲେ ସର୍ବଦା ସେ ଚାପରେ ପଡ଼ି ରହେ। ଫଳରେ ତା'ର ମାନସିକ ଅସ୍ଥିରତା ବଢ଼ିଯାଇଥାଏ। ସେହିପରି ୨୦୦୭ରେ ସେ ଦିଲ୍ଲୀରେ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଲୋକେ କିଭଳି ଲାଞ୍ଚ ଦେଉଛନ୍ତି, ତାହା ଉପରେ ଅଧ୍ୟୟନ କରିଥିଲେ। କେତେ ଜଣଙ୍କୁ ଛାଡ଼ିଦେଲେ ଚାଳକ ହେବାକୁ ଚାହୁଁଥିବା ବ୍ୟକ୍ତି ଧାର୍ଯ୍ୟ ଦରଠାରୁ ଦୁଇଗୁଣା ଲାଞ୍ଚ ଦେଉଥିବା ସେ ଜାଣିବାକୁ ପାଇଥିଲେ। ଗାଡ଼ିଚାଳନା କ୍ଷେତ୍ରରେ ଅନଭିଜ୍ଞଙ୍କୁ ଆଇନଗତ ପ୍ରମାଣପତ୍ର ମିଳିଯାଉଥିବାରୁ ତାହା ବେପରୁଆ ଗାଡ଼ି ଚାଳନାକୁ ପ୍ରୋତ୍ସାହନ ଦେଉଛି ବୋଲି କହିଛନ୍ତି। ଏଥିସହିତ ନାଗରିକଙ୍କଠାରୁ ଅମଲାତନ୍ତ୍ରୀଙ୍କ ପାଖକୁ ଡ୍ରାଇଭିଂ ଲାଇସେନ୍ସ ସକାଶେ କେବଳ ଯେ ଅର୍ଥ ଯାଉଛି ତାହା ନୁହେଁ, ମଣିଷର ଆଚରଣରେ ଅସ୍ୱାଭାବିକତା ଦେଖାଦେଉଛି। ଏପରିକି କେତେକଙ୍କ ଏଭଳି ବ୍ୟବହାର ଡ୍ରାଇଭିଂ ଲାଇସେନ୍ସ ଆବଣ୍ଟନ କ୍ଷେତ୍ରରେ ଘୋର ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ମୁଲ୍ଲାଇନାଥନ୍ ତଥ୍ୟ ଉପସ୍ଥାପନ କରିଛନ୍ତି। ଅନୁରୂପ ଭାବେ ୨୦୦୪ରେ ଶ୍ରମ ବଜାରରେ ଦେଖାଦେଉଥିବା ପକ୍ଷପାତ ଯୋଗୁ ଅର୍ଥନୀତି କିଭଳି ପ୍ରଭାବିତ ହେଉଛି, ତାହା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ସମୟରେ ତାଙ୍କ ଗବେଷଣାଲବ୍ଧ ତଥ୍ୟ ମଣିଷର ଆଚରଣ ଓ ବ୍ୟବହାରରେ କିଭଳି ତତ୍‌କ୍ଷଣାତ୍ ପରିବର୍ତ୍ତନ ଆଣିପାରିବ, ସେହି ଦିଗରେ ସେ ଧାବମାନ ହେଉଥିବାରୁ ତାଙ୍କୁ ବିଭିନ୍ନ ସଙ୍ଗଠନ, ବିଶ୍ୱବିଦ୍ୟାଳୟରୁ ସମ୍ମାନ ଓ ପୁରସ୍କାର ମିଳିଛି। ତେବେ ଇନ୍‌ଫୋସିସ୍ ସାଇନ୍ସ ଫାଉଣ୍ଡେଶନ ପକ୍ଷରୁ ସଦ୍ୟ ଘୋଷିତ ପୁରସ୍କାର ତାଙ୍କ ଗବେଷଣା କ୍ଷେତ୍ରକୁ ଅଧିକ ପରିବ୍ୟାପ୍ତ କରିବ ବୋଲି ସେ କହିଛନ୍ତି।

-ଜିତେନ୍ଦ୍ର

## ଏଇ ଭାରତରେ

କ୍ରୋଧ ପରମ ଶତ୍ରୁ। କ୍ରୋଧୀ ବ୍ୟକ୍ତି ଅନ୍ୟର କ୍ଷତି ଘଟାଇବା ସହିତ ନିଜର ମଧ୍ୟ କ୍ଷତି କରିଥାଆନ୍ତି। ୩୨ବର୍ଷ ବୟସର ଜଣେ ବ୍ୟକ୍ତି ତାଙ୍କ ଭାଇଙ୍କ ସହିତ କଳି କରି ନିଜ ଶିଶୁକନ୍ୟାଙ୍କୁ ହତ୍ୟାକରିବା ଭଳି ଏକ ବିରଳ ଘଟଣା ରାଜସ୍ଥାନରେ ଘଟିଛି। ଏହି ରାଜ୍ୟର ଝଲୱାର ଜିଲାର ମହାରାଜପୁର ଗାଁର ବାସିନ୍ଦା ପ୍ରକାଶ ଏକ ଘରୋଇ ସମସ୍ୟାକୁ କେନ୍ଦ୍ରକରି ତାଙ୍କ ଭାଇ ଭିଲ୍‌ଙ୍କ ସହ କଳି କରିଥିଲେ। କଳହ ତୀବ୍ରରୂପ ଧାରଣ କରିବାରୁ କ୍ରୋଧବଶତଃ ଭିଲ୍ ଘରେ ଶୋଇଥିବା ତାଙ୍କ ୩ ମାସର ଶିଶୁକନ୍ୟାକୁ ଉଠାଇ ଆଣି ପାଣିଭର୍ତ୍ତି କୂଅକୁ ଫିଙ୍ଗି ଦେଇଥିଲେ। ତାଙ୍କ ସ୍ତ୍ରୀ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। କଳହ କରି ପ୍ରଚଣ୍ଡ କ୍ରୋଧର ପରିଣାମ ସ୍ୱରୂପ ନିଜ ଶିଶୁକନ୍ୟାକୁ ଭିଲ୍ ସବୁଦିନ ପାଇଁ ହରାଇ ଦେଇଛନ୍ତି। ଏହି ଘଟଣା ଅନ୍ୟମାନଙ୍କ ପାଇଁ ଏକ ସତର୍କ ଘଣ୍ଟି ସଦୃଶ।

### ଚିରନ୍ତନୀ

ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା ମିଳାଇ ଗଲା କନୁ।
(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୯୩

- ଶକ୍ତିବିନିମୟକ୍ଷେତ୍ରରେପାରସ୍ପରିକସହଯୋଗକୁସୁଦୃଢ଼କରିବା ପାଇଁ ଭାରତ ଏବଂ ବ୍ରିଟେନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।
- ମହାକାଶ ଗବେଷଣାର ଶାନ୍ତିପୂର୍ଣ୍ଣ ବିନିଯୋଗ କ୍ଷେତ୍ରରେ ସହଯୋଗ ଲାଗି ଇସ୍ରୋ ଓ ଫ୍ରାନ୍ସର ମହାକାଶ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | C | E | | B | | | | 2 | | | | | |
| | 0 | 2 | | | 6 | | 4 | | B | | | | | |
| | | B | | 8 | 7 | 5 | | A | | D | E | | | |
| 7 | | 1 | | | | | | 6 | | 0 | 9 | | | |
| | | 5 | C | | | 9 | | | 8 | | | | 3 | 6 |
| | | | | 9 | | | 8 | 2 | | | | | 1 | |
| | A | | D | | | 4 | 3 | | | | | | 8 | |
| 1 | | | | | C | | E | 0 | | B | 5 | | | |
| | | 7 | | | | | 9 | C | | 3 | | | | A |
| | | D | 3 | 2 | | | | | | E | | B | 9 | |
| 0 | | | | | | B | 7 | D | | 4 | | | | E |
| | | | B | 6 | 9 | | | | 3 | 1 | | | | 4 |
| | 8 | | 0 | | 3 | | | | 6 | | | | | D |
| | | E | | | 2 | | | | | | A | | | |
| | C | | 1 | | 5 | A | 0 | | | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | C | E | 5 | 3 | 4 | 1 | 8 | D | 6 | 2 | 9 | 7 | B |
| 6 | 3 | 7 | 4 | 9 | 8 | 2 | D | 0 | 1 | C | B | A | E | 5 |
| E | B | 5 | 1 | 2 | 0 | 9 | A | 7 | 8 | 4 | 3 | C | D | 6 |
| 4 | 9 | 1 | C | D | 6 | 3 | B | 5 | 7 | A | E | 2 | 0 | 8 |
| 8 | 2 | D | B | 7 | A | C | E | 6 | 9 | 0 | 5 | 1 | 3 | 4 |
| 7 | 1 | 4 | A | 0 | C | B | 3 | 2 | E | 8 | 6 | 5 | 9 | D |
| 2 | C | 8 | 3 | 6 | 4 | A | 5 | E | B | D | 9 | 7 | 1 | 0 |
| A | 6 | 0 | 9 | B | 1 | 8 | 7 | D | 2 | 5 | C | E | 4 | 3 |
| D | E | B | 7 | 8 | 5 | 0 | 9 | C | 3 | 1 | 4 | 6 | 2 | A |
| 3 | 5 | 9 | D | E | 2 | 6 | 4 | 1 | A | 7 | 0 | B | 8 | C |
| 1 | 8 | 2 | 5 | A | B | D | C | 9 | 4 | 3 | 7 | 0 | 6 | E |
| 5 | D | A | 0 | C | 9 | 7 | 8 | 3 | 6 | E | 1 | 4 | B | 2 |
| B | 0 | 6 | 8 | 4 | 7 | E | 2 | A | 5 | 9 | D | 3 | C | 1 |
| 9 | 4 | 3 | 6 | 1 | E | 5 | 0 | B | C | 2 | 8 | D | A | 7 |
| C | 7 | E | 2 | 3 | D | 1 | 6 | 4 | 0 | B | A | 8 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାଷ୍ଟିଂ କାଉଚ୍

ମହାଶୟ,

ହଲିଉଡ୍‌ଠାରୁ ଆରମ୍ଭ କରି ବଲିଉଡ୍ ଓ ଓଲିଉଡ୍ ପର୍ଯ୍ୟନ୍ତ ଫିଲ୍ମ ଦୁନିଆରେ କାଷ୍ଟିଂ କାଉଚ୍ କିଛି ନୂଆକଥା ନୁହେଁ। ତେବେ ଏହା ଆଗରୁ ପ୍ରକାଶ ପାଉ ନ ଥିଲା, ଏବେ ମିଟୂ ଅଭିଯାନ ଯୋଗୁ ଏହା ଲୋକଲୋଚନକୁ ଆସୁଛି। ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଖବର ପ୍ରକାଶ ପାଇବା ପରେ ରାତାରାତି ହିରୋଇନ୍ ହେବା ଲାଗି ସ୍ୱପ୍ନ ଦେଖୁଥିବା କେତେଜଣ ଯୁବତୀ ସାମୟିକ ହତୋତ୍ସାହ ହୋଇପଡିଥିଲେ। ବର୍ତ୍ତମାନ ଟିଭି ଚ୍ୟାନେଲରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ ସେହି ସଂସ୍ଥାର ଦୁଇଜଣ ଉଚ୍ଚ ପଦାଧିକାରୀଙ୍କ ବିରୋଧରେ କାଷ୍ଟିଂ କାଉଚ୍ ଅଭିଯୋଗରେ ପୋଲିସରେ ମାମଲା ଦାଏର କରିବା ଘଟଣା ଚର୍ଚ୍ଚା ପରିସରକୁ ଆସିଛି। ଏପରି ବହୁତ ଘଟଣା ସମାଜରେ ଘଟୁଥିଲେ ମଧ୍ୟ ଲୋକଲଜ୍ଜା ଦୃଷ୍ଟିରୁ ଏ ସବୁ ପଦାକୁ ବାହାରେ ନାହିଁ, ଯାହା ପୀଡିତା ପ୍ରତି ବୁମରାଂ ହେବାର ଆଶଙ୍କା ଥାଏ । କେତେଦିନ ଆଉ ନାରୀ ସମାଜରେ ନିର୍ଯାତିତ ହେବେ, ଏହାର କ'ଣ ସମାପ୍ତି ନାହିଁ ?

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ପୂଜ୍ୟପୂଜାରେ ବ୍ୟତିକ୍ରମ

ମଣିମଣ୍ଡଳୀ ଶାସନ ଗ୍ରାମ ଶ୍ରୀରାମଚନ୍ଦ୍ରପୁରରେ ଓକିଲ ହରିହର ଦାଶ, ଡିପୋଟି ତଥା ଲେଖକ ଗୋବିନ୍ଦ ତ୍ରିପାଠୀ, ଲିଙ୍ଗରାଜ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଆଚାର୍ଯ୍ୟ ହରିହର ଦାଶ ତଥା ପ୍ରଚାରକ ଅନନ୍ତ ମିଶ୍ର ପ୍ରମୁଖ ବରପୁତ୍ରଗଣ ଜନ୍ମଗ୍ରହଣ କରି ଏହି ଗ୍ରାମର ମୁଖଶ୍ରୀ ଉଜ୍ଜ୍ୱଳ କରିଥିଲେ। ସେମାନଙ୍କର ଜୟନ୍ତୀ ଉତ୍ସବ ତଥା ଶ୍ରାଦ୍ଧଦିବସ ପାଳିତ ହୋଇଥାଏ। ମାତ୍ର ପ୍ରଚାରକ ଅନନ୍ତ ମିଶ୍ରଙ୍କ ନାମ ବୋଧହୁଏ ସତ୍ୟବାଦୀ ଇତିହାସ ପୃଷ୍ଠାରେ ନାହିଁ। ଦୁଃଖର କଥା, ତାଙ୍କ ନାମରେ ଥିବା ଅନନ୍ତ ପାଠାଗାରର ନାମ ବାଦ୍ ଦିଆଯାଇ ସେଠାରେ ଆଚାର୍ଯ୍ୟ ଯୁବ ପରିଷଦ ପଞ୍ଜୀକୃତ ହୋଇଛି। ପୂଜ୍ୟପୂଜାରେ ବ୍ୟତିକ୍ରମ ଭଲ ଲକ୍ଷଣ କି ? ଏ କଥା ସଂସ୍କୃତି ବିଭାଗ, ଓଡିଆ ସାହିତ୍ୟ ଏକାଡେମୀର ବିଜ୍ଞମାନେ ଭାବିବା ଉଚିତ। ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ତାଙ୍କ ଜନ୍ମିତ ଘର ସମ୍ମୁଖରେ ହେଉ।

ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଆଜି ଏମ୍ସ ପିଜି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ):** ଏମ୍ସ ସ୍ନାତକୋତ୍ତର(ପିଜି) ପ୍ରବେଶିକା ପରୀକ୍ଷା ରବିବାର ସାରା ଦେଶରେ ଅନୁଷ୍ଠିତ ହେବ। ଦେଶରେ ଥିବା ଏମ୍ସ ଶିକ୍ଷାନୁଷ୍ଠାନଗୁଡିକରେ ମାଷ୍ଟର ଅଫ୍ ସର୍ଜରି(ଏମ୍ଏସ୍), ଡକ୍ଟର ଅଫ୍ ମେଡିସିନ(ଏମ୍ଡି) ଏବଂ ମାଷ୍ଟର ଅଫ୍ ଡେଣ୍ଟାଲ ସର୍ଜରି(ଏମ୍ଡିଏସ୍) ବିଭାଗରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଦିଲ୍ଲୀ ଏମ୍ସ ପରୀକ୍ଷା ପରିଚାଳନା କରୁଛି। ପରୀକ୍ଷା ଦୁଇଟି ସିଟିଂରେ ଅନୁଷ୍ଠିତ ହେବ। ପ୍ରଥମ ସିଟିଂରେ ମେଡିକାଲ ପାଠ୍ୟକ୍ରମ ପାଇଁ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଦ୍ୱିତୀୟ ସିଟିଂରେ ଡେଣ୍ଟାଲ ପାଠ୍ୟକ୍ରମ ପାଇଁ ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ୨୫ ରାଜ୍ୟର ୬୮ ସହରରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତି ସହରରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର କରାଯାଇଛି। ଦିଲ୍ଲୀ, ହରିୟାଣା, ଗୋଆ ଏବଂ ମହାରାଷ୍ଟ୍ର ପରି ଓଡ଼ିଶାର ଭୁବନେଶ୍ୱରରେ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା ଅନ୍‌ଲାଇନରେ ହେବାକୁ ଥିବାବେଳେ ପରୀକ୍ଷାର୍ଥୀ ୨୦୦ଟି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ରଖିବେ। ପରୀକ୍ଷାଫଳ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ। ର୍ୟାଙ୍କ ପାଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ନଭେମ୍ବର ୩୦ରେ ପ୍ରଥମ ପର୍ଯ୍ୟାୟ କାଉନ୍‌ସେଲିଂ ହେବ। ଡିସେମ୍ବର ୬ରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଡିସେମ୍ବର ୧୪ରେ ତୃତୀୟ ପର୍ଯ୍ୟାୟ କାଉନସେଲିଂ ଅନୁଷ୍ଠିତ ହେବ। ନାମଲେଖା ପ୍ରକ୍ରିୟା ସରିବା ପରେ ଯଦି ସିଟ୍ ବଳକା ପଡ଼େ ତେବେ ସେସବୁ ପୂରଣ ପାଇଁ ଫେବୃୟାରୀ ୨୨ରେ ସ୍ପଟ୍ ଆଡ୍‌ମିଶନ କରାଯିବ ବୋଲି ଦିଲ୍ଲୀ ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଗାଁରେ ମିଳିବ ବିଶୁଦ୍ଧ ପାନୀୟ ଜଳ



ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବସୁଧା'ର ଲୋଗୋ, ଟୋଲ୍ ଫ୍ରି ନମ୍ବର ଶୁଭାରମ୍ଭ କରୁଛନ୍ତି।

## ବସୁଧା ଯୋଜନାର ଲୋଗୋ, ଟୋଲ୍ ଫ୍ରି ନମ୍ବରର ଶୁଭାରମ୍ଭ

- ସାରା ରାଜ୍ୟରେ ୭୮ ପରୀକ୍ଷାଗାର
- ତୁରନ୍ତ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବକ୍ସି ଜଗବନ୍ଧୁ ଆସ୍ୟୁରର୍ଡ ଡ୍ରିଙ୍କିଙ୍ଗ୍ ୱାଟର ଟୁ ଅଲ୍ ହାବିଟେଶନ୍ସ(ବସୁଧା)ର ଲୋଗୋ ଉନ୍ମୋଚନ ସହ ଟୋଲ୍ ଫ୍ରି ନମ୍ବରର ଶୁଭାରମ୍ଭ କରିଛନ୍ତି। ସଚିବାଳୟର ତୃତୀୟ ମହଲାସ୍ଥିତ ସମ୍ମିଳନୀ କକ୍ଷରେ ଶନିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ଏହି ଯୋଜନାର ପ୍ରାଥମିକତା।

ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବସୁଧା ସମ୍ପର୍କିତ ସମସ୍ତ ଅଭିଯୋଗ ଶୁଣାଣି ହେଲ୍ପ ଲାଇନ-୧୯୧୬ ଦ୍ୱାରା ଗ୍ରହଣ କରାଯିବ। ଶନିବାରଠାରୁ ଏହା ସାଧାରଣ ଜନତାଙ୍କ ପାଇଁ ଉତ୍ସର୍ଗ କରାଗଲା। ଉକ୍ତ ନମ୍ବର ଜରିଆରେ ଗ୍ରାମାଞ୍ଚଳରେ ଅଚଳ ଏବଂ ବନ୍ଦ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ନେଇ ଅଭିଯୋଗ ଗ୍ରହଣ କରାଯିବ। ଏଥିସହିତ ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟର ପ୍ରତିଟି ଗ୍ରାମାଞ୍ଚଳରେ କିପରି ଶୁଦ୍ଧ ଓ ପାନୀୟଜଳ ପହଞ୍ଚିବ, ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାରା ରାଜ୍ୟରେ ପ୍ରାୟ ୭୮ଟି ଜଳ ପରୀକ୍ଷଣ ପରୀକ୍ଷାଗାର ନିର୍ମାଣ କରାଯାଇଛି। ବର୍ଷକ ମଧ୍ୟରେ ପ୍ରାୟ ୫ ଲକ୍ଷ ଜଳ ନମୁନା ପରୀକ୍ଷା କରାଯାଇଛି। ଏହି କାର୍ଯ୍ୟକ୍ରମର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଯନ୍ତ୍ରୀ, ତୃତୀୟ ପକ୍ଷ ଗୁଣାତ୍ମକ ମାନ ନିର୍ଦ୍ଧାରଣ ସଂସ୍ଥାକୁ ନିୟୋଜିତ କରାଯାଇଛି। ନିକଟରେ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଜିଓଲୋଜିଷ୍ଟ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଟୋଲ୍ ଫ୍ରି ନମ୍ବରରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଭିଯୋଗ ଗ୍ରହଣ କରାଯିବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ। ଏତଦ୍ ବ୍ୟତୀତ ସାଧାରଣ ଜନତାଙ୍କଠାରୁ ବିଭିନ୍ନ ପ୍ରସ୍ତାବ ମଧ୍ୟ ଏହି ଟୋଲ୍ ଫ୍ରି ନମ୍ବର ଦ୍ୱାରା ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏଥିପାଇଁ ଭୂତତ୍ତ୍ୱବିତ୍‌ଙ୍କ ସହଯୋଗ ଲୋଡାଯାଇଛି।

'ବସୁଧା' ରାଜ୍ୟ ସରକାରଙ୍କ ଦ୍ୱାରା ବହୁ ପୂର୍ବରୁ କଳ୍ପନା କରାଯାଇଥିବା ଏକ ଯୋଜନା। ପ୍ରଥମେ ୨୦୧୪-୧୫ ଆର୍ଥିକବର୍ଷରେ ଓଡ଼ିଶା ଗ୍ରାମାଞ୍ଚଳ ଜଳ କାର୍ଯ୍ୟକ୍ରମ ନାମକ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା। ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ଏକ କାର୍ଯ୍ୟକ୍ରମର ପ୍ରାଥମିକତା ରହିଥିଲା। ପରବର୍ତ୍ତୀ ସମୟରେ ୨୦୧୭-୧୮ ଆର୍ଥିକ ବର୍ଷରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ନାମରେ ଏହି ଯୋଜନାକୁ ଉତ୍ସର୍ଗୀକୃତ କରାଯାଇଥିଲା। ଏଥିସହିତ ଉକ୍ତ ଆର୍ଥିକ ବର୍ଷ ପାଇଁ ୬୦୦ କୋଟି ଏବଂ ୨୦୧୮-୧୯ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଗତ ୧୮ ମାସ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ୪୨୦୦ ନୂଆ ପାଇପ ଲାଇନ ବ୍ୟବସ୍ଥା କରାଯାଇ ଜଳ ଯୋଗାଣ କରାଯାଇଛି। ସେହିପରି ୬୫ଟି ବହୁମୁଖୀ ପାଇପ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୧୦,୫୦୦ କୋଟି ଟଙ୍କାର ଅବଧାରଣା କରାଯାଇଛି। ୩୦୦୦ ସୌର ଡୁଆଲ ପମ୍ପ ବ୍ୟବସ୍ଥା କରାଯାଇଛି। ଗୁଣାତ୍ମକ ମାନ ହ୍ରାସ ହୋଇଥିବା ୨୫୦୦ଟି ଅଞ୍ଚଳରେ ଶୁଦ୍ଧ ଜଳର ବ୍ୟବସ୍ଥା କରାଯାଇଛି।

# ଏଏସ୍ଆଇଙ୍କୁ ୩ ଐତିହ୍ୟର ସଂରକ୍ଷଣ ଦାୟିତ୍ୱ

- ଧର୍ମେନ୍ଦ୍ରଙ୍କୁ ଚିଠି ଲେଖି ଅବଗତ କଲେ ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)



ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧକ୍ରମେ ଏଏସ୍ଆଇ ରାଜ୍ୟର ୩ଟି ଐତିହ୍ୟର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବ। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଏଏସ୍ଆଇ ଦ୍ୱାରା ସଂରକ୍ଷିତ ହେବାକୁ ଥିବା ଐତିହ୍ୟଗୁଡ଼ିକ ହେଉଛି- ଅନୁଗୋଳ ଜିଲାର ବ୍ରଜକୋଟ ଭ୍ରିଙ୍ଗେଶ୍ୱର ମନ୍ଦିର, ମୟୂରଭଞ୍ଜର ହରିପୁରଗଡ଼ସ୍ଥିତ ଦୁର୍ଗ ଏବଂ ଢେଙ୍କାନାଳ କୁଆଳସ୍ଥିତ କନକେଶ୍ୱର ମହାଦେବ ମନ୍ଦିର। ଧର୍ମେନ୍ଦ୍ରଙ୍କ ଅନୁରୋଧ ପରେ ଏଏସ୍ଆଇ ଦ୍ୱାରା ପ୍ରାଥମିକ ଭାବେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଚିଠିରେ ସଂସ୍କୃତି ମନ୍ତ୍ରୀ ଶର୍ମା ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଅନୁରୋଧକ୍ରମେ ଗତ ମେ' ମାସରେ ଭୁବନେଶ୍ୱରସ୍ଥିତ ଏଏସ୍ଆଇ ସର୍କଲ ଦ୍ୱାରା ୩ଟି ସ୍ଥାନର ଅନୁଧ୍ୟାନ କରାଯାଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଉକ୍ତ ସ୍ଥଳଗୁଡ଼ିକର ବିସ୍ତୃତ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଆକଳନ ପରେ ଅନୁମୋଦନ ମଧ୍ୟ କରାଯାଇଛି। ଅନୁଗୋଳ ବ୍ରଜକୋଟ ଭ୍ରିଙ୍ଗେଶ୍ୱର ମନ୍ଦିର ଓ ଢେଙ୍କାନାଳ କୁଆଳସ୍ଥିତ କନକେଶ୍ୱର ମହାଦେବ ମନ୍ଦିର ପାଇଁ ଟେଣ୍ଡର ଆହ୍ୱାନ ଆରମ୍ଭ ହୋଇସାରିଛି। ସେହିପରି ମୟୂରଭଞ୍ଜ ହରିପୁରଗସ୍ଥିତ ଦୁର୍ଗ ପାଇଁ ଟେଣ୍ଡର ଆବେଦନ ପ୍ରକ୍ରିୟା ଚାଲିଛି। ୨ ମନ୍ଦିର ଏବଂ ଗୋଟିଏ ଦୁର୍ଗର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ସମ୍ପର୍କିତ କାର୍ଯ୍ୟ ଚଳିତ ଡିସେମ୍ବର ସୁଦ୍ଧା ଆରମ୍ଭ ହେବ ବୋଲି କୁହାଯାଇଛି।

ପ୍ରକାଶ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମେ ୧୧ରେ ଉକ୍ତ ସ୍ଥଳଗୁଡିକର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ସଂସ୍କୃତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଡିସେମ୍ବର ପହିଲାରୁ ଅନଲାଇନ ଟ୍ରାଞ୍ଜାକ୍‌ଶନ କରିପାରିବେନି ଏସ୍‌ବିଆଇ ଗ୍ରାହକ

ନୂଆଦିଲ୍ଲୀ,୧୭।୧୧

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଗ୍ରାହକ ଅନ୍‌ଲାଇନରେ ଟ୍ରାଞ୍ଜାକଶନ କରୁଥିଲେ ସେମାନଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ନିଜର ମୋବାଇଲ ନମ୍ବରକୁ ବ୍ୟାଙ୍କରେ ପଞ୍ଜୀକରଣ କରିବାକୁ ହେବ। ନଚେତ ସେମାନଙ୍କୁ ଡିସେମ୍ବର ପହିଲାରୁ ଅନଲାଇନରେ ଟ୍ରାଞ୍ଜାକଶନ କରିବାକୁ ସୁଯୋଗ ମିଳିବ ନାହିଁ। ଏ ସମ୍ପର୍କରେ ବ୍ୟାଙ୍କର ୱେବସାଇଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏସ୍ଏମ୍ଏସ ପଠାଇବା ଲାଗି ମୋବାଇଲ ନମ୍ବର ପଞ୍ଜୀକରଣକୁ ରିଜର୍ଭ ବ୍ୟାଙ୍କ ବାଧ୍ୟତାମୂଳକ କରିଛି। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ସର୍କୁଲାର ପୂର୍ବରୁ ଜାରି କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ପୂର୍ବରୁ ଏକ ଟୁଇଟ୍ ଜରିଆରେ ଗ୍ରାହକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା।

**ସତ୍ୟପାଠ**

मैं ममता महापात्र, पति — अमर कुमार महापात्र, पता — गाँव — छचिणा, थाना — मङ्गलपुर, जिला - याजपुर(उड़िशा) है । मैं इस सत्यपाठ के जरिआ से प्रकाश कररही हुँ कि मेरी पतिके नौकरी रेकार्ड़ बुक् में मेरी नाम गलत से सिनिप्रभा होगयी है । परन्तु मेरी असली नाम ममता महापात्र है ।

**କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍‌ସ ନୁହେଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ**

ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ

JOLLY ତୁଳସୀ 51 ଡ୍ରପ୍‌ସ

ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର

ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ ...




**ବାସ୍ତବିକ ଅନୁଭବ:** ମୁଁ ଶିବ କୁମାର ଶ୍ରୀବାସ୍ତବ, ପ୍ରତାପଗଡ଼ (ଉ.ପ୍ର.)। ମୁଁ ପାଖାପାଖି ତିନିମାସ ଧରି ଜୋଲି ତୁଳସୀ 51 ଡ୍ରପ୍‌ସ ସେବନ କରିଆସୁଛି, ଏହାର ସେବନ ଦ୍ୱାରା 63 ବର୍ଷ ବୟସରେ ମଧ ମୋର ଶରୀର ଉର୍ଜାଶୀଳ ରହୁଛି, ଠିକ୍‌ଠାକ୍ ଭୋକ ଲାଗୁଛି, ଅନିଦ୍ରାର ସମସ୍ୟା ବି ଦୂର ହୋଇଯାଇଛି ଓ କ୍ଳାନ୍ତି ରହୁନାହିଁ । ମୁଁ ଯାହା ଅନୁଭବ କରିଛି ତାହା ଲେଖୁଛି। ଆପଣଙ୍କୁ ଅନେକ-ଅନେକ ଧନ୍ୟବାଦ।

ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ / 0161-520-1588 / www.jollytulsi51.com

# ଆଜି ଆସିବେ ଅନିଲ କୁମ୍ବଲେ

**ଏଣ୍ଡୋକ୍ରାଇନ୍ ଉପରେ ସଚେତନ କରାଇବେ**

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଶରୀରରେ ଥିବା ହରମୋନକୁ ନେଇ କେତେକ ଜାତୀୟ ଏବଂ ଅନ୍ତର୍ଜାତୀୟ ଖେଳାଳି ବିବାଦ ଭିତରକୁ ଠେଲି ହୋଇଯାଉଛନ୍ତି। ଆଉ କେତେଜଣ ଖେଳାଳି ଏହାକୁ ନେଇ ଖେଳ ଜଗତରୁ ଦୂରେଇ ଯାଉଛନ୍ତି। ଖେଳାଳିଙ୍କ ଶରୀରରେ ଥିବା ଏଭଳି ହରମୋନ ସମ୍ପର୍କରେ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ୪୮ତମ ଜାତୀୟ ସମ୍ମିଳନୀରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଏବଂ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗନେବେ ବୋଲି ଓଡ଼ିଶା ଶାଖା ସାଂଗଠନିକ ସମ୍ପାଦକ ଡ. ଅଭୟ ସାହୁ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଏଣ୍ଡୋଇକ୍ରାଇନ୍ ସମ୍ପର୍କିତ ରୋଗଗୁଡିକ ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ମେ ଫେୟାର ହୋଟେଲ ସମ୍ମୁଖରୁ ବାହାରି କଳିଙ୍ଗ ଷ୍ଟାଡିୟମ୍ ମୁଖ୍ୟ ଗେଟ୍ ସମ୍ମୁଖରେ ପହଞ୍ଚିବା ପରେ ସେଠାରୁ ପୁଣି ହୋଟେଲ ସମ୍ମୁଖକୁ ଫେରିବ। ଏଥିରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ଏଣ୍ଡୋକ୍ରାଇନ୍ ଡାକ୍ତରଙ୍କ ସହିତ ଓଡ଼ିଆ ଫିଲ୍ମ ଜଗତର କଳାକାର ଏବଂ ସାଧାରଣ ଜନତା ଭାଗନେବେ ବୋଲି ଡ. ସାହୁ କହିଛନ୍ତି।

ଶନିବାର ସମ୍ମିଳନୀର ତୃତୀୟ ଦିନରେ ଜାତୀୟ ଏବଂ ଅନ୍ତର୍ଜାତୀୟ ଏଣ୍ଡୋଇକ୍ରାଇନ୍ ଡାକ୍ତରମାନେ ଶିଶୁ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ସମ୍ପର୍କରେ ଆଲୋଚନା କରିଛନ୍ତି। ଗୋଟିଏ ଶିଶୁ କାହିଁକି ଡେଙ୍ଗା ନ ହେବା, ମସ୍ତିଷ୍କ ବିକଶିତ ନ ହେବା ଏବଂ କେତେଜଣ ମହିଳା ଗର୍ଭବତୀ ନ ହେବାର କାରଣ ବିଷୟରେ ଆଲୋଚନା ହୋଇଥିଲା। ଏ ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦିଆଯିବାର ପ୍ରସ୍ତାବ ରହିଛି ବୋଲି ସାଂଗଠନିକ ସମ୍ପାଦକ ଡାକ୍ତର ସାହୁ ସୂଚନା ଦେଇଛନ୍ତି।

**ୟୁକୋ ବ୍ୟାଙ୍କ** | **ମୈତ୍ରୀ ବିହାର ଶାଖା** — ଏସ୍-୧୬, ମୈତ୍ରୀ ବିହାର, ଫେଜ୍-୨, ଭୁବନେଶ୍ୱର-୭୫୧୦୨୩ | **ଦଖଲ ନୋଟିସ୍** — ସ୍ଥାବର ସମ୍ପତ୍ତି ନିମନ୍ତେ

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ମୈତ୍ରୀ ବିହାର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତିହାରରେ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ନିମନ୍ତେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଗାୟତ୍ରୀ ଡିଷ୍ଟ୍ରିବ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ସୁଚିର୍ ରଞ୍ଜନ ମହାପାତ୍ର,** ସା: ପ୍ଲଟ୍ ନଂ.: ୧୪୫୭/୩୩୭୮, (ଆଇଆର୍‌ସି ଭିଲେଜ୍ ପୋଷ୍ଟ ଅଫିସ୍ ସମ୍ମୁଖ), ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୧୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୨) ଶ୍ରୀମତୀ ଶାନ୍ତିଲତା ସାହୁ,** ଉଭୟଙ୍କ ଠିକଣା ସା: ନରସିଂହପୁର, ପିପିଲି, ପୁରୀ | **ଟ.୫,୩୫,୭୭୧/-** + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୨୮.୧୧.୨୦୧୭ / ୧୬.୧୧.୨୦୧୮ | **ଶ୍ରୀ କୈଳାସ ଚନ୍ଦ୍ର ସାହୁ ଏବଂ ଶ୍ରୀମତୀ ଶାନ୍ତିଲତା ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନରସିଂହପୁର, ପିପିଲି, ଜିଲ୍ଲା: ପୁରୀ, ଖାତା ନଂ.: ୧୯୧, ପ୍ଲଟ୍ ନଂ.: ୪୫, କ୍ଷେତ୍ର: ଏକର୦.୨୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜବାହର ବିଦ୍ୟାପୀଠ, ପଶ୍ଚିମ: କେନାଲ, ଉତ୍ତର: ନୀଳକଣ୍ଠ ପୃଷ୍ଟି, ଦକ୍ଷିଣ: ବିକ୍ରେତାମାନଙ୍କ ଦ୍ୱାରା ଛଡ଼ାଯାଇଥିବା ସମ୍ପତ୍ତି |

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୧୭.୧୧.୨୦୧୮**

**କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁକୋ ବ୍ୟାଙ୍କ**

**ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୧୪ ଡିସେମ୍ବର୨୦୧୮ ଉପଲକ୍ଷେ**
**ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ**
**ସପ୍ତମ ରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ**
**ଆହ୍ୱାନ କରାଯାଉଅଛି ।**







**ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଶକ୍ତି ସଂରକ୍ଷଣ ସଚେତନତା ସୃଷ୍ଟି**
**ଏହି ପ୍ରସାର ଅଭିଯାନର ଏକ ଅଂଶବିଶେଷ ।**

**ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**

- ସମସ୍ତ ସ୍କୁଲର ସପ୍ତମରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନେ ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଭାଗ ନେଇପାରିବେ । ଏହି ପ୍ରତିଯୋଗିତା ସମସ୍ତ ବ୍ଲକରେ **୨୫ ନଭେମ୍ବର, ୨୦୧୮** ରେ ଆୟୋଜନ କରାଯିବ । ଏହାର ଅବଧି ୧ ଘଣ୍ଟା ଅଟେ । ଛାତ୍ର ଛାତ୍ରୀ ମାନେ ପରୀକ୍ଷାନିମନ୍ତେ ନିଜର ଆବଶ୍ୟକୀୟ ଲେଖନ ଉପକରଣ ଆଣିବେ । ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ । ପୌରାଞ୍ଚଳର ଛାତ୍ରଛାତ୍ରୀମାନେ ସଂପୃକ୍ତ ବ୍ଲକରେ ଭାଗ ନେଇପାରିବେ ।
- ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ ।
- ଶ୍ରେଷ୍ଠ ବିବେଚିତ ୩ଜଣ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି ଯେ, ସେମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମ୍ନରେ ଦିଆଯାଇଥିବା websiteରୁ ପାଇପାରିବେ ।

**ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**

- ପ୍ରତି ବ୍ଲକରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପାଇଁ ମନୋନୟନ କରାଯିବ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସମସ୍ତ ଜିଲ୍ଲାର ସଦର ମହକୁମାରେ **୦୨ ଡିସେମ୍ବର, ୨୦୧୮** ତାରିଖରେ ଆୟୋଜନ କରାଯିବ । ଏହି ପ୍ରତିଯୋଗିତାର ଅବଧି ୧ ଘଣ୍ଟା ଅଟେ । ପିଲାମାନେ ପରୀକ୍ଷା ନିମନ୍ତେ ନିଜର ଆବଶ୍ୟକୀୟ ଲେଖନ ଉପକରଣ ଆଣିବେ । ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ସମ୍ଭାବ୍ୟଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ ।
- ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କର କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ ।
- ଶ୍ରେଷ୍ଠ ବିବେଚିତ ୩ଜଣ ପ୍ରତିଯୋଗିଙ୍କୁ ପ୍ରମାଣପତ୍ର ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମ୍ନରେ ଦିଆଯାଇଥିବା website ରୁ ପାଇପାରିବେ ।

**ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**

- ପ୍ରତି ଜିଲ୍ଲାରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସେମାନଙ୍କୁ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଯୋଗଦେବା ନିମନ୍ତେ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ । ଏହି ପ୍ରତିଯୋଗିତାଟି **୧୩.୧୨.୨୦୧୮**, ସମୟ-ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବ ।
- ଭୁବନେଶ୍ୱରରେ ୧୪.୧୨.୨୦୧୮ଦିନ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ସମସ୍ତ ପୁରସ୍କାର ବଣ୍ଟନ କରାଯିବ ।
- କେବଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀ ଓ ତାଙ୍କ ସହିତ କେବଳ ଜଣେ ଶିକ୍ଷକ / ଅଭିଭାବକଙ୍କର ଗସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ବହନ କରାଯିବ ।
- ସମସ୍ତ ପ୍ରତିଯୋଗୀ ୧୪.୧୨.୨୦୧୮ଦିନ ଆୟୋଜିତ ହେଉଥିବା ପଦଯାତ୍ରାରେ ଭାଗ ନେବେ ।
- ମନୋନୀତ ୪୦ ଜଣ ଛାତ୍ର/ଛାତ୍ରୀଙ୍କୁ ୩ଟି ବିଭାଗରେ ଯଥା ପ୍ଲାଟିନମ୍, ସ୍ୱର୍ଣ୍ଣ ଏବଂ ରୌପ୍ୟ ପୁରସ୍କାର ପ୍ରଦାନ କରାଯିବ ।

ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ୧୪ ଡିସେମ୍ବର ୨୦୧୮ଦିନ ଆୟୋଜିତ ହେଉଥିବା ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେବା ସହିତ ଶକ୍ତି ସଂରକ୍ଷଣ ଅଭିଯାନରେ ସହଯୋଗ କରନ୍ତୁ ।
ବି.ଦ୍ର. କେବଳ ଓଡ଼ିଶାର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ । ବିଚାରକ ମଣ୍ଡଳୀ / ଆୟୋଜକମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସବୁସ୍ତର ପାଇଁ ଅନ୍ତିମ ଅଟେ ।

**ବ୍ଲକ ପୁରସ୍କାର:** ପ୍ରଥମ-ଟ୧୦୦୦/-, ଦ୍ୱିତୀୟ-ଟ୭୦୦/-, ତୃତୀୟ-ଟ୫୦୦/- | **ଜିଲ୍ଲା ପୁରସ୍କାର:** ପ୍ରଥମ-ଟ୧୫୦୦/-, ଦ୍ୱିତୀୟ-ଟ୧୦୦୦/-, ତୃତୀୟ-ଟ୭୦୦/- | **ରାଜ୍ୟ ପୁରସ୍କାର:** ପ୍ଲାଟିନମ୍- ଟ୮୦୦୦/- (୫ଟି), ସ୍ୱର୍ଣ୍ଣ- ଟ୫୦୦୦/- (୧୦ଟି), ରୌପ୍ୟ- ଟ୩୦୦୦/-(୨୫ଟି)

ସ୍ଥାନ ଓ ସମୟ ପାଇଁ ଦେଖନ୍ତୁ: **www.orienvis.nic.in, www.ecoclubodisha.org, www.cesorissa.org**
ଫୋନ-୦୬୭୪-୨୫୫୧୮୫୩ / ୯୪୩୭୬୦୪୩୮୯/ ୯୪୩୭୦୫୭୩୩୧/ ୯୪୩୭୧୦୫୧୭୭ / ୯୪୩୮୧୮୭୦୧୯, E-mail: energyquiz2018@gmail.com

**ସହଯୋଗ:** ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବି.ଇ.ଇ.) କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ, ନୂଆଦିଲ୍ଲୀ

**ପ୍ରାୟୋଜକ:** ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଏବଂ ରାଜ୍ୟପଦାଧିକାରୀ ସଂସ୍ଥା (ଏସ୍.ଡି.ଏ), ଶକ୍ତି ବିଭାଗ, ଓଡ଼ିଶା ସରକାର
SDA, Odisha

**ସଂଯୋଜନା:** ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ୍ ଷ୍ଟଡିଜ ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

**ସହନଶୀଳ ସମାଜ ପାଇଁ ଶକ୍ତି ସଂରକ୍ଷଣ କରିବା ।**

## ସଂକ୍ଷେପରେ

### ଆୟ ବହିର୍ଭୂତ ସମ୍ପତ୍ତି ପ୍ରସଙ୍ଗ ହାବିଲଦାର ତ୍ରୈଲୋକ୍ୟନାଥ ଜେନା ନିଲମ୍ବିତ

**କେନ୍ଦ୍ରାପଡା ଅଫିସ, ୧୭।୧୧:** କେନ୍ଦ୍ରାପଡା ଜିଲା ରିଜର୍ଭ ପୋଲିସର ହାବିଲଦାର ତ୍ରୈଲୋକ୍ୟନାଥ ଜେନାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଦର୍ଶାଇ ଗତ ଅଗଷ୍ଟ ୧ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲା । ବିଭାଗ ପକ୍ଷରୁ ତଦନ୍ତ ରିପୋର୍ଟ ପ୍ରଦାନ ପରେ ଶନିବାର ହାବିଲଦାର ଜେନାଙ୍କୁ ଏସ୍‌ପି ନୀତିଶେଖର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ପ୍ରକାଶ ଯେ, ଭିଜିଲାନ୍ସ ବିଭାଗ ପକ୍ଷରୁ ସେତେବେଳେ ଜେନାଙ୍କ ଶ୍ୟାମସୁନ୍ଦରପୁରସ୍ଥିତ ବାସଭବନ, ପୈତୃକ ଗ୍ରାମ ପାଟକୁରା ଥାନା ଅନ୍ତର୍ଗତ ଶ୍ରୁତିପୁର ଓ ଶ୍ୱଶୁରଘର ଡେରାବିଶ ଥାନା ବରାଇଲୋ ଗ୍ରାମର ବାବାଜି ସାମଲଙ୍କ ଘରେ ଏକକାଳୀନ ଚଢ଼ାଉ ହୋଇଥିଲା ଏହି ସମୟରେ ତାଙ୍କ ନିକଟରୁ ୭ଟି ବ୍ୟାଙ୍କ ପାସ୍‌ବୁକ, ୬୦ ଲକ୍ଷ ଟଙ୍କାର ଘର, ସୁନାଗହଣା ସମେତ ଜମି କାଗଜପତ୍ର ଆଦି ଜବତ ହୋଇଥିଲା ।

### ସାଇବାବାଙ୍କ ଚଭାଡ଼ି ଯାତ୍ରା



ପଟ୍ଟାମୁଣ୍ଡାଇ, ୧୭।୧୧ (ସ୍ୱ.ପ୍ର.)- ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବେଲତଳସ୍ଥିତ ଶିରିଡ଼ି ସାଇବାବାଙ୍କ ଚଭାଡ଼ି ଯାତ୍ରା ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପ୍ରତ୍ୟୁଷରୁ ମନ୍ଦିର ପୂଜକମାନେ ବାବାଙ୍କ ନୀତିକାନ୍ତି ଯଥା ରୀତିନୀତି ସମ୍ପନ୍ନ କରିଥିଲେ। ମଧ୍ୟାହ୍ନ ନୀତି ପରେ ପୂଜକମାନେ ବାବାଙ୍କୁ ପାଲିଙ୍କିରେ ଅବସ୍ଥାନ କରାଇଥିଲେ। ମହିଳାମାନେ ପାଲିଙ୍କି କାନ୍ଧେଇ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲେ। ଚଭାଡ଼ି ଯାତ୍ରା ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏଥିସହିତ ବହୁ ସ୍ଥାନରେ ବାବାଙ୍କ ପାଖରେ ଶ୍ରଦ୍ଧାଳୁମାନେ ଭୋଗ ଲାଗି କରିଥିଲେ। ବାବାଙ୍କ ଚଭାଡ଼ି ଯାତ୍ରାରେ ରଶ୍ମିରଞ୍ଜନ ଦାଶ, ଅଶୋକ କୁମାର ସାହୁ, ପ୍ରଦୋଷ ବିଶ୍ୱାଳ, ପ୍ରତାପ ପାଢ଼ୀ, ଉମାକାନ୍ତ ତ୍ରିପାଠୀ, ସରୋଜ ରଥ, ବାପି ପଣ୍ଡା, ସୀମାଳ ପଣ୍ଡା, ଶୁଭ ପଣ୍ଡା, ମିଳନ ଧଳ, ରମେଶ ଦାଶ, ମିନତୀ ଦାଶ, ଲିଜାରାଣୀ ଦାଶ, ପୀତାମ୍ବର ପରିଡ଼ା, ବାସନ୍ତୀ ପରିଡ଼ା, ଶର୍ମିଷ୍ଠା ପାଢ଼ୀ, ତ୍ରିଲୋଚନ ଜେନା, ଅର୍ପିତା ପାଢ଼ୀ, ସରୋଜ ପାଢ଼ୀ, ଅଜିତେଶ ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ।

# ଜଙ୍ଗଲୀ ବାରହା ଉପଦ୍ରବ: ଖରିଫ ଚାଷ କ୍ଷତିଗ୍ରସ୍ତ

କେନ୍ଦ୍ରାପଡା ଅଫିସ, ୧୭।୧୧

ଗତ ଅଗଷ୍ଟ ଓ ସେପ୍ଟେମ୍ବରରେ ୨ଟି ଲଘୁଚାପ ବର୍ଷା ଜିଲାରେ ହୋଇଛି । ଏହି ଲଘୁଚାପ ବର୍ଷା ଖରିଫ ଚାଷ ପାଇଁ ଯେତିକି କ୍ଷତି କରିଛି, ତାଠାରୁ ଅଧିକ କ୍ଷତି ଉପାନ୍ତ ଅଞ୍ଚଳରେ ଜଙ୍ଗଲୀ ବାର୍‌ହା କରୁଛି । ଏନେଇ ମହାକାଳପଡା ବ୍ଲକ ଅନ୍ତର୍ଗତ ବଟିଘର ଗ୍ରାମର ସପନ କୁମାର ବାରିକ ଇତିମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ଏଥିସହ ଧାନ କ୍ଷେତଗୁଡ଼ିକୁ ବାର୍‌ହା ଉପଦ୍ରବରୁ ରକ୍ଷା କରିବାକୁ ସେ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ଏହି ଘଟଣା ଭିତରକନିକା ଜାତୀୟ ଉଦ୍ୟାନ ଓ ଆଖପାଖ ଅଞ୍ଚଳରେ ରହୁଥିବା ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଅପରପକ୍ଷରେ ଚାଷ କ୍ଷେତକୁ ଜଙ୍ଗଲୀ ବାର୍‌ହା ଧାନ ଖାଇବାକୁ ଆସି ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରୁଛନ୍ତି । ବିଶେଷ କରି ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ଏଭଳି ଘଟଣା ଅଧିକ ଦେଖିବାକୁ ମିଳୁଛି । କିଛିଦିନ ତଳେ ଚାଷ ଜମିକୁ ବାର୍‌ହା ଉପଦ୍ରବରୁ ରକ୍ଷା କରିବା ଲାଗି ଜମିରେ ବିଛାଇଥିବା ବିଦ୍ୟୁତ୍ ତାରରେ ଅସାବଧାନତାବଶତଃ ନିଜେ ଫସିଯିବାରୁ ବ୍ଲକ ଅନ୍ତର୍ଗତ ଜମ୍ବୁ ଗ୍ରାମର ବିଜୟ ମିର୍ଦ୍ଧା(୪୦)ଙ୍କ ମୃତ୍ୟୁ ଘଟିଛି । ସେଦିନ ରାତିରେ ଉକ୍ତ ଜମିରେ ପ୍ରବେଶ କରିବାକୁ ଉଦ୍ୟମ କରି ବିଦ୍ୟୁତ୍ ଆଘାତରେ ଏକ ବାର୍‌ହାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

ଏସମ୍ପର୍କରେ ବଟିଘର ପଞ୍ଚାୟତ ଗ୍ରାମର ରମଣୀରଞ୍ଜନ ଦାସ କୁହନ୍ତି ଯେ, ଭିତରକନିକା ଅଞ୍ଚଳରେ ଜଙ୍ଗଲୀ ବାର୍‌ହାଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଏହି ସମୟରେ ଧାନ ପାଚିବାର ସମୟ ହୋଇଥିବାରୁ ପାଚିଲା ଧାନ ଖାଇବା ପାଇଁ ବାର୍‌ହାମାନେ ଜଙ୍ଗଲରୁ କ୍ଷେତଆଡ଼କୁ ପଶି ଆସୁଛନ୍ତି । ମାତ୍ର ବନ ବିଭାଗ ପକ୍ଷରୁ ଏହାକୁ ରୋକିବା ଲାଗି ଆବଶ୍ୟକୀୟ ପଦକ୍ଷେପ ନିଆଯାଉନାହିଁ । ଗ୍ରାମ ନିକଟ ଜଙ୍ଗଲରେ ତାରବାଡ ଘେରାଇବା, ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରିବା ଓ ବନ୍ୟଜନ୍ତୁଙ୍କ ଦ୍ୱାରା ଆଘାତପ୍ରାପ୍ତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସରକାରୀ ନିୟମ ରହିଛି । ମାତ୍ର ପ୍ରଶାସନର ଅପାରଗତା ଯୋଗୁ ସାଧାରଣ ଲୋକେ ଏସବୁ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଏଥିଯୋଗୁ ରାଜନଗର ଓ ମହାକାଳପଡା ବ୍ଲକ ଅଞ୍ଚଳର ବ୍ରାହ୍ମଣସାହି, ଡେରା, ଡାଙ୍ଗମାଳ, ହାତିନା, ଗୁପ୍ତି, ସାତଭାୟା, ଈଶ୍ୱରପୁର, କ୍ଷମାସାହି, କୃଷ୍ଣନଗର, ତାଳଚୁଆ, ବାଘମାରୀ, କେରୁଆଁପାଳ, ତନ୍ତିଆପାଳ ଓ ବଟିଘର ଆଦି ଅଞ୍ଚଳରେ ବହୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ପାଚିଲା ଧାନ ଅମଳ ସମୟରେ ଜଙ୍ଗଲୀ ବାର୍‌ହାଙ୍କ ଉତ୍ପାତ ବହୁତ ବଢ଼ିଗଲାଣି ବୋଲି ଦାସ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ରେଞ୍ଜ ଅଧିକାରୀ ସୁବ୍ରତ ପାତ୍ର କୁହନ୍ତି ଯେ, ନଭେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ବାର୍‌ହାଙ୍କ ପ୍ରଜନନ ସମୟ ହୋଇଥିବାରୁ ସେମାନେ ପ୍ରଚୁର ଖାଦ୍ୟ ଆବଶ୍ୟକ କରନ୍ତି । ଜଙ୍ଗଲ ଆଖପାଖ ଅଞ୍ଚଳରେ ପାଚିଲା ଧାନ ସହଜରେ ଉପଲବ୍ଧ ହେଉଥିବାରୁ ଏହାକୁ ଖାଇବାକୁ ବାର୍‌ହାମାନେ କ୍ଷେତକୁ ଚାଲିଆସୁଛନ୍ତି । ଜିଲା ବନ ଅଧିକାରୀ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ କହିବାନୁସାରେ, ବନ ବିଭାଗ ପକ୍ଷରୁ ଜଙ୍ଗଲୀ ବାର୍‌ହାଙ୍କ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି । ଏଥିସହ ବନବିଭାଗ ପକ୍ଷରୁ କେତେକ ଅଞ୍ଚଳରେ ରାତ୍ରି ଜଗୁଆଳ ବ୍ୟବସ୍ଥା କରାଯାଇଛି । ସେହିପରି ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରୁଛନ୍ତି । ଗ୍ରାମ ନିକଟ ଜଙ୍ଗଲ ପରିସୀମାରେ ତାର ବାଡ ବ୍ୟବସ୍ଥା କରାଯାଇଛି । ତେବେ ସମସ୍ତ ବନାଞ୍ଚଳକୁ ତାରବାଡ ମଧ୍ୟରେ ରଖିବା ସମ୍ଭବ ନୁହେଁ । ଚାଷ କ୍ଷେତକୁ ସୁରକ୍ଷା ଦେବା ପାଇଁ ରାତ୍ରିରେ ଜଗୁଥିବା ଚାଷୀଙ୍କୁ ସେ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେଉଁ ଘରକୁ ଯେଉଁ ବତା,**
**ଖଞ୍ଜାଇ ରଖିଛି ବିଧାତା ।**

କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ । ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା । ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ । ଯେଉଁ ଘରକୁ ସେହି ବତା ଭଳି ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

–

**ଯେଉଁ ଲୋକ ପାଇକ ସାଜେ,**
**ତା' ମୁଣ୍ଡରେ ଠେଙ୍ଗା ବାଜେ ।**

ସାଧାରଣତଃ ପରିବାରର ବା କୌଣସି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥାଏ । ନେତୃସ୍ଥାନୀୟ ବ୍ୟକ୍ତି ଯେହେତୁ ସକଳ ଦାୟିତ୍ୱ ସମ୍ଭାଳିଥାନ୍ତି ତେଣୁ କୌଣସି କିଛି ଅପ୍ରୀତିକର ଘଟଣା ପାଇଁ ସେମାନେ ଉତ୍ତରଦାୟୀ ହେବାକୁ ବାଧ୍ୟ ହୋଇଥାନ୍ତି । ଅଘଟଣ ବା ଭୁଲ୍ ପାଇଁ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ମୁଣ୍ଡରେ ସବୁ ଦୋଷ ଲଦିଦିଆଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ୨ଛାତ୍ର ଆହତ

■ ଅଭିଭାବକଙ୍କ ଅଭିଯୋଗ ପରେ ତଦନ୍ତ ଆରମ୍ଭ

ରାଜନଗର, ୧୭।୧୧ (ଡି.ଏନ୍.ଏ.)

ରାଜନଗର ବ୍ଲକସ୍ଥିତ ମଙ୍ଗଳରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଜଣ ୭ମ ଶ୍ରେଣୀ ଛାତ୍ରଙ୍କୁ ପ୍ରଧାନଶିକ୍ଷକ ମାଡ଼ ମାରିଥିବା ନେଇ ଉଭୟ ପିଲାଙ୍କ ଅଭିଭାବକମାନେ ଶନିବାର ବିଇଓଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ସ୍କୁଲରେ ମଧ୍ୟାହ୍ନ ଭୋଜନ ସରିବା ପରେ ପିଲାମାନେ ଏକାଠି ଖେଳୁଥିବା ବେଳେ ମାଡଗୋଳ ଲାଗିଥିଲେ । ତେବେ ସେଠାରେ ପ୍ରଧାନ ଶିକ୍ଷକ ପହଞ୍ଚି କିଛି ନ ବୁଝି ୭ମ ଶ୍ରେଣୀର ଦୁଇ ଛାତ୍ରଙ୍କୁ ମାଡ଼ ମାରିଥିଲେ । ପିଲାମାନେ କିଛି କରି ନ ଥିବା କହୁଥିବା ବେଳେ ପ୍ରଧାନ ଶିକ୍ଷକ ସେମାନଙ୍କୁ ମାରିଥିଲେ । ଫଳରେ ଜଣଙ୍କର ଆଖିପତା ଫୁଲି ଯାଇଥିବା ବେଳେ ଅନ୍ୟ ଜଣଙ୍କର ହାତ, ଗୋଡ ନୋଳା ଫାଟିଯାଇଛି । ଉଭୟଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଘରକୁ ଅଣାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ତେବେ ଅଭିଭାବକମାନେ ଅପରାହ୍ନରେ ବିଇଓଙ୍କ ଅଫିସ୍‌ରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ । ସେଠାରେ ଏବିଇଓ ଅଜିତ୍ କୁମାର ବାରିକ ଉଭୟ ଛାତ୍ରଙ୍କ ଆଖି ଓ ହାତ, ଗୋଡ଼ରେ ମାଡ ଚିହ୍ନ ଦେଖିଥିଲେ । ପରେ ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ସିଆର୍‌ସିଙ୍କୁ ନିର୍ଦ୍ଦେଶ ଦିଆଇଥିବା ବେଳେ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏବିଇଓ ବାରିକ କହିଛନ୍ତି ।

# ସମାଜର ଦର୍ପଣ ସାଜିଛି ଗଣମାଧ୍ୟମ

ରାଜନଗର, ୧୭।୧୧ (ଡି.ଏନ୍.ଏ.)

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷରେ ସତ୍ୟ ଓ ନିରପେକ୍ଷ ଖବର ଯୋଗୁ ଗଣତନ୍ତ୍ର ସୁଦୃଢ଼ ରହିଛି ବୋଲି ରାଜନଗର ପ୍ରେସ କ୍ଲବ ପକ୍ଷରୁ ଶୁକ୍ରବାର ଆୟୋଜିତ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମରେ ବକ୍ତାମାନେ ମତ ଦେଇଛନ୍ତି । ସ୍ଥାନୀୟ ତ୍ରିନାଥ ବଜାରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପତ୍ରକାର ଭି. ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଦାସ ଯୋଗଦେଇ ଗଣମାଧ୍ୟମ ସମାଜର ଦର୍ପଣ ଭାବେ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଡିଓ ମନ୍ଦରଧର ମହାଲିକ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଆଇଆଇସି ସୁକାନ୍ତ କୁମାର ପାତ୍ର, ବରିଷ୍ଠ ପତ୍ରକାର ବସନ୍ତ କୁମାର ହାତି ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ମିଡିଆ ପ୍ରଭାରୀ ବିଜୟ ନାୟକ, ଶିକ୍ଷାବିତ୍ ଅନିଲ କୁମାର ବଳ, ସୀତାକାନ୍ତ ରାଉଳ, ଭାଗ୍ୟଧର ସ୍ୱାଇଁ, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ଖବରଦାତା ଶିବ ପ୍ରସାଦ ମହାପାତ୍ର, କୈଳାସ ପରିଡ଼ା, ଦିଲ୍ଲୀପ ପାତ୍ର, ବୈଲୋଚନ ଦାଶ, ଖବରଦାତା ବିଜୟ ଗୁପ୍ତା, ତ୍ରିଲୋଚନ ଦାସ, ଅଲେଖ କୁମାର ପରିଡ଼ା, ଦୋଳଗୋବିନ୍ଦ ଜେନା, କୃତ୍ତିବାସ ପ୍ରଧାନ, ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଖବରଦାତା ଜଗନ୍ନାଥ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଛତିଶଗଡ଼ରେ ମାଓବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।




ଜାତୀୟ ପ୍ରେସ୍ ଦିବସ ଅବସରରେ ଆୟୋଜିତ ସଭାରେ ଅତିଥିମାନେ ।

# ରାଶନକାର୍ଡ ପ୍ରଦାନରେ ଅନିୟମିତତା ଅଭିଯୋଗ

ପାଟକୁରା, ୧୭।୧୧ (ଡି.ଏନ୍.ଏ.)

ଗରଦପୁର ବ୍ଲକ ବନ୍ତଳା ପଞ୍ଚାୟତ ଅଞ୍ଚଳରେ ବହୁ ଯୋଗ୍ୟ ହିତାଧିକାରୀ ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ବହୁ ହିତାଧିକାରୀ ଶୁକ୍ରବାର ବିଡିଓ ଧରଣୀଧର ବେହେରାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ନଥିବା ବେଳେ ବହୁ ଅଯୋଗ୍ୟଙ୍କୁ ଏଥିରେ ସାମିଲ କରାଯାଇଛି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଥିଲେ । ତେବେ ଏହାର ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ କାର୍ଡ ଯୋଗାଇ ଦିଆଯିବ ବୋଲି ବିଡିଓ ବେହେରା ପ୍ରତିଶ୍ରୁତି ଦେଇଥିଲେ । ପଞ୍ଚାୟତ ଅଧୀନ ମାହାଙ୍ଗା ଗ୍ରାମର ଇଚ୍ଛାମଣୀ ସୂତାର, ସୁମିତ୍ରା ମଳିକ, ଉର୍ମିଳା ପୃଷ୍ଟି, ସୁନ୍ଦରୀ ଦାସ, ସରସ୍ୱତୀ ଦାସ, ପୁଟଲିଂ ଗ୍ରାମର ମାଳତୀ ରାଉତ, ପ୍ରମିଳା ରାଉତ, ପୁରୁଣା ଗୋପୀନାଥପୁରର ମାନସୀ ବେହେରା ଓ ବିନିତା ବେହେରା ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ।



ବିଡିଓଙ୍କୁ ପଞ୍ଚାୟତବାସୀ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି ।

# ବରିଷ୍ଠ କଂଗ୍ରେସ ନେତାଙ୍କ ବିୟୋଗ

ଡେରାବିଶ, ୧୭।୧୧ (ସ୍ୱ.ପ୍ର.):

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ହୃଷୀକେଶ ଶର୍ମା (୮୪)ଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି । ସେ ଜଣେ ହୋମିଓପାଥିକ ଡାକ୍ତର ଭାବେ ମଧ୍ୟ ଜଣାଶୁଣା ଥିଲେ । ତାଙ୍କ ମର ଶରୀର ପଲେଇସ୍ଥିତ ବାସଭବନକୁ ଆସିବା ପରେ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଅନନ୍ତ ଚରଣ ପାତ୍ର, ରଘୁନାଥ ଶତପଥୀ, ସୁଖଦାନନ୍ଦ ପ୍ରଧାନ, ମାନସ ଜେନା, ଅଜୟ ମଲ୍ଲ, ବିଜୟ ସ୍ୱାଇଁ, ଚିତ୍ତରଞ୍ଜନ ରାଉତ, ରବୀନ୍ଦ୍ର ବେହେରା, ଶେକ୍ ନମାଜୁଦ୍ଦିନ୍, ହାରୁନ୍ ଅଲ୍ଲୀ, ବିଧୁଭୂଷଣ ମହାପାତ୍ର, ରାଜକିଶୋର ମିଶ୍ର, ନରୋତ୍ତମ ପରିଡ଼ା, ପ୍ରଶାନ୍ତ ଦାସ, ଲିପିକା ସ୍ୱାଇଁ ପ୍ରମୁଖ ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇ ସେଠାରୁ ପୁରୀ ସ୍ୱର୍ଗଦ୍ୱାରକୁ ଶେଷକୃତ୍ୟ ପାଇଁ ନିଆଯାଇଥିଲା । ସ୍ୱର୍ଗତ ଶର୍ମା ପଲେଇ ପଞ୍ଚାୟତରେ ୨ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ ।

# କୁଶିଆପାଳ, କାଉପଡ଼ାରେ ସମବାୟ ସପ୍ତାହ ପାଳିତ

ଡେରାବିଶ, ୧୭।୧୧ (ସ୍ୱ.ପ୍ର.)

ଚଳିତ ମାସ ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସମବାୟ ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଡେରାବିଶ ବ୍ଲକ କୁଶିଆପାଳ ଓ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ଶନିବାର ସମବାୟ ସପ୍ତାହ ପାଳନ କରାଯାଇଥିଲା । ଏ ନେଇ କୁଶିଆପାଳ ସମବାୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ସମିତି ସଭାପତି ସରୋଜକାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ । ଜିଲା ସହକାରୀ ଉପନିବନ୍ଧକ ମନୋରଞ୍ଜନ ସାହୁ ମୁଖ୍ୟଅତିଥି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳକ ରବୀନ୍ଦ୍ର କୁମାର ବିଶ୍ୱାଳ, ସମବାୟ ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସଭାରେ ପରିଚାଳନା ସମିତି ନିର୍ଦ୍ଦେଶକ କେଲୁ ଚରଣ ନାଥ, ପୁଷ୍ପାଞ୍ଜଳି ପାତ୍ର, ଅଭୟ କୁମାର ପରିଡ଼ା, ଚିତ୍ତରଞ୍ଜନ ମଲ୍ଲିକ, ରଶ୍ମିରଞ୍ଜନ ରାଉତ, ପତିତପାବନ ବାରିକ, ବାସୁଦେବ ଗେରୁ, ରାମଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମିତି କର୍ମଚାରୀ କୁଳମଣି କର, ସୁରେନ୍ଦ୍ର କୁମାର ନାୟକ, ଲକ୍ଷ୍ମୀ ପାତ୍ରଙ୍କ ଦ୍ୱାରା ପରିଚାଳିତ ସଭାରେ ସହସମ୍ପାଦକ ମାନସ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

ସେହିଭଳି କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସମବାୟ ସପ୍ତାହ ପାଳିତ ହୋଇଥିଲା । ସମିତି ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚାନ୍ଦୋଳସ୍ଥିତ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ରବୀନ୍ଦ୍ର କୁମାର ବିଶ୍ୱାଳ ମୁଖ୍ୟଅତିଥି, ସମିତି ସମ୍ପାଦକ ଗୌରାଙ୍ଗ ପ୍ରଧାନ, ପରିଚାଳନା କମିଟି ନିର୍ଦ୍ଦେଶକ ରାଧାଶ୍ୟାମ ଦାସ, ପ୍ରଦୀପ କୁମାର ମହାନ୍ତି, କରୁଣାକର କର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ସହ-ସମ୍ପାଦକ ସୁମନ ସଙ୍ଗୀତା ଦାସ ଧନ୍ୟବାଦ ଦେଇଥିଲେ ।

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବଗାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

## ସଂକ୍ଷେପରେ

ଚାଷୀ ଆତ୍ମହତ୍ୟା ଘଟଣା

### ଗୌରାଙ୍ଗଙ୍କ ମୃତ୍ୟୁର କାରଣ ଚାଷ ନୁହେଁ: ଜିଲାପାଳ

**କେନ୍ଦ୍ରାପଡା ଅଫିସ, ୧୭।୧୧:** ପଟ୍ଟାମୁଣ୍ଡାଇ ବ୍ଲକ ନପଙ୍ଗ ଗ୍ରାମର ଚାଷୀ ଗୌରାଙ୍ଗ କାପଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ସହରର ରାମମନ୍ଦିର ନିକଟ ଗୋବରୀ ନଦୀକୂଳ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଅଗଷ୍ଟରେ ବର୍ଷାଜନିତ ଫସଲ କ୍ଷୟକ୍ଷତି ଯୋଗୁ ସେ ଆତ୍ମହତ୍ୟା କରିଥିବା ପରିବାର ସଦସ୍ୟ ଓ ସ୍ଥାନୀୟ କୃଷକ ନେତା ଅଭିଯୋଗ କରିଥିଲେ । ତେବେ ଏହି ମୃତ୍ୟୁ ଫସଲଜନିତ କ୍ଷୟକ୍ଷତି ପାଇଁ ନୁହେଁ ବୋଲି ଜିଲାପାଳ ଦାଶରଥି ଶତପଥୀ ଶନିବାର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ,ଏହି ଘଟଣାର ତଦନ୍ତ କରିବାକୁ ଏଡିଏମ ବସନ୍ତ ରାଉତଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ତହସିଲଦାର ସରୋଜ କୁମାର ସ୍ୱାଇଁ, କୃଷି ବିଭାଗ କର୍ମଚାରୀମାନେ ନପଙ୍ଗ ଗ୍ରାମକୁ ପୂର୍ବାହ୍ନରେ ଯାଇଥିଲେ । ସେମାନେ ପରିବାର ସଦସ୍ୟ, ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି, ଧାନଚାଷ ପାଇଁ ଭାଗ ଦେଇଥିବା ଜମିମାଲିକଙ୍କୁ ପଚାରାଉଚୁରା କରିଥିଲେ। ଏଥିସହ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମିକୁ ଏହି ତଦନ୍ତକାରୀ ଦଳ ଅନୁଧ୍ୟାନ କରିଥିଲେ । ଏପରିକି ଜମିମାଲିକ ଚାଷ ପାଇଁ ସମ୍ପୂର୍ଣ୍ଣ ଅର୍ଥ ଖର୍ଚ୍ଚ କରିଥିବାରୁ ଗୌରାଙ୍ଗଙ୍କୁ ଋଣର ଆବଶ୍ୟକତା ନ ଥିଲା ବୋଲି ଜିଲାପାଳ ଶତପଥୀ କହିଛନ୍ତି ।

### ପୁରୀରୁ ଆସିଲା ପାଟଶାଢ଼ି

**କେନ୍ଦ୍ରାପଡା ଅଫିସ, ୧୭।୧୧:** ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ପ୍ରଲମ୍ବାସୁର ବଧ ବେଶ ଆଗାମୀ ୧୯ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ତୁଳସୀ କ୍ଷେତ୍ରାଧିପତିଙ୍କ ନିକଟକୁ ପଠାଯାଇଥିବା ୩ ଖଣ୍ଡ ପାଟଶାଢ଼ି ଶନିବାର ପହଞ୍ଚିଛି। ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ସରୋଜ କୁମାର ରାୟ, ବିମଳ କୁମାର କାମିଲା, ସତ୍ୟ ନାରାୟଣ ପାତ୍ର ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖଏ ସବୁ ପାଟଶାଢ଼ି ଆଣି ଶ୍ରୀଜୀଉଙ୍କୁ ପ୍ରଦାନ କରିଥିଲେ । ପାଟଶାଢ଼ି ଶ୍ରୀଜୀଉଙ୍କ ଦେବୋତ୍ତର ସଂସ୍ଥା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରା ମାଧମରେ ମନ୍ଦିର ନିକଟକୁ ଯାଇଥିଲା । ମନ୍ଦିରରେ ବଡପଣ୍ଡା ମାଧବ ପତ୍ରୀଙ୍କୁ ଏହି ପାଟଶାଢ଼ି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଟ୍ରଷ୍ଟି ବଳରାମ ସୁଆର, ଧୀରେନ କୁମାର ସାହୁ, ରଞ୍ଜନ କୁମାର ପୃଷ୍ଟି, ଯଯାତି କିଶୋର ମହାନ୍ତି, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ସହ ସଂସ୍ଥାର କର୍ମଚାରୀ ଓ ସେବାୟତମାନେ ସାମିଲ ହୋଇଥିଲେ ।

### ପାଟଳିପଙ୍କ ଏସିଡ ମାଡ଼ ଘଟଣା: ଆଉ ଜଣେ ଗିରଫ

**ମାର୍ଶାଘାଇ, ୧୭।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ପାଟଳିପଙ୍କ ଗ୍ରାମରେ ଏସିଡ ମାଡ଼ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରର ସାଲିଆସାହିରୁ ମାର୍ଶାଘାଇ ପୋଲିସ ଶନିବାର ଗିରଫ କରଛି। ସେ ହେଲେ ସତ୍ୟରଞ୍ଜନ ସେଠୀ। ଏ ନେଇ କେନ୍ଦ୍ରାପଡ଼ା ଏସଡିପିଓ ରାଜୀବ ଲୋଚନ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରେମ ବ୍ୟାପାରକୁ ନେଇ ପାଟଳିପଙ୍କ ଗ୍ରାମର ଭବାନୀ ଶଙ୍କର ଓଝା(୨୫) ସେହି ଗ୍ରାମର ହିମାଂଶୁ ବାରିକ, ତାଙ୍କ ସ୍ତ୍ରୀ ଓ ୨ଝିଅଙ୍କ ଉପରକୁ ଏସିଡ ମାଡ଼ କରିଥିଲେ। ଏଥିରେ ହିମାଂଶୁଙ୍କ ୨ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ତେବେ ପୂର୍ବରୁ ପୋଲିସ ଭବାନୀଙ୍କୁ ଗିରଫ କରିଥିବା ବେଳେ ଶନିବାର ତାଙ୍କ ସହଯୋଗୀ ସତ୍ୟରଞ୍ଜନଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ୧୬୪/୧୮ନଂ.ରେ ଏକ ମାମଲା ରୁଜୁ ହୋଇଥିଲା।

### ଶ୍ରୀରାଧା ପାଦ ଦର୍ଶନ

**ଡେରାବିଶ, ୧୭।୧୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଡାବଲସ୍ଥିତ ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା ମଠଠାରେ ମା'ରାସେଶ୍ୱରୀ ଦେବୀଙ୍କ ଶ୍ରୀରାଧା ପାଦ ଦର୍ଶନ ତଥା ଅଁଳା ନବମୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ରାସେଶ୍ୱରୀ ରସିକରା ନିତ୍ୟସେବା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରତ୍ୟୁଷରୁ ଶ୍ରୀବିଗ୍ରହ ଏବଂ ଅଁଳା ବୃକ୍ଷ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ମା'ରାସେଶ୍ୱରୀ (ରାଧା) ଦେବୀଙ୍କୁ ଓଡ଼ିଆଣୀ ବେଶ କରାଯିବା ପରେ ଶ୍ରୀପାଦ ଯୁଗଳକୁ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ନିତ୍ୟ ସେବା ସମିତି ସଭାପତି ଉମେଶ ଚନ୍ଦ୍ର ମହାନ୍ତି ଏବଂ ସମ୍ପାଦକ ରଘୁନାଥ ଦାସଙ୍କ ଉଦ୍ୟମରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ମଠ ପରିଚାଳନା କମିଟିର ଟ୍ରଷ୍ଟି ଉପେନ୍ଦ୍ର ନାଥ ସିଂ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଭିତରକନିକା ଜାତୀୟ ଉଦ୍ୟାନ ଅସୁରକ୍ଷିତ

# ଅନୁପ୍ରବେଶକାରୀଙ୍କ ପ୍ରୋତ୍ସାହନରେ ଚାଲିଛି ନିଶା କାରବାର

■ ୪୧୦ ଗ୍ରାମର ଲୋକେ ନିଶା କାରବାରରେ ଲିପ୍ତ

■ ନିଆଯାଉନାହିଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

**କେନ୍ଦ୍ରାପଡା ଅଫିସ, ୧୭।୧୧**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ସରୀସୃପ, ପକ୍ଷୀ ଓ ଅନ୍ୟାନ୍ୟ ପ୍ରାଣୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏନେଇ ସେଠାରେ ମତ୍ସ୍ୟ ବିଭାଗ, ବନ ବିଭାଗ, ମେରାଇନ ପୋଲିସ, ଅବକାରୀ ବିଭାଗ କର୍ମଚାରୀଙ୍କୁ ଜାତୀୟ ଉଦ୍ୟାନର ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ମାତ୍ର ଏହି ଜାତୀୟ ଉଦ୍ୟାନ କେତେ ସୁରକ୍ଷିତ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଜାତୀୟ ଉଦ୍ୟାନ ମଧ୍ୟରେ ଦିନକୁ ଦିନ ବେଆଇନ ନିଶା କାରବାର ବୃଦ୍ଧି ପାଇ ଚାଲିଥିବା ବେଳେ

ଅନୁପ୍ରବେଶକାରୀମାନେ ଏହାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ମାତ୍ର ସୁରକ୍ଷା ଦାୟିତ୍ୱରେ ଥିବା ବିଭାଗଗୁଡିକ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଭିତରକନିକା ମଧ୍ୟରେ ଥିବା ୪୧୦ ଗ୍ରାମରେ ଏବେ ନିଶା କାରବାର ଜୋର ଧରିଥିବା ଅଭିଯୋଗ ହୋଇଛି। କେବଳ ରନ୍ଧା ମଦ ନୁହେଁ, ବେଆଇନ ମଦ, ଗଞ୍ଜେଇ, ହେରୋଇନ, ଚରସ ବେପାର ଚାଲୁଥିବା ସୂଚନା ମିଳିଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ପ୍ରଶାସନ ପକ୍ଷରୁ ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ଗତ ଦୁଇ ମାସ ପୂର୍ବେ ଜାତୀୟ ଉଦ୍ୟାନ ଅନ୍ତର୍ଗତ ଜମ୍ବୁ ଅଞ୍ଚଳରୁ ବେଆଇନ ଭାବେ ରନ୍ଧା ମଦ ଓ ଆସବାବପତ୍ର ସହ ୩ ଜଣ ମହିଳାଙ୍କୁ ଜିଲା ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇଥିଲା। ଜିଲାର ମହାକାଳପଡା ଓ ରାଜନଗର ବ୍ଲକର କିଛି ଅଂଶ ଜାତୀୟ ଉଦ୍ୟାନ ମଧ୍ୟରେ ଆସୁଥିବାରୁ ସେସବୁ ସ୍ଥାନରେ ନିଶା କାରବାର ଜୋର୍‌ଦାର ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ମହାକାଳପଡା ବ୍ଲକର ବଡିଘର, ସୁନୀତି, ରାମନଗର ଅଞ୍ଚଳରେ ଏହି କାରବାର ପ୍ରଚୁର ପରିମାଣରେ ଚାଲଛି। ସେହିପରି ରାଜନଗର ବ୍ଲକର ଓସ୍ତିଆ, ବନ୍ଧପାଟଣା, ନଗଡ, ବେଲପାଳ, ସଞ୍ଚପଡା, ଗୋବିନ୍ଦପୁର, ମଦନପୁର, ଦାଣ୍ଡି ଓ କଣ୍ଟିଆ ଆଦି ଗ୍ରାମ ନିଶା ବେପାରୀଙ୍କ ପାଇଁ ଚରାଭୂଇଁ ପାଲଟିଛି । ଏସବୁ ଅଞ୍ଚଳର ବିଭିନ୍ନ ଗ୍ରାମରୁ ବହୁ ପରିମାଣରେ ରନ୍ଧା ମଦ, ପୋଚ ଜବତ ହୋଇଛି। ଏଠାରେ ଗଞ୍ଜେଇ, ହେରୋଇନ ଓ ଚରସ ବେପାର ଖୁଲମୁଖୁଲା ଚାଲିଛି। ବାଂଲାଦେଶରୁ ଏସବୁ ନିଶାଦ୍ରବ୍ୟ ଆସୁଛି ବୋଲି ରାମନଗର ଗ୍ରାମର ପ୍ରମୋଦ ଦାସ କହିଛନ୍ତି। ସେ କହିଛନ୍ତି ଯେ, ଗତ ବର୍ଷ ଖରିନାସୀର ଏକ ବ୍ୟବସାୟିକ ପେଣ୍ଟସ୍ଥଳୀରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକକାଳୀନ ୧୨୦୦ ପେଟିର ଅବଧି ଶେଷ ହୋଇଥିବା ମଦ ଜବତ ହୋଇଥିଲା । ସେହିପରି ରାଜନଗର ବ୍ଲକ ଓସ୍ତିଆ ଗ୍ରାମର ଅନିରୁଦ୍ଧ ସେଠୀ କୁହନ୍ତି, ବେଆଇନ ନିଶା କାରବାର ପାଇଁ ସ୍ଥାନୀୟ ଅଞ୍ଚଳ ବାଂଲାଅନୁପ୍ରବେଶକାରୀ ଦାୟୀ । ସେମାନେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ନିଶାରେ କବଳିତ କରି ଜାତୀୟ ଉଦ୍ୟାନରେ ପଶୁପକ୍ଷୀ ଶିକାର କରୁଛନ୍ତି। ମାତ୍ର ଏହି ଉପାନ୍ତ ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ନିଶା କବଳରେ ପଡିବାରୁ ସ୍ଥାନୀୟ ଅଞ୍ଚଳର ଛାତ୍ରମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି ବୋଲି ସେଠୀ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡାସ୍ଥିତ ଅବକାରୀ ଅଧୀକ୍ଷକ ରାହାସ ବିହାରୀ ପାତ୍ର କହିଛନ୍ତି, ଜିଲା ଅବକାରୀ ବିଭାଗ ପକ୍ଷରୁ ଏନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଗତ ମେ ମାସରୁ ଅଦ୍ୟାବଧି ଏହି ଅଞ୍ଚଳରେ ଚଢ଼ାଉ କରାଯାଇ ବେଆଇନ ନିଶା କାରବାରରେ ଜଡିତ ଥିବା ୧୮ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ଏଠାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ନିଶାକାରବାର ରୋକିବା ପାଇଁ ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି।



ଅଁଳା ନବମୀ ଅବସରରେ ତୁଳସୀ କ୍ଷେତାଧିପତି ଶ୍ରୀବଳଦେବଜୀଉଙ୍କ ତୁଳସୀ ବେଶ ।

### ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ବୈଠକ

■ ବଜାର କମିଟି ସଦସ୍ୟଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

**ଡେରାବିଶ, ୧୭।୧୧ (ସ୍ୱ.ପ୍ର.)**

ଚାନ୍ଦୋଳ ବଜାର କମିଟିର ଦୀର୍ଘ ବର୍ଷର ଅଭିଯୋଗ ଶୁଣିବା ପାଇଁ ଶୁକ୍ରବାର ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ଦାଶରଥି ଶତପଥୀ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର, ତହସିଲଦାର କାହ୍ନୁଚରଣ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଚାନ୍ଦୋଳ ହାଟ ଦିନ କଟକ-ଚାନ୍ଦବାଲି ରାସ୍ତାରେ ଚାଷୀ ଓ ବ୍ୟବସାୟୀ ବସି ରାସ୍ତା ଅବରୋଧ କରିବା, ହାଟରେ ଶୌଚାଳୟ ବ୍ୟବସ୍ଥା, ହାଟ ଭିତରୁ ବର୍ଷା ଦିନେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ନିମନ୍ତେ ବଜାର କମିଟି ତରଫରୁ ଦାବି କରାଯାଇଥିଲା। ଏହାଛଡ଼ା ଚାନ୍ଦୋଳଠାରେ ବସ୍ ଷ୍ଟାଣ୍ଡ ଓ ଯାତ୍ରୀଙ୍କ ଶୌଚାଳୟ ନିର୍ମାଣ ପାଇଁ ମଧ୍ୟ ଦାବି କରାଯାଇଥିଲା। ଦାବିଗୁଡ଼ିକର ଯଥାର୍ଥତା ପ୍ରଶାସନ ଉପଲବ୍ଧି କରି ୧୫ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଜୟ କୁମାର ରାଉତ ପ୍ରତିଶ୍ରୁତି ଦେବା ସହ ୩ ମାସ ମଧ୍ୟରେ କାର୍ଯ୍ୟ ସାରିବେ ବୋଲି କହିଥିଲେ। ଯାତ୍ରୀ ବିଶ୍ରାମଗାର ଓ ଶୌଚାଳୟ ପାଇଁ ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗ ସହ ଯୋଗାଯୋଗ କରି ପଦକ୍ଷେପ ନେବାକୁ ଜିଲାପାଳ କହିଥିଲେ। ବୈଠକରେ ସରପଞ୍ଚ ଅନୁପମା ଷଡ଼ଙ୍ଗୀ, ବଜାର କମିଟି ସଭାପତି ନିଶାମଣି ବେହେରା, ସମ୍ପାଦକ ରତ୍ନାକର ନାୟକ, କୈଳାସ ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୮।୧୧।୨୦୧୮ (ରବିବାର)**

■ ସିଦ୍ଧ ମରିଚାଣୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ମାଗଣା ଚିକିତ୍ସା ଶିବିର। **ସ୍ଥାନ–** ବଗଡା, କେନ୍ଦ୍ରାପଡା,**ସମୟ–** ପୂର୍ବାହ୍ନ ୮ଟା।

■ ବିଜେଡିର ମିଶ୍ରଣ ପର୍ବ।
**ସ୍ଥାନ–**ଆଖଣ୍ଡଳମଣି ମନ୍ଦିର ପରିସର, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।

■ ମାର୍ଶାଘାଇ ପୁରୁଷୋତ୍ତମ ରାସ୍ତା ଶିଳାନ୍ୟାସ ଉତ୍ସବ।
**ସ୍ଥାନ–** ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୧ଟା ।

■ ପଠାଣି ସାମନ୍ତ ଗଣିତ ପରୀକ୍ଷା।
**ସ୍ଥାନ–**ସରକାରୀ କେନ୍ଦ୍ରୀୟ ବିଦ୍ୟାଳୟ,ମାର୍ଶାଘାଇ,**ସମୟ–** ପୂର୍ବାହ୍ନ ୧୦ଟା।

**୧୯।୧୧।୨୦୧୮ (ସୋମବାର)**

■ ମିଳିତ ଜନଶୁଣାଣି ଶିବିର।
**ସ୍ଥାନ–** ରାଜନଗର ବ୍ଲକ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା ୩୦ ମିନିଟ।

■ ଜିଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ।
**ସ୍ଥାନ–** ଜିଲା କଂଗ୍ରେସ ଭବନ, କଜଳା,କେନ୍ଦ୍ରାପଡା,**ସମୟ–**ପୂର୍ବାହ୍ନ ୧୦ଟା।

■ ଶ୍ରୀ ବଳଦେବଜୀଉଙ୍କ ପ୍ରଳମ୍ବାସୁର ବେଶ।
**ସ୍ଥାନ–** ଇଚ୍ଛାପୁର, କେନ୍ଦ୍ରାପଡା, **ସମୟ–** ସନ୍ଧ୍ୟା ୬ଟା।

■ ବିଶ୍ୱ ପରିମଳ ଦିବସ ପାଳନ।
**ସ୍ଥାନ–** କଳପଡା, କେନ୍ଦ୍ରାପଡା, **ସମୟ–** ଅପରାହ୍ନ ୩ଟା।

■ ବିଶ୍ୱ ଆୟୋଡିନଜନିତ ରୋଗ ପ୍ରତିଷେଧକ ଦିବସ।
**ସ୍ଥାନ–**ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।

**୨୦।୧୧।୨୦୧୮ (ମଙ୍ଗଳବାର)**

■ ବ୍ଲକ ଅଞ୍ଚଳର ଉନ୍ନୟନ ସମୀକ୍ଷା।
**ସ୍ଥାନ–**ରାଜକନିକା ବ୍ଲକ, ରାଜକନିକା, **ସମୟ–** ପୂର୍ବାହ୍ନ ୧୦ଟା ୩୦ ମିନିଟ।

■ ତୁଳସୀ ବିବାହ ଉତ୍ସବ।
**ସ୍ଥାନ–**ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା, **ସମୟ–**ସନ୍ଧ୍ୟା ୬ଟା

■ କନ୍ଦରାସୁର ପୋଡି ଉତ୍ସବ।
**ସ୍ଥାନ–** ଗୋପ, କେନ୍ଦ୍ରାପଡା, **ସମୟ–** ସନ୍ଧ୍ୟା ୬ଟା।

**୨୨।୧୧।୨୦୧୮ (ଗୁରୁବାର)**

■ ବ୍ଲକ ଅଞ୍ଚଳର ଉନ୍ନୟନ ସମୀକ୍ଷା। **ସ୍ଥାନ–** କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା ୩୦ ମିନିଟ।

**୨୩।୧୧।୨୦୧୮ (ଶୁକ୍ରବାର)**

■ ରାହାସ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀବଳଦେବଜୀଉଙ୍କ ପଦ୍ମବେଶ।
**ସ୍ଥାନ–**ଇଚ୍ଛାପୁର ମନ୍ଦିର, କେନ୍ଦ୍ରାପଡା, **ସମୟ–**ସନ୍ଧ୍ୟା ୬ଟା।

■ ଜିଲା ବୋଇତ ବନ୍ଦାଣ ସମିତି ସୁବର୍ଣ୍ଣ ଜୟନ୍ତୀ ସମାରୋହ।
**ସ୍ଥାନ–**ଟାଉନ ହଲ, କେନ୍ଦ୍ରାପଡା, **ସମୟ–** ଅପରାହ୍ନ ୫ଟା।

■ ଭାଗବତ ପାରାୟଣ।
**ସ୍ଥାନ–**ରାଇପାଳ, କଂସାର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୬ଟା।

■ ଜିଲା ବୋଇତ ବନ୍ଦାଣ ଉତ୍ସବ।
**ସ୍ଥାନ–**ଖଡିଅଙ୍ଗ ମହାଭୋଇ ପୋଖରୀ,କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୮ଟା।

■ ମାର୍ଶାଘାଇ ମହାବିଦ୍ୟାଳୟ ସ୍ୱନକ୍ଷତ୍ର ଦିବସ ପାଳନ।
**ସ୍ଥାନ–** ମାର୍ଶାଘାଇ ମହାବିଦ୍ୟାଳୟ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।

■ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ।
**ସ୍ଥାନ–**ଘାଇଲୋ ଦାମୋଦର ମନ୍ଦିର, ମାର୍ଶାଘାଇ, **ସମୟ–** ସନ୍ଧ୍ୟା ୬ଟା।

**୨୪।୧୧।୨୦୧୮ (ଶନିବାର)**

■ ଜିଲା ବୋଇତ ବନ୍ଦାଣ ସମିତି ସୁବର୍ଣ୍ଣ ଜୟନ୍ତୀ ସମାରୋହ
**ସ୍ଥାନ–** ଟାଉନ ହଲ, କେନ୍ଦ୍ରାପଡା, **ସମୟ–** ଅପରାହ୍ନ ୫ଟା।

■ ମାସିକ ଗ୍ରାମ ଉନ୍ନୟନ ସମୀକ୍ଷା ବୈଠକ।
**ସ୍ଥାନ–** ଡିଆରଡିଏ ହଲ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ପୋଷ୍ୟ ସନ୍ତାନ ସଚେତନତା କାର୍ଯ୍ୟକ୍ରମ

**ମହାକାଳପଡ଼ା, ୧୭।୧୧ (ଡି.ଏନ.ଏ.)**



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।

ମହାକାଳପଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ପୋଷ୍ୟ ସନ୍ତାନ ସଚେତନତା ଓ ଶିଶୁ ଅଧିକାର ସପ୍ତାହ-୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଶାଖା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୁଥରାନ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ କଲ୍ୟାଣ କମିଟିର ପ୍ରାକ୍ତନ ଅଧକ୍ଷ ଶିଶିର କୁମାର ରାଉତରାୟ ଯୋଗଦେଇ ଗ୍ରାମାଞ୍ଚଳରେ ଅନେକ ଗରିବ ପରିବାରର ଶିଶୁମାନଙ୍କୁ ଅବହେଳା କରାଯାଉଛି ବୋଲି କହିଥିଲେ। ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ଜିଲା ଶିଶୁକଲ୍ୟାଣ କମିଟି ପ୍ରୟାସ ଜାରି ରଖିଛି ବୋଲି ସେ କହିଥିଲେ। ପୋଷ୍ୟସନ୍ତାନ ଗ୍ରହଣ ପରେ ଶିଶୁଙ୍କ ଭବିଷ୍ୟତ ସମ୍ପର୍କରେ ଥିବା ଆଇନଗତ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ପୋଷ୍ୟସନ୍ତାନ ସଚେତନତା ରଥ ବ୍ଲକର ବିଭିନ୍ନ ଅଞ୍ଚଳରେ ପରିକ୍ରମା କରିଥିଲା। ପୋଷ୍ୟସନ୍ତାନ ଗ୍ରହଣ ନିଷ୍ପତ୍ତି ବାସ୍ତବରେ ଆପଣଙ୍କ ଜୀବନରେ ଏକ ମଧୁର ଓ ସୁଖଦ ଅନୁଭୂତି ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ନଭେମ୍ବର ୧୪ ଶିଶୁଦିବସରୁ ନଭେମ୍ବର ୨୦ ଆନ୍ତର୍ଜାତିକ ଶିଶୁ ଅଧିକାର ଦିବସ ପର୍ଯ୍ୟନ୍ତ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ମଧ୍ୟରେ ରବୀନ୍ଦ୍ର ପ୍ରସାଦ ଜେନା, ଡା. ମନୋଜ କୁମାର ପଣ୍ଡା, ସିଡ଼ିପିଓ ମନୋରମା ସ୍ୱାଇଁ, ବାଦଲ ଦାଶ ଓ କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ପୂର୍ଣ୍ଣଚନ୍ଦ୍ର ମଲିକ, ପ୍ରମୋଦ ସେନାପତି ଓ ଚିତ୍ତ ରଞ୍ଜନ ତାରିଣୀ ପ୍ରମୁଖ ପରିଚାଳନା କରିଥିଲେ।

## ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ

**କେନ୍ଦ୍ରାପଡା ଅଫିସ୍, ୧୭।୧୧**

କେନ୍ଦ୍ରାପଡା ବ୍ଲକ ବାରୋସ୍ଥିତ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ଓଡିଆ ସଂଗୀତ ଜଗତର ଚିରସବୁଜ ଗାୟକ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଷୋଡ଼ଶ ଶ୍ରଦ୍ଧୋତ୍ସବ ଶନିବାର ପାଳିତ ହୋଇଯାଇଛି । କଳାନିକେତନ ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କ ସଂଗୀତ ଗାନ କରାଯାଇଥିଲା । ଏଥିସହ ଗାୟକ ଚିତ୍ତରଞ୍ଜନ ଜେନାଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ସଂସ୍କୃତି ଗବେଷକ ମାନସଭୂଷଣ ପଣ୍ଡିତ ହୃଷୀକେଶ ରଥ, ସୁବାସ ପାତ୍ର, ରାମକୃଷ୍ଣ ଦାଶ, ରତ୍ନାକର ମଲ୍ଲିକ ଓ ଲୋକନାଥ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ସଂଗୀତ ଜଗତକୁ ଅକ୍ଷୟଙ୍କ ଦାନ ସମ୍ପର୍କରେ ଅତିଥିମାନେ ନିଜର ମତ ଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀମାନେ ଅକ୍ଷୟ ଓ ଚିତ୍ତରଞ୍ଜନଙ୍କ ବହୁ ସଂଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରବୀନ୍ଦ୍ରନାଥ ମିଶ୍ର, ରଞ୍ଜନ ବରାଳ, ଚନ୍ଦ୍ରକାନ୍ତି ସୂତାର ଓ ସୋନାଲି ସୂତାର ପ୍ରମୁଖ ଭାଗ ନେଇଥିଲେ । ଏହାକୁ କଳା ନିକେତନର ସଦସ୍ୟମାନେ ପରିଚାଳନା କରିଥିଲେ ।

■ ସୁଧୁରନି ରାସ୍ତା ଅବସ୍ଥା

## ମରାମତି ପାଇଁ ବିଧାୟକଙ୍କ ନିକଟରେ ଦାବି

**ପାଟକୁରା, ୧୭।୧୧(ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେଡାରୀଠାରୁ ଚତରାଦଣ୍ଡା ପର୍ଯ୍ୟନ୍ତ ରାସ୍ତା ଦିର୍ଘଦିନ ହେବ ଶୋଚନୀୟ ହୋଇପଡିଥିବା ବେଳେ ଏହାର ମରାମତି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ବେଡାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଆସ ପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଶ୍ରୀଚନ୍ଦନପୁର, ପରକଣା ଗ୍ରାମବାସୀ ଓ ମାର୍ଶାଘାଇ ବ୍ଲକର ବଟିରା ଏବଂ ମଙ୍ଗରାଜପୁର ପଞ୍ଚାୟତବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ। ବିଗତ ବର୍ଷଗୁଡ଼ିକରେ ବନ୍ୟା ବେଳେ ଚିତ୍ରୋତ୍ପଳା ନଦୀର ବେଡାରୀ, କୁଳଟୁଠୀ ଓ ମଦନାଠାରେ ସୃଷ୍ଟି ହୋଇଥିବା ଘାଇ ଯୋଗୁ ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତା ଦେଇ ଦୈନିକ ଶତାଧିକ ଲୋକ ହାଟ, ବ୍ୟାଙ୍କ, ଡାକ୍ତରଖାନା ଆଦି ଯାଉଥିବା ବେଳେ କଲେଜ, ସ୍କୁଲ ପିଲାମାନେ ମଧ୍ୟ ଯା'ଆସ କରନ୍ତି। ତେବେ ରାସ୍ତାର ଗୁରୁତ୍ୱ ଦୃଷ୍ଟିରୁ ତୁରନ୍ତ ଏହାର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ରାସ୍ତାରେ ପକା ଯାଇଥିବା ମେଟାଲ, ମୋରମ୍ ରାସ୍ତାର କେତେକ ସ୍ଥାନରୁ ଉଠିଯାଇଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣାମାନ ଘଟୁଛି। ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଅନ୍ତର୍ଭୁକ୍ତ କରାଇ ଚତରା ଦଣ୍ଡାରୁ ବେଡାରୀ, କୂଳଟୁଠୀ, ସୋଲପାଟ୍ ଗ୍ରାମ ମଧ୍ୟକୁ ରାସ୍ତା ସଂଯୋଗ କରଇବାକୁ ସ୍ଥାନୀୟ ଲୋକେ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ନିକଟରେ ଦାବି କରିଛନ୍ତି। ବେଡାରୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନା, ନୃସିଂହ ଚରଣ ଶୁକ୍ଳ, ଅରକ୍ଷିତ ବେହେରା, ଧମାନନ୍ଦ ବାରିକ୍, ଧ୍ରୁବଚରଣ ସାହୁ, ରବୀନ୍ଦ୍ର ସାହୁ, ଅକ୍ଷୟ କୁମାର ବେହେରା, ବିକଳି ଚରଣ ବେହେରା, ରବୀନ୍ଦ୍ର ବେହେରା ଓ ରାଜକିଶୋର ସାହୁ ପ୍ରମୁଖ ଦାବି କରିଛନ୍ତି।

## ୬୫ତମ ସମବାୟ ସପ୍ତାହ ପାଳିତ

**ଆଳି, ୧୭।୧୧ (ଡି.ଏନ୍.ଏ.)**



ସମବାୟ ସପ୍ତାହ ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ପକ୍ଷରୁ ଶନିବାର ୬୫ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଆଳି ଶାଖା ଅଧୀନରେ ଥିବା ୧୧ଟି ସମବାୟ ସମିତି ଆନୁକୂଲ୍ୟରେ ନିଆଳଠାରେ ଥିବା ସିନେମାହଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସହ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଏକ କୃଷି ସମ୍ପନ୍ନ ରାଜ୍ୟ ହୋଇଥିବା ବେଳେ ଲୋକମାନେ ଚାଷ କାର୍ଯ୍ୟ ଛାଡି ରାଜ୍ୟ ଓ ଦେଶ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ନାନା ପ୍ରକାର ଅସୁବିଧାର ମଧ୍ୟ ସମ୍ମୁଖିନ ହେଉଛନ୍ତି। ତେବେ ଚାଷୀଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ କରାଯାଉଥିବା ବିଭିନ୍ନ ଯୋଜନାର ସୁଫଳ ଉଠାଇ ଚାଷ କାର୍ଯ୍ୟ କଲେ ଲୋକମାନେ ଉପକୃତ ହୋଇପାରନ୍ତେ ବୋଲି ମୁଖ୍ୟଅତିଥି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲାପରିଷଦ ସଭ୍ୟ ତଥା ଗୋବିନ୍ଦପୁର ସମବାୟ ସମିତିର ସଭାପତି ଧନରଞ୍ଜନ ବୋଷ ଓ ଆଳି ଶାଖା ପରିଚାଳକ ଜଗନ୍ନାଥ ତ୍ରିପାଠୀ ଯୋଗଦେଇ ଚାଷୀମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଅଞ୍ଚଳ ଅଧିକାରୀ ଦେବୀପ୍ରସନ୍ନ ସ୍ୱାଇଁ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆଳି କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ହରିହର ପାଣ୍ଡବ, ଡିମିରିପାଳ ସମବାୟ ସମିତିର ସମ୍ପାଦକ ରଞ୍ଜନ ସେଠୀ ଓ କଣ୍ଟିପୁର ସମବାୟ ସମିତି ସମ୍ପାଦକ କୈଳାସ ବରାଳଙ୍କ ବିୟୋଗରେ ସ୍ୱର୍ଗତ ଆତ୍ମାର ସଦଗତୀ ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କଣ୍ଟିପୁର ସମବାୟ ସମିତିର ସଭାପତି ନବକିଶୋର ପରିଡ଼ା, ଗୋବିନ୍ଦପୁର ସମବାୟର ସମ୍ପାଦକ ବିରଜା ପ୍ରସାଦ ଦାସ, ଅମରେନ୍ଦ୍ର ବରାଳ, ଧିରେନ ମହାନ୍ତିଙ୍କ ସମେତ ସମବାୟର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୁ ସେବା ସମବାୟ ସମିତି ସଭାପତି ବିରଞ୍ଚିନାରାୟଣ ରାଉତ ଶେଷରେ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଛତିଆରୁ ୩ଜଣଙ୍କୁ ଉଠାଇ ନେଲା ଚୌଦ୍ୱାର ପୋଲିସ

**ଚଣ୍ଡିଖୋଲ/ ଛତିଆ,୧୭।୧୧(ଡି.ଏନ୍.ଏ):** ବଡଚଣା ବ୍ଲକ ଛତିଆ ଅଞ୍ଚଳରୁ ୩ଜଣଙ୍କୁ ଚୌଦ୍ୱାର ପୋଲିସ ହଠାତ ଉଠାଇ ନେଇଥିବା ଜଣାଯାଇଛି। ଚୌଦ୍ୱାର ଥାନା ଅନ୍ତର୍ଗତ ଏକ ଚୋରି ମାମଲାରେ ବୈରୀ ଥାନା ଅଞ୍ଚଳ ଗୋପପୁରର ରଞ୍ଜନ ସ୍ୱାଇଁ, ଏକତାଳିଆ ଗାଁର ପୁନା ସାମନ୍ତରାୟ ଓ ବବୁଲ ସାମନ୍ତରାୟ ସମ୍ପୃକ୍ତ ଥିଲେ। ଛତିଆ ଫାଣ୍ଡି ଅଧିକାରୀ ଅମୀୟ କୁମାର ବେହେରାଙ୍କ ସହଯୋଗରେ ଚୌଦ୍ୱାରା ଥାନା ଏସଆଇ ଅଶୋକ କୁମାର ହାଁସଦାଙ୍କ ନେତୃତ୍ୱରେ ଆସିଥିବା ପୋଲିସ କର୍ମଚାରୀମାନେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ୩ଜଣଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି।

### ଅଗ୍ନିକାଣ୍ଡରେ ପୋଡ଼ିଗଲା ଦୋକାନ

**ଚଣ୍ଡିଖୋଲ,୧୭।୧୧(ଡି.ଏନ୍.ଏ):** ବଡଚଣା ଗଣ୍ଡି ଛକ ନିକଟରେ ଶୁକ୍ରବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଏକ ଜଳଖିଆ ଦୋକାନ ପୋଡି ଯାଇଥିବା ଜଣାଯାଇଛି। ପୋଡ଼ି ଯାଇଥିବା ଦୋକାନଟି ରାଧାଦେଇପୁର ଗ୍ରାମର ସୁମେନ୍ଦ୍ର ନାୟକଙ୍କର ବୋଲି ଜଣାପଡ଼ିଛି। ସୂଚନା ଯେ, ସୁରେନ୍ଦ୍ର ଦୋକାନ ବନ୍ଦ କରି ଘରକୁ ଯାଇଥିଲା ବେଳେ ବିଳମ୍ବିତ ରାତିରେ ତାଙ୍କ ଦୋକାନ ପୋଡି ଯାଉଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଖବର ଦେଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଦୋକାନର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ବେଳେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ।

### କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବିରଜାକ୍ଷେତ୍ର,୧୭।୧୧(ଡି.ଏନ୍.ଏ):** ଯାଜପୁର ଥାନା ଅନ୍ତର୍ଗତ ଅକରପଡ଼ା ଗ୍ରାମପଞ୍ଚାୟତ ଶ୍ରୀଧରପୁରସ୍ଥିତ ସିଲିକନ୍ ଏକାଦଶ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଏକ କ୍ରିକେଟ୍ ଟୁର୍ନାମେଣ୍ଟ ରାହାସୋଇ ଶିଶୁ ମନ୍ଦିର ପଡ଼ିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ କାଳନ୍ଦୀ ଚରଣ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି, ସରପଞ୍ଚ ମାଧବ ଚରଣ ମଲ୍ଲିକ, ଦିଲୀପ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ ସ୍ଥାନୀୟ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ସ୍ୱାଇଁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୨୪ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୧୫ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସିଲିକନ୍ ଏକାଦଶ କ୍ରିକେଟ କ୍ଲବ୍ ସଭାପତି ନିରଞ୍ଜନ ପରିଡ଼ା ଓ ଟୁର୍ନାମେଣ୍ଟର କାର୍ଯ୍ୟନିର୍ବାହୀ ମହମ୍ମଦ ଫିରୋଜ ଏବଂ କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଏହି ଟୁର୍ନାମେଣ୍ଟକୁ ସଫଳ କରାଇବାରେ ସହଯୋଗ କରୁଛନ୍ତି।

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବ



ମହୋତ୍ସବରେ ବଲାଙ୍ଗୀର ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଶଣ।



ଅମିତ ମିଶ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।



କାଳୀମାତା ବେଶରେ କୋରାପୁଟର କଳାକାରମାନେ।

# ମନ ମୋହିଲା କଳାକାରଙ୍କ କଳାନୈପୁଣ୍ୟ



ଅତିଥିମାନେ ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରୁଛନ୍ତି।

**ବିରଜାକ୍ଷେତ୍ର,୧୭।୧୧(ଡି.ଏନ୍.ଏ)**

ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଅବସ୍ଥିତ ତଥା ପୌରାଣିକ, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସହର ଯାଜପୁରରେ ଗତ ୧୫ ତାରିଖରୁ ୨୪ତମ ରାଜ୍ୟ ଯୁବ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ମହୋତ୍ସବରେ ଯୁବ କଳାକାରଙ୍କ କଳା ନୈପୁଣ୍ୟ ଦର୍ଶକଙ୍କ ହୃଦୟ ଜିତୁଥିବା ଦେଖିବାକୁ ମିଳିଛି। ୧୬ ଓ ୧୭ ତାରିଖ ଦୁଇଦିନ ଧରି ମହୋତ୍ସବସ୍ଥଳ ବାଳାଶ୍ରମ ପଡ଼ିଆରେ ୩୦ଟି ଜିଲ୍ଲାରୁ ଆସିଥିବା ଯୁବ ପ୍ରତିଭାମାନେ ସେମାନଙ୍କ କଳାର ନୈପୁଣ୍ୟ ପ୍ରଦର୍ଶିତ କରିଛନ୍ତି। ଏହି କଳାକାରମାନେ ବିଭିନ୍ନ ଜିଲ୍ଲାର ଲୋକନୃତ୍ୟ ପରିବେଷଣ କରିବା ସହ ଲୋକସଙ୍ଗୀତ ଗାନ କରିଥିଲେ। ଯୁବ କଳାକାରଙ୍କର ଉଚ୍ଚକୋଟୀର କଳା ନୈପୁଣ୍ୟକୁ ୩୦ଟି ଜିଲ୍ଲାରୁ ଆସିଥିବା କଳାକାରଙ୍କ ସହ ମହୋତ୍ସବ ପଡ଼ିଆରେ ଉପସ୍ଥିତ ଥିବା ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ। ଏପରିକି କିଛି ଜିଲ୍ଲାର କଳାକାରଙ୍କ କଳା ନୈପୁଣ୍ୟ ଜାତୀୟସ୍ତରର ପ୍ରତିଯୋଗିତା ସହ ସମାନ ବୋଲି ଉପସ୍ଥିତ ଥିବା ପଦସ୍ଥ ଅଧିକାରୀ ଓ ଦର୍ଶକମାନେ ପ୍ରଶଂସା କରିଥିଲେ। ବିଶେଷକରି ନୂଆପଡ଼ା, ଗଜପତି, କୋରାପୁଟ, ବଲାଙ୍ଗୀର, କଟକ, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ସମ୍ବଲପୁର ପ୍ରଭୃତି ଜିଲ୍ଲାର ଯୁବ କଳାକାରଙ୍କ କଳା ପ୍ରଦର୍ଶନକୁ ଦର୍ଶକମାନେ ପ୍ରଶଂସା କରିଥିବା ଦେଖିବାକୁ ମିଳିଥିଲା। ଏତଦ୍ ବ୍ୟତୀତ ଯାଜପୁର ସହରର ୬ଟି ସ୍ଥାନରେ ଭାରତନାଟ୍ୟମ୍, ଓଡ଼ିଶୀ, କୁଚିପୁଡ଼ି, ମଣିପୁରୀ, କଥକ, ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ, ଏକାଙ୍କିକା, ହାରମୋନିୟମ, ସୀତାର, ଗୀଟାର, ବୀଣା, ମୃଦଙ୍ଗ, ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ଯୁବ କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ୩୦ଟି ଜିଲ୍ଲାର କଳାକାରଙ୍କ ଦ୍ୱାରା ହୋଇଥିବା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା କଳାକାରଙ୍କୁ ୧୮ତାରିଖ ତଥା ଉଦ୍‌ଯାପନୀ ଦିବସରେ ସମ୍ବର୍ଦ୍ଧିତ କରାଯିବ। କୃତୀତ୍ୱ ଅର୍ଜନ କରିଥିବା କଳାକାରମାନେ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହେବେ। ଲୋକସଙ୍ଗୀତ ଓ ଲୋକନୃତ୍ୟ ପ୍ରତିଯୋଗିତା ଦେଖିବା ପାଇଁ ଯୁବବର୍ଗଙ୍କ ସମେତ ବୟସ୍କ ଲୋକ ମହୋତ୍ସବ ପଡ଼ିଆରେ ସାମିଲ ହୋଇଥିଲେ। ୩୦ଟି ଜିଲ୍ଲାରୁ ଆସିଥିବା କଳାକାର ଓ ପଦାଧିକାରୀମାନେ ଜିଲ୍ଲା ପ୍ରଶାସନର ଆତିଥ୍ୟକୁ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ତୃତୀୟ ଦିନ ଯୁବ ମହୋତ୍ସବର ସନ୍ଧ୍ୟାକୁ ମହୋତ୍ସବ ମଞ୍ଚରେ ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଓ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଉଦ୍‌ଘାଟିତ କରିବା ପରେ ବମ୍ବେର ସୁନାମଧନ୍ୟ କଣ୍ଠଶିଳ୍ପୀ ଅମିତ ମିଶ୍ରା ସଂଗୀତ ପରିବେଷଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମିହିର କୁମାର ମହାନ୍ତି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲ୍ଲାପାଳ ଅନୁପ ବେହେରା, ତହସିଲଦାର ମିହିର କୁମାର ମେହେର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଯାଜପୁର ବ୍ଲକ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ ଓ ପୂର୍ବତନ ପାରିଷଦ ସନ୍ତୋଷ ମଲ୍ଲିକ ପ୍ରମୁଖ ଯୁବ ମହୋତ୍ସବକୁ ସଫଳ କରିବା ପାଇଁ ପ୍ରୟାସ କରୁଛନ୍ତି।

### ବରପୁତ୍ରଙ୍କୁ ସମ୍ମାନ

ଦେଶ ଓ ରାଜ୍ୟ ପାଇଁ ଶହୀଦ ହୋଇଥିବା ବରପୁତ୍ରଙ୍କୁ ଜିଲ୍ଲା ପ୍ରଶାସନ ଯୁବ ମହୋତ୍ସବ ଅବସରରେ ଯଥାସମ୍ମାନ ଦେଉଥିବା ଦେଖିବାକୁ ମିଳିଛି। ମହୋତ୍ସବସ୍ଥଳ ବାଳାଶ୍ରମ ପଡ଼ିଆରେ ବରପୁତ୍ରଙ୍କ ଫଟୋଚିତ୍ର ରଖି ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଇଛି। ଏପରିକି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ବରପୁତ୍ରଙ୍କ ଫଟୋଚିତ୍ର ରଖାଯାଇ ସମ୍ମାନ ପ୍ରଦର୍ଶନ କରାଯାଉଛି। ମହାତ୍ମାଗାନ୍ଧୀ, ବିଜୁ ପଟ୍ଟନାୟକ, ବାଜି ରାଉତ, ଧରମା(ଧର୍ମପଦ), ଗୋପବନ୍ଧୁ, ମଧୁବାବୁ, ସାମନ୍ତ ଚନ୍ଦ୍ରଶେଖର, ରମା ଦେବୀ, ଫକୀର ମୋହନ, କବିସମ୍ରାଟ ଉପେନ୍ଦ୍ରଭଞ୍ଜ, ସୁରେନ୍ଦ୍ରସାଏ, ବୀର୍ସାମୁଣ୍ଡା, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ଲକ୍ଷ୍ମଣ ନାୟକ, ନେତାଜୀ ସୁବାସ ବୋଷ, ଅକ୍ଷୟ ମହାନ୍ତି, ଭିକାରୀ ବଳ, କେଳୁଚରଣ ମହାପାତ୍ର, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି ବରପୁତ୍ରଙ୍କ ଫଟୋଚିତ୍ର ରଖାଯାଇ ସମ୍ମାନ ପ୍ରଦର୍ଶନ କରାଯାଉଛି। ବରପୁତ୍ରଙ୍କୁ ଜାଣିବା ଓ ସେମାନଙ୍କ ଉତ୍ସର୍ଗୀକୃତ ସେବା ବିଷୟରେ ଦର୍ଶକଙ୍କୁ ଅବଗତ କରାଯାଉଛି।



### ଜିଲ୍ଲାପାଳଙ୍କ ଟିକିନିକି ତଦାରଖ

ଯାଜପୁର ସହରରେ ୨୪ତମ ଯୁବ ମହୋତ୍ସବକୁ ସଫଳତାର ସହ ସମାପନ କରିବା ପାଇଁ ଜିଲ୍ଲାପାଳ ରଞ୍ଜନ କୁମାର ଦାସ ସମସ୍ତ ଗୁରୁଦାୟିତ୍ୱ ବହନ କରୁଥିବା ପରିଲକ୍ଷିତ ହେଉଛି। ୩୦ଟି ଜିଲ୍ଲାରୁ ଆସିଥିବା ଯୁବ କଳାକାର, ସେମାନଙ୍କ ପଦାଧିକାରୀ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ଯୁବ ବିଭାଗର ପଦସ୍ଥ ଅଧିକାରୀଙ୍କ ରହିବା, ଖାଇବା ଓ ମଞ୍ଚସ୍ଥଳକୁ ଯିବାଆସିବା କରିବା ଆଦି ସମସ୍ତ ବିଷୟ ଜିଲ୍ଲାପାଳ ଦାସ ବୁଝୁଛନ୍ତି। ଏପରିକି କଳାକାର ଓ ଅଧିକାରୀଙ୍କ ଖାଇବା ବ୍ୟବସ୍ଥା ହୋଇଥିବା ସ୍ଥଳକୁ ଜିଲ୍ଲାପାଳ ନିଜେ ଯାଇ ଖାଇବା ବ୍ୟବସ୍ଥା ବୁଝିବା ସହ କଳାକାର ଓ ଅଧିକାରୀଙ୍କ ସହିତ ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ସକାଳେ କଳାକାରମାନେ ରହୁଥିବା ସ୍ଥାନକୁ ଜିଲ୍ଲାପାଳ ଗସ୍ତ କରି ସେମାନଙ୍କ ସହିତ କିଛି ମୁହୂର୍ତ୍ତ କଟାଉଥିବା ଦେଖିବାକୁ ମିଳିଛି।

### କନ୍ଧମାଳର ହଳଦୀଗୁଣ୍ଡ

ପଲ୍ଲିଶ୍ରୀ ମେଳାରେ କନ୍ଧମାଳ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହଳଦୀଗୁଣ୍ଡ ବିକ୍ରୟ କରୁଛନ୍ତି। ସାଧାରଣତଃ କନ୍ଧମାଳର ହଳଦୀଗୁଣ୍ଡ ଉନ୍ନତମାନର ବୋଲି କୁହାଯାଏ। ଏହି ବିଶ୍ୱାସ ଯୋଗୁ ମେଳାରେ ପଡ଼ିଥିବା ହଳଦୀଗୁଣ୍ଡ ବିକ୍ରୟ କେନ୍ଦ୍ରରେ ଅଧିକ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଛି

### ବାଉଁଶ, ବେତ ସାମଗ୍ରୀର ଚାହିଦା

ଯୁବ ମହୋତ୍ସବକୁ ଲାଗି ପଲ୍ଲିଶ୍ରୀ ମେଳା ଚାଲୁଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୪୦ଟି ଷ୍ଟଲ ପଲ୍ଲିଶ୍ରୀ ମେଳାରେ ପଡ଼ିଛି। ଏହି ମେଳାରେ ପଡ଼ିଥିବା ବେତ ଓ ବାଉଁଶର ଉତ୍ପାଦିତ ସାମଗ୍ରୀର ଚାହିଦା ଦେଖିବାକୁ ମିଳିଛି। ମେଳା ବୁଲି ଆସୁଥିବା ଦର୍ଶକମାନେ ବେତ ଓ ବାଉଁଶର ସାମଗ୍ରୀ କ୍ରୟ କରିବାକୁ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଛି।



### ଆଲବମ୍‌କୁ ନେଇ ଚର୍ଚ୍ଚା




ଯାଜପୁର ସହରରେ ରାଜ୍ୟର ୨୪ତମ ଯୁବ ମହୋତ୍ସବ ପାଳିତ ହେଉଛି। ସାରା ସହରରେ ଯୁବ ମହୋତ୍ସବ ପାଳନ ହେଉଥିବାରୁ ସହର ଚଳଚଞ୍ଚଳ ହୋଇଉଠିଛି। ଯାଜପୁର ସହରକୁ ୩୦ଟି ଜିଲ୍ଲାର କଳାକାରଙ୍କ ସହିତ ଜିଲ୍ଲାର ପଦାଧିକାରୀମାନେ ଆସିଥିବାବେଳେ ସହରର ବିଭିନ୍ନ ସ୍ଥାନରେ ଏକ ବ୍ୟାନରକୁ ନେଇ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ତାହା ଶୁଭମ୍ ସତ୍ୟମ୍ ନିବେଦିତ 'ତୁମେ ଭାରି ମନେପଡ଼' ଏକ ଆଲବମ୍‌ର ବ୍ୟାନର ହୋଇଥିବା ବେଳେ ସେଥିରେ ଜିଲ୍ଲାପାଳ ରଞ୍ଜନ କୁମାର ଦାସଙ୍କ ଫଟୋ ସ୍ଥାନିତ ହୋଇଛି। ଏହି ଆଲବମ୍‌ରେ ଜିଲ୍ଲାପାଳ ଦାସଙ୍କ ଦ୍ୱାରା ଲିଖିତ କେତେଗୁଡ଼ିଏ ଗୀତ ରହିଛି। ଜିଲ୍ଲାପାଳଙ୍କ ଏହି ଗୀତଗୁଡ଼ିକୁ ଶୁଣିବା ପାଇଁ ଆସିଥିବା କଳାକାରମାନେ ସହରରେ ସିଡ଼ି ଖୋଜୁଥିବା ଦେଖିବାକୁ ମିଳିଛି।

# ଲୁଟ୍ ହେଉଛି ହିତାଧିକାରୀଙ୍କ ରାଶନ

**ବରୀ,୧୭।୧୧(ସ୍ୱ.ପ୍ର)**

ଯାଜପୁର ଜିଲ୍ଲା ବରୀ ବ୍ଲକରେ ଯୋଗାଣ ବିଭାଗ ଓ ପରିବହନ ଠିକାଦାର ମିଳିମିଶି ଖାଦ୍ୟ ସୁରକ୍ଷା ଯୋଜନାରେ ଆସୁଥିବା ହିତାଧିକାରୀଙ୍କ ଖାଦ୍ୟ ଲୁଟି ଚାଲିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଜେନା ଯାଜପୁର ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ମାତ୍ର କୌଣସି ନ୍ୟାୟ ମିଳୁ ନ ଥିବାରୁ ହିତାଧିକାରୀମାନେ ତାଙ୍କ ପ୍ରାପ୍ୟ ଅନୁଯାୟୀ ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଜିଲ୍ଲା ପରିଷଦ ଜେନା ଆନ୍ଦୋଳାନତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ବୁଧବାର ଏକ ପ୍ରେସ ବିବୃତିରେ ଚେତାବନି ଦେଇଛନ୍ତି। ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ ସାମିଲ ହୋଇଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯାଉଛି। ଖୁଚୁରା ବିକ୍ରେତାଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ବ୍ଲକରେ ୨ଜଣ ପରିବହନ ଠିକାଦାର ନିଯୁକ୍ତି ପାଇଛନ୍ତି। ଏହି ଠିକାଦାରମାନେ କ୍ୱିଣ୍ଟାଲ ପ୍ରତି ୪ କି.ଗ୍ରା. କମ୍ ଚାଉଳ ଖୁଚୁରା ବିକ୍ରେତାଙ୍କୁ ଦେଇଥାନ୍ତି। ଏହି କମ୍ ଚାଉଳକୁ ଭରଣା କରିବା ପାଇଁ ଖୁଚୁରା ବିକ୍ରେତାମାନେ ହିତାଧିକାରୀଙ୍କୁ କାର୍ଡ ପ୍ରତି ୧ କିଲୋଗ୍ରାମ କମ୍ ଚାଉଳ ଦେଇଥାନ୍ତି। ଫଳରେ ଗରିବ ହିତାଧିକାରୀ ତାହାର ପ୍ରକୃତ ପ୍ରାପ୍ୟ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବାରମ୍ବାର ଜିଲ୍ଲା ପରିଷଦ ଜେନା ଅଭିଯୋଗ କରିଆସୁଛନ୍ତି। ଯୋଗାଣ ବିଭାଗ ନୀରିକ୍ଷକ ଓ ପରିବହନ ଠିକାଦାର ମିଳିମିଶି ଏହି ଖାଦ୍ୟ ହରିଲୁଟ୍ କରି ଚାଲିଥିବା ଅଭିଯୋଗ ହେଉଛି। ମାସିକ ଏ ବାବଦରେ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହରିଲୁଟ୍ ହେଉଥିବା ଜେନା ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଜେନା ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଯୋଗାଣ ନୀରିକ୍ଷକ ପି. ନାୟକଙ୍କୁ ପଚାରିବାରୁ, ଖାଦ୍ୟ ସୁରକ୍ଷା ଯୋଜନାରେ ଆସୁଥିବା ଚାଉଳ ସୁରୁଖୁରୁରେ ବଣ୍ଟନ କରାଯାଉଛି। ଏ ବାବଦରେ କିଛି ବି ହରିଲୁଟ୍ ହେଉନାହିଁ ବୋଲି କହିଛନ୍ତି।

# ଆନ୍ତର୍ଜାତିକ ସମବାୟ ସପ୍ତାହ ପାଳନ

**ଧର୍ମଶାଳା,୧୭।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକସ୍ଥିତ ଅଭୟପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆନ୍ତର୍ଜାତିକ ସମବାୟ ସପ୍ତାହ ପାଳିତ ହୋଇଛି। ସଭାପତି କିଶୋରୀ କାନ୍ତ ରାଉତ ସମବାୟ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ କାର୍ଯ୍ୟନିର୍ବାହୀ କୈଳାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବାବେଳେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଧର୍ମଶାଳା ଶାଖା ପରିଚାଳକ ନବଘନ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ସମସ୍ତ ପରିଚାଳନା ପରିଷଦ ସଦସ୍ୟମାନେ ଯୋଗଦେଇ ଆଲୋଚନା ଅଂଶଗ୍ରହଣ କରିଥିଲେ। ସେହିପରି ଦେଓଦା ସମିତିରେ ବିରୁପାକ୍ଷ ଶରଣ, ଚୋରମୁହାଁରେ ଶମ୍ଭୁନାଥ ମହାନ୍ତି, ଅରେଇକଣାରେ ଅଭିମନ୍ୟୁ ରାୟ, କୋତପୁରରେ ସୀତାକାନ୍ତ ଦାଶ, ମିର୍ଜାପୁରରେ ସୁବ୍ରତ ଜେନା ସାମନ୍ତ, ରେଖିଦେଇପୁରରେ ଅକ୍ଷୟ କୁମାର ବେହେରା, ମଧୁପୁରଗଡ଼ରେ ଗୌରୀ ଶଙ୍କର ମହାପାତ୍ର, ମଧୁସୂଦନପୁରରେ ଭଜନ କୁମାର ଦାସ, ଜେନାପୁରରେ ଶିବାଶିଷ ସ୍ୱାଇଁ, କଣ୍ଟିଗଡ଼ିଆରେ ରଞ୍ଜନ କୁମାର ସେଠୀ, ମହିଶରାରେ ଅମରେନ୍ଦ୍ର ରାଉତ, ଆରୁହାରେ ବାବାଜୀ ଚରଣ ରାଉତ, ସମବାୟ ପତାକା ଉତ୍ତୋଳନ କରିଥିଲେ।

■ ରାସ୍ତାକଡ଼ରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ସନ୍ତାନ ପ୍ରସବ

# ଡାକ୍ତରଖାନା ନେବା ପରିବର୍ତ୍ତେ ଶିଶୁପୁତ୍ର ନେଇଯିବାକୁ ଉଦ୍ୟମ

**ଚଣ୍ଡିଖୋଲ,୧୭।୧୧(ଡି.ଏନ୍.ଏ)**

ଜଣେ ମାନସିକ ବିକାରଗ୍ରସ୍ତ ମହିଳା ରାସ୍ତାକଡ଼ରେ ସନ୍ତାନ ପ୍ରସବ କରି ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିଲା ବେଳେ ତାଙ୍କୁ ଲୋକେ ଡାକ୍ତରଖାନା ନେବା ପରିବର୍ତ୍ତେ ନବଜାତ ଶିଶୁକୁ ନେଇଯିବାକୁ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଲୋକଙ୍କ ମଧ୍ୟରୁ ମାନବିକତା ହଜିଯାଇଥିବାର ଏକ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି। ପ୍ରକାଶ ଯେ, ଶନିବାର ସକାଳେ ବଡଚଣା ଥାନା ଅଧୀନ ଧାନମଣ୍ଡଳ ନୋଡାଲ ହାଇସ୍କୁଲ ସମ୍ମୁଖ ରାସ୍ତାକଡ଼ରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିବା ଦେଇଥିଲେ। ଉକ୍ତ ମହିଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମା' ଓ ନବଜାତ ଶିଶୁପୁତ୍ରକୁ କେହି ଡାକ୍ତରଖାନା ନେବାକୁ ସାମାନ୍ୟତମ ଉଦ୍ୟମ କରି ନ ଥିବା ବେଳେ ଶିଶୁପୁତ୍ରଟିକୁ ନେଇଯିବା ପାଇଁ ଅନେକ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିଥିଲା। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବଡଚଣା ଥାନାଧିକାରୀ ଶରତଚନ୍ଦ୍ର ପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କିଛି ଯୁବ ସମାଜସେବୀଙ୍କ ସହାୟତାରେ ନବଜାତ ଶିଶୁପୁତ୍ର ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ବିଷୟରେ ପୋଲିସ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ପରେ ମା'ଓ ଶିଶୁପୁତ୍ରକୁ ଯାଜପୁରସ୍ଥିତ ସୁଧାର ଗୃହକୁ ପଠାଯାଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି ଧିରେ ଧିରେ ମାନବିକତା ହଜି ଯାଉଥିବା ଏହି ଘଟଣାରୁ ପରିଲକ୍ଷିତ ହେଉଥିବା ଚର୍ଚ୍ଚା ହେଉଛି।

# ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ନିର୍ମାଣ ଶ୍ରମିକ ସମାବେଶ



ଆଲୋଚନାଚକ୍ରରେ ଉପସ୍ଥିତ ନିର୍ମାଣ ଶ୍ରମିକ।

**ରସୁଲପୁର,୧୭।୧୧(ଡି.ଏନ୍.ଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଦୁର୍ଗାଦେବୀ ମନ୍ଦିର ପରିସରରେ ଶନିବାର ପୂର୍ବାହ୍ନରେ ନିର୍ମାଣ ଶ୍ରମିକଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଶ୍ରମିକ ମନମୋହନ ମଲିକ ଅଧ୍ୟକ୍ଷତା କରିଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ଯ ସମ୍ପାଦକ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ଶ୍ରମିକମାନେ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରିବା ସହ ପ୍ରଚଳିତ ନୀତି ନିୟମକୁ ପାଳନ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରମିକମାନଙ୍କ ନିରାପତ୍ତା ଦିଗରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଯନ୍ତ୍ରାଂଶକୁ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ଏଥିସହ ଶ୍ରମିକମାନେ ଦକ୍ଷତା ବୃଦ୍ଧି ଘଟାଇବା ପାଇଁ ନିଜକୁ ସ୍କିଲ-ଓଡିଶା କାର୍ଯ୍ୟକ୍ରମରେ ସାମିଲ କରି ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜାଣିବାକୁ ଆହ୍ୱାନ ଜଣାଇଥିଲେ। ଏଥିସହ କର୍ମଶାଳାରେ ଓଡିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ ଅମର କର, ଲକ୍ଷ୍ମଣ ସାହୁ, ପ୍ରଫୁଲ୍ଲ ନାୟକ, ଗୋବିନ୍ଦ ଦାସ, ରଞ୍ଜନ ଦାସ, ଜଗବନ୍ଧୁ ଗାରଡିଆ, ବିଶ୍ୱନାଥ ପାଣିଙ୍କ ସମେତ ଶତାଧିକ ଯୁବ ନିର୍ମାଣ ଶ୍ରମିକ ଯୋଗଦେଇ ଶ୍ରମିକମାନଙ୍କ ଦୈନନ୍ଦିନ କାର୍ଯ୍ୟକ୍ଷେତ୍ରରେ ଘଟୁଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରମିକଙ୍କ ଦୈନନ୍ଦିନ ସମସ୍ୟା ସମ୍ପର୍କରେ ଅଭିଯୋଗ ଗ୍ରହଣ କରିବା ପାଇଁ ବାରବାଟୀଠାରେ ଏକ ୨୪ଘଣ୍ଟିଆ ସେବାକେନ୍ଦ୍ର ଉପଲବ୍ଧ ହେବ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଛି।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା

ବିରଜାକ୍ଷେତ୍ର,୧୭।୧୧(ଡି.ଏନ.ଏ.)- ଭୁବନେଶ୍ୱରଠାରେ ଗତ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭି-୨୦୧୮ କାର୍ଯ୍ୟକ୍ରମରେ ଯାଜପୁର ଜିଲାର ପ୍ରତିଯୋଗୀଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଛନ୍ତି। ଏ ନେଇ ସମସ୍ତ ପ୍ରତିଯୋଗୀ, ନାଟ୍ୟ ନିର୍ଦ୍ଦେଶକ ପ୍ରୀତମ ପଦ୍ମଲୋଚନ ଏବଂ ଗାଇଡ୍ ଟିଚର ଏରବାଙ୍କ ସିଆରସିସି ରଜନୀକାନ୍ତ କରଙ୍କୁ ଶନିବାର ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ପ୍ରକଳ୍ପ ସଂଯୋଜକ ବିଷ୍ଣୁ ଚରଣ ସୂତାର ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସହାୟକ ଶରତ କୁମାର ଦାସ, ଅର୍ଥନୈତିକ ପରାମର୍ଶଦାତା ସୁଧିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମଧାହ୍ନଭୋଜନ ଶିଳ୍ପକଳା ପ୍ରତିଯୋଗିତାରେ ବଡ଼ଚଣାର ପ୍ରଭୁପାଦ ମହାରଣା ୨ୟ ସ୍ଥାନ ଓ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ବିଞ୍ଝାରପୁରର ଯାଜ୍ଞସେନୀ ନାୟକ ମଧ ୨ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦିବ୍ୟାଙ୍ଗ ସଙ୍ଗୀତ ପ୍ରତିଯୋଗିତାରେ ରସୁଲପୁର ବ୍ଲକର ଦିବ୍ୟାଙ୍ଗ ଛାତ୍ରୀ ମଧୁସ୍ମିତା ଦାସ ରାଜ୍ୟସ୍ତରରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବିଦ୍ୟାଳୟ ନିରାପତ୍ତା କ୍ଷେତ୍ରରେ ଦଳଗତ ଭାବେ ଯାଜପୁର ଜିଲା ୧୦ମ ସ୍ଥାନରେ ରହିଛି। ଏହି ଦଳଗତ ପ୍ରତିଯୋଗିତାର ପ୍ରଣତୀ ଜେନା, ପ୍ରିୟଦର୍ଶିନୀ ବେହେରା, ସିଲୋନ୍ ଦାସ, ଲିଜାରାଣୀ ଜେନା, ପାରମିତା ଓଝା ଓ ଗାୟତ୍ରୀ ଜେନା ଅଂଶଗ୍ରହଣ କରିଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

କୋରେଇ,୧୭।୧୧(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ କାଚରାସାହି ପଞ୍ଚାୟତ ସହଗାଁ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଭଗବାନ ରାଉତ(୮୦)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ଅନେକ ଦିନଧରି ରୋଗରେ ପୀଡ଼ିତ ଥିଲେ। ସେ ଜଣେ ସମାଜିକ କର୍ମୀ ଓ ବକ୍ତା ଭାବେ ପରିଚିତ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶନିବାର ସକାଳେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ସାନପୁଅ ଅମୂଲ୍ୟ ମୁଖାଗ୍ନି ଦେଇଥିଲେ। ବଡପୁଅ ପ୍ରଫୁଲ୍ଲ, ପୁତୁରା ବ୍ରଜକିଶୋର, ବସନ୍ତଙ୍କ ସମେତ ପୁତ୍ରବଧୂ, ନାତିନାତୁଣି ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ସମସ୍ୟା ଘେରରେ କବାଟବନ୍ଧ ବଜାର

ଜେନାପୁର, ୧୭।୧୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ବଜାର ଅଞ୍ଚଳର ବ୍ୟବସାୟିକ ପେଣ୍ଠସ୍ଥଳିଭାବେ ପରିଗଣିତ। ବଜାର ଛକରେ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର , ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ଶାଖା ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଛି। ତେଣୁ ଦୈନନ୍ଦିନ ବଜାରକୁ ବହୁ ଲୋକଙ୍କ ଯାତାୟତ ଲାଗିରହିଥାଏ। ଏହି ବଜାରଠାରୁ ୨୩ କିମି ବ୍ୟାପୀ ଏକ ଗ୍ରାମ୍ୟ ଉନ୍ନୟନ ରାସ୍ତା ଜାରକା ପର୍ଯ୍ୟନ୍ତ ଲମ୍ବିଛି। ବଜାର ନିକଟରେ ରାସ୍ତାଟିକୁ ପ୍ରଶସ୍ତୀକରଣ କରାଯିବାର ନିୟମ ରହିଥିଲେ ମଧ ତାହା ହୋଇପାରି ନାହିଁ। ଅପରପଟେ କେତେଜଣ ବ୍ୟବସାୟୀ ରାସ୍ତା ଉପରେ ବ୍ୟବସାୟ କରୁଛନ୍ତି। ଏଥିସହ ରାସ୍ତା ଉପରେ ଅଧିକାଂଶ ସମୟ ମନଇଚ୍ଛା ବହୁ ସଂଖ୍ୟାରେ ଯାନବାହାନ ରଖାଯାଉଥିବାରୁ ରାସ୍ତାଟି ଏବେ ସଂକୀର୍ଣ୍ଣ ହୋଇପଡିଛି। ଫଳରେ ଦୈନନ୍ଦିନ ଟ୍ରଫିକ ସମସ୍ୟା ବଢ଼ିବାରେ ଲାଗିଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେତବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାଇପ୍ ବିଛାଇବା ନାଁରେ ଜଙ୍ଗଲ ଧ୍ୱଂସ

କାଳିଆପାଣି,୧୭।୧୧(ଡିଏନଏ)



■ ବନ ବିଭାଗ ବିନା ଅନୁମତିରେ ଚାଲିଛି କାର୍ଯ୍ୟ
■ ସବୁ ଜାଣି ବି ନୀରବଦ୍ରଷ୍ଟା ବିଭାଗୀୟ ଅଧିକାରୀ

ସୁକିନ୍ଦା ଖଣି ଅଞ୍ଚଳରେ ପାନୀୟଜଳ ଯୋଗାଣ ପାଇଁ ପାଇପ ବିଛା ଚାଲିଛି। ଏହି ବାହାନାରେ ଜଙ୍ଗଲ ଧ୍ୱଂସ କରିଚାଲିଛନ୍ତି ଠିକାଦାର। ବନବିଭାଗର ବିନା ଅନୁମତିରେ ବ୍ୟାପକ ଗଛକଟା ଚାଲିଥିବା ବେଳେ ବନବିଭାଗ ଏ ସମ୍ପର୍କରେ ଅବଗତ ଥାଇ ବି ନୀରବଦ୍ରଷ୍ଟା ସାଜିଛି। ସୂଚନା ଥାଉକି, ଖଣିଜ ପାଣ୍ଠି ଅର୍ଥରେ ଖଣି ଅଞ୍ଚଳର ବିଭିନ୍ନ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ଯୋଜନା ହୋଇଛି। ଜିଲା ଖଣିଜ ପାଣ୍ଠି ପ୍ରଥମ ବୈଠକରୁ ପ୍ରସ୍ତାବ ହୋଇ ୪ବର୍ଷ ପରେ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ଭୁବନ ଅଞ୍ଚଳର ନିକଣ୍ଟପୁର ଗ୍ରାମ ନିକଟରୁ ବ୍ରାହ୍ମଣୀ ନଦୀରୁ ଜଳ ଆଣି ଖଣି ଅଞ୍ଚଳର ସମସ୍ତ ଗ୍ରାମକୁ ଜଳ ଯୋଗାଣ କରାଯିବ । ଭୁବନ ଅଞ୍ଚଳରୁ ଜଳ ଉଠାଇ କଙ୍କଡ଼ପାଳଠାରେ ସଞ୍ଚିତ କରି ସେଠାରୁ ନଗଡ଼ା ପର୍ଯ୍ୟନ୍ତ ଯୋଗାଣ କରିବାକୁ ଦ୍ରୁତଗତିରେ ପାଇପ ବିଛା କାର୍ଯ୍ୟ ଚାଲିଛି। ତେବେ ଖଣି ଅଞ୍ଚଳରେ ପାଇପ୍ ବିଛାଇବା ସମୟରେ ଜଙ୍ଗଲ ଭିତର ଦେଇ ଆସୁଥିବାରୁ ବହୁ ମୂଲ୍ୟବାନ ଗଛ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ଏ ନେଇ କୁସୁମଡ଼ିହା ଗ୍ରାମ ନିକଟରେ ଠିକାଦାରଙ୍କୁ କେତେଜଣ ଗ୍ରାମବାସୀ ବିରୋଧ କରିଥିଲେ। ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ପୋତି ଦେଉଥିବା ବେଳେ ଏହାକୁ ଗ୍ରାମବାସୀ ବିରୋଧ କରି କାମ ବନ୍ଦ କରିଦେଇଥିଲେ। ବନ ବିଭାଗ ରାଁସୋଳ ଫରେଷ୍ଟର ଗଣେଶ୍ୱର ଦାସଙ୍କୁ ଖବର ଦେଇଥିଲେ ମଧ ଫରେଷ୍ଟର ଘଟଣାସ୍ଥଳକୁ ନ ଯାଇ ସେ ଠିକାଦାରଙ୍କୁ କାମ ବନ୍ଦ କରିଦେବାକୁ କହିବେ ବୋଲି ଫୋନରେ ଉତ୍ତର ଦେଇ ଘଟଣାସ୍ଥଳକୁ ଯାଇ ନ ଥିଲେ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଠିକାଦାର ନିଜ ଇଚ୍ଛାରେ କାର୍ଯ୍ୟ କରି ବ୍ୟାପକ ଭାବେ ଗଛ କାଟି ନଷ୍ଟ କରୁଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ପାଲଟିଛି। ଏ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଫରେଷ୍ଟର ଗଣେଶ୍ୱର ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ, ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛା ଯାଉଥିବାରୁ ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଆସିଛି। ତେଣୁ ଠିକାଦାର ଅନୁମତି ଆଣି ପରେ ଦେବେ ଏବେ ସେ କାମ କରିବେ ବୋଲି ପ୍ରକାଶ କରିଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୮।୧୧।୨୦୧୮ (ରବିବାର)**

■ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଅଭ୍ୟର୍ଥନା କମିଟି ବୈଠକ
**ସ୍ଥାନ:**ମୁଣ୍ଡୋମାଳ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, **ସମୟ:** ପୂର୍ବାହ୍ନ ୧୦ଟା
■ ରାଜ୍ୟ ଯୁବ ମହୋତ୍ସବର ଶ୍ରେଷ୍ଠ ଯୁବ ପ୍ରତିଭାଙ୍କୁ ପୁରସ୍କାର ବିତରଣ।
**ସ୍ଥାନ:**ବାଳାଶ୍ରମ ପଡ଼ିଆ, **ସମୟ:** ପୂର୍ବାହ୍ନ ୧୦ଟା

**୧୯।୧୧।୨୦୧୮ (ସୋମବାର)**

■ ୭ମ ଯାଜପୁର ଜିଲା ମହୋତ୍ସବ ଉଦ୍‌ଘାଟନୀ ସମାରୋହ
**ସ୍ଥାନ:**ବାଳାଶ୍ରମ ପଡ଼ିଆ,ଯାଜପୁର, **ସମୟ:** ସନ୍ଧ୍ୟା ୫ଟା

**୨୦।୧୧।୨୦୧୮ (ମଙ୍ଗଳବାର)**

■ ଜିଲା ମହୋତ୍ସବ ଅବସରରେ ଆଲୋଚନା ଚକ୍ର, **ସ୍ଥାନ:** ଗୌତମବୁଦ୍ଧ ସଂସ୍କୃତି ଭବନ, **ସମୟ:** ପୂର୍ବାହ୍ନ ୧୦ଟା
■ ମହିଳା ସଶକ୍ତିକରଣ ଉପରେ ଆଲୋଚନା, **ସ୍ଥାନ:** ଡିଆର୍‌ଡିଏ ସମ୍ମିଳନୀ କକ୍ଷ, **ସମୟ:** ପୂର୍ବାହ୍ନ ୧୧ଟା।

**୨୧।୧୧।୨୦୧୮ (ବୁଧବାର)**

■ ଜିଲା ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, **ସ୍ଥାନ:** ବାଳାଶ୍ରମ ପଡ଼ିଆ, **ସମୟ:** ସନ୍ଧ୍ୟା ୫ଟା

### ■ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ବିରୋଧ

# ଭାଜପା ଘେରିଲା ବ୍ଲକ, ରାଜ୍ୟପାଳଙ୍କୁ ସ୍ମାରକପତ୍ର

ରସୁଲପୁର,୧୭।୧୧(ଡି.ଏନ୍.ଏ.)



ରସୁଲପୁର ବ୍ଲକ ସମ୍ମୁଖରେ ଆୟୋଜିତ ସଭାରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ ।

ରସୁଲପୁର ବ୍ଲକ କାର୍ଯ୍ୟାଳୟକୁ ଶନିବାର ଭାଜପା ଘେରାଉ କରିଛି । ଘେରାଓ ସମୟରେ ଭାଜପା ନେତାମାନେ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ପ୍ରସଙ୍ଗ କରିବା ସହିତ ରସୁଲପୁର ବ୍ଲକ ଭାଜପା ଶାଖା ପକ୍ଷରୁ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଅବସରରେ ରସୁଲପୁର ବ୍ଲକ ସମ୍ମୁଖରେ ଏକ ସଭା ଆୟୋଜନ କରାଯାଇଛି । ଯାଜପୁର ଜିଲା ସଭାପତି ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରସୁଲପୁର ବ୍ଲକରେ ସାମିଲ ଥିବା ତିନୋଟି ନିର୍ବାଚନ ମଣ୍ଡଳିର ନେତାମାନେ ଯୋଗଦେଇଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳିର ଭାଜପା ନେତା ସୁରେନ୍ଦ୍ର ପଣ୍ଡା, ବରୀ ନିର୍ବାଚନ ମଣ୍ଡଳି ପକ୍ଷରୁ ଯୁବ ନେତା ବିଶ୍ୱରଞ୍ଜନ ମଲିକ, କୋରେଇର ଯୁବ ନେତା ବିଶ୍ୱଜିତ୍ ନାୟକଙ୍କ ନେତୃତ୍ୱରେ କର୍ମୀମାନେ ସଭାରେ ଯୋଗଦେଇ ରାଜ୍ୟ ସରକାଙ୍କ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ରସୁଲପୁର ବ୍ଲକ ଅଞ୍ଚଳରେ ହାଇଲେଭଲ କେନାଲ ଖନନ, ପ୍ରଧାନମନ୍ତ୍ରୀ ଆବସ କାର୍ଯ୍ୟାଦେଶ ବଣ୍ଟନ, ବିନା ଟେଣ୍ଡରେ ଶାସକ ଦଳର ନେତାଙ୍କ ହାତ ଚିଠାରେ କୋଟି ଟଙ୍କା ହଡପ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା, ଲଘୁ ଖଣିଜ ଜାତ ଦ୍ରବ୍ୟ ହଡପ୍, ରାଶନ କାର୍ଡ, ଆମ ଗାଁ ଆମ ବିକାଶ, ବିଜୁ ଯୁବ ବାହିନୀ ଆଳରେ ବ୍ୟାପକ ଦୁର୍ନୀତି ହୋଇଛି। ସରକାରୀ ଅଫିସରମାନେ ବିଧାୟକମାନଙ୍କ ହାତବାରିଶି ହୋଇ କାର୍ଯ୍ୟ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ସାଧାରଣ ଲୋକଙ୍କୁ ନ୍ୟାୟ ମିଳି ପାରୁ ନାହିଁ। ନୀରିହ ଓଡିଆସାବାସୀଙ୍କୁ ଭକୁଆ ବନାଇ ରାଜ୍ୟସରକାର ଓଡିଶାକୁ ଦୀର୍ଘ ୨୦ବର୍ଷ ଧରି ଲୁଟି ଚାଲିଛନ୍ତି ବୋଲି ନେତାମାନେ ମତ ରଖିଥିଲେ। ଉକ୍ତ ସଭାରେ ଧର୍ମଶାଳାର ଭାଜପା ପ୍ରଭାରୀ ଶଶିଭୂଷଣ ସାହୁ, ଜିଲାପରିଷଦ ସଦସ୍ୟ ଚର୍ତୁଭୂଜ ଦ୍ୱିବେଦୀ, ରସୁଲପୁର ସମିତି ସଭ୍ୟ ବିଶ୍ୱନାଥ ପଣ୍ଡା, ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧିର ଚନ୍ଦ୍ର ନାୟକ, ଦେବକାନ୍ତ ନାୟକ, ଅସିତ୍ କୁମାର ପଣ୍ଡା, ଦୀଲିପ କୁମାର ରାଉତ, ଯୁବନେତା ଗଙ୍ଗାଧର ସାହୁ, ରଞ୍ଜନ ଦେଓ ପ୍ରମୁଖ ଯୋଗଦେଇଥିଲେ। ତିନି ନିର୍ବାଚନ ମଣ୍ଡଳିର ପ୍ରାୟ ୩ହାଜରରୁ ଉର୍ଦ୍ଧ୍ୱ କର୍ମୀ ଏଥିରେ ଯୋଗଦେଇ ଥିଲେ।

### ରୁଦ୍ର ନନାଙ୍କ ବିୟୋଗରେ ଶୋକ

ରସୁଲପୁର,୧୭।୧୧(ଡି.ଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡଙ୍ଗ ଗ୍ରାମର ଅବସରପ୍ରାପ୍ତ ଉଠା ଜଳସେଚନ କର୍ମଚାରୀ, ମା' ଗ୍ରାମଦେବୀ ଅଙ୍ଗେଶ୍ୱରୀଙ୍କ ପୂଜକ ରୁଦ୍ର ଚରଣ ପଣ୍ଡା(୭୨)ଙ୍କ ଶନିବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ପଣ୍ଡା ଠାକୁରଙ୍କ ପୂଜା କାର୍ଯ୍ୟରେ ନିଜକୁ ସର୍ବଦା ନିୟୋଜିତ କରୁଥିଲେ। ହଠାତ୍ ତାଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳର ଭଗବତ ପ୍ରେମୀଙ୍କୁ ଘୋର ଆଘାତ ଦେଇଛି। ରୁଦ୍ର ନନା ଏତେ ଶୀଘ୍ର ଚାଲିଯିବେ ବୋଲି କେହି ଭାବୁ ନ ଥିଲେ । ସ୍ୱର୍ଗତ ପଣ୍ଡାଙ୍କ ପୂଜାପାଠ ଓ ଭଗବତ୍ ଚିନ୍ତାଚେତାନା ପାଇଁ ସେ ଘରେ ଘରେ ପରିଚିତ ଥିଲେ । ତାଙ୍କର ମୃତ୍ୟୁ ପୂଜାପାଠ କ୍ଷେତ୍ରରେ ଏକବଡ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ମନ୍ଦିରର ପରବର୍ତ୍ତୀ ପୂଜକ କିଏ ହେବ। ପରିବାରର ନାଗୁଆ ପୂଜକ ଭାବରେ କାହାକୁ ଡାକିବେ ସେ ନେଇ ଚର୍ଚ୍ଚା ହେଉଛି। ତାଙ୍କର ବଡପୁଅ ରଞ୍ଜିତ ପଣ୍ଡା ମୁଖାଗ୍ନୀ ଦେଇଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ପଟୁଆରେ ଗାଁ ପରିକ୍ରମା କରାଯାଇ ଗାଁ ମଶାଣୀ ବ୍ରାହ୍ମଣୀ ନଦୀପଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

### ■୬ଷ୍ଠ ଦିନରେ ଗଣଧାରଣା

# ସାମିଲ ହେଲେ ବ୍ଲକ ଜନପ୍ରତିନିଧି



ଧାରଣାସ୍ଥଳରେ ବସିଥିବା ଜନପ୍ରତିନିଧି ।

କୋରେଇ,୧୭।୧୧(ସ୍ୱ.ପ୍ର.)

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। ଧାରଣାକୁ ସମର୍ଥନ କରି କୋରେଇ ବ୍ଲକ ପଞ୍ଚାୟତ ସମିତି ମହାସଂଘର ସମସ୍ତ ସଭ୍ୟାସଭ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। କୋରେଇ ବ୍ଲକ୍ ଅଧ୍ୟକ୍ଷା ମାଳତୀ ଟୁଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ସମିତିସଭ୍ୟ ପ୍ରମୋଦ ସାହୁ ସଞ୍ଚାଳନ କରିଥିଲେ। ସମିତି ସଭ୍ୟାସଭ୍ୟ ଜହର ଅଲ୍ଲୀ, ଜୟନ୍ତୀ ସାହୁ, କୂଳମଣି ଦାସ, ଅଶୋକ ବାରିକ, ଭାନୁପ୍ରଭା କରଣ, ପାର୍ବତୀ ବେହେରା, ମମତାରାଣୀ ଘଡେଇ, ରାଧାରାଣୀ ପାତ୍ର, କ୍ଷୀରୋଦ ଦାସ, ସୁଷମା ଦାସ, ପ୍ରତିମା ରାଉତ ପ୍ରମୁଖ ଯୋଗଦେଇ ପାଣିକୋଇଲିରେ ମେଡିକାଲ କଲେଜ ଘୋଷଣା ପାଇଁ ଦାବି କରିଥିଲେ। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, କୃଷକ ନେତା ବଳରାମ ସାହୁ, ରାଜେନ୍ଦ୍ର ବିଶ୍ୱାଳ, ବଟକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଚନ୍ଦ୍ର ଶେଖର ପଣ୍ଡା, ତାରିଣୀ ପଟ୍ଟନାୟକ, ବିପିନ ବିହାରୀ ଧଳ, ଘନଶ୍ୟାମ ପଣ୍ଡା, ପୂର୍ଣ୍ଣାନନ୍ଦ ପରିଡା, ରାମଚନ୍ଦ୍ର ମାଝି, ରାମଚନ୍ଦ୍ର ମଳିକ, ଉପେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେବା ସହ ପରିଚାଳନାରେ ସହଯୋଗ କରିଥିଲେ।

# ଇଟାଭାଟି ଉଚ୍ଛେଦ ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ଯାଜପୁରରୋଡ,୧୭।୧୧(ନି.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ବନ୍ଧାଳ ପଞ୍ଚାୟତରେ ଥିବା ବେଆଇନ ଇଟାଭାଟିକୁ ଉଚ୍ଛେଦ ପାଇଁ ପୂର୍ବତନ ସରପଞ୍ଚ ବସନ୍ତ ପୃଷ୍ଟିଙ୍କ ନେତୃତ୍ୱରେ ଶନିବାର ଶତାଧିକ ମହିଳା ବ୍ୟାସନଗର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଭାଟି ଉଚ୍ଛେଦ ନ କେଲ ଆଗାମୀ ଦିନରେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ସହ ତହସିଲ ଅଫିସ୍ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ପ୍ରକାଶ ଯେ, ଗୋଚର ଜମିରେ ଇଟା ଭାଟି ନିର୍ମାଣ ହୋଇଥିବାରୁ ଗୋରୁଙ୍କ ଚାରଣ ଭୂମି ନଷ୍ଟ ହୋଇଛି ଓ ଅନ୍ୟପକ୍ଷରେ ମୃତ୍ତିକା କ୍ଷୟ ଘଟୁଛି । ଉକ୍ତ ପଞ୍ଚାୟତରେ ଶାସକ ଦଳର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ତହସିଲଦାରଙ୍କ ବିନା ଅନୁମତିରେ ଇଟାଭାଟି ନିର୍ମାଣ କରି ଲାଭବାନ ହେଉଛନ୍ତି । ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର ରଞ୍ଜନ କୁମାର ବେହେରାଙ୍କୁ ପଚାରିବାରେ, ଦାବିପତ୍ର ଗ୍ରହଣ କରି ତଦନ୍ତ ପାଇଁ ରଣପାଳ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

### ଶ୍ରମିକ ସମାବେଶ

ଚଢେଇଧରା, ୧୭।୧୧ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସଂପାରୁ ପଞ୍ଚାୟତର କାଦୁଆମାଗୁରା ଛକଠାରେ ଶୁକ୍ରବାର ଧର୍ମଶାଳା ଶ୍ରମିକ ସଂଘ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହିଶରା-ସଂପାରୁ ଶାଖା ଆନୁକୂଲ୍ୟରେ ଆୟୋଜିତ ସଭାରେ ସାମାଜିକ କର୍ମୀ ଦେବବ୍ରତ ରାଉତ ସଭା ପରିଚାଳନା କରିଥିଲେ। ଶ୍ରମିକ ସଂଘର ସଭାପତିଶ୍ରୀକାନ୍ତ ସାହୁଉପସ୍ଥିତ ଥିଲେ। ଏହିଅବସରରେ ମୁଖ୍ୟ ଅତିଥିଭାବେ ଆଇଏନ୍‌ଟିୟୁସି ଜିଲା ସଭାପତି ବିଦ୍ୟାଧର ମହାନ୍ତି, ମୁଖ୍ୟ ବକ୍ତାଭାବେ ସିଟୁର ଯାଜପୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ସମ୍ମାନିତ ଅତିଥିଭାବେ ଶ୍ରମିକ ନେତା ଚିନ୍ମୟ ମିଶ୍ର ଓ ଶଙ୍କର ପ୍ରତାପ ଦାସ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ଆଧାତ୍ମିକ ପତ୍ରିକା ପ୍ରକାଶ ପାଇବା ନେଇ ପ୍ରସ୍ତୁତି

ସିଂହପୁର,୧୭।୧୧(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆଧାତ୍ମିକ ପତ୍ରିକା ପ୍ରକାଶ ପାଇବା ନେଇ ମନ୍ଦିର ପରିସରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀଳାଦ୍ରି ବିହାରର ସେବାଧକ୍ଷ ଭକ୍ତ ନିରଞ୍ଜନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଗୀତା ଜୟନ୍ତୀ ଅବସରରେ ଏହି ପତ୍ରିକା ଉନ୍ମୋଚିତ ହେବ। ଏ ନେଇ ଏକ ଉତ୍ସବ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ସାହିତ୍ୟିକ, ଖବରଦାତା, ଶିକ୍ଷକ ତଥା କମିଟି ସଦସ୍ୟମାନେ ବୈଠକରେ ଯୋଗ ଦେଇଥିଲେ। ମୁଖପତ୍ର ନୀଳାଦ୍ରି ମଞ୍ଜୁଳ ପାଇଁ ପ୍ରବନ୍ଧ, ପୁରାଣ କଥା, କବିତା ଓ ଆଧାତ୍ମିକ ଖବରମାନ ପ୍ରକାଶିତ ହେବ।

# ବ୍ଲକସ୍ତରୀୟ ସ୍ୱତନ୍ତ୍ର ସମୀକ୍ଷା ବୈଠକ

କୋରେଇ,୧୭।୧୧(ସ୍ୱ.ପ୍ର.)

କୋରେଇ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବ୍ଲକସ୍ତରୀୟ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବିଡିଓ ହେମନ୍ତ କୁମାର ବିହାରୀ ଅଧ୍ୟକ୍ଷତା କରିଥିଲେ। ଜିଲା ଗ୍ରାମୀଣ ଓ ଗୃହ ନିର୍ମାଣର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ସୋହାନ ବେଗମ୍, ପ୍ରଶାସନିକ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ ଓ ସତ୍ୟନାରାୟଣ ବେହୁରିଆ ପ୍ରମୁଖ ଯୋଗଦେଇ କୋରେଇ ବ୍ଲକ୍‌ରେ ୨୦୧୬-୧୭, ୨୦୧୭-୧୮ରେ ଆବାସ ଯୋଜନା, ଏମ୍‌ଜିଏନ୍‌ଆରିଜିଏସ୍ ଯୋଜନା ଓ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ହୋଇଥିବା ସମସ୍ତ ଯୋଜନାର ସମୀକ୍ଷା କରିଥିଲେ। ୨୦୧୬-୧୭ରେ ଗ୍ରାମୀଣ ଆବାସ ଯୋଜନାରେ ମୋଟ ୧୬୨୬ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧୨୪୫ ଓ ୨୦୧୭-୧୮ରେ ୧୫୨୬ ଗୃହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧୬୩୨ ଏବଂ ୨୦୧୮-୧୯ରେ ୧୨୪୫ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଅକ୍ଟୋବର ମାସ ଶେଷ ସୁଦ୍ଧା ଆବାସ ଯୋଜନାରେ ୧୧୯୯ ଘର ପ୍ରଦାନ କରାଯାଇଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨୦୧୮-୧୯ ଶେଷ ସୁଦ୍ଧା ମୋଟ ୪କୋଟି ୧୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଅକ୍ଟୋବର ଶେଷସୁଦ୍ଧା ୬କୋଟି ୧୮ ଲକ୍ଷ ଟଙ୍କାର ପ୍ରକଳ୍ପର କାର୍ଯ୍ୟାରମ୍ଭ କରାଯାଇଛି। ବ୍ଲକ୍‌ରେ କାର୍ଯ୍ୟରତ ଜବକାର୍ଡଧାରୀଙ୍କ ପାଇଁ ମୋଟ ୧ ଲକ୍ଷ ୨୮ ହଜାର ୫୮୮ ଶ୍ରମ ଦିବସର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଅଦ୍ୟାବଧି ୨ ଲକ୍ଷ ୪୦ ହଜାର ୫୮୪ ଶ୍ରମ ଦିବସ ଉପଲବ୍ଧ କରାଯାଇଛି। ମୋଟ ୩୨ ପରିବାରକୁ ଶହେ ଦିନର କାମ ପ୍ରଦାନ କରାଯାଇଥିବା ବେଳେ ୬ ହଜାର ୩୯୯ ପରିବାରକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେହିପରି ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣରେ ବ୍ଲକର ୬୧ ପ୍ରତିଶତ ଲୋକଙ୍କର ପାଇଖାନା ନିର୍ମାଣ କରାଯାଇଛି। ଏ ନେଇ ସମୀକ୍ଷା କରୁଥିବା ଜିଲା ଅଧିକାରୀମାନେ ବିଡିଓ ବିହାରୀଙ୍କ ପ୍ରଶଂସା କରିଥିଲେ। ଏଥିସହ ଆଗାମୀ ଦିନରେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପିଓ ରବି ନାରାୟଣ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ ଜିପିଓ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ସହକାରୀ ଯନ୍ତ୍ରୀ ମନୋଜ କୁମାର ସେନାପତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ■କାଳୀ ମେଳଣ ପାଇଁ ସହର ଉତ୍ସବମୁଖର

# ଦୁଲୁକିଲା ମେଳଣ ପଡ଼ିଆ, ଲକ୍ଷାଧିକ ଲୋକଙ୍କ ସମାଗମ

ଯାଜପୁରରୋଡ,୧୭।୧୧(ନି.ପ୍ର.)



କାଳୀମେଳଣ ମହୋତ୍ସବରେ ଉପସ୍ଥିତ ପୂଜା କମିଟି ସଦସ୍ୟ ।



ମା'ଙ୍କୁ ଭସାଣି ପାଇଁ ନିଆଯାଉଛି ।

ଯାଜପୁର ସହରର କାଳୀପୂଜା ହେଉଛି ଗଣପର୍ବ। ଏହି ପୂଜା ୧୦ ଦିନ ଧରି ଚାଲିଥିବା ବେଳେ ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଚୋରଦା ଚଣ୍ଡୀ କ୍ଲବ ପକ୍ଷରୁ କାଳୀ ମେଳଣ ଅନୁଷ୍ଠିତ ହୋଇଥିଲା । ଏହି ମେଳଣ ଉତ୍ସବରେ ସହରର ୧୨ କାଳୀ ମେଢ ଯୋଗଦେଇଥିଲେ । ନାଚ, ଗୀତ, ଆତସବାଜି, ମେଲୋଡିରେ ସମଗ୍ର ସହର ଦୁଲୁକିଥିଲା । ମେଳଣ ଉତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଚଣ୍ଡୀ କ୍ଲବ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଚଣ୍ଡୀ କ୍ଲବ ସଭାପତି ପ୍ରମୋଦ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ । କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ପୌରାଧକ୍ଷ ରସାନନ୍ଦ ମହାନ୍ତି, କଂଗ୍ରେସ ସଭାପତି ହୃଦାନନ୍ଦ ସାମଲ, ତହସିଲଦାର ରଞ୍ଜନ କୁମାର ବେହେରା, କଳିଙ୍ଗନଗର ଅତିରିକ୍ତ ଅଧୀକ୍ଷକ ରାଜକିଶୋର ଦୋରା, ବିଦ୍ୟାଧର ମହାନ୍ତି, ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁ, ଥାନାଧିକାରୀ ଅମିତାଭ ମହାପାତ୍ର ଓ ପୌର ପରିଷଦର ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା, ବସଷ୍ଟାଣ୍ଡ କାଳୀପୂଜା କମିଟି ସଭାପତି ହୃଷୀକେଶ ସାହୁ, ଅସିତାନନ୍ଦ ବିଶ୍ୱାଳ, ରବୀନ୍ଦ୍ର ନାରାୟଣ ପୁହାଣ, ରତିକାନ୍ତ ବରାଳ, ରାଜକିଶୋର ପ୍ରଧାନ, ମହେନ୍ଦ୍ର କୁମାର ସିଂ, ନୀଳମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏପରି ଉତ୍ସବ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ ବୋଲି ଏଡିଏମ୍ କହିଥିଲେ । ଯାଜପୁରରୋଡ କାଳୀପୂଜା ଭସାଣି ଉତ୍ସବ ମଦମୁକ୍ତ ହୋଇଥିବାରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୋରା ସହରବାସୀଙ୍କୁ ଧନ୍ୟବାଦ ଦେଇଥିଲେ । ଚୋରଦା ବାଇପାସ୍ ନିକଟରେ ମେଢଗୁଡିକୁ ସ୍ୱାଗତ କରିବା ପାଇଁ ଯାଜପୁରରୋଡ ପୋଲିସ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂ ମୀନା ସଭାରେ ଯୋଗଦେଇ କାଳୀ ମେଳଣ ଉତ୍ସବ ସମଗ୍ର ଜିଲାରେ ପ୍ରଥମ ବୋଲି କହିଥିଲେ । ଚଣ୍ଡୀ କ୍ଲବ ସମ୍ପାଦକ ଶିଶିର କୁମାର ରାଉତ ଉତ୍ସବର ବିବରଣୀ ପାଠ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଆର୍ଯ୍ୟନ କ୍ଲବକୁ ପ୍ରଥମ, କୋପଣ୍ଡକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଷ୍ଟିଲ ସିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା । ମେଢଗୁଡିକ ଦମକଳ କେନ୍ଦ୍ର ପଛରେ ଥିବା ପୋଖରୀରେ ବିସର୍ଜନ କରାଯାଇଥିଲା । ଆଉ କେତେକ ମେଢ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା । କଳସ ନୃତ୍ୟ, ଘୋଡା ନୃତ୍ୟ, ଆଦିବାସୀ ନୃତ୍ୟ ଓ ଗୋପାଳ ଓଗାଳ ମେଳଣର ମୁଖ୍ୟ ଆକର୍ଷଣ ଥିଲା ।

## ସଂକ୍ଷେପରେ

### ବିଜୟିନୀ ଜିଲା କଂଗ୍ରେସ ସମ୍ପାଦିକା

**ତିର୍ତ୍ତୋଲ,୧୭।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ବିରିତୋଳ ପଞ୍ଚାୟତର ସମିତିସଭ୍ୟା ବିଜୟିନୀ ମଲ୍ଲିକଙ୍କୁ ଜଗତ୍‌ସିହପୁର ଜିଲା କଂଗ୍ରେସ କମିଟି ସମ୍ପାଦିକା ଭାବରେ ନିଯୁକ୍ତି ମିଳିଛି। ପ୍ରଦେଶ କଂଗ୍ରେସ କମିଟି ସୁପାରିଶ କ୍ରମେ ଅଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷ ରାହୁଲ ଗାନ୍ଧୀ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେ ଜଣେ ସୁସଙ୍ଗଠିକା ଭାବରେ ଏହି ଅଞ୍ଚଳରେ ବେଶ ପରିଚିତ। ଦୀର୍ଘବର୍ଷ ଧରି ସେ ମହିଳା କଂଗ୍ରେସର ଜଣେ ସକ୍ରିୟ କର୍ମୀ ଭାବରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି ଦାୟିତ୍ୱ ପାଇଁ ସେ ଓଡ଼ିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ରାଜ୍ୟସଭା ଏମପି ରଞ୍ଜୀବ ବିଶ୍ୱାଳ, ଜିଲା କଂଗ୍ରେସ ସଭାପତି ନଟବର ବାରିକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେଏହି ନୂତନ ଦାୟିତ୍ୱ ପାଇବା ପରେ ଜିଲାରେ କଂଗ୍ରେସ ସଙ୍ଗଠନକୁ ଅଧିକ ସକ୍ରିୟ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ତାଙ୍କ ନିଯୁକ୍ତି ଫଳରେ ତିର୍ତ୍ତୋଲର କଂଗ୍ରେସ ମହଲରେ ଆନନ୍ଦ ପ୍ରକାଶ ପାଇଛି।

### ଯୋଗ ଶିବିର ଉଦ୍‌ଯାପିତ

**ନାଉଗାଁ,୧୭।୧୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଙ୍ଗେଶ୍ୱରପଡ଼ା ଓ ଗଙ୍ଗଦାହାଟସ୍ଥିତ ଶ୍ରୀ ଅଚ୍ୟୁତ ଇଂଲିଶ ମିଡିୟମ ବିଦ୍ୟାଳୟରେ ଭଗବାନ ଦାସ ମେମୋରିଆଲ ଟ୍ରଷ୍ଟ ଓ ପତଞ୍ଜଳୀ ଯୋଗ ସମିତି ଦ୍ୱାରା ଆୟୋଜିତ ଯୋଗ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ନିଲୁରାମ ଜେନା, ମଉଳା ଭଣଜା ମହାବିଦ୍ୟାଳୟ ଅଧକ୍ଷ ଅଧିକାରୀ ଲେଙ୍କା, ଶିକ୍ଷକ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ କହିଥିଲେ। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଗ ଶିବିର ପ୍ରତ୍ୟହ ସକାଳ ୬ଟାରୁ ୭.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ସହ ସ୍ଥାନୀୟ ନାଗରିକ ଓ ବୁଦ୍ଧିଜୀବୀ ଯୋଗ ଦେଉଥିଲେ। ଯୋଗ ଶିକ୍ଷକ ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ତ୍ରିଲୋଚନ ସାହୁ, ଲୋକନାଥ ସାହୁ ଯୋଗ ଶିକ୍ଷା ଦେଇଥିଲେ। ଭଗବାନ ଦାସ ମେମୋରିଆଲ ଟ୍ରଷ୍ଟ ସଭାପତି ଉପେନ୍ଦ୍ର ବିଶ୍ୱାଳ ଶିବିର ପରିଚାଳନା କରିଥିଲେ।

### ହବିଷିଆଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବାଲିଆ,୧୭।୧୧:** ବିରିଡ଼ି ବ୍ଲକ ୨୨ ମୌଜା ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପବିତ୍ର ପୀଠରେ କାର୍ତ୍ତିକ ବ୍ରତ ପାଳନ ପାଇଁ ହବିଷ୍ୟାଳିମାନଙ୍କ ଭିଡ଼ ଲାଗିରହିଛି। ପ୍ରତିବର୍ଷ ପରି ଏବର୍ଷ ମଧ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ହବିଷ୍ୟାଳି ଏହି ପୀଠରେ ପାରମ୍ପାରିକ ରୀତିନୀତି ଅନୁସାରେ ବ୍ରତ ପାଳନ କରିବା ସହ ଶ୍ରୀ ରାଧା ଦାମୋଦର ପୂଜା, ତୁଳସୀ ଚଉରା ପୂଜା କରୁଛନ୍ତି। ସେହି ହବିଷ୍ୟାଳିମାନଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଦୃଷ୍ଟି ଦେଇ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଇତିଶ୍ରୀ ଦାସ, ଡା. ସୋମନାଥ ମିତ୍ର, ଫାର୍ମାସିଷ୍ଟ ପ୍ରିୟମ୍ବଦା ତ୍ରିପାଠୀ ଓ ଏଏନଏମ କବିତା ମହାରଣା ପ୍ରମୁଖ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଏଥିସହ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରିଛନ୍ତି।

### ଭାଜପା ନେତାଙ୍କ ପରଲୋକ

**ରଘୁନାଥପୁର, ୧୭।୧୧( ଡି.ଏନ.ଏ.):** ଜୀବନ କାଳ ମଧରେ ପ୍ରଥମେ ଆରଏସ୍ଏସ୍ ସହ ଜଡ଼ିତ ରହି ପରେ ଦୀର୍ଘ ୨୦ ବର୍ଷ ଧରି ରଘୁନାଥପୁର ବ୍ଲକ ଅଞ୍ଚଳରେ ଭାଜପାର ମଙ୍ଗ ଧରି ରଖିଥିବା ଛପଡା ପଞ୍ଚାୟତ ଜଇପୁର ଗାଁର ସୁରେନ୍ଦ୍ରନାଥ ନାୟକ ଓରଫ ସୁରଭାଇଙ୍କ ଶନିବାର ସକାଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ସର୍ବଦା ପଦପଦବୀକୁ ଅଗ୍ରାହ୍ୟ କରି ସାଧାରଣ କର୍ମୀ ଭାବେ ଦଳୀୟ ଓ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବା ସୁରଭାଇଙ୍କ ନିଧନରେ ତାଙ୍କ ବାସଭବନରେ ଲୋକାରଣ୍ୟ ହୋଇପଡ଼ିଥିଲା। ଶେଷ ଦର୍ଶନ ପାଇଁ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ପ୍ରଫେସର ରମାକାନ୍ତ ଭୋଇ, ମାନସ କୁମାର ମହାପାତ୍ର, ମଣ୍ଡଳ ସଭାପତି ଅଶୋକ ନାୟକ ଓ ସୁବାସ ଜେନାଙ୍କ ସମେତ ଦଳୀୟ କର୍ମୀ, କୃଷକ ନେତା ଏଠାରେ ଆସି ପହଞ୍ଚିଥିଲେ। ସକାଳୁ ଉଠି ସେ ନଳକୂପ ପାଖରେ ପାଣି ମାରୁଥିବାବେଳେ ସେଠାରେ ତଳେ ପଡି ଯାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ଲାଗି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବାହ୍ନ ୧୧ଟାରେ ତାଙ୍କର ମରଶରୀରକୁ ସ୍ଥାନୀୟ ମଶାଣିରେ ସଂସ୍କାର କରାଯାଇଥିଲା। ତାଙ୍କ ନିଧନରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନଦୀବନ୍ଧକୁ ବିପଦ ବାଲି ବୋଝେଇ ହାଇୱା

**ବିରିଡ଼ି,୧୭।୧୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ୨୨ ମୌଜା ଦେବୀନଦୀ ଉତ୍ତର ପାର୍ଶ୍ୱ ବନ୍ଧ ଭାରିଯାନ ଚଳାଚଳ ଯୋଗୁ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତ୍ୟେହ ବହୁ ସଂଖ୍ୟାରେ ହାଇୱା ବାଲି ନେବା ପାଇଁ ଏହି ବନ୍ଧରେ ଧାଡ଼ି ଲଗାଉଛନ୍ତି। ଭୋରୁ ରାତି ପର୍ଯ୍ୟନ୍ତ ଏହି ଗାଡିଗୁଡିକ ବନ୍ଧରେ ଚଳାଚଳ କରୁଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୨ ମୌଜାର ୬ ପଞ୍ଚାୟତବାସୀଙ୍କ ସହ ବାହର ଲୋକମାନେ ଏହି ରାସ୍ତାରେ ଯାତାୟାତ କରିପାରୁନାହାନ୍ତି। ଅନେକ ସ୍ଥାନରେ ନଦୀବନ୍ଧ କ୍ଷୟ ହୋଇଯାଇଥିବାରୁ ବନ୍ୟା ସମୟରେ ଘାଇ ହେବାର ଆଶଙ୍କା ରହିଛି। ନଦୀବନ୍ଧରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ବିଲୁଆଖାଇ ସବ୍‌ଡିଭିଜନ, ବାଲିଆ ପକ୍ଷରୁ ବିରିଡ଼ି ତହସିଲଦାରଙ୍କୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ କୌଣସି ସୁଫଳ ମିଳି ନାହିଁ। ସେହିପରି ୨୨ ମୌଜା ବାଇପଦା ସମେତ ଅନ୍ୟାନ୍ୟ ମୌଜାର ବହୁସଂଖ୍ୟକ ଲୋକ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏ ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିଲେ। ପରେ ମାତ୍ର ଦୁଇ ତିନି ଦିନ ପାଇଁ ଗାଡ଼ି ଚଳାଚଳ ବନ୍ଦ କରାଯାଇ ପୁନର୍ବାର ଦୈନିକ ଶହ ଶହ ଗାଡ଼ି ଏହି ନଦୀବନ୍ଧରେ ବାଲି ବୋଝେଇ କରି ବେଆଇନ ଭାବେ ଚଳାଚଳ କରୁଛି। ପୋଲିସ ପ୍ରଶାସନଠାରୁ ତହସିଲ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଦେଖି ନ ଦେଖିଲା ଭଳି ରହୁଛନ୍ତି। ଗୁରତ୍ୱପୂର୍ଣ୍ଣ କଥା ହେଲା ଦେବୀ ନଦୀ ବଡ଼ ଖରମଙ୍ଗା ଇଷ୍ଟ ବାଲିଘାଟକୁ କଟକ ଜିଲା ଅଧୀନ କଣ୍ଟାପଡ଼ା ତହସିଲ ନିଲାମ କରିଛି। କିନ୍ତୁ ସମସ୍ତ ବାଲି ବୋଝେଇ ଗାଡ଼ି ଜଗତ୍‌ସିଂହପୁର ଜିଲା ଅଧୀନ ବିରିଡ଼ି ଦେଇ ଚଳାଚଳ କରୁଛି। ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ଆଇନ ୨୦୧୩ ଧାରା ୩୩ ମୁତାବକ ବାଲିଘାଟକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସମ୍ପୃକ୍ତ ଲିଜଧାରୀ ମରାମତି କରିବେ ବୋଲି ତହସିଲଦାରଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଥାନ୍ତି। କିନ୍ତୁ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନାହିଁ। ସମ୍ପୃକ୍ତ ତହସିଲଦାର ସମୟକୁ ସମୟ ବାଲିଘାଟ ଓ ରାସ୍ତା ନୀରିକ୍ଷଣ କରିବା କଥା। ଏଠାରେ ତାହା ମଧ କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଣୁ ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରା ନ ଗଲେ ଲୋକମାନେ ଆଇନକୁ ହାତକୁ ନେବା ପାଇଁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କୁ ପଚାରିବାରୁ ସେ କହିଲେ ଯେ ମୁଁ ଗୁରୁବାର ନୂତନ ଭାବେ ଦାୟୀତ୍ୱ ଗ୍ରହଣ କରିଛି। ଦୁଇ ତିନି ଦିନ ପରେ ଅତିରିକ୍ତ ତହସିଲଦାର ସୌମ୍ୟା ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଡାକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି। ତୁରନ୍ତ ଜଗତ୍‌ସିଂହପୁର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ଦେବୀନଦୀ ଉତ୍ତର ପାର୍ଶ୍ୱ ବନ୍ଧରେ ଚଳାଚଳ କରୁଥିବା ହାଇୱା।

- ଦିନ ବେଳା ଯାତାୟାତ ବନ୍ଦ
- ବେନିୟମ ଭାବେ ଚଳାଚଳ କରୁଛି ବାଲି ବୋଝେଇ ହାଇୱା



ବାବା ଅରକ୍ଷିତ ଦାସଙ୍କ ଜୟନ୍ତୀ ଉତ୍ସବରେ ସମ୍ମାନିତ ବ୍ୟକ୍ତିବିଶେଷ।

# ଧାନକୁଦ ପୀଠରେ ବାବା ଅରକ୍ଷିତ ଦାସଙ୍କ ଜୟନ୍ତୀ

**ବିରିଡି,(ଡି.ଏନ.ଏ.)/ବାଲିଆ,୧୭।୧୧**

ପବିତ୍ର ଅଁଳା ନବମୀ ତିଥି ତଥା ରାଧା ପାଦ ଦର୍ଶନ ଅବସରରେ ପଞ୍ଚସଖା ବିଶ୍ୱ କଲ୍ୟାଣ ଆଧାତ୍ମିକ ସେବା ସଂଘ ହାଜିପୁର ପକ୍ଷରୁ ମହାପୁରୁଷ ପଞ୍ଚଶଖାଙ୍କ ସାଧନାର ପୀଠ ଧାନକୁଦରେ ବାବା ଅରକ୍ଷିତ ଦାସ ମହାରାଜାଙ୍କ ୫୮ତମ ଜୟନ୍ତୀ ଶନିବାର ପାଳିତ ହୋଇଛି। ଏହି ଅବସରରେ ସନାତନ ଧର୍ମ ମହାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧାନକୁଦ ପୀଠ ଜଗନ୍ନାଥ ମନ୍ଦିରର ଠାକୁର ରାଜା ପ୍ରମୋଦ କୁମାର ନନ୍ଦି, ପଞ୍ଚଶଖା ଗବେଷକ ଡ. ତାରକ ପ୍ରସନ୍ନ ତ୍ରିପାଠୀ, ଡ. ନିରଞ୍ଜନ ସାହୁ, ଆଷାଢ଼ ସାହିତ୍ୟ ସଂସଦ ସମ୍ପାଦକ କବି ପିତାମ୍ବର ମହାପାତ୍ର, ଅଭୟ ଦାସ, ଗୀତିକାର ବାବାଜୀ ଚରଣ ଜେନା, ରମାକାନ୍ତ ନାୟକ, ଉମାକାନ୍ତ ରଥ, ବାବା ଦିବାକର ଦାସ ମହାରାଜ, କବୟିତ୍ରୀ ଶତାବ୍ଦୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାବା ଅରକ୍ଷିତ ଦାସ ମହାରାଜ କହିଲେ ଯେ ଆଧାତ୍ମିକ ଚେତନାରେ ରହି ନାରୀ ଜାତିର ବିକାଶ କରିପାରିଲେ ବିଶ୍ୱର ମଙ୍ଗଳ ହେବ। ସନାତନ ଧର୍ମ ପରମ୍ପରାକୁ ଭୁଲି ଆମେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରିବା ଦ୍ୱାରା ସମାଜ ପଥଭ୍ରଷ୍ଟ ହେଉଛି। ପ୍ରବଚକ ତ୍ରିପାଠୀ ପଞ୍ଚଶଖାଙ୍କ ମାଳିକା ଅକାଟ୍ୟ ଓ ସତ୍ୟାସତ୍ୟ ଉପରେ ଆଧାରିତ ବୋଲି କହିଥିଲେ। ବାବାଙ୍କ ଆଶ୍ରିତ ଭକ୍ତ ଓ ଶିଷ୍ୟମାନେ ସକାଳେ ଗୁରୁ ପୂଜନ କରିବା ସହ ନାମ ସଂକୀର୍ତ୍ତନ କରି ପୀଠ ପରିକ୍ରମା କରିଥିଲେ। ଏହି ଅବସରରେ ପଞ୍ଚଶଖା ବିଶ୍ୱକଲ୍ୟାଣ ଆଧାତ୍ମିକ ସେବା ସଂଘ ପକ୍ଷରୁ ଅଧାପକ ଉତ୍ତମ କୁମାର ଦାସଙ୍କୁ ପଞ୍ଚଶଖା ସାହିତ୍ୟ ସମ୍ମାନ, ପ୍ରଭାତ କୁମାର ନନ୍ଦିଙ୍କୁ ପଞ୍ଚଶଖା ସେବା ସମ୍ମାନ, ବିଜୟ କୁମାର ମିଶ୍ରଙ୍କୁ ପଞ୍ଚଶଖା ସେବା ସମ୍ମାନ, ବିଜୟ କୁମାର ମଲ୍ଲିକ ଓ ନିରଞ୍ଜନ ଭୋଳଙ୍କୁ ପଞ୍ଚଶଖା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ପିତାମ୍ବର ମହାପାତ୍ର ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଖଗେଶ୍ୱର ମହାରଣା ଧନ୍ୟବାଦ ଦେଇଥିଲେ।

## ରାୟରପୁର ଜଗନ୍ନାଥ ମନ୍ଦିରରେ ଅଁଳା ନବମୀ

**ବାଲିକୁଦା,୧୭।୧୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତର ରାୟରପୁର ସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅଁଳା ନବମୀ ପାଳିତ ହୋଇଛି। ଏହି ଅବସରରେ ପଣ୍ଡିତ ରବିନାରାୟଣ ନନ୍ଦଶର୍ମାଙ୍କ ମନ୍ତ୍ର ଧ୍ୱନିରେ ସୂର୍ଯ୍ୟପୂଜା କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ଭକ୍ତ ଯୋଗଦେଇ ସୂର୍ଯ୍ୟଙ୍କୁ ପୂଜା କରିବା ସହିତ ମନ୍ଦିର ବେଢାରେ ଥିବା ଅଁଳା ଗଛ ମୂଳରେ ପୂଜା କରିଥିଲେ। ସେହିପରି ମନ୍ଦିରରେ ଭକ୍ତମାନେ ରାଧା ପାଦ ଦର୍ଶନ କରିଥିଲେ। ଏହି ପୂଜାରେ ପଣ୍ଡିତ ଉପେନ୍ଦ୍ରନାଥ ରଥ, ଶଙ୍କର୍ଷଣ ନନ୍ଦ, ମନ୍ଦିର ପୂଜକ ବିଭୂତି ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସୂର୍ଯ୍ୟଦେବଙ୍କୁ ଆବାହନ କରିଥିଲେ। ପରେ ପ୍ରଭୁଙ୍କୁ କ୍ଷୀରି ଖେଚୁଡି ସହିତ ଆରିସା ପିଠା ଭୋଗ କରାଯାଇଥିଲା। ଜ୍ୟୋତ୍ସ୍ନାରାଣୀ ଚୌଧୁରୀ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ସୁରେଶ ଚୌଧୁରୀ, ଦ୍ୱିଜବର ଜେନା, ପ୍ରହଲ୍ଲାଦ ଜେନା, ବସନ୍ତ ସାହୁ, ଭୀମସେନ ତରାଇ, ମାୟାଧର ସାହୁ, ପାର୍ବତୀ ମହାରଣା, ନଳିନୀପ୍ରଭା ବିଶ୍ୱାଳ, ଲୋଭାରାଣୀ ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ମଞ୍ଜୁଲତା ମହାରଣା, ରାଧାରାଣୀ ମହାନ୍ତି, ଛବିଲତା ମହାନ୍ତି ପ୍ରମୁଖ ସୂର୍ଯ୍ୟ ପୂଜା କରିବା ସହ ଅର୍ଘ୍ୟ ପ୍ରଦାନ କରିଥିଲେ।

### ପରିବାରର ୪ ଜଣଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

# ଅଭିଯୁକ୍ତଙ୍କୁ ଧରୁନି ପୋଲିସ, ଏସ୍‌ପିଙ୍କୁ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୧୭।୧୧**

ଜଗତ୍‌ସିଂହପୁର ଥାନା କଣ୍ଟିଲୋ ଗ୍ରାମର ଗୋଟିଏ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ କଣ୍ଟିଲୋର ଶିବପ୍ରସାଦ ଜେନା (୪୮), ତାଙ୍କ ସ୍ତ୍ରୀ କୁନିଲତା (୪୫), ପୁଅ ସୁବ୍ରତ (୨୦), ଭାଇ ଦେବ ପ୍ରସାଦ(୪୪) ଗୁରୁତର ଆହତ ହୋଇଥିଲେ। ତେବେ ଏହି ମାମଲାରେ ପୋଲିସ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ବନ୍ଧୁକ ଓ ବୋମା ପକାଇ ଏହି ପରିବାରକୁ ହତ୍ୟା ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ କୁନିଲତା ଓ ଅନ୍ୟମାନେ ଶନିବାର ଏସ୍‌ପି ପ୍ରକାଶ ଆର୍‌ଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିବା ସହ ୭ ଦିନ ମଧରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ବାଧହୋଇ ଧାରଣାରେ ବସିବେ ବୋଲି କହିଛନ୍ତି। ଏସ୍‌ପି ସେମାନଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

କୁନିଲତା ଜଗତ୍‌ସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୨୩ ତାରିଖ ରାତିରେ ତାଙ୍କ ସ୍ୱାମୀ ଶିବ, ପିତା ଭାସ୍କର, ପୁଅ ସୁବ୍ରତ ଓ ୨ ଭାଇ ଘରେ ବସି ଟିଭି ଦେଖୁଥିବା ବେଳେ ଅତର୍କିତ ଆକ୍ରମଣ ହୋଇଥିଲା। ଗ୍ରାମର ଝରି ଦାସ (୬୫), ତାଙ୍କ ପୁଅ ଦିପୁନା(୪୦), ଲିପୁନା (୩୮), ଦିଲୀପ (୩୭) ମାରଣାସ୍ତ୍ର ଧରି ହଠାତ୍ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଜଗତ୍‌ସିଂହପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଅନ୍ୟପଟେ କୁନିଲତାଙ୍କ ହାତରେ ଏକାଧିକ ଚୋଟ ବାଜିଥିବାରୁ ଅସ୍ତ୍ରୋପଚାର ହୋଇଥିଲା। ଚିକିତ୍ସା ପରେ ମଧ ତାଙ୍କ ହାତ ବଙ୍କା ହୋଇରହିଛି। ଶିବପ୍ରସାଦଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗିଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି। ଏହି ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ। ଶିବପ୍ରସାଦ ମୁଲପାତି ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ଏବେ ପରିବାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏପରି କି ଦିନକୁ ଦୁଇ ବେଳା ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହେଉଛି। ଅଭିଯୁକ୍ତମାନଙ୍କ ଧମକ ସେମାନଙ୍କୁ ଆତଙ୍କିତ କରିଛି। ଏହି ମାମଲାରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ସେମାନେ ୨୨।୧୦।୧୮ରେ ଏସ୍‌ପିଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲେ। ଏସ୍‌ପି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। କିନ୍ତୁ ଅଭିଯୁକ୍ତମାନେ ଫେରାର ରହି ବିଭିନ୍ନ ମାଧମରେ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବାରୁ ଏହି ପରିବାର ପୁଣି ଥରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ପରିବାର।

# ହଂସୁରା ସମବାୟ ସମିତିରେ ଅନିୟମିତତା ଅଭିଯୋଗ

**ରାହାମା,୧୭।୧୧(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ହଂସୁରା ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏହି ସମିତିଟି ହଂସୁରା, କାଠକୋଟ, ବାଲିକଣି ପଞ୍ଚାୟତକୁ ନେଇ ଗଠିତ। ତେବେ ଏଠାରେ ଋଣ ପ୍ରଦାନ, ଋଣ ଛାଡ଼ ଓ କୃଷି ବୀମା ପ୍ରଦାନରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଏହି ସମବାୟ ସମିତିରେ କାଠକୋଟ ପଞ୍ଚାୟତ ପାଇଁ ୨୦୧୭ ମସିହା ଫସଲ ହାନି ବାବଦକୁ ବୀମା କମ୍ପାନୀ ପକ୍ଷରୁ ୨୩% ଫସଲ କ୍ଷତିପୂରଣ ପ୍ରଦାନ କରିବାକୁ ଘୋଷଣା ହୋଇଥିଲା। କିନ୍ତୁ ଚାଷୀମାନଙ୍କୁ ମାତ୍ର ୨% ରୁ ୧୨% ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଯାଇଛି। ସମିତିର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାଙ୍କ ସଲାସୁତରାରେ ଏଭଳି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଚାଷୀମାନେ ଫସଲ ହାନୀ ଅନୁସାରେ ଆବଶ୍ୟକ କ୍ଷତିପୂରଣ ପାଇନାହାନ୍ତି। ଏ ସମ୍ପର୍କରେ କାଠକୋଟ ପଞ୍ଚାୟତର ଦିବ୍ୟସିଂ ପ୍ରଧାନ, ସୁବାସ ପ୍ରଧାନ, ବିକଳି ପ୍ରଧାନ, ନୃସିଂହ ପ୍ରଧାନ, ମଗୁଳି ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ ଜଗତ୍‌ସିଂହପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଜିଲାପାଳ ମଧ ସେବା ସମବାୟ ସମିତିର ଜିଲା ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୧ମାସ ପୂରଣ ହେବାକୁ ବସିଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଆଗାମି ଦିନରେ ସମବାୟ ସମିତିର ସଦସ୍ୟ ତଥା ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସମବାୟ ସମିତି ସମ୍ପାଦକ ସୁଶାନ୍ତ ପରିଡ଼ାଙ୍କୁ ପଚାରିବାରେ ସେ କହିଲେ ଯେ, ଜିଲାପାଳଙ୍କ ପ୍ରକୋଷ୍ଠରୁ କୌଣସି ତଦନ୍ତ ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜଗତ୍‌ସିଂହପୁରରେ ଉପଲବ୍ଧ ହେଲା ଡେଷ୍ଟିନ୍-୧୨୫ ସ୍କୁଟର

**ଜଗତ୍‌ସିଂହପୁର ଅଫିସ, ୧୭।୧୧**

ହିରୋ ମୋଟୋ କର୍ପ ଲିଃ. ପକ୍ଷରୁ ନୂଆକରି ଡେଷ୍ଟିନ୍-୧୨୫ ସ୍କୁଟର ବଜାରରେ ପ୍ରବେଶ କରିଛି। ୧୨୫ ସିସିର ଏହି ସ୍କୁଟର ବେସ୍ ଆକର୍ଷଣୀୟ ହୋଇଛି। ସ୍ଥାନୀୟ ତ୍ରିଶୂଳ ଅଟୋମୋବାଇଲ୍‌ରେ ଏହି ସ୍କୁଟର ପହଞ୍ଚିବା ପରେ ଏକ ଉଦ୍‌ଘାଟନୀ ଉତ୍ସବର ଆୟୋଜନ ହୋଇଥିଲା। ଏହାକୁ ଅଭିନେତ୍ରୀ ଅର୍ପିତା କର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଶିବ ପ୍ରସାଦ ଲେଙ୍କା, କନକପ୍ରଭା ଲେଙ୍କା, ଅଟୋମୋବାଇଲ ଡିଲର ଈଶ୍ୱରୀ ପ୍ରସାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ କୁହାଯାଇଥିଲା ଡେଷ୍ଟିନ୍-୧୨୫ର କ୍ଷମତାଶାଳୀ ରାଇଡ୍ ୧୨୫ ସିସି ଇଞ୍ଜିନ ରହିଛି। ଆଇ-୩-ଏସ୍ ଜ୍ଞାନ କୌଶଳ ସହ ୮.୭ ବିଏଚ୍‌ପି, ୬୭୫୦ ଆର୍‌ପିଏମ୍, ଟର୍କ ୧୦.୨ ଏନ୍‌ଏମ୍, ୫୦୦୦ ଆର୍‌ପିଏମ୍, ରିମୋଟ୍ କି ଟପନିଙ୍ଗ, ମୋବାଇଲ୍ ଚାର୍ଜିଂ ପୋର୍ଟ, ବୁଟ୍ ଲାଇଟ୍, ଇଣ୍ଟିଗ୍ରେଟେଡ୍ ବ୍ରେକିଂ ସିଷ୍ଟମ୍, ବୋଲ୍ଡ ପ୍ରିମିୟମ ଷ୍ଟାଇଲ୍, କ୍ରୋମ ଚେଷ୍ଟ, ମେଟାଲ ବଡି, ସିଗ୍ନେଚର ଟେଲ୍ ଲ୍ୟାମ୍ପ, ୱଙ୍କର, କାଷ୍ଟ ହ୍ୱିଲ ଆଦି ରହିଛି। ଏହି ସ୍କୁଟର ୪ଟି ରଙ୍ଗରେ ଉପଲବ୍ଧ ହେଉଛି। ସେଗୁଡିକ ହେଲା ନୋବେଲ୍ ରେଡ୍, ଚେଷ୍ଟନଟ୍ ବ୍ରୋଞ୍ଜ, ପାନ୍ଥର ବ୍ଲାକ୍, ପର୍ଲ ସିଲ୍‌ଭର ହ୍ୱାଇଟ୍।





ଡେଷ୍ଟିନ୍-୧୨୫ ସ୍କୁଟରକୁ ଅତିଥି ବଜାର ପ୍ରବେଶ କରାଉଛନ୍ତି।

# ମହିମା ଧର୍ମ ସନାତନ ଧର୍ମର ମୂଳ ଆଧାର

**ବିରିଡ଼ି,୧୭।୧୧(ଡି.ଏନ.ଏ.)**

ମହିମା ଧର୍ମ ହେଉଛି ସନାତନ ଧର୍ମର ମୂଳ ଆଧାର। ଧର୍ମ ମଣିଷ ସମାଜକୁ ଏକତ୍ରିତ କରିବା ସହ ତ୍ୟାଗ, ସତ୍ୟନିଷ୍ଠ ତପସ୍ୱୀ ଭାବେ ବଞ୍ଚିବାକୁ ସଚେତନ କରାଏ। ଏହାର ମୂଳ ତତ୍ତ୍ୱ ହିଁ ଏକାକ୍ଷର ବ୍ରହ୍ମ, ଯାହା ମହିମା ପ୍ରଭୁ ସନ୍ଥକବି ଭୀମ ଭୋଇ ତାଙ୍କ ଧର୍ମ ଦର୍ଶନରେ ଉଲ୍ଲେଖ କରିଛନ୍ତି ବୋଲି ମହିମା ଧର୍ମୀ ବ୍ରହ୍ମାନନ୍ଦ ବାବାଙ୍କ ଚତୁର୍ଥ ବାର୍ଷିକ ଧର୍ମ ମହାସଭା ଓ ସ୍ମୃତି ଚାରଣ ସଭାରେ ସନ୍ୟାସୀମାନେ କହିଛନ୍ତି। ଅଧାପକ ଶରତ କୁମାର ରାଉତରାୟ ବ୍ରହ୍ମ ସଂପ୍ରାପ୍ତ ବ୍ରହ୍ମାନନ୍ଦ ବାବା ସ୍ମୃତି ମନ୍ଦିରରେ ଥାଇ ବର୍ତ୍ତମାନ ମଧ ସର୍ବଜୀବକୁ ମାର୍ଗ ଦର୍ଶନ କରୁଛନ୍ତି ବୋଲି କହିଛନ୍ତି। ବିରିଡ଼ି ବ୍ଲକ ଅରଣା ପଞ୍ଚାୟତ ମାଳିଅଞ୍ଚ ଗ୍ରାମରେ ମହିମା ମେଳା ପରିଚାଳନା କମିଟି ଓ ସାଧୁ କୃଷ୍ଣ ଚନ୍ଦ୍ର ଦାସଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସାଧୁ ହରମୋହନ ଦାସ, ନଟବର ଦାସ, ସଚ୍ଚି ଦାସ, ଅପର୍ତ୍ତି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ଲିଙ୍ଗରାଜ ମଲ୍ଲ, ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ସିଂହ, ପୂର୍ବତନ ସମିତି ସଭ୍ୟ ସରୋଜ ବରାଳ ଓ ବୃନ୍ଦାବନ ବେହେରା ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବ୍ରହ୍ମଧୂନି ସ୍ଥାପନ, ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ, ନାମ ଭଜନ, ଘୃତାହୂତି, ସାଧୁ ଭିକ୍ଷା ସର୍ବାତ୍ମା ସେବା, ଶରଣ ଦର୍ଶନ, ସମବେତ ପ୍ରାର୍ଥନା, ନାମ ଭଜନ, ସ୍ମୃତି ଚାରଣ ଧର୍ମ ମହାସଭା କରାଯାଇଥିଲା। ଶନିବାର ବାଲ୍ୟଲୀଳା ସମର୍ପଣ ସହିତ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଛି।

# ଆଳୁ ଚାଷ ପ୍ରତି ବିମୁଖ ହେଲେଣି ଚାଷୀ

**ନାଉଗାଁ,୧୭।୧୧(ସ୍ୱ.ପ୍ର.)**

କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲ ମନୋଭାବ ଯୋଗୁ ଏସବୁ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଅନେକ ଯୋଜନା କେବଳ କାଗଜକଲମରେ ସୀମିତ ରହିଯାଉଛି। ଚାଷ ପାଇଁ ଚାଷୀଙ୍କୁ ପରାମର୍ଶ ଓ ସହଯୋଗ ଯୋଗାଇଦେବାକୁ ବ୍ଲକରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ ଓ ପଶୁ ପାଳନ ବିଭାଗ ରହିଛି। ତେବେ ନାଉଗାଁ ବ୍ଲକରେ ଉଦ୍ୟାନ ବିଭାଗର କୌଣସି କାର୍ଯ୍ୟାଳୟ ନାହିଁ। ଫଳରେ ଏହି ବିଭାଗ ଦ୍ୱାରା ସରକାର ଚାଷୀମାନଙ୍କୁ ଯେଉଁ ସବୁ ପ୍ରୋତ୍ସାହନ ଓ ପରାମର୍ଶ ପ୍ରଦାନ କରୁଛନ୍ତି, ତାହା ଚାଷୀଙ୍କ ପାଖରେ ପହଞ୍ଚିପାରୁନାହିଁ। ତେଣୁ ଅନେକ ଚାଷୀ ଉଦ୍ୟାନ ବିଭାଗ ସମ୍ପର୍କରେ ଜାଣିନାହାନ୍ତି। ଏହି ବ୍ଲକର ଗଜରାଜପୁର, ଗଳଦାରି, ରୋହିଆ, ବଛାଳୋ, ଶିଖର, ଓଷକଣା, କୋରୁଅ ଆଦି ପଞ୍ଚାୟତ ଦେଇ ଦେବୀ ନଦୀ ପ୍ରବାହିତ। ସେହିପରି ନୂଆଗାଁ, ଘୋଡାଂଶ, ନାଉଗାଁ, ବାଂଶ, ତିରୁଣା, ଡେରିକି, କୋରୁଅ ଆଦି ପଞ୍ଚାୟତ ଦେଇ ଗୋବରୀ ନଦୀ ଓ ଡାବର ପଞ୍ଚାୟତ ଦେଇ ଅଳକା ନଦୀ ପ୍ରବାହିତ। ଏହି ସବୁ ନଦୀପଠାରେ ଚାଷୀମାନେ ଶୀତଦିନିଆ ପରିବା ଚାଷ କରିବା ସହିତ ଆଳୁ ଚାଷ ମଧ କରିଥାନ୍ତି। ତେବେ ଶୀତଳଭଣ୍ଡାର ଅଭାବ, ଉପଯୁକ୍ତ ବିହନ ଓ ଚାଷ ସମ୍ପର୍କିତ ପରାମର୍ଶ ନ ମିଳିବା ଯୋଗୁ ଚାଷୀମାନେ ଆଳୁ ଚାଷ ପ୍ରତି ବିମୁଖ ହୋଇପଡିଲେଣି। ୨୦୧୩-୧୪ ଆର୍ଥିକ ବର୍ଷରେ ଆଳୁର ମୂଲ୍ୟ ବୃଦ୍ଧି ସହିତ ବଜାରରେ ଆଳୁ ସଙ୍କଟ ଦେଖା ଦେବାରୁ ସରକାର ସେତେବେଳେ ଆଳୁ ମିଶନ କରିଥିଲେ। ଏହି ଯୋଜନା ମାଧମରେ ଚାଷୀ ଉଦ୍ୟାନ ବିଭାଗ ସହାୟତାରେ ଆଳୁ ବିହନ ନେବା ସହ ଆବଶ୍ୟକ ସହଯୋଗ ପାଇପାରିବେ। କିନ୍ତୁ ଦୀର୍ଘ ୫ ବର୍ଷ ପରେ ମଧ ନାଉଗାଁ ବ୍ଲକର ଚାଷୀମାନେ ଆଳୁ ମିଶନ କ'ଣ ତାହା ଜାଣିନାହାନ୍ତି। କେଉଁ ଚାଷୀ ଏହି ମିଶନ ମାଧମରେ ଚାଷ କରୁଛନ୍ତି, ସେ ସମ୍ପର୍କିତ କୌଣସି ତଥ୍ୟ ବିଭାଗ ପାଖରେ ନାହିଁ। ଉଦ୍ୟାନ ବିଭାଗର କୌଣସି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଆଶିଷ ମହାନ୍ତିଙ୍କୁ ପଚାରିବାରେ ବ୍ଲକରେ ଆବଶ୍ୟକ କର୍ମଚାରୀ ନ ଥିବାରୁ କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନ ଥିବା ପ୍ରକାଶ କରିଛନ୍ତି।

- ଉଦ୍ୟାନ ବିଭାଗ କର୍ମଚାରୀଙ୍କ ଦେଖାନାହିଁ
- ଫେଲ୍ ମାରିଛି ଆଳୁ ମିଶନ

## ସଂକ୍ଷେପରେ

### ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବାଲିକୁଦା,୧୭।୧୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତର ନାରଦିଆଠାରେ ପ୍ରଭୁ ସାଇନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶୁକ୍ରବାର ଅଙ୍କୁରାରୋପଣ, ମଣ୍ଡଳାଧିକରଣ ଓ ଅଧିବାସ ସମାପନ ହୋଇଥିଲା। ମହିଳାମାନଙ୍କ ଦ୍ୱାରା ଅଳକା ନଦୀର ଖଣ୍ଡୁଆଳି ଘାଟଠାରୁ ଜଳ ଉଠାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ, ନବଗ୍ରହ ପୂଜା କରାଯାଇ ସାଇନାଥଙ୍କ ମହାସ୍ନାନ ସମାପନ ହୋଇଥିଲା। ଏହି ଅବସରରେ ଆୟୋଜିତ ଘୃତଯଜ୍ଞ ରବିବାର ପୂର୍ଣ୍ଣାହୂତି ଦିଆଯିବ। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ପରିବେଷଣ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ସୌଭାଗ୍ୟ ମୁଦୁଲି ଓ ରୀତାଞ୍ଜଳି ମୁଦୁଲି କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ହୃଦାନନ୍ଦ ମିଶ୍ର, ଆଦିତ୍ୟ ଆଚାର୍ଯ୍ୟ, ହୃଦୟାନନ୍ଦ ପଣ୍ଡା, ଶ୍ରୀମନ୍ତ ମହାପାତ୍ର, ପର୍ଶୁରାମ ଦାଶ, ସୋମନାଥ ମହାପାତ୍ର, ଅନିତ୍ୟ ଆଚାର୍ଯ୍ୟ, ଲିଙ୍ଗରାଜ ଷଡ଼ଙ୍ଗୀ, ପ୍ରଫୁଲ ଶତପଥୀ, କାଶିନାଥ ମିଶ୍ର ପ୍ରମୁଖ ପଣ୍ଡିତ ମଣ୍ଡଳି ଦ୍ୱାରା ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା। ଅନନ୍ତ ସାଇ ଚାରିଟେବୁଲ ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟ ପରିଚାଳନା କରାଯାଇଥିଲା।

### ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ



**କୁଜଙ୍ଗ,୧୭।୧୧(ସ୍ୱ.ପ୍ର.):** ଦିବ୍ୟ ଜନନୀ ଶ୍ରୀମାଙ୍କ ପୁଣ୍ୟ ତିଥିରେ ଶନିବାର କୁଜଙ୍ଗ ଶ୍ରୀଅରବିନ୍ଦ ପାଠଚକ୍ର ଓ ବନାଘର ପକ୍ଷରୁ ସ୍ଥାନୀୟ ଲୋକନାଥ ଭବନ ପରିସରରେ ଏକ ପାଠଚକ୍ର ସମ୍ମିଳନୀ ଓ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାସୁଦେବ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାତୃ ପତାକା ଉତ୍ତୋଳନ, ଆଲୋଚନାଚକ୍ର, ସମର୍ପଣ ଧ୍ୟାନ ଆଦି କରାଯାଇଥିଲା। ଜଗନ୍ନାଥ ସ୍ୱାଇଁଙ୍କ ସଂଯୋଜନାରେ ବିଶିଷ୍ଟ କୃଷକ ନେତା ଗୌରମୋହନ ସାହୁ, ହେମନ୍ତ କୁମାର ଦାସ, ଶୈଳବାଳା ବଳବନ୍ତରାୟ, ଦୀନବନ୍ଧୁ ସେନାପତି, ବାସୁଦେବ ସ୍ୱାଇଁ, ଜୟକୃଷ୍ଣ ସ୍ୱାଇଁ, ଆଇନଜୀବୀ ଶ୍ରୀଧର ବିଶ୍ୱାଳ, ପଙ୍କପାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ମନୋଜ କିଶୋର ମନୋହାରୀ, ଶ୍ରୀଅରବିନ୍ଦ ଦର୍ଶନର ପ୍ରମୁଖ ପ୍ରବକ୍ତା କେଶବ ଚନ୍ଦ୍ର ଦଳାଇ, ଅବନାଘର ପକ୍ଷରୁ ବିଭୂତି ଭୂଷଣ ଦାସ, ଆଇନଜୀବୀ ଦାମୋଦର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମମତା ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ବୈକୁଣ୍ଠ ଗୋଛାୟତ ପରିଚାଳନା କରିଥିଲେ। ଅବନାଘରର ପ୍ରତିଷ୍ଠାତା ଗିରାଧାରୀ ସାହୁଙ୍କ ପ୍ରେରଣାରେ ଏହି ପାଠଚକ୍ର ହୋଇଥିଲା।

# ବିଦ୍ୟାଳୟ ପାଚେରି ନିର୍ମାଣକୁ ନେଇ ବିବାଦ

**ତିର୍ତ୍ତୋଲ,୧୭।୧୧(ଡି.ଏନ.ଏ.)**

- ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ
- ଜେଇଙ୍କ ଉପସ୍ଥିତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ତିର୍ତ୍ତୋଲ ବ୍ଲକ କୋଷ୍ଠି ମଲ୍ଲିକାପୁର ପଞ୍ଚାୟତ ମାଲଣ୍ଡ ଗ୍ରାମରେ ଥିବା ଭାରତୀ ନୋଡାଲ ବିଦ୍ୟାଳୟ ପରିସରରେ ପାଚେରି ନିର୍ମାଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ପାଚେରି ଉପଯୁକ୍ତ ସୀମାରେ ଓ ଠିକ୍ ଭାବରେ ନିର୍ମାଣ ହେଉ ନ ଥିବା ଅଭିଯୋଗ କରି କେତେଜଣ ଗ୍ରାମବାସୀ ଓ ଅଭିଭାବକ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପରେ ବିଭାଗୀୟ ଜେଇଙ୍କ ଉପସ୍ଥିରେ କାମ କରିବାକୁ ବିଡିଓ ବିଦ୍ୟାଳୟର ପ୍ରାଧାନ ଶିକ୍ଷୟିତ୍ରିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ୨୦୧୬-୧୭ ଆର୍ଥିକ ବର୍ଷରେ ସ୍ଥାନୀୟ ଜିଲାପରିଷଦ ସଭ୍ୟ ମନୋଜ ମହାନ୍ତିଙ୍କ ହାତପାଣ୍ଠିରୁ ଏହି ପାଚେରି ନିର୍ମାଣ ପାଇଁ ଅର୍ଥ ବରାଦ ହୋଇଥିଲା। ତେବେ କେତେକ ବିବାଦକୁ ନେଇ ସେହି ସମୟରେ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିଲା। ଏବେ ପାଚେରି କାମ ଚାଲିଥିବାବେଳେ ତାହା ବିଦ୍ୟାଳୟ ସୀମାକୁ ଛାଡି ନିର୍ମାଣ କରାଯାଉଛି। ଏଥିସହ ଠିକ୍ ଭାବେ ନିର୍ମାଣ ହେଉ ନ ଥିବା ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ରାଉତରାୟଙ୍କ ସହ କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ କାମ ବନ୍ଦ ରଖି ମାପଚୁପ କରାଇବା ପରେ ପାଚେରି ନିର୍ମାଣ କରିବାକୁ ସେମାନେ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ବାରଣ ସତ୍ତ୍ୱେ ଏହି କାମ କରାଯାଇଥିବା ସେମାନେ ଉଲ୍ଲେଖ କରିଛନ୍ତି। ଗ୍ରାମର ନୀଳମାଧବ ସେଠୀ, ଅଜୟ କୁମାର ମହଲା, ପ୍ରଶାନ୍ତ କୁମାର ଓଝା, ଅଜୟ କୁମାର ସାହୁ, ନିରଞ୍ଜନ ନାୟକ ପ୍ରମୁଖ ଏହି କାମ ବନ୍ଦ ରଖି ପ୍ରଶାସନର ତତ୍ତ୍ୱାବଧାନରେ କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଗ୍ରାମରେ ଲୋକମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏଥିପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ସେ ଜେଇଙ୍କ ଉପସ୍ଥିତିରେ ଏଷ୍ଟିମେଟ୍ ଅନୁଯାୟୀ କାମ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ବିଶ୍ୱାଳଙ୍କୁ ପଚାରିବାରୁ ପାଚେରି ସଳଖ ଭାବରେ ନିର୍ମାଣ କରିବାକୁ ସେ କହିଥିବା ସୂଚନା ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ତ ରଞ୍ଜନ ନନ୍ଦ କହିଛନ୍ତି ଯେ ତାଙ୍କ ଅଗୋଚରରେ ଏହି କାମ ହେଉଛି।



ସ୍ତ୍ରୀ ଓ ପୁଅଙ୍କ ସହ ଶିଶିର।

# କର୍କଟରେ ପୀଡ଼ିତ ଭୂମିହୀନ ଶିଶିର

**ଏରସମା,୧୭।୧୧(ସ୍ୱ.ପ୍ର.)**

- ଚିକିତ୍ସାରେ ଅର୍ଥ ବାଧକ
- ଦୁର୍ଦ୍ଦିନରେ ଚଳୁଛନ୍ତି ୪ ପ୍ରାଣୀ

ଏରସମା ବ୍ଲକ ଭିତର ଅନ୍ଧାରୀ ପଞ୍ଚାୟତର ଉଚ୍ଚ ନୂଆଗାଁର ଶିଶିର ଦାସ। ସେ ଜଣେ ଭୂମିହୀନ। ଅନ୍ୟ ଜଣଙ୍କ ଜାଗାରେ କୁଡିଆଟି କରି ଦୀର୍ଘ ୧୨ ବର୍ଷ ହେଲା ରହିଆସୁଛନ୍ତି। ଶିଶିରଙ୍କ ବୟସ ଏବେ ୪୦ ବର୍ଷ। ସ୍ତ୍ରୀ ସସ୍ମିତା(୩୫)ଙ୍କ ସହିତ ଗୋଟିଏ ଝିଅ, ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। ଶିଶିର ସାଇକେଲରେ ବିଭିନ୍ନ ପ୍ରକାର ଆଚାର ଧରି ଗାଁ ଗାଁ ବୁଲି ବିକ୍ରି କରନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ୪ ପ୍ରାଣୀ ଦୁଃଖେକଷ୍ଟେ ଚଳି ଯାଆନ୍ତି। ମାତ୍ର ନିୟତିର ବିଚାର ଥିଲା ଅନ୍ୟ ପ୍ରକାର। ୮ ମାସ ତଳେ ଶିଶିରଙ୍କ ଅଣ୍ଟା ଦରଜ ହେଲା। ନିକଟସ୍ଥ ଡାକ୍ତରଖାନାରୁ ଔଷଧ ଖାଇଲେ। ସେଥିରେ ଭଲ ହେଲାନାହିଁ। ସେ ଆଉ ସାଇକେଲ ଚଳାଇ ଆଚାର ବିକ୍ରି କରିବାକୁ ଯାଇପାରିଲେ ନାହିଁ। ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ଗଲେ। ଡାକ୍ତର କହିଲେ ଅଣ୍ଟା ଅପରେସନ ହେଲେ ଭଲ ହୋଇଯିବ। ସ୍ତ୍ରୀ ସସ୍ମିତା କିଛି ଅର୍ଥ ଯୋଗାଡ଼ କରି ଶିଶିରଙ୍କୁ କଟକ ମେଡିକାଲରେ ଅପରେଶନ କରାଇଲେ। ଆଶା ଥିଲା, ଶିଶିର ଭଲ ହୋଇଗଲେ ଆଚାର ବ୍ୟବସାୟ କରି ପୁଣି ତାଙ୍କ ସଂସାରକୁ ଆଗେଇ ନେବେ। କିନ୍ତୁ ପରିତାପର ବିଷୟ ଶିଶିର ଭଲ ହେଲେ ନାହିଁ। ଏବେ ସେ କର୍କଟ ରୋଗରେ ପୀଡିତ ହୋଇଥିବା ଜଣାପଡିଲା। ଏହା ଜାଣିବା ପରେ ସସ୍ମିତାଙ୍କ ମୁଣ୍ଡରେ ବଜ୍ର ପଡ଼ିଲା। ପିଲାଙ୍କ ପାଠପଢା ତ ଦୂରର କଥା, ପର ଘରେ ପାଇଟି କରି ସସ୍ମିତା ଯାହା କିଛି ଆଣୁଛନ୍ତି, ତାହା ସ୍ୱାମୀଙ୍କ ଔଷଧ ଖର୍ଚ୍ଚକୁ ନିଅଣ୍ଟ ହେଉଛି। ତେଣୁ ପ୍ରଶାସନ ତାଙ୍କୁ ସହାୟତା କରିବାକୁ ସସ୍ମିତା ଅନୁରୋଧ କରିଛନ୍ତି।

# ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ

**କୁଜଙ୍ଗ,୧୭।୧୧(ସ୍ୱ.ପ୍ର.)**

- ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ଥିଲେ ଡାକ୍ତର
- ୨ ଘଣ୍ଟା ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ
- କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ମନମୁଖି କାର୍ଯ୍ୟ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପରିଣାମ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡୁଛି। ଶନିବାର ଏଠାରେ ଚିକିତ୍ସା ଅବହେଳା ଓ ସର୍ବନିମ୍ନ ମୌଳିକ ସୁବିଧା ଅଭାବରୁ ଏକ ଅଢେଇ ବର୍ଷର ଶିଶୁର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତରେ ରହୁଥିବା ଶରତ ଦାସଙ୍କ ପୁତ୍ର ଶଙ୍କର ଅଜାଣତରେ ଶନିବାର ସକାଳେ ଘରେ ଥିବା ବଗମରା ବିଷ ଖାଇଦେଇଥିଲା। ଏହାର ପ୍ରତିକ୍ରିୟ ଅପରାହ୍ନ ୨ଟାରେ ଦେଖିବାକୁ ମିଳିଥିଲା। ଶଙ୍କର ପାଟିରୁ ଗରଳ ବାହାରିବା ସହ ବାନ୍ତି ହୋଇଥିଲା। ପରିବାର ଲୋକେ କିଛି ଜାଣି ନ ପାରି ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ନ ଥିଲେ। ପ୍ରାୟ ୨ ଘଣ୍ଟା ବିଳମ୍ବରେ ସ୍ଥାନୀୟ ଆୟୁଷ ଡାକ୍ତର ଗୁରୁତର ଶିଶୁର ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ତୁରନ୍ତ କଟକ ନେଇଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଶରତଙ୍କ ପାଖରେ ଆବଶ୍ୟକ ଅର୍ଥ ନ ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ। ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଆସି ପହଞ୍ଚିବାବେଳକୁ ପ୍ରାୟ ୨ ଘଣ୍ଟା ବିଳମ୍ବ ହୋଇଥିଲା। ଫଳରେ ଶିଶୁଟିର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ କୁଜଙ୍ଗ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ ଆଜି ଛୁଟିରେ ରହିଥିବା କହିଥିଲେ। ସୂଚନାଯୋଗ୍ୟ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ୫ ଜଣ ଡାକ୍ତରଙ୍କ ଆବଶ୍ୟକ ଥିବାବେଳେ ମାତ୍ର ୨ ଜଣ ଅଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଆଜି ଜଣେ ଛୁଟିରେ ରହିଥିବାବେଳେ ଅନ୍ୟଜଣେ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ତେଣୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ ହୋଇଛି। ତୁରନ୍ତ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନିଯୁକ୍ତ କରିବାକୁ ଦାବି ହୋଇଛି।

## ନେଚର ଡ୍ରାଇଭ୍ ପକ୍ଷରୁ ସ୍ୱତନ୍ତ୍ର ସେବା

**ପାରାଦୀପ,୧୭।୧୧(ସ୍ୱ.ପ୍ର.)**

ସ୍ଥାନୀୟ ମଧୁବନ ମୁଣ୍ଡାପଡ଼ା ବସ୍ତିରେ ସ୍ୱେଚ୍ଛାସେବୀ ସଂଗଠନ ନେଚର ଡ୍ରାଇଭ ପକ୍ଷରୁ ଶନିବାର ବେସାହାରା ପରିବାରକୁ ସ୍ୱତନ୍ତ୍ର ସେବା ଯୋଗାଯାଇଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଏସ୍‌ଏନ୍ କଲେଜର ମିଳିତ ସହଯୋଗରେ ବସ୍ତିର ନିରାଶ୍ରୟ ବୃଦ୍ଧାବୃଦ୍ଧ ଓ ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ସହ ଶୀତବସ୍ତ୍ର ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଂଗଠନର ପ୍ରମୁଖ କର୍ମକର୍ତ୍ତା ପ୍ରଫୁଲ୍ଲ ପଟ୍ଟନାୟକ, କୁନାଚାନ୍ଦ ମହାନ୍ତି, ଶାରଳା ବେହେରା, ରାଜୁ ବାବୁ ଓ ପ୍ରଫେସର ଲିପିକା ପଟ୍ଟନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଏହି ବସ୍ତିରେ କେତେକ ଅଧିସୂଚିତ ଜନଜାତି ପରିବାର ମଧ୍ୟରେ ସ୍ତ୍ରୀସ୍ୱାମୀ ଅଦଳବଦଳ ଘଟଣାଚକ୍ରରେ ହୋଇଥାଏ। ସେପରି ସ୍ଥଳେ କେତେଜଣ ଶିଶୁ ଓ ମାତାପିତା ଅବହେଳିତ ଅବସ୍ଥାରେ କାଳତିପାତ କରିଥାନ୍ତି। ସେହିମାନଙ୍କୁ ଏହି ସଂଗଠନ ପକ୍ଷରୁ କିଛିକାଂଶରେ ସେବା କରାଯାଇଥିଲା ବୋଲି କୁହାଯାଇଛି।

## କଇଁଛ ସୁରକ୍ଷା ସଚେତନତା

**ପାରାଦୀପ,୧୭।୧୧(ସ୍ୱ.ପ୍ର.)**

କୁଜଙ୍ଗ ବନାଞ୍ଚଳ ଡିଭିଜନ ପକ୍ଷରୁ ଶନିବାର ପାରାଦୀପ ଷଣ୍ଢକୁଦ ବସ୍ତିରେ ଅଲିଭ ରିଡେଲ କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀ ଯେପରି କୌଣସି କଇଁଛଙ୍କୁ ଅସୁବିଧା ନ କରନ୍ତି ସେ ସମ୍ପର୍କରେ ବନବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ମତ୍ସ୍ୟ ଅଧିକାରୀ ଜଗନ୍ନାଥ ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୮।୧୧।୨୦୧୮ (ରବିବାର)**
- ବରିଷ୍ଠ ନାଗରିକ ପରିଷଦର ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ନୂଆବଜାର, ପାରାଦୀପ।
- ମା ଶାରଳାଙ୍କ ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ। ସ୍ଥାନ- ଗଙ୍ଗଦାହାଟ, ସମୟ- ପ୍ରାତଃ -୫.୩୦।
- ରାସୋତ୍ସବ। ସ୍ଥାନ-ତ୍ରିନାଥ ପୂଜାକମିଟି ଧୂଆଁପଦା, ସମୟ- ସନ୍ଧ୍ୟା ୭ଟା।

**୧୯।୧୧।୨୦୧୮(ସୋମବାର)**
- ଶାରଳାଙ୍କ ଷୋଡ଼ଶ ଉପଚାର ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ। ସ୍ଥାନ- ଗଙ୍ଗଦାହାଟ, ସମୟ-ସନ୍ଧ୍ୟା ୭।

**୨୦।୧୧।୨୦୧୮( ମଙ୍ଗଳବାର)**
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି, ସମ୍ବର୍ଦ୍ଧନା ସଭା। ସ୍ଥାନ-ଗଙ୍ଗଦାହାଟ, ସମୟ- ସନ୍ଧ୍ୟା ୭ଟା।

**୨୧।୧୧।୨୦୧୮(ବୁଧବାର)**
- ଅଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ। ସ୍ଥାନ-ଗଙ୍ଗଦାହାଟ, ସମୟ- ସନ୍ଧ୍ୟା ୭ ।

**୨୨।୧୧।୨୦୧୮(ଗୁରୁବାର)**
- ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆରମ୍ଭ।ସ୍ଥାନ-ବିଜୁ ମଇଦାନ, ବେଳାଭୂମି, ପାରାଦୀପ।

**୨୩।୧୧।୧୮(ଶୁକ୍ରବାର)**
- ବୋଇତ ବନ୍ଦଣ ଉତ୍ସବ ଓ ନାଉଗାଁ ମହୋତ୍ସବ। ସ୍ଥାନ-ଶିଖରଘାଟ ଦେବୀନଦୀ ତଟ, ସମୟ -ସକାଳ ୭।
- ରାସ ଉତ୍ସବ ଉଦ୍‌ଯାପନ। ସ୍ଥାନ- ତ୍ରିନାଥ ପୂଜା କମିଟି, ଧୂଆଁପଦା, ସମୟ-ସନ୍ଧ୍ୟା-୭।
- ଚେଲିତୋଳ ବୋଇତ ବନ୍ଦାଣ ପରିଷଦର ବୋଇତ ବନ୍ଦାଣ। ସ୍ଥାନ-ତିର୍ତ୍ତୋଲ ନିକଟ ମହାନଦୀର ଗୋପିଆକୁଦ, ସମୟ- ସକାଳ ୮।
- ଶିଶୁ ଅନନ୍ତ ଆଶ୍ରମ ଏବଂ ଆଞ୍ଚଳିକ କମିଟି ତରଫରୁ ଚନ୍ଦ୍ର ବନ୍ଦାପନ। ସ୍ଥାନ- ମହାନଦୀର ତାରତୋଲ ପୋଲ ନିକଟ ଅରିଲୋ। ସମୟ- ସନ୍ଧ୍ୟା ୬ଟା।
- ପଲ୍ଲିକଣ୍ଟା ପଞ୍ଚାୟତର ହାଡ଼ିବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଂଶତମ ପ୍ରତିଷ୍ଠା ଉତ୍ସବ ଓ ପଞ୍ଚାୟତର ଦିବାକର ପରିଷଦର ଚତୁର୍ଦ୍ଦଶ ବାର୍ଷିକ ସମ୍ମିଳନୀ। ସ୍ଥାନ-ଏରସମା, ସମୟ-ଦିବା ୧୦ଟା

**୨୪।୧୧।୨୦୧୮(ଶନିବାର)**
- ଛାତଖାଇ ମହୋତ୍ସବ । ସ୍ଥାନ- ଅରିଲୋ ସ୍ଥିତ ଶିଶୁ ଅନନ୍ତ ଆଶ୍ରମ, ସମୟ-ଦିନ ୧୦ଟା।

# ଭାଜପାର ଜନ ପରାମର୍ଶ ପଦଯାତ୍ରା

**କୁଜଙ୍ଗ,୧୭।୧୧(ସ୍ୱ.ପ୍ର.)**



ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

କୁଜଙ୍ଗରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ପାଟପୁର ବଉଳାଙ୍ଗରୁ ପଦଯାତ୍ରା ଆରମ୍ଭ ହୋଇ ବାଲିପାରୀ, ତେନ୍ତୁଲିଆ ଓ କରତୁଠା ଦେଇ ବୋରିଖିରେ ସମାପନ ହୋଇଥିଲା। ରାହାମା ମଣ୍ଡଳ ରେପଟୁର ସମ୍ବିତ୍ ସ୍ୱାଇଁଙ୍କ ଘରଠାରୁ ପଦଯାତ୍ରା ବାହାରି ପୋଡାକାନ୍ଥି, ଅଡାଙ୍କୁର ଧୁସଳ, ପଟିଲୋ, ହାତିକନା ଆଦି ଗ୍ରାମ ପରିକ୍ରମା କରି ପଣ୍ଡୁଆରେ ପହଞ୍ଚିଥିଲା। ୨ଟି ଦଳରେ କର୍ମୀମାନେ ପଦଯାତ୍ରା କରିଥିଲେ। ପଣ୍ଡୁଆଠାରେ ଆୟୋଜିତ ସଭାରେ ସମ୍ପଦ ସ୍ୱାଇଁ ଯୋଗଦେଇ ନୂଆ ଓଡ଼ିଶା, ନୂଆ ପାରାଦୀପ ଗଠନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ରାହାମା ମଣ୍ଡଳ ସଭାପତି ନୃସିଂହ ଚୌଧୁରୀ, ସାଧାରଣ ସମ୍ପାଦକ ନରେନ୍ଦ୍ର ସେଠୀ, ବିସ୍ତାର ସୁଶାନ୍ତ କୁମାର ବେହେରା, ପଣ୍ଡୁଆର ମହିଳା ମୋର୍ଚ୍ଚା ସଭାନେତ୍ରୀ ବୀଣାପାଣି ମହାନ୍ତି, ପ୍ରକାଶ ନାୟକ, ପ୍ରସନ୍ନ ବରାଳ, କୁଳମଣି ମଲିକ, ବନମାଳୀ ସ୍ୱାଇଁ, ଗୌରାଙ୍ଗ ଚରଣ ସାହୁ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ପାଟପୁର ପଞ୍ଚାୟତର ଜଗନ୍ନାଥ ମନ୍ଦିରରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ନିର୍ମଳ କୁମାର ସ୍ୱାଇଁ, ଜିଲା ଉପସଭାପତି ଯୁଗଳ କିଶୋର ପ୍ରଧାନ, ଅଜିତ୍ ଦାସ, ମଣ୍ଡଳ ସଭାପତି ଆଇନଜୀବୀ ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ପଦଯାତ୍ରା କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ବିନମ୍ର ସ୍ୱାଇଁ, ଦିଲୀପ୍ କୁମାର ବେହେରା, କୃଷକ ମୋର୍ଚ୍ଚାର ସାନନ୍ଦ ଚରଣ ସାହୁ, ଏସି ମୋର୍ଚ୍ଚା ଗୋପୀନାଥ ସାହୁ ସାମିଲ ହୋଇଥିଲେ। ସେହିପରି ପଙ୍କପାଳ ମଣ୍ଡଳ ଓ ରାହାମା ମଣ୍ଡଳରେ ଜନପରାମର୍ଶ ପଦଯାତ୍ରା ଶୁଭାରମ୍ଭ ହୋଇଛି। ଚନ୍ଦାପାଟ ଗାଦିବ୍ରହ୍ମ ପୀଠରେ ପୂଜାର୍ଚ୍ଚନା କରି ସମ୍ପଦ ସ୍ୱାଇଁ ଏହି ପଦଯାତ୍ରା ଶୁଭାରମ୍ଭ କରିଥିଲେ। ପ୍ରାକ୍ତନ ଜିଲା ସଭାପତି ଉପନ୍ଦ୍ରେ ବିଶ୍ୱାଳ, ରାହାମା ମଣ୍ଡଳ ସଭାପତି ନୃସିଂହ ଚୌଧୁରୀ, ସାଧାରଣ ସମ୍ପାଦକ ନରେନ୍ଦ୍ର ସେଠୀ, ବିସ୍ତାର ସୁଶାନ୍ତ କୁମାର ବେହେରା, ସୁବାସ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ବନ୍ଦର ଯନ୍ତ୍ରୀଙ୍କୁ ଗାନ୍ଧୀ-ବିନୋବା ସେବା ସମ୍ମାନ

**ପାରାଦୀପ,୧୭।୧୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଯନ୍ତ୍ରୀ ତଥା ପରିବେଶବିତ ଇଂ ଅମରେଶ ନରେଶ ସାମନ୍ତଙ୍କୁ ଗାନ୍ଧୀ-ବିନୋବା ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ବିନୋବା ଭାବେଙ୍କ ଶ୍ରାଦ୍ଧ ବାର୍ଷିକୀରେ ଏହି ସମ୍ମାନ ସାମନ୍ତଙ୍କୁ ପ୍ରଦାନ କରାଯାଇଛି। ସାମାଜିକ ସେବା ଓ ଗ୍ରାମ୍ୟଜଙ୍ଗଲ ସୃଷ୍ଟିକରି ପରିବର୍ତ୍ତନର ବାର୍ତ୍ତା ଦେଉଥିବା ସାମନ୍ତଙ୍କ ଗଠିତ ସଂଗଠନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଗତବର୍ଷ ରାଜ୍ୟର ଶ୍ରେଷ୍ଠ କ୍ଲବ ଭାବେ କେନ୍ଦ୍ର ସରକାର ଘୋଷଣା କରିଥିଲେ। ପୂର୍ବତନ ଶାସନସଚିବ ସହଦେବ ସାହୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

## ■ ମୁଗୁରିଆ କ୍ଲଷ୍ଟର ସହଯୋଗ-୨ ଉଦ୍‌ଯାପିତ

# ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷକ, ଅଭିଭାବକଙ୍କ ସମନ୍ୱୟ ଅତ୍ୟନ୍ତ ଜରୁରୀ

**ରଘୁନାଥପୁର, ୧୭।୧୧( ଡି.ଏନ.ଏ.)**




ସହଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ଦିବସରେ ଉପସ୍ଥିତ ଅତିଥି।

ରଘୁନାଥପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ୧୭ ଗୋଟି କ୍ଲଷ୍ଟରରେ ଗତ ୩ ଦିନ ଧରି ଚାଲିଥିବା ସହଯୋଗ-୨ କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଗୁରିଆ କ୍ଲଷ୍ଟର ତାରପୁର ହାଇସ୍କୁଲରେ ସିଆରସିସି ମହମ୍ମଦ ଓସାମଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତିଲତା ଦାଶ ମୁଖ୍ୟଅତିଥି ଏବଂ ଶାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ନାରାୟଣ ସିଂହ ବକ୍ତାଭାବେ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଟ୍ରେନ୍‌ର ବିରୁପାକ୍ଷ ସେଠୀ, ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମ୍ନ୍ୱୟ ରହିଲେ ଶିକ୍ଷାରମାନ ବୃଦ୍ଧି ଘଟିବ ବୋଲି କହିଥିଲେ। ଏଥିପାଇଁ ଧାର୍ଯ୍ୟ ଓ ଇଚ୍ଛାଶକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ପ୍ରଶିକ୍ଷଣ ନେଉଥିବା ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ସୂଚାଇଥିଲେ। ସେହିପରି ପ୍ରଶିକ୍ଷକ ସୁଜିତ୍ କୁମାର ବେହେରା ଶିକ୍ଷାଦାନ ପ୍ରକ୍ରିୟା ଏକ ୩ ଚକିଆ ସାଇକେଲ ସହ ତୁଳନା କରିଥିଲେ। ପ୍ରତ୍ୟେକଙ୍କ ମଧ୍ୟରେ ସହଯୋଗ ନ ରହିଲେ ଶିକ୍ଷା ମଧ୍ୟ ଦିଗହରା ହୋଇପଡିବ ବୋଲି ପ୍ରକାଶ କରିଥିଲେ। ୩ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଶିକ୍ଷା ଅଧିକାର ଅଧିନିୟମ ୨୦୦୯, ଏସ୍‌ଏମ୍‌ସି ଓ ଷ୍ଟାଣ୍ଡିଂ କମିଟିର କାର୍ଯ୍ୟ, ବିଦ୍ୟାଳୟର ସୁରକ୍ଷା ଓ ସ୍ୱଚ୍ଛତା ଏବଂ ଅଭିଭାବକଙ୍କ କର୍ତ୍ତବ୍ୟ, ଶିଶୁ ସୁରକ୍ଷା କମିଟିର କାର୍ଯ୍ୟ ଏବଂ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଯୋଜନାର ସୁଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାଛଡା ଏକ ଘଣ୍ଟା ପାଇଁ ପ୍ରଶିକ୍ଷାର୍ଥୀଙ୍କ ପକ୍ଷରୁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ତିନିଦିନ ବ୍ୟାପୀ ସହଯୋଗ-୨ କାର୍ଯ୍ୟକ୍ରମରେ ୯ ଗୋଟି ବିଦ୍ୟାଳୟର ୫୪ ଜଣ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଟ୍ରେନ୍‌ର ଭାବେ କାଳନ୍ଦୀ ଚରଣ ଦାସ, ସୟଦ ରମଜାନ୍ ଅଲ୍ଲି, ପ୍ରଦୀପ୍ତ ସାହୁ ଉପସ୍ଥିତ ଥିଲେ। ଟ୍ରେନ୍‌ର କାଳନ୍ଦୀ ଚରଣ ଦାସ ନିଜର ବକ୍ତବ୍ୟ ରଖି ସଭା ଶେଷ କରିଥିଲେ।

## ବଂଶୀଧର ବାବାଙ୍କ ଜନ୍ମବାର୍ଷିକରେ ନିତ୍ୟରାସ

**ରଘୁନାଥପୁର, ୧୭।୧୧( ଡି.ଏନ.ଏ.)**

ରଘୁନାଥପୁର ହୁରାସାହି ଚନ୍ଦନ ପୋଖରୀସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ବାବା ବଂଶୀଧର ଦାସଙ୍କ ୫୯ ତମ ଜନ୍ମବାର୍ଷିକ ଉପଲକ୍ଷେ, ଭକ୍ତ ଓ ଶୁଭେଚ୍ଛୁଙ୍କ ପକ୍ଷରୁ ନିତ୍ୟରାସ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଉପସ୍ଥିତ ହୋଇ ଗୁରୁବନ୍ଦନା କରିବା ସହ ଭଜନ, କୀର୍ତ୍ତନ କରିଥିଲେ। ବାବା ବଂଶୀଧର ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ବାଣୀ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ, ମନୁଷ୍ୟ ଜନ୍ମ ସଂସାରରେ ମହାନ ଅଟେ। ଯଦି ସେହି ମନୁଷ୍ୟ ପଶୁ ପ୍ରବୃତି ଭଳି ଆଚରଣ ଓ ଉଚାରଣରେ ମିଷ୍ଟଭାଷୀ ହୋଇ ନ ଥାଏ ତାହା ହେଲେ ସେ କୃମିଠାରୁ ହୀନ ବୋଲି ପ୍ରକାଶ କରିଥିଲେ। ଏଣୁ ପ୍ରତ୍ୟହ ଭଗବତ ଗୀତା ଆରଧାନା କରିବା ଦ୍ୱାରା ଶରୀର ମଧ୍ୟରୁ କୁଚିନ୍ତନ, ପାପ ଦୃଷ୍ଟି ଓ ଲୋଭ କ୍ଷୟ ହୁଏ ବୋଲି ବାବା ବଂଶୀଧର ପ୍ରବଚନରେ କହିଥିଲେ। ଏହି ଅବସରରେ ଦିନତମାମ ରାସ ବନ୍ଦନା ଗାନ ଓ ଗୋ ପୂଜନ ଆଦି କରାଯାଇଥିଲା।

# ଟିଟିଙ୍ଗାରେ ଫୁଟିଲା ଗୁଳି, ଜଣେ ଗୁରୁତର

**ଜଗତ୍‌ସିଂହପୁର ଅଫିସ, ୧୭।୧୧**

- ଦୁଇ ରାଉଣ୍ଡ ଗୁଳି ମାଡ଼, ଅଭିଯୁକ୍ତ ଥାନାରେ ଅଟକ
- ଗୁରୁତର ଆହତ କଟକ ସ୍ଥାନାନ୍ତର
- ଘଟଣା ପଛରେ ପୂର୍ବ ଶତ୍ରୁତା, ତଦନ୍ତ କରୁଛି ପୋଲିସ

ଜଗତ୍‌ସିଂହପୁର ଥାନା ମଣ୍ଡାସାହି ଟିଟିଙ୍ଗାରେ ଶୁକ୍ରବାର ରାତିରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଏଠାରେ ତେଜରାତି ଦୋକାନ କରିଥିବା ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ବବୁଲ ନାମକ ଜଣେ ଯୁବକ ଗୁଳିମାଡ଼ କରିଥିଲେ। କିନ୍ତୁ ଏହି ସମୟରେ ସେଠାରେ ବିଶ୍ୱରଞ୍ଜନଙ୍କ ମାମୁ ହରିହର ସ୍ୱାଇଁ ପହଞ୍ଚି ତାଙ୍କୁ ଠେଲି ଦେବାରୁ ବିଶ୍ୱରଞ୍ଜନ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାପରେ ଅଭିଯୁକ୍ତ ୨ୟ ରାଉଣ୍ଡ ଗୁଳି ଚାଳନା ପାଇଁ ଉଦ୍ୟମ କରିବା ବେଳେ ହରିହର ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଧସ୍ତାଧସ୍ତି ଭିତରେ ଗୁଳି ଫୁଟି ହରିହରଙ୍କ ଜଙ୍ଘରେ ବାଜିଥିଲା। ପରେ ହରିହର ସଜ୍ଞାହୀନ ହୋଇପଡିଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ବବୁଲ୍ ଓ ତାଙ୍କ ସାଥିରେ ଥିବା ଅନ୍ୟ ୨ ଅଭିଯୁକ୍ତ ଖସି ପଳାଇଥିଲେ। କିନ୍ତୁ ଗଲାବେଳେ ବବୁଲ୍ ତାଙ୍କ ବେକରୁ ଏକ ଚେନ୍ ଛଡାଇ ନେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଗ୍ରହଣ କରି ପୋଲିସ ମାମଲା ସଂଖ୍ୟା ୨୮୧/୧୮ (ଦଫା ୫୦୬/୨୯୪/ ୩୮୬/୩୦୭/୩୨୪/ ୩୨୬/୩୯୨/୩୪ ଆଇପିସି/୨୫/୨୭ ଆର୍ମସ୍ ଆକ୍ଟ) ରୁଜୁ କରିବା ସହ ଅଭିଯୁକ୍ତ ବବୁଲଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।
ଅଭିଯୋଗ ଅନୁଯାୟୀ, ବିଶ୍ୱରଞ୍ଜନ ତାଙ୍କ ତେଜରାତି ଦୋକାନରେ ବସିଥିବାବେଳେ ହଠାତ୍ ଏକ ବାଇକ୍‌ରେ ବବୁଲ ଓ ଅନ୍ୟ ୨ ଜଣ ପହଞ୍ଚିଥିଲେ। ପ୍ରଥମେ ବବୁଲ ବନ୍ଧୁକ ବାହାର କରି ବିଶ୍ୱରଞ୍ଜନଙ୍କ ଛାତିରେ ଲଗାଇଥିଲେ। ଏହା ପରେ ଅଶ୍ରାବ୍ୟ ଭାଷାରେ ଗାଳିକରି କହିଥିଲେ ଯେ ସୁନା ଚେନ୍ ଚୋରି ମାମଲା ଦେଲେ ପୋଲିସ କ'ଣ କରିବ। ଏବେ କ'ଣ କରିବା କଥା କର। ନାହିଁତ ୫୦,୦୦୦ ଟଙ୍କା ଦେବାକୁ ପଡିବ। ଏହା ପରେ ଗୁଳିମାଡ଼ କରିବାକୁ ଉଦ୍ୟମ କରିବା ବେଳେ ବିଶ୍ୱରଞ୍ଜନଙ୍କ ଅନ୍ୟ ଦୋକାନରେ ବସିଥିବା ହରିହର ତାଙ୍କୁ ଠେଲି ଦେବାରୁ ଗୁଳି ତାଙ୍କ ଦେହରେ ବାଜି ନ ଥିଲା। ପରେ ବବୁଲଙ୍କୁ ହରିହର ମାଡି ବସିଥିଲେ। ହେଲେ ବବୁଲ ୨ୟ ରାଉଣ୍ଡ ଗୁଳି ଫୁଟାଇବାରୁ ହରିହରଙ୍କ ଜଙ୍ଘରେ ବାଜିଥିଲା। ହରିହରଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଟିଟିଙ୍ଗାରେ ଆତଙ୍କ ଖେଳାଇ ଦେଇଛି।

# ଡୁଆଲ୍ କ୍ୟାମେରା ଫୋନ୍



## ବଢୁଛି ଚାହିଦା

**ଦିନକୁ ଦିନ ସ୍ମାର୍ଟଫୋନ୍‌ଗୁଡ଼ିକରେ ଆସୁଛି ବିଭିନ୍ନ ଲାଟେଷ୍ଟ ଫିଚର୍। ଯାହା ମଧ୍ୟରେ ବର୍ତ୍ତମାନ ଡୁଆଲ୍ ବ୍ୟାକ୍ କ୍ୟାମେରାର ଚାହିଦା ବଢୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ଫଟୋଗ୍ରାଫିରେ ରୁଚି ରଖୁଥିବା ହେଉ ଅବା ବିଭିନ୍ନ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ନିଶା ଥିବା ଯୁବପିଢ଼ିଙ୍କ ଲାଗି ଏହା ପାଲଟିଛି ପ୍ରଥମ ପସନ୍ଦ...**

ବର୍ତ୍ତମାନ କାହା ପାଖରେ ବା ନାହିଁ ସ୍ମାର୍ଟଫୋନ୍! ଏହା କେବଳ ଯୋଗାଯୋଗର ମାଧ୍ୟମ ଭାବେ ସୀମିତ ହୋଇ ରହିନାହିଁ, ବରଂ ଏହି ଗୋଟିଏ ଡିଭାଇସ୍ ଦ୍ୱାରା କରିହେଉଛି ଏକାଧିକ କାର୍ଯ୍ୟ। ତେଣୁ ମୋବାଇଲ୍ ଫୋନ୍ କମ୍ପାନୀଗୁଡ଼ିକ ମଧ୍ୟ ଦିନକୁ ଦିନ ବିଭିନ୍ନ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ମାର୍କେଟ୍‌କୁ ଛାଡୁଛନ୍ତି। ଏହା ମଧ୍ୟରେ ବର୍ତ୍ତମାନ ଖୁବ୍ ଡିମାଣ୍ଡରେ ଥିବା ସ୍ମାର୍ଟଫୋନ୍ ଫିଚର୍ ହେଉଛି ଡୁଆଲ୍ ବ୍ୟାକ୍ କ୍ୟାମେରା। ଫଟୋଗ୍ରାଫିରେ ରୁଚି ରଖୁଥିବା ହେଉ ଅବା ବିଭିନ୍ନ ପ୍ରକାର ଫଟୋ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବା ନିଶା ଥିବା ଯୁବପିଢ଼ିଙ୍କ ଲାଗି ଏହା ପାଲଟିଛି ପ୍ରଥମ ପସନ୍ଦ।

**ଡୁଆଲ୍ କ୍ୟାମେରା ଫିଚର କ'ଣ:** ବର୍ତ୍ତମାନ କେତେକ ଫୋନ୍‌ରେ ଡୁଆଲ୍ କ୍ୟାମେରା ଅପ୍ସନ ଉପଲବ୍ଧ। ଯେଉଁଥିରେ ଫୋନ୍‌ର ଫ୍ରଣ୍ଟ କ୍ୟାମେରାକୁ ଛାଡି ବ୍ୟାକ୍‌ରେ ହରିଜଣ୍ଟାଲ୍ କିମ୍ବା ଭର୍ଟିକାଲରେ ସଜାହୋଇ ଦୁଇଟି ଅଲଗା ଲେନ୍ସ ରହୁଛି। ଏହି ଛୋଟ ଛୋଟ କ୍ୟାମେରା ଭିତରେ ମଲ୍ଟିପୁଲ୍ ଲେନ୍ସ ଏଲିମେଣ୍ଟସ, ଇମେଜ୍ ସେନ୍ସର୍ ଏବଂ କେତେକ ଫୋନ୍‌ରେ ଏହା ସହିତ ଅପ୍ଟିକାଲ୍ ଇମେଜ୍ ଷ୍ଟାବିଲାଇଜେଶନ୍ ପାଇଁ ଛୋଟ ମୋଟର ମଧ୍ୟ ରହୁଛି। ଏହି ଦୁଇଟି କ୍ୟାମେରା ମଧ୍ୟରୁ ଗୋଟିଏ ପ୍ରାଇମେରୀ, ଯାହାକି ଅଧିକ ମେଗାପିକ୍ସେଲ୍ ବିଶିଷ୍ଟ ଏବଂ ଏହା ମୁଖ୍ୟ କାମ କରୁଥିବା ବେଳେ ଅନ୍ୟଟି ବା ସେକେଣ୍ଡାରୀ କ୍ୟାମେରା ଅତିରିକ୍ତ ଲାଇଟ୍ କ୍ୟାପ୍ଚର୍, ଭ୍ୟୁ ଏରିଆ ବା ଫିଲ୍ଡ ଅଫ୍ ଭ୍ୟୁ ବଢାଇବା ଏବଂ ବ୍ୟାକ୍‌ଗ୍ରାଉଣ୍ଡ ବ୍ଲର୍ ଆଦି କାର୍ଯ୍ୟ କରିଥାଏ।

**ଫାଇଦା:** ବର୍ତ୍ତମାନ ଡୁଆଲ୍ କ୍ୟାମେରା ଫିଚର୍ ଥିବା ଫୋନ୍‌ଗୁଡ଼ିକରେ ଖୁବ୍ ଭଲ କ୍ବାଲିଟି ଫଟୋ ଉଠୁଥିବା ଦେଖିବାକୁ ମିଳୁଛି। ଏହାର କାରଣ ଏଥିରେ ଅଲ୍ଟ୍ରା ୱାଇଡ୍ ଏଙ୍ଗଲ୍ ମୋଡ୍‌ରେ ଫଟୋ ନେଇ ହେବା ସହ ସବ୍‌ଜେକ୍ଟକୁ ଫୋକସ୍ କରି ବ୍ୟାକ୍‌ଗ୍ରାଉଣ୍ଡ ବ୍ଲର୍ କରିହେଉଛି। ତେବେ ବିଶେଷକରି କେତେକ ନିର୍ଦ୍ଦିଷ୍ଟ ଡୁଆଲ୍ ବ୍ୟାକ୍ କ୍ୟାମେରା ଫୋନ୍‌ରେ ସେନ୍‌ସର୍‌ର ଆକାର, ପିକ୍ସେଲ୍‌ର ଆକାର, ଆପାରେଚର୍ ଏବଂ ପୋଷ୍ଟ ପ୍ରୋସେସିଂ ଆଦି ସହ ଲୋ ଲାଇଟ୍‌ରେ ବି ଭଲ ଫଟୋ ଉଠାଯିବା ପ୍ରତି ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି।



### କ'ଣ କୁହନ୍ତି ଏମାନେ...

#### ଫଟୋଗ୍ରାଫି ହୋଇପାରିଛି ସରଳ



"ବିଭିନ୍ନ ପ୍ରକାର ଫଟୋ ବିଶେଷକରି ପ୍ରକୃତିର ଅନୁପମ ଦୃଶ୍ୟକୁ କ୍ୟାମେରାରେ କଏଦ କରି ରଖିବାକୁ ମୋତେ ଖୁବ୍ ଭଲ ଲାଗେ। ହେଲେ ଏଥିପାଇଁ ସାଙ୍ଗରେ ଦାମୀ ଡିଏସ୍‌ଏଲ୍‌ଆର୍ କ୍ୟାମେରା ରଖିବା ସର୍ବଦା ସମ୍ଭବ ନୁହେଁ, ତେଣୁ ଏମିତିରେ ଡୁଆଲ୍ ବ୍ୟାକ୍ କ୍ୟାମେରା ଥିବା ସ୍ମାର୍ଟ ଫୋନ୍ ବହୁତ କାମରେ ଆସୁଛି। ଯିବାଆସିବା ସମୟରେ କୌଣସି ଏକ ମନୋରମ ଦୃଶ୍ୟ ଆଖିରେ ପଡିଲେ ମୋବାଇଲ୍‌ରେ ୱାଇଡ୍ ଏଙ୍ଗେଲ୍‌ରେ ଲ୍ୟାଣ୍ଡସ୍କେପ୍ ଫଟୋ ନେଇ ହେଉଛି। ତା'ଛଡା କୌଣସି ବିଷୟବସ୍ତୁକୁ ହାଇଲାଇଟ୍ କରିବାକୁ ହେଲେ ବ୍ୟାକ୍‌ଗ୍ରାଉଣ୍ଡ ବ୍ଲର୍ କରି ସବ୍‌ଜେକ୍ଟକୁ ଫୋକସ୍ କରି ହେଉଛି। ଏଭଳି ଫୋନ୍ ବ୍ୟବହାର କରିବା ଦିନଠୁ ମୋର ନେଚର୍ ଫଟୋଗାଫି ରୁଚିକୁ ସଫଳ କରିବା ବେଶ୍ ସହଜ ହୋଇପାରିଛି।

**– ପ୍ରଣୟ ଠାକୁର ମହାପାତ୍ର, ଛାତ୍ର, ଜଙ୍କିଆ, ଖୋର୍ଦ୍ଧା**

#### ସୋସିଆଲ୍ ସାଇଟ୍‌ରେ ଅଧିକ ଲାଇକ୍ ମିଳୁଛି



"ଭଲ ଭଲ ଫଟୋ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ କିଏ ବା ଭଲ ନ ପାଏ। ମୁଁ ମଧ୍ୟ ଅନେକ ସମୟରେ ବିଭିନ୍ନ ଫଟୋ ପୋଷ୍ଟ କରିଥାଏ। ହେଲେ ବର୍ତ୍ତମାନ ଡୁଆଲ୍ ବ୍ୟାକ୍ କ୍ୟାମେରା ଫୋନ୍ ବ୍ୟବହାର କରିବା ଦିନଠୁ ଫଟୋଗୁଡ଼ିକ ପୂର୍ବାପେକ୍ଷା ଅଧିକ ଭଲ ଆସୁଛି। ଏଥିରେ ଥିବା ଲାଟେଷ୍ଟ ଫିଚରଗୁଡ଼ିକ ଯୋଗୁ ଫଟୋର କ୍ବାଲିଟି, ଲାଇଟ୍, କଲର ଆଦି ବେଶ୍ କ୍ଲିୟର ରହୁଛି। ସତ କହିବାକୁ ଗଲେ ଏଥିରେ ଉଠାଉଥିବା ନିଜର ହେଉ କିମ୍ବା ଅନ୍ୟ କୌଣସି ଫଟୋକୁ ଯେତେବେଳେ ସୋସିଆଲ୍ ସାଇଟ୍‌ରେ ଅଧିକ ଲାଇକ୍ ଏବଂ ପ୍ରଶଂସା ମିଳୁଛି, ଖୁବ୍ ଖୁସି ଲାଗୁଛି।

**–ବିଜୟଲକ୍ଷ୍ମୀ ସ୍ୱାଇଁ, ଯୁକ୍ତ ୩ କଳା, ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଅଡ଼ଶପୁର, କଟକ**



### ଏ ସପ୍ତାହର ପ୍ରଶ୍ନ

୧– କଳା କ୍ଷେତ୍ରରେ ଏସିଆ ମହାଦେଶର ପ୍ରଥମ ନୋବେଲ ବିଜେତା.......... ?
୨– ପୃଥିବୀର ସବୁଠୁ ବିଳାସପୂର୍ଣ୍ଣ ଜେଲ୍ .......... ?
୩– ହୀରାଖଣି ପ୍ରଥମେ..... ଦେଶରେ ମିଳିଥିଲା ?
୪– ପୃଥିବୀର ସର୍ବପ୍ରଥମ ଆୟୁର୍ବେଦିକ ରିସୋର୍ଟ.......... ?
୫– ୬୫ କେଜି ବିଭାଗରେ ପୃଥିବୀରେ ନଂ.୧ ସ୍ଥାନରେ ଥିବା ଭାରତୀୟ ରେସ୍‌ଲର୍......... ?

### ଗତ ସପ୍ତାହର ଉତ୍ତର

୧ ତାହିରା ସଫ୍‌ଦାର୍
୨ ଦୟାନନ୍ଦ ସରସ୍ୱତୀ
୩ ରୁଷିଆ
୪ ଡେରାଡୁନ୍, ଉତ୍ତରାଖଣ୍ଡ
୫ ଆନୀ ଫ୍ରାଙ୍କ

### ଉତ୍ତରଦାତା


ସଞ୍ଜୟ ଦଳାଇ
ଭଦ୍ରକ


ନରେଶ କୁମାର କର
ବାଲେଶ୍ୱର


ପ୍ରଭୁଦତ୍ତ ଦାଶ, ଭୁବନେଶ୍ୱର

### ପାଠକଙ୍କ ମତ

■ମଧୁମେହ ଭଳି ରୋଗ ବର୍ତ୍ତମାନ ଅନେକଙ୍କ ଲାଗି ଏକ ବଡ ସମସ୍ୟା ପାଲଟିଛି। ଅଳ୍ପ ବୟସ୍କମାନଙ୍କୁ ମଧ୍ୟ ଏହି ରୋଗ ହେଉଥିବା କଥା ଗତ ସପ୍ତାହରେ ପ୍ରକାଶିତ ପ୍ରସଙ୍ଗରୁ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ଏହାର କାରଣ ଏବଂ ପ୍ରତିକାର ସମ୍ପର୍କରେ ଜଣାଇଥିବାରୁ ଧନ୍ୟବାଦ।

**–ଦେବୀପ୍ରସାଦ ମିଶ୍ର, ପୁରୀ**

■ଖୋଲା ଆକାଶତଳେ ଦୀର୍ଘ ବର୍ଷ ଧରି କାଠରେ ତିଆରି କିଜିପୋଗୋଷ୍ଟ ଭଳି ଏତେ ବଡ କଳାକୃତି ବି ରହିପାରେ ଜାଣି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। ବାସ୍ତବରେ ଏଭଳି କଳାକାର ପ୍ରଶଂସାଯୋଗ୍ୟ।

**– ଲୋପାମୁଦ୍ରା ଦେବ୍, ସମ୍ବଲପୁର**

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

# ଆମ ଶରୀର



*ମଣିଷ ଶରୀରର କେଶ ଏବଂ ନଖ ଏଭଳି ଦୁଇଟି ଅଂଶ, ଯାହାକି ସାରା ଜୀବନ ବୃଦ୍ଧି ପାଇଥାଏ। ଏହାକୁ କାଟିଲେ ମଧ୍ୟ କୌଣସି କଷ୍ଟ ହୋଇ ନ ଥାଏ। ଏକଥା କିଏ ବା ନ ଜାଣେ ! ହେଲେ ଏ ସମ୍ପର୍କରେ ଏଭଳି କିଛି କଥା ରହିଛି, ଯାହାକି ହୁଏତ ସମସ୍ତଙ୍କୁ ଜଣା ନ ଥିବ। ଆସନ୍ତୁ ଜାଣିବା ସେ ସମ୍ପର୍କରେ...*

- ମଣିଷ ଶରୀରରେ ଥିବା ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ମୁହଁର କେଶ ବା ଦାଢ଼ି ସବୁଠୁ ଦ୍ରୁତ ଗତିରେ ବଢ଼ିଥାଏ। ବୈଜ୍ଞାନିକଙ୍କ ଆକଳନ ମୁତାବକ ଯଦି ଜଣେ ପୁରୁଷ ଆଦୌ ଦାଢି ନ କାଟନ୍ତି, ତେବେ ତାଙ୍କ ଜୀବନ କାଳ ମଧ୍ୟରେ ୩୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବ ପର୍ଯ୍ୟନ୍ତ ବଢ଼ିପାରେ।
- ଯଦିଓ ମୋଟା, ପତଳା ଅନୁଯାୟୀ ସମସ୍ତଙ୍କ କେଶର ପ୍ରକାର ଭେଦ ଭିନ୍ନଭିନ୍ନ, ହେଲେ ମୋଟାମୋଟି ଦେଖିବାକୁ ଗଲେ ମହିଳାଙ୍କ କେଶର ବ୍ୟାସ ପ୍ରାୟତଃ ପୁରୁଷଙ୍କ କେଶର ବ୍ୟାସର ଅଧା।
- କୌଣସି ରୋଗ, ଋତୁ ପରିବର୍ତ୍ତନ, ଖାଦ୍ୟାଭ୍ୟାସ, ଗର୍ଭାବସ୍ଥା ଭଳି କେତେକ ବିଶେଷ କାରଣକୁ ବାଦ୍ ଦେଲେ ପ୍ରାୟ ପ୍ରତି ମଣିଷଙ୍କର ଦୈନିକ ୬୦ ରୁ ୧୦୦ କେଶ ଝଡିଥାଏ।
- ମଣିଷ ମୁଣ୍ଡରେ ଥିବା ପ୍ରତ୍ୟେକଟି ହେୟାର ଫଲିକ୍‌ଲ ବା କେଶକୂପରୁ ଜୀବନକାଳ ମଧ୍ୟରେ ୨୦ଟି ନୂତନ କେଶ ସୃଷ୍ଟି ହୋଇଥାଏ। ଯଦିଓ ସମସ୍ତଙ୍କ ମୁଣ୍ଡରେ ହାରାହାରି ୧,୦୦,୦୦୦ଟି ଫଲିକ୍‌ଲ ଥାଏ, ହେଲେ କେଶର ରଙ୍ଗ ଅନୁସାରେ ଏହାର ସଂଖ୍ୟା ଭିନ୍ନଭିନ୍ନ। ଅର୍ଥାତ୍ ଧଳା ବା ସମ୍ପୂର୍ଣ୍ଣ କହରା କେଶ ଥିବା ମଣିଷଙ୍କ ମୁଣ୍ଡରେ ସର୍ବାଧିକ ଅର୍ଥାତ୍ ୧,୪୬,୦୦୦ଟି ହେୟାର ଫଲିକ୍‌ଲ ଥିବା ବେଳେ କଳା କେଶରେ ୧୧୦,୦୦୦, ବ୍ରାଉନ୍ କେଶରେ ୧୦୦,୦୦୦ ଏବଂ ଲାଲ୍ ରଙ୍ଗ କେଶରେ ୮୬,୦୦୦ ଫଲିକ୍‌ଲ ରହିଥାଏ।



- ଯଦି କୌଣସି କାରଣରୁ କେଶ ନ ଝଡ଼େ, ତେବେ ମଣିଷ କେଶର ହାରାହାରି ବୟସ ସୀମା ୩–୭ ବର୍ଷ।
- ମଣିଷର ଗୋଡ଼ ତୁଳନାରେ ହାତର ନଖ ୪ ଗୁଣ ଶୀଘ୍ର ବଢ଼ିଥାଏ। ତେବେ ସବୁ ନଖ ମଧ୍ୟରେ ହାତର ମଧ୍ୟମ ଆଙ୍ଗୁଠିର ନଖ ସବୁଠାରୁ ଶୀଘ୍ର ବଢ଼ିଥାଏ।
- କେବଳ ଗର୍ଭାବସ୍ଥା ବ୍ୟତୀତ ଅନ୍ୟ ସମୟରେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ନଖ ଶୀଘ୍ର ବଢିଥାଏ।
- ତେବେ ଶୀତଦିନ ତୁଳନାରେ ଖରାଦିନେ ନଖ ଅଧିକ ବଢ଼ିଥାଏ।

# ସାର୍‌ଙ୍କ ଆଲିଙ୍ଗନରେ ଆଖିରୁ ଝରିଆସିଥିଲା ଲୁହ

**କଲେଜ ଅନୁଭୂତି**


ଗୋପାଳ ଦେ

ବହୁ ନାଟକର ଲେଖକ ଓ ନିର୍ଦ୍ଦେଶକ ଭାବେ ସାରା ଓଡ଼ିଶାରେ ବେଶ୍ ପରିଚିତ ଗୋପାଳ ଦେ। ନାଟକ ବ୍ୟତୀତ 'ଜୋର ଯା'ର ମୁଲକ ତାର', 'ଆସୁଛି ମୋ କାଳିଆସୁନା', 'ପଞ୍ଜୁରୀ ଭିତରେ ସାରୀ' ଆଦି ଓଡ଼ିଆ ଚଳଚ୍ଚିତ୍ରରେ ସଂଳାପ ଲେଖିବା ସହିତ ନିଖୁଣ ଅଭିନୟ କରି ସାଉଁଟିଛନ୍ତି ଅଗଣିତ ଦର୍ଶକଙ୍କ ପ୍ରଶଂସା ଆଉ ଅନେକ ପୁରସ୍କାର। ତେବେ କଲେଜ ଜୀବନର କିଛି ଅଭୁଲା ସ୍ମୃତି ସମ୍ପର୍କରେ ପ୍ରକାଶ କରିଛନ୍ତି ଏହି ବିଶିଷ୍ଟ ନାଟ୍ୟକାର। ୧୯୬୭ ମସିହା। ସେତେବେଳେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ପଢୁଥିଲେ। ଛାତ୍ରସଂସଦ ନିର୍ବାଚନ ସମୟର କଥା। ଇଲେକ୍ସନ୍ ଯେତେ ଯେତେ ପାଖେଇ ଆସୁଥିଲା, କ୍ୟାମ୍ପସ୍ ସେତେ ସେତେ ସରଗରମ ହେଉଥିଲା। କିଏ କେଉଁ ପଦବୀ ପାଇଁ ଛିଡା ହେବେ ସେନେଇ ଜୋର୍‌ଦାର ଆଲୋଚନା ହେଉଥିଲା। ଏହାଦେଖି ତାଙ୍କ ମଧ୍ୟରେ ବି ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଇଚ୍ଛାପ୍ରକାଶ ହେଲା। ଆଉ ସେ ନାଟ୍ୟ ସଂପାଦକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଇଚ୍ଛୁକ ବୋଲି ନିଜର କିଛି ସହପାଠୀଙ୍କୁ ଜଣାଇଲେ। ଧୀର ଧୀରେ ଏ ଖବର ଯାଇ ପହଞ୍ଚିଲା ତାଙ୍କ ଡିପାର୍ଟମେଣ୍ଟର ମୁଖ୍ୟ ଶିକ୍ଷାବିତ୍ ବିଦ୍ୟାଧର ମିଶ୍ରଙ୍କ ନିକଟରେ। ସେ ତୁରନ୍ତ ତାଙ୍କୁ ଦେଖା କରିବା ଲାଗି ଡକାଇ ପଠାଇଲେ। ତାଙ୍କ ନିକଟରେ ପହଞ୍ଚିବା ପରେ ସାର୍ କିଛି ସମୟ ତାଙ୍କ ମୁହଁକୁ ଅନାଇ ରହି କହିଲେ, ଜାଣିଛୁ ତୋ ବିରୋଧରେ ରାଜନୀତି ବିଜ୍ଞାନ ବିଭାଗ ଛାତ୍ର ପ୍ରଶାନ୍ତ ନନ୍ଦ ଓ ନୀରୋଦ ମହାପାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହାଛଡ଼ା ରାଜନୀତି ବିଜ୍ଞାନ ବିଭାଗରେ ବିଦ୍ୟାର୍ଥୀଙ୍କ ସଂଖ୍ୟା ଅଧିକ। କେବଳ ଏତିକି ନୁହେଁ, ଶିକ୍ଷାବିତ୍ ଶ୍ରୀରାମ ଦାସ ହେଉଛନ୍ତି ସେମାନଙ୍କ ବିଭାଗର ମୁଖ୍ୟ। ଏମିତିରେ 'ତୁ କ'ଣ ଜିତିପାରିବୁ' ? ଯଦିଓ ସାର୍‌ଙ୍କ ଏ କଥାରେ ମନ ଭିତରେ ଟିକେ ଡର ଆସିଥିଲା, ହେଲେ ପୁଣି ଥରେ ସାର୍ କହିଲେ, 'ଥରେ ଏକ ପରୀକ୍ଷା ଦେବା ପାଇଁ ଶ୍ରୀରାମ ଓ ମୁଁ ପାଟନା ଯାଇଥିଲୁ। ଦୁହେଁ ପାଖାପାଖି ଦୁଇଟି କୋଠରିରେ ରହିଥିଲୁ। ପରୀକ୍ଷା ଆରମ୍ଭର କିଛି ସମୟ ପୂର୍ବରୁ ମୋ' କୋଠରିର ବାହାରପଟୁ ଶ୍ରୀରାମ ଶିକୁଳି ଦେଇ ପଳାଇଥିଲେ। ହେଲେ ଏତେ ଦୂର ଆସିଛି ମାନେ ଯେମିତି ହେଲେ ପରୀକ୍ଷା ଦେବି ବୋଲି କଳେବଳେ କୌଶଳେ ମୁଁ କୋଠରିରୁ ବାହାରି ପରୀକ୍ଷା ଦେଇଥିଲି ଆଉ କୃତକାର୍ଯ୍ୟ ମଧ୍ୟ ହୋଇଥିଲି।' ସାର୍‌ଙ୍କ ଏଇ କଥା ମୋ ଭିତରେ ପ୍ରତିଦ୍ୱନ୍ଦ୍ୱିତା କରିବାର ପ୍ରେରଣା ଭରିଦେଲା ଭଳି ମନେ ହେଲା । କୌଣସି ପରିସ୍ଥିତିରେ ହାରି ନ ଯାଇ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇବି ବୋଲି ମନସ୍ଥ କଲି ଆଉ ନାମାଙ୍କନପତ୍ର ଦାଖଲ କଲି। ସେତେବେଳେ ମୁଁ ଗିଟାର ବଜାଉଥିଲି। ଏହା ମୋ ପାଇଁ ବହୁ ଉପକାରରେ ଆସିଲା। କାରଣ ଗିଟାର ବଜାଇ ବିଦ୍ୟାର୍ଥୀଙ୍କ ମନ ଜିଣିପାରିଲି। ଶେଷରେ ନାଟ୍ୟ ସଂପାଦକ ଭାବେ ନିର୍ବାଚନରେ ବିଜୟୀ ମଧ୍ୟ ହୋଇଥିଲି। ଏକଥା ଘୋଷଣା ହେବା ପରେ ଯେତେବେଳେ ବିଦ୍ୟାଧର ସାର୍ ମତେ ଆଲିଙ୍ଗନ କରି ମୋ ସମ୍ମାନ ତୁ ରଖିଦେଲୁ ବୋଲି କହିଥିଲେ, ଖୁସିରେ ମୋ ଆଖିରୁ ଦୁଇଟୋପା ଲୁହ ଝରିଆସିଥିଲା। ଏବେବି ସେ ମୁହୂର୍ତ୍ତ ମୋ ପାଇଁ ସ୍ମୃତି ହୋଇ ରହିଛି।

**– ଶ୍ରୀକାନ୍ତ ପରିଜା**

■ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗରେ ମୁହଁ ଖୋଲିଲେ ଗଜପତି

# ଓଡ଼ିଆ ଜାତି ମହାପ୍ରଭୁଙ୍କଠାରୁ ଦୂରେଇଯାଉଛି

ପୁରୀ ଅଫିସ,୧୭।୧୧

ବ୍ରହ୍ମ ବିଭ୍ରାଟର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବା ପରେ ଆରମ୍ଭ ହୋଇଯାଇଛି ଆରୋପ ପ୍ରତ୍ୟାରୋପ। ଏହିପ୍ରସଙ୍ଗରେ କିଛିଦିନର ନୀରବତା ପରେ ଶନିବାର ମୁହଁ ଖୋଲିଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ। ବର୍ତ୍ତମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଯେଉଁଭଳି ବୟାନବାଜି ଚାଲିଛି ତାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଗଜପତି କହିଛନ୍ତି, ଓଡ଼ିଆ ଜାତି ମହାପ୍ରଭୁଙ୍କଠାରୁ ଦୂରେଇଯାଉଛି। ଆଧ୍ୟାତ୍ମିକ ଚେତନାର ଅଭାବ ସବୁ ବିଭ୍ରାଟର ମୂଳ କାରଣ। ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ରହିଲେ କିଛି ବି ବିଭ୍ରାଟ ହେବନି। ଶ୍ରୀମନ୍ଦିରରେ କ'ଣ, କେଉଁଠାରେ କିଛି ବି ବିଭ୍ରାଟ ହେବନି ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଗଜପତି ମାପିଚୁପି ତାଙ୍କ ମତ ରଖିଛନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିରର ନୀତି ପ୍ରଶାସକ ଶନିବାର ଗଣମାଧ୍ୟମ ସମ୍ମୁଖରେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଗଣମାଧ୍ୟମରେ ଦାରୁଙ୍କୁ ନେଇ ଯେଉଁ ବୟାନବାଜି ଚାଲିଛି ତାହା ଅଶୋଭନୀୟ ଓ ଅପ୍ରାସଙ୍ଗିକ। ଯେଉଁମାନେ ଏଭଳି ବୟାନବାଜି କରୁଛନ୍ତି ସେମାନେ ନିଜ ଗୋଡ଼ରେ କୁରାଢି ମାରୁଛନ୍ତି। ଦାରୁ ଏବେ ଦେବତା ହୋଇଗଲେଣି। ତେଣୁ ଏଭଳି କହିବା ଆଦୌ ଶୁଭଙ୍କର ନୁହେଁ। ଯିଏ ଏବେ ଅଭିଯୋଗ କରୁଛନ୍ତି ଘଟଣା ସମୟରେ ଚୁପ୍ ରହିଥିଲେ କାହିଁକି? ସେମାନେ ଯେଉଁ ଅଭିଯୋଗ କରୁଛନ୍ତି ତାହାର କୌଣସି ଭିତ୍ତି ନାହିଁ। ଠାକୁର ବ୍ରହ୍ମମୟ ହେବା ପରେ ଏଭଳି କହିବା ଅନୁଚିତ। ଜଗନ୍ନାଥ ହେଉଛନ୍ତି ପ୍ରାଣ ଏବଂ ସମଗ୍ର ଓଡ଼ିଆ ଜାତିର ଆସ୍ଥା। ମହାପ୍ରଭୁଙ୍କ ସମ୍ପର୍କରେ ଏଭଳି କହିବା ଉଚିତ ହେଉନାହିଁ। ବ୍ରହ୍ମ ବିଭ୍ରାଟ ଘଟଣାରେ ନୋଟିସ ପାଇବା ପୂର୍ବରୁ ଏଭଳି କହିବା ନିଶ୍ଚିତ ରୂପେ ଅଶୋଭନୀୟ। ନୋଟିସ ପ୍ରସଙ୍ଗରେ ସେ କହିଥିଲେ ଯେ, ତଦନ୍ତ ରିପୋର୍ଟକୁ ଆଧାରକରି ମୁଖ୍ୟ ପ୍ରଶାସକ ନୋଟିସ କରିଛନ୍ତି। ଏ ପ୍ରସଙ୍ଗରେ ଅଧିକ କିଛି କହିହେବ ନାହିଁ।

ସୂଚନାଥାଉକି, ବ୍ରହ୍ମ ବିଭ୍ରାଟ ନୋଟିସ ପାଇବା ପୂର୍ବରୁ ସୁଭଦ୍ରାଙ୍କ ବାଡ଼ର ମୁଖ୍ୟ ମହାରଣା କୃଷ୍ଣଚନ୍ଦ୍ର ମହାରଣା ଦାରୁ ଚୟନ ଏବଂ ମାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ସବୁ ବିଭ୍ରାଟ ମୂଳରେ ଦଇତାଙ୍କ ହାତ ବୋଲି କହିଥିଲେ। ତାଙ୍କର ଏହି ପୁରୁଣା ମନ୍ତବ୍ୟକୁ ସେ ଦୋହରାଇବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ଆରୋପ ପ୍ରତ୍ୟାରୋପ। ଶାସକ ଏବଂ ବିରୋଧୀ ଏହାକୁ ରାଜନୈତିକ ଅସ୍ତ୍ର କରିଛନ୍ତି।

---

## ODISHA LIFT IRRIGATION CORPORATION LIMITED

(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER LIFT IRRIGATION DIVISION: NUAPADA.
"E"Mail address - eeolicnpd@gmail.com

**1st CORRIGENDUM**

**SHORT TENDER CALL NOTICE NO.05 Date 08.11.2018**

The partial modification has been made to the SHORT TENDER CALL NOTICE NO.05/2018-19 dt:-08.11.2018 Published in "The Sambad , Odia daily Newspaper" on Date:- 10.11.2018 and "The Dharitri , Odia daily Newspaper" on Date. 11.11.2018 as mentioned below. All other terms and conditions remain unaltered.

| | | |
|---|---|---|
| Period of Tender paper sale | : | Dt. 28.11.2018 to 04.12.2018 |
| Last Date of receipt of Tender Paper | : | Dt. 05.12.2018 |
| Opening of Tender Paper | : | Dt. 06.12.2018 |

**Sd./- (Binod Kumar Das)**
**Executive Engineer, L.I. Division, Nuapada**

---

OFFICE OF THE HEADMASTER /HEADMISTRESS

## KASTURBA GANDHI BALIKA VIDYALAYA

ANDALIJAMBAHAL NUPS
AT. - RITHATOLI, P.O. - MAJHAPADA, BLOCK - KUARMUNDA
DIST. - SUNDARGARH (ODISHA) PIN -770033

Letter No 27/2018 Date. 13/11/2018

**TENDER CALL NOTICE**

Sealed tender are invited from the registered and reputed firms and manufacture having GST no for the supply of grocery, cosmetics and sanitary items, office and student stationary, dress materials to KGBV, Kuarmunda Andali Jambahal Nodal UPS Rithatoli for, Dec-2018 to Nov-2019. Item wise tender form along with related information can be obtained from the office of the undersigned in between 10am to 4pm of any working day from 15.11.2018 to 23.11.2018 on cash payment of Rs.100 (Rupees - one hundred) only, which is not refundable. The tender completed in all respect along with requisite EMD money in the shape of Bank Draft drawn in favour of Head Mistress and President KGBV, Kuarmunda Andali Jambahal Nodal UPS, Rithatoli. The tender documents submitted through Speed/ Registered Post shall only be accepted. Tender submitted without EMD will be summarily rejected. Last date of receipt of tender form is up to 4pm of dt.23.11.2018. The tender will be opened on dated 24.11.2018 at 11am in the Kuarmunda KGBV Hostel in the presence of teacher's or their authorized representative. The KGBV purchase committee reserves the right to accept or reject the tender in the whole or in part without assigning any reason thereof. The KGBV purchase any items from the selected bidders/ Supplier at any of time without assigning any reason thereof.

**Sd/- Headmistress, KGBV, Rithatoli**
**Govt. Nodal High School, Kuarmunda**

---

## ORMAS

**(Panchayati Raj & Drinking Water Department, Govt of Odisha)**
**DRDA, Charigharia, Bhadrak, Odisha**

Letter no:- 251/ORMAS 17/11/2018

**TENDER CALL NOTICE**

Sealed tenders are invited from intending authorized firms/ agencies/ tent houses for tent, light, sound and other allied works, Security service, printing & stationeries and documentation for the Pallishree Mela & Bhadrayani - a district cultural programme to be organized at Nehru stadium, Bhadrak tentatively from 3rd to 9th December, 2018.
The tender papers along with detailed specification of the work may be downloaded from web site of Bhadrak district i.e. www.bhadrak.nic.in & www.ormas.org from today onwards. The sealed tenders will be received up to 12.00 Noon on 26th November, 2018 at the office of Project Director, DRDA Bhadrak, At- Charigharia, Po-Madhabnagar, Bhadrak by courier/ speed post or dropbox.
The tender papers will be opened on sameday at 3 PM at conference hall of DRDA,Bhadrak

**Sd/- Project Director, DRDA, Bhadrak**

---

## OFFICE OF THE MUNICIPAL COUNCIL, SUNDARGARH

No. 5085 Dt. 17.11.2018

**COMPETITIVE BIDDING THROUGH e-procurement**
**NOTICE INVITING TENDER**
**Bid Reference No. SNGM-11/2018-19/Dt. 17.11.2018**

On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class / category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/ empanelled under Sundargarh Municipality are also eligible to participate for the works.

| | | | |
|---|---|---|---|
| 1. | Total No. of works for which Tenders invited | : | 27 Nos. |
| 2. | Place of Execution | : | Inside of Sundargarh Municipality |
| 3. | Estimated Cost of Individual Works | : | Rs. 1,72,407/- to Rs. 16,36,200/- |
| 4. | Eligible Class of Contractors | : | Registered Contractors of Class-'D' to Class-'C' as indicated against each work mentioned in the Tender Call Notice |
| 5. | Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in. | | |
| 6. | The bid documents will be availble in the above website from 11 AM on 22.11.2018 to 5 PM on 01.12.2018 for online bidding. | | |
| 7. | Bids received online will be opened at 11 AM on 06.12.2018 | | |
| 8. | The bidder must possess valid and compatible Digital Signature Certificate (DSC) | | |
| 9. | The DTCN for 27 Nos. of work shall be available in the e-procurement portal https://www.tendersodisha.gov.in for online bidding. | | |

**Sd./- Executive Officer, Sundargarh Municipality**

---

## OFFICE OF THE EXECUTIVE ENGINEER RURAL WORKS DIVISION, PURI

**3rd Corrigendum to Tender Call Notice No.Online- 04 of 2018-19**

Due to some technical necessity, the following changes are made in the TCN No. Online- 04 Date:- 27.10.2018.

The details of changes are given as below.

1) The work mentioned in Sl. No.4 is cancelled.

All other terms and conditions remain unaltered.

No.1030-O

**Sd./- Executive Engineer,**
**R.W. Division, Puri**

25065/11/0015/1819

---

## OFFICE OF THE CHIEF ENGINEER

**DAM SAFETY, Secha Sadan, Unit - V, Odisha**
**BHUBANESWAR - 751001**
Phone - 0674 2531935, Fax - 0674 2531934
e-mail - cedamsafety.odisha@gmail.com

No.809-A

**'e' PROCUREMENT NOTICE**

| | | |
|---|---|---|
| 1 | Nature of the works | Supply, Installation, Operation & Maintenance of Integrated Security and Surveillance System of Different Dam in Odisha under DRIP |
| 2 | No. of works | 05 (Five) |
| 3 | Value of works | Varies from Rs. 640.00 Lakh to Rs. 660.00 Lakhs |
| 4 | Period of completion | 12 (Twelve) Calendar Months |
| 5 | Class of contractors | PSD of State or Central Government, Private Firm or Joint Ventures |
| 6 | Procurement Officer | CHIEF ENGINEER, DAM SAFETY, Secha Sadan, Unit - V, Odisha BHUBANESWAR |
| 7 | Bid Identification No. | OD/WRD/DRIP/CEDS/ NCB/01/2018-19 |
| 8 | Availability of tender for On-line bidding | From 11.00 hrs. of 20.11.2018 to 19.12.2018 up to 15.00 hrs. |
| 9 | Last date and time of seeking tender clarification | 27.1 1.2018 up to 17.00 hrs. |
| 10 | Pre Bid Conference | 28.11.2018 11.00hrs. /O/O Chief Engineer Dam Safety Conference Hall, Bhubaneswar |
| 11 | Date and time of opening of Bid | 22.12.2018 at 11.00 hrs. |

Further details conditions can be seen from the Govt. website **www.tendersorissa.gov.in**.

32314/11/0017/1819

**CHIEF ENGINEER DAM SAFETY**
**Odisha, BHUBANESWAR**

---

## INTEGRATED TRIBAL DEVELOPMENT AGENCY, NABARANGPUR

**No.: 6946/2018 Date: 16.11.2018**

**CORRIGENDUM**

Clause 1.4 of the DTCN No.03/18-19 of this office issued vide Letter No.5893 dated 06.11.2018 is not mandatory. Sl. No. 18 of the Term & Conditions of the Tender Call Notice may be read as A, E & F instead of A to F. The other terms and conditions of the above Notice will be remained unchanged.

**Sd./- Project Administrator**
**ITDA, Nabarangpur**

---

GOVT. OF ODISHA
DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR

**No.801-A:-**

**'e' Procurement Notice No. SECIC - 11 / 2018-19**

| Procure ment Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SECIC, Bhubaneswar | SECIC/ PID-02 of 2018-19 | Improvement to Nadiakhia Saline Embankment from Arakhakuda to Shipabanta - RD.8.65 Km to RD.12.40 Km. | 194.13 | 194200/- (On-line) | 10000/- (On-line) | "B" Class & "A" Class | 22.11.2018 at 11.00 A.M. | 06.12.2018 up to 5.00 P.M | 07.12.2018 at 11.00 A.M. | 06 (Six) Calendar Months |
| | SECIC/ PID-03 of 2018-19 | Improvement to right service road on Sakhigopal Branch Canal from RD.13.60 Km to 20.28 Km. | 281.77 | 281800/- (On-line) | 10000/- (On-line) | "B" Class & "A" Class | 22.11.2018 at 11.00 A.M. | 06.12.2018 up to 5.00 P.M | 07.12.2018 at 11.00 A.M. | 06 (Six) Calendar Months |

e-mail ID:- secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

**32160/11/0021/1819** **Superintending Engineer, Central Irrigation Circle**

---

OFFICE OF THE

## CHIEF DISTRICT MEDICAL & PUBLIC HEALTH OFFICER, KALAHANDI

Advertisement No. 5110/DPMU Date: 17.11.2018

**Tender Call Notice for Food Catering Service**

No.580-E: Sealed tenders are invited from suppliers / agencies / hoteliers / caterers / Persons for supply of Food Catering Services (Meals, Tiffin, Snacks, Tea, Coffee etc.) to CDM & PHO Cum District Mission Director, Kalahandi for a period of one year on annual rate contact basis. Details regarding supply as per need and term & conditions may be downloaded from the website www.kalahandi.nic.in. The tender should reach the office of the undersigned by 26.11.2018 (till 12.00 P.M). Tender will be opened at 04.00 PM on 26.11.2018. The undersigned reserves the right to reject any or all the tenders without assigning any reason thereof.

**Sd/- Chief District Medical & PHO cum**
**District Mission Director, Kalahandi**

10076/11/0019/1819

---

GOVERNMENT OF ODISHA
DEPARTMENT OF WATER RESUORCES
OFFICE OF THE CHIEF ENGINEER & BASIN MANAGER
INDRAVATI-KOLAB BASIN, KHATIGUDA, DIST-NABARANGPUR (ODISHA)
Email-ceuiip@gmail.com, FAX-06858224238, PHONE-06858224276

No.811-A

No 4644 Dtd.16.11.2018

### NOTICE INVITATION FOR BIDS (NIFB)

**e-Procurement Notice No.CE&BM,IKB-01/2018-19**

1. Nature of the work - Construction of Road Works
2. Total Nos. of works - 01 (One) No.
3. Tender cost of the work - 139.25 lakhs
4. Bid security - 1 % of the amount put to tender
5. Class of Contractor - 'B' & 'A'
6. Period of completion - 06 (Six) months
7. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Technical bid |
|---|---|---|---|---|---|
| | | From | To | | |
| Chief Engineer & Basin Manager, Indravati-Kolab Basin, Khatiguda., Nabarangpur, Odisha, PIN-764085 | CE & BM, IKB-01/2018-19 | 20.11.2018 (10.00AM) | 30.11.2018 (up to 05.00 PM) | 26. 11. 20 18 up to 5.00 PM | Dt. 01. 12.2018 at 11.00 A M in the office of the Liaison Officer, Upper Indravati Project, Bhubaneswar |

Further details can be seen from the Government website **www.tendersodisha.gov.in**.

**Sd./- Chief Engineer & Basin Manager**
**Indravati-Kolab Basin, Khatiguda**

32365/11/0005/1819

---

## GOVERNMENT OF ODISHA DEPARTMENT OF WATER RESOURCES

**INVITATION FOR BIDS(IFB)**
**Office of the Executive Engineer**
**Boudh Irrigation Division, Boudh, PiN-762014**
e-mail i.d—eebidb@ymail.com, Telephone No.-06841-222039

**"e"-procurement Notice No. -07/18-19**

**Bid Identification No. EE BOD-07/2018-19**

No.810-A: Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Road(RCER) Works. |
| 2 | No. of Works | 01 No. (Individual Works) |
| 3 | Class of Contractor | 'B'& 'A' Class (Odisha PWD or relevant class of other licensing Authority.) |
| 4 | Bid Identification No. | EE-BOD-07/18-19 |
| 5 | Estimated Cost | Varies Approximately from 89.00 Lakhs |
| 6 | Period of Completion | 6(Six ) months. |
| 7 | Date & time of availability of bid documents in the Portal | From 20.11.2018 (10.00 AM) to 01.12.2018( 05.00 P.M). |
| 8 | Last date/time for receipt of bids through online | 01.12.2018 upto 05.00 P.M. |
| 9 | Date of Opening of Bid through online | 03.12.2018 (10.00 AM onwards in the Office of the undersigned.) |
| 10 | Name of the Officer inviting Bid | Executive Engineer, Boudh Irrigation Division, Boudh (Dist.- Boudh) |

Further details can be seen from the e-Procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

**Sd./- Executive Engineer,**
**Boudh Irrigation Division, Boudh**

32111/11/0006/1819

---

## GOVERNMENT OF ODISHA

No.996-O:-

### OFFICE OF THE ENGINEER-IN-CHIEF, RURAL WORKS, BHUBANESWAR

Letter No. 727974 Dtd. 12.11.18

**"e" Procurement Notice for road works under PLAN SCHEME**
**(Online-07/2018-19 (Road) C.E. Plan Roads)**

1. Name of the work : "Construction of Roads work
2. Total No. of works : 7 (Seven) Nos.
3. Estimated Cost : Varies from 400.00 lakh to 900.00 lakh
4. Class of contractor : Super, Special & 'A' Class as applicable
5. Period of Completion : Varied from 08 (Eight) to 09 (Nine) calendar months as applicable
6. Other details :

| Procurement Officer | Bid Identification | No. of Road works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Plan Roads, Odisha, Bhubaneswar | Online-07/2018-19 C.E., Plan Roads | 7 (Seven) Nos. | 20.11.2018 at 11.00AM | 07.12.2018 upto 3.00PM |

Other details can be seen in the bidding documents, which is available in website www.tendersorissa.gov.in

Any subsequent addendum or corrigendum will be made available in the above website.

25123/11/0043/1819 ***Sd./- Chief Engineer, Plan Roads, R.W. Odisha, Bhubaneswar***

---

## GOVERNMENT OF ODISHA, OFFICE OF THE SUPERINTENDING ENGINEER RURAL WORKS CIRCLE, KENDRAPARA-JAJPUR

e mail– serw_kpd@yahoo.com
No. Tender Online RCK-13/18 Letter No.-1533, Date:- 12.11.2018

O-666

**e-Procurement NOTICE**

1. Name of the work : Construction of Road works under Improvement to Existing RD Road, under DMF & Construction and Maintenance of roads under MMSY in the district of Kendrapara and Jajpur.
2. Class of Contractor : As Specified in Column-6 of Annexure.
3. Time for Completion : As Specified in Column-7 of Annexure.
4. Detail Projects : As per annexure attached
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara-Jajpur | Tender Online RCK – 13/18 | 20.11.2018 at 11.00AM | 06.12.2018 upto 5.00PM | 05.12.2018 upto 2.00 PM | 07.12.2018 at 11.00 AM | 15.12.2018 at 11.00 AM |

Further details can be seen from the website www.tendersorissa.gov.in

25129/11/0022/1819 ***Sd./- Superintending Engineer, Rural Works Circle, Kendrapara-Jajpur***

---

## OFFICE OF THE MUNICIPAL COUNCIL, ANGUL

**No. 7882 Date : 17.11.2018**

## TENDER CALL NOTICE

Sealed tenders in prescribed form are invited from the specified class of contractors registered with Govt. of Orissa and enlisted contractors of Angul Municipality for the following works having experience in execution of similar types of works. The tender document for the work will be available from the office of the Executive Officer, Angul Municipality during the office hours in the working day in shape of cash of required amount as mentioned against the work (Non-refundable) from dt. 20.11.2018 to 29.11.2018 upto 5.00 P.M. The tender will be received upto 3.00P.M. on dt. 30.11.2018 office of the Executive Officer, Angul Municipality. THe tender received after the due time will not be entertained. Any delay will be at the risk of applicant only. The tender will be opened on 30.11.2018 at 3.30 P.M. in the presence of the tenderers or their authorised agents if present. The tenderers should deposit the E.M.D. at the rate of 1% of the estimated cost as indicated in shape of cash / N.S.C. / K.V.P./ T.D./ Postal saving pass book duly pledged in favour of Executive Officer, Angul Municipality along with the tender documents. The valid RC, PAN card & GSTIN should be accompanied with the tender documents. The tender with part E.M.D./un-pledged E.M.D/ in other shape and invalid GSTIN will not be considered, the tender will be rejected. All other detail information can be available from the office of the Executive Officer, Angul Municipality. The authority reserves the right to reject any or all tenders without assigning any reason thereof.

| Sl. No. | Name of the Work | Estimated amount | Cost of tender paper | E.M.D. to be deposited | Time of completion |
|---|---|---|---|---|---|
| 1 | Const. of compost Pit at Netaji Park, Similipada and Daily market | Rs. 23,500.00 | Rs. 400.00 | 1% to the estimated cost | One Month |
| 2 | Const. of Compost Pit-2 at Eco park North-westside | Rs. 37,000.00 | Rs. 400.00 | -do- | -do- |
| 3 | Const. of compost pit-1 at Eco park North-East side | Rs. 37,000.00 | Rs. 400.00 | -d0- | -do- |
| 4 | Const. of compost pit at Nabakrushna choudhury Udyan, Susda & Gopabandhu park ward no. 14 | Rs.47,000.00 | Rs. 400.00 | -do- | -do- |
| 5 | Const. of compost Pit at weekly market (2 Nos.) collegepada | Rs. 47,000.00 | Rs. 400.00 | -do- | -do- |
| 6 | Const. of composit pit at childrens park & near BED college park, ward No. 14 | Rs. 47,000.00 | Rs. 400.00 | -do- | -do- |
| 7 | Const. of compost pit at near Tarini teple, Amalapada & Durga Mandap park ward No. 14 | Rs. 47,000.00 | Rs. 400.00 | -do- | -do- |
| 8 | Renovation of market pindi at Daily market | Rs, 1,60,000.00 | Rs. 600.00 | -do- | -do- |
| 9 | Renovation of Guard wall at Kia bandha | Rs. 1,99,000.00 | Rs. 600.00 | -do- | -do- |

**Sd./- Executive Officer, Angul Muncipality**

---

## ADVERTISEMENT

**Adv. No.: 7609/DPMU** **Date: 17.11.2018**

Zilla Swasthya Samiti, Jharsuguda invite applications from the eligible candidates for filling up the following posts on contractual basis for a period 11 months with monthly consolidated remuneration and subject to renewal after satisfactory performance and subsistence of the programme. ORV act is applicable for Lab Technician-Blood Bank.

| Sl. No. | Name of the Post | Vacancy | Date | Remuneration & other Allowance |
|---|---|---|---|---|
| 01 | Lab Technician - Blood Bank | SC - 1 | Walk-in-Interview on Dt.29.11.2018 (Registration Time: 10.00 A.M. to 11.30 A.M.) | Rs.11562/- + PI |
| 02 | Medical Officer - DEIC | 1 | | Rs.50400/- + PI |
| 03 | Medical Officer - NCD | 1 | | Rs.50400/- + PI |
| 04 | Medical Officer - SNCU | 3 | | Rs.50400 + PI |
| 05 | Optometrist - DEIC | 1 | | Rs.12789/- + PI |
| 06 | Accountant | 1 | | Rs.15215/- + PI |
| 07 | Office Assistant | 1 | Last date of receipt application Dt.01.12.2018 | Rs.13892/- + PI |

Eligible candidates are hereby informed to download the application form, eligible criteria and other details from official website i.e. **www.jharsuguda.nic.in**. Candidates for Walk-in-Interview to register their names on exact date of interview between 10.00 A.M. to 11.30 A.M. in Office of the Chief District Medical & Public Health Officer, Jharsuguda failing which their candidature shall not be considered. The candidates are informed to visit the district website in a periodical manner to get upto date information of the selection process and no fresh documents during the objection invitation period shall be entertained. The vacancies position mentioned above may be vary at the time of actual appointment. The undersigned is not responsible for any postal delay or transport delay. The typographical error (if any) may be exempted and no personal communication regarding the above recruitment shall be entertained. The above positions are contractual and can be terminated at any point of time. Canvassing in any form will render the candidate disqualified for the position. Interested candidate fulfilling the eligible criteria for the Post of **Office Assistant** may submit their application form along with relevant documents as mentioned in **Annexure - A** on or before 01.12.2018 through Speed Post/Regd. Post only to Chief District Medical & Public Health Officer, At- Malimunda (Jamidarpada), P.O.- OSAP Line, Dist.- Jharsuguda, PIN - 738204. The undersigned reserve the right to cancel any or all the application without assigning any reason thereof.

**Sd./- CDM & Public Health Officer-cum-**
**District Mission Director, NHM**




## BRIDE WANTED

Courier serviceରେ Branch Manager 37 ବର୍ଷ ବ୍ରାହ୍ମଣ ପୁଅ ପାଇଁ ଯେକୌଣସି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 9937011734. D-9433

Kayastha boy 1991, 5'8" Software developer, Bangalore Odia/ Bengali girl preferred. 9437195452. D-64914

Divorcee groom Bank 38, Railway 42, Engineer 35. 7873374269. D-65067

Gudia/ Kaibarta groom Doctor 31+, Bank 29, Infosys 28+. 8594926181. D-65066

Divorcee groom OAS 44, Bank 38+, Engineer 33. Samadhan: 8594926181. D-65068




## SALE

Honda Activa, 2009, silver colour, 47,000 kms, professional driven, price 35,000/-. Contact: 7008430814, 8249199348. D-58008

Bolero Plus, Swft Dzire, Indigo, Verna, Scropio, Tata Ace, Magic, Maximo Dala, Passenger. 9853020992. D-58009

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9430

Cruze- 2010 automatic 17000 kms. Sunroof, i-20 Active- 2017, Swift- 2011, Skoda Octavia- 2009, Captiva- 2010, Pajero- 2009. 7381091234, 9861194627. D-64376

1612 Ashokleyland National permit 24 ft. Truck model 2007 and Tata ACE model 2009 for sale in running condition. Contact: 9040150146.D-64742




## SALE

ଭୁବନେଶ୍ୱର ସ୍ମାର୍ଟସିଟି ପ୍ଲଟ ଘର ଫ୍ଲାଟ କିଣାବିକା କରିବାକୁ ଚାହୁଁଥିବା ଯୋଗାଯୋଗ: 9438421222. D-48716

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9482

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64734

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

**Limited gharabadi plot at Pahal 20,00,000/-, Balianta 13,00,000/-. Ready for construction: 9040059669.** D-65065

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହବ। 9439364818, 9337766961. D-9148

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

ସୁନ୍ଦରପଦା– ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

**First time in Bhubaneswar. A new mega plotting project colony at Mouza Krushnasaranpur sqft.- 450/- 30' project road, (boundary free). 9937542232.** D-64371

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

ପୁରୀରୋଡ୍ ଗୁଡିଆପୋଖରୀ ଛକ ପାଖରେ 2BHK ଓ ପାତ୍ରପଡ଼ା ଉଦୟଗିରିବିହାରରେ 2/3BHK completed new flat ବିକ୍ରୟହେବ। Finance by Nationalized Bank. 9438109040, 9776404801. D-9419

Jatani ଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ ମିଳୁଅଛି। 9439864322.D-64374

Well developed residential plots available at Ranga bazar, Baragada (Puri bypass) Dadhichi, Trinath bazar, Balianta and Samantarapur. 9437303047. D-64370

Plot size 40x60 ft. (25 ft. connecting road), near to 200 ft. newly built road from Infosys-2 Campus to Gohira Chhak (NH-5) in Badaraghunathpur mouza (adjacent Gita Gandhi College). 09443101191. D-9455

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road, near to upcoming Wisdom International School, D.N. Homes, Orchid lifestyle, KIIMS Medical College, KIIT College, Big-Bazar at a 4km. distance. Contact: 9338342502, 9437095996. D-65176

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9348253463, 8908292617.** D-9483

ସମ୍ ହସ୍ପିଟାଲ୍ ତିନି କିଲୋମିଟର duplex 38,00,000/-, ହଂସପାଳ ଚାରିକିମି ଘରବାରି ପ୍ଲଟ 7,50,000/- ନଖରା Waterpark 5,50,000/-. 9438328183. D-9449

2BHK flat 1250 sqft. for sale in Cosmopolis, Khandagiri. 9835502122. D-9458

ଭୁବନେଶ୍ୱର Jupiter College frontରେ NHକୁ ଲାଗି BDA plot ବିକ୍ରିହେବ। 8917250445.D-64375

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Book your dream house (duplex) at good location in Bhubaneswar. 200' roadside with affordable price. (special Diwali offer). Contact: 8338866678, 9337138784. D-65165

**Residential plots at Sundargram (Dadhichi) Trinath Bazar, Balianta, Ranga bazar, Baragada, (Puri bypass) and Samantarapur. 9040537669.** D-64363

Five acre compaq land suitable for any kind of project near Khandapada just 100 km. from Bhubaneswar in a noise and pollution free atmosphere. 7978965052. D-64638

Electric, water supply ସହିତ yellowzone ଘରବାଡି ପ୍ଲଟ୍ available near Pahala, 500 mtr. from NH- 16. 8117074692, 7991080015. D-9472

Gharabari (2000X3) plots at Jharapada, Satyabihar, Pahal and ready to move flats, duplex at Chandrasekharpur, Sum Hospital, Bomikhal for immediate sale Bank finance also available. details (ବିଶ୍ୱ): 9937850303. D-9377

**Residential plots at Atala, Balianta immediate possession, registration. Contact: 9437147826.** D-9465

4no. plots each 60X40 with compound wall 20 ft. road lane 16 Durgamadhaba Road, Bharatpur near Sum Hospital. 9861222252, 8637220715. D-9376

4BHK duplex with gated community at Balianta (land-1400 construction-2100) @ 50 lakh. Finance by LIC housing. Distance from NH- 4km. Handover within 1 year. Contact Mplanets: 9861022055, 9938219397. D-9398

Sale a land at Rasulgarh, Bhubaneswar agree person contact direct owner at: 9556565653, 7978374949, 9778191819. D-9492

2BHK, 3BHK approved flats at Hitech Plaza Annex near Axis Bank Sundarpada, Bhubaneswar. 9937846404, 9937179713. D-9403

Paradeep Town 11000 sqft. gharabari plot in residential area with boundary. M: 9938219434. D-9490

Booking simplex 2BHK 1200 sqft. land 19,50,000/- near Tankapani road Sai Temple (Bankuala). Installment and outrate available. 7735738102. D-9486

ଶହୀଦ ନଗର ଘରଥିବା G.A ପ୍ଲଟ ବିକ୍ରିହେବ। ଯୋଗାଯୋଗ: 8249693292. D-9489

ଭୁବନେଶ୍ୱର KEC, ଗୁଡିଆ– ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9487

4200 sft. homestead land immediately sale Hanspal NH- 5, Bhubaneswar. Contact Deepak: 9937329999 (Conditions Apply). D-64538

Ready to move residential gharabari plot Balianta sqft.- 449. 9040226821, 7008218696. D-9506

Book 3BHK duplex house at Jagamara, Bhubaneswar having land area 1260 sqft. and 1900 sqft. construction area, 77 lakh. 9078151122.D-65177

1200 sqft., 1500 sqft., 1800 sqft. and 2000 sqft. gharabari plot having 30 ft. road near GITA College, Madanpur, Bhubaneswar. Price 570 per sqft. Contact: 7504392698. D-65178

Gharabari plot measuring 3000 sqft. in Raghunathpur, Bhubaneswar is immediate for sale. 9937162220. D-64745

1200 sqft. land with 1700 sqft. constrction (Duplex) in backside of KIIT Jagannath Temple is for sale. 9439533333. D-64746




For construction of residential/ commercial buildings. Please contact: 7008268129, 9439143273. D-62139

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan SMPL: 9439483779.** D-9360

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372




For office at Saheednagar near Saheed Sporting Club. Contact: 8249559413. D-9478

7000 sqft. shed area with 12000 sqft. high bonded open area near Oriply N.H- 5 Tamando. Contact: 9861009004, 9861077006. D-60929

2000 sqft. ground floor house available for office/ godown at Sisupal Chhaka main road side. Contact: 9438303202.D-62138

DESK rented-shared office space available for startup business. No Security. Rent starts Rs. 1800/- monthly, location- Samantarapur, Bhubaneswar. M: 6309629747. D-9447

3BHK marbled flat at Unit- 8, Soubhagyanagar, Main road. Contact: 9000004523. D-64911

ଭୁବନେଶ୍ୱରରେ ଘରଭଡ଼ା ପାଇଁ ଯୋଗାଯୋଗ କରନ୍ତୁ। ଭଡା (2000/-ରୁ 20,000/-) Home tolet in Bhubaneswar consultation fees Rs. 500/-. 7978677350.D-59920

1100 sqft. area for office cum godown space available at 1st floor, Bapujinagar. Contact: 06742597805, 9338064107. D-36454

3BHK residential flat available for immediate occupation in L3/147, IRC Village, Bhubaneswar. Contact: 9437557600, 9437411582. D-36455

About 1800 sqft. semi furnished space in the 2nd floor of a building located at Plot No.-7, Ashoknagar near Rajmahal Square, Bhubaneswar available for corporate office/ office cum residence, guest house. Contact: 9437557600, 9437411582. D-36456

Double storied house with 6 bedrooms attached toilets, garage, outhouse available from January 2019 at N2 IRC Village, Nayapalli preferably for guest house and office use. Contact: 8984390662. D-9418

**2BHK with study Royal Lagoon, Raghunathpur, Patia for family. 9776505301.** D-9512

Rent for family, 1st floor 2BHK 1500 sqft., 408 Paikanagar Delta Colony BBSR: 8249219060/ 2560320, Rs. 11000 (negotiable). D-9505

**Baramunda double storey first floor 5 rooms, 4 toilets plus drawing, dining, kitchen, puja, parking space two cars. Office cum residence transit home rent 22000/- monthly: 9861119281.** D-64540

Asbestos house attach latrine bath 24hr water Gandamunda 3000/-. 9437195452. D-64913

1800 sqft. on main road, Ganganagar. Suitable for commercial purposes. 9437204573. D-65179




Shivam logistic packers movers. Household/ car relocation countrywide. 9777044177, 9338461133. D-9429




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888.D-65139

Newly open herbal full body massage with refreshment well trained therapist. 7381239385.D-64636

Experience full body massage with us by experts. Enquiry: 7377048581. D-65172

Take gym body massage and steambath from gym trainer. 9337337007, 9861556765. D-65174

Ayurvedic full body massage ladies / gents smart experts therapist. 9114697517. D-64641

Physiotherapy, full body massage by trained ladies/ gents therapist: 7008773793. D-65064

All type of full body massage by expert therapist. 7609005923. D-65166

Herbal full body massage by smart/ expert therapist. Contact: 8338067247. D-65167

Newly opening ayurvedic massage smart therapist, Shree herbal. 7750020754. D-65168

Improving your health, skin care through expert therapist, excellent offer. 9668374480. D-65169




Admission open. Medical Registration, BAMS, BHMS, BUMS, D.Pharma, Nursing. Contact: 9893869473.D-65175

## ASTROLOGY

Lab certified ରାଶିରତ୍ନ, ୧–୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

## AFFIDAVIT

By virtue of an affidavit before the Notary Public, Angul, I am Durbasha Sahu, S/o- Dinabandhu Sahu, Vill/Po- Balanga, Ps.- Bantala, Dist.- Angul has changed my name from Durbasha Sahu. I Durbasha Sahu is known as in all official documents. D-9517

## AFFIDAVIT

I Smruti Ranjan Mohapatra residence PKRIT Colony, Puri-2, Odisha have changed my name to Samyak Samarth Mohapatra vide affidavit dated 16.11.18 in the Court of Judicial Magistrate, Kaberi Muduli. I have been recognized, identified and known as Smruti Ranjan Mohapatra to Samyak Samarth Mohapatra for all purpose. D-63740

I, Sri Babuli Charan Parida, S/o- Sauti Parida, Vill- Manikunda, Ps.- Gobindpur, Dist.- Cuttack changed my name as Manoj Parida vide affidavit dated 20.12.2004 sworn before the Notary Public, Bhubaneswar. D-9516

ମୁଁ ସ୍ମୃତିରଞ୍ଜନ ମହାପାତ୍ର। ମୋର ଘର ପି.କେ.ଆର.ଆଇ.ଟି କଲୋନି, ପୁରୀ–୨, ଓଡ଼ିଶା ତା. ୧୬।୧୧।୧୮ ଦିନ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଆଫିଡାଭିଟ କରି ମୋର ନାମ ସ୍ମୃତିରଞ୍ଜନ ମହାପାତ୍ରରୁ ବଦଳାଇ ସମ୍ୟକ ସମର୍ଥ ମହାପାତ୍ର କରିଅଛି। ଏବେଠାରୁ ମୁଁ ସମ୍ୟକ ସମର୍ଥ ମହାପାତ୍ର ନାମରେ ପରିଚିତ ହେବି। ଧ–୬୩୭୪୧

By virtue of an affidavit before Executive Magistrate, Cuttack on 09.11.18 that I have changed my name Mamata Samal to Mamata Jena as I married to Ashok KumarJena and my date of birth is 20.03.1978. Henceforth, I shall be known as Mamata Jena for all purposes. D-9520

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## 1st Birthday Wish



(Pavi)

**Priyasa Das Pattnaik**

Prasanti Vihar, KIIT, BBSR

ପ୍ରଥମ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ସାନମାମା, ମାମୁ, ମାଇଁ, ମଉସା, ମାଉସୀ। ଧ–୯୪୯୪

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଅନ୍ୱେଷ କୁମାର**

ପ୍ରଭୁ ଯିଶୁ ତୁମକୁ ଶୁଭ ମଙ୍ଗଳ ପ୍ରଦାନ କରନ୍ତୁ। ଶୁଭେଚ୍ଛା ଜ୍ଞାପନ: ବାପା, ମାଆ, ଅଜା, କାକା, ଆଣ୍ଟି ଓ ପରିବାରବର୍ଗ। ଧ–୯୫୧୯

## ଜନ୍ମଦିନ ଶୁଭେଚ୍ଛା



(ପିନୁ)

**ପିନାକୀ ମହାପାତ୍ର**

କଡସିରିବିଲା, ମହାପାତ୍ର ସାହି, ନିମାପଡ଼ା, ପୁରୀ

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ବାବା, ମା, ଅଜା, ଆଈ, ମାମୁ, ମାଇଁ, ଜେଜେ, ଜେଜେମା, ବନ୍ଧୁ ଓ ପରିବାରବର୍ଗ। ଧ–୯୫୧୮

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



(ବବ୍‌ଲି)

**ଶିବାଶିଂ ମହାରଣା**

ଠାକୁରପଡ଼ା (ଖୋର୍ଦ୍ଧା)

ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ଦାଦା, ଖୁଡୀମାନେ, ବାରି, ଗୌରୀ, ପିନୁ ଦିଦି, ଦିପୁ, ମିଟୁ, ଭୁଗୁଲୁ ଏବଂ ବାବା, ମାମା। ଧ–୯୫୧୫

# ମନେ ପଡ଼ନ୍ତି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ପ୍ରମୋଦିନୀ ରାୟ**
**ସ୍ୱାମୀ: ସ୍ୱର୍ଗତ ସୋମନାଥ ରାୟ**
**ତିରୋଧାନ: ୦୮।୧୧।୨୦୧୮**
**ସ୍ଥାନ: ରତଲାଙ୍ଗ, ବରୀ, ଯାଜପୁର**

ପଞ୍ଚଭୂତରେ ବିଲୀନ ତୁମର ପାର୍ଥିବ ଶରୀର। ତୁମର ସ୍ଥାନ ଅପୂରଣୀୟ। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ସର୍ବଦା ଜୀବନ୍ତ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ: ପରିବାରବର୍ଗ।**

ଧ–୯୪୪୪

## ଶ୍ରଦ୍ଧାଞ୍ଜଳି



**✓ ବରୁଣ ବିଶ୍ୱଭୂଷଣ**
**୪୨, ସହୀଦ ନଗର, ଭୁବନେଶ୍ୱର**
**ଆବିର୍ଭାବ : ୨୦.୧୦.୧୯୮୬**
**ତିରୋଧାନ : ୧୮.୧୧.୨୦୧୭**

**ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆମକୁ ଏକା ଛାଡି ତୁ ଚାଲିଗଲୁ। ତୋର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ : ମାଆ, ବାପା ଏବଂ ଆତ୍ମୀୟସ୍ୱଜନ**

ଧ–୬୪୫୪୧

## ୧୮ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବଟକୃଷ୍ଣ ପଟ୍ଟନାୟକ**

(ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ)

ଆବିର୍ଭାବ: ୦୧।୦୧।୧୯୪୯

ତିରୋଧାନ: ୦୭।୧୧।୨୦୦୦

ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ନାତିନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ–୬୨୦୫୬

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଗୋପୀନାଥ ପଣ୍ଡା**

ଟେଲିକମ୍ୟୁନିକେଶନ ଇଞ୍ଜିନିୟର

N6- 505, ଜୟଦେବ ବିହାର, ଭୁବନେଶ୍ୱର

ତିରୋଧାନ: କାର୍ତ୍ତିକ ବଡ଼ ଦଶମୀ ଓ ବଡ ଏକାଦଶୀ

ଆପଣଙ୍କର ସ୍ମୃତି ଓ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, ଧର୍ମପରାୟଣତା, ସରଳ ଅମାୟିକ ଜୀବନ, ତ୍ୟାଗ, ସ୍ନେହ ଆମର ପଥପ୍ରଦର୍ଶକ ହେଉ। ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସତ୍ୟସାଇ ବାବାଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ–୯୩୨୯

| | | |
|---|---|---|
| Dollar | ↓ 4 | 71.93 |
| Sensex | ↑ 196.62 | 35,457.16 |
| Nifty | ↑ 65.50 | 10,682.20 |
| Gold | ↑ ₹135 | 32,150.00 |
| Silver | ↑ ₹250 | 38,150.00 |



❝ ଅର୍ଥନୈତିକ ପଲିସି ଉପରେ ଗୁଣବତ୍ତା ବିଶିଷ୍ଟ ଡାଟାବେସ୍ ଆସିବାର ଆବଶ୍ୟକତା ରହିଛି ।

– ଅରୁଣ ଜେଟଲୀ, ଅର୍ଥମନ୍ତ୍ରୀ



❝ ଏକ ଶକ୍ତିଶାଳୀ ଟିମ୍ ଦ୍ୱାରା ବିଭିନ୍ନତାପୂର୍ଣ୍ଣ ବଜାରରେ ସ୍ଥିତି ଦୃଢ଼ୀକରଣ କରିବାକୁ ସକ୍ଷମ ହୋଇଛି ।

– ରିତେଶ ଅଗ୍ରୱାଲ, ପ୍ରତିଷ୍ଠାତା, ଓୟୋ ହୋଟେଲ୍ସ

# ଜୁକରବର୍ଗଙ୍କ ଉପରେ ଇସ୍ତଫା ଚାପ

**ୱାଶିଂଟନ,୧୭-୧୧**

ଫେସ୍‌ବୁକ୍‌ର ସହ ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ଉପରେ ଇସ୍ତଫା ଚାପ ବଢ଼ିଚାଲିଛି। ସ୍ଥାନୀୟ ଖବରକାଗଜ 'ନ୍ୟୁୟର୍କ ଟାଇମ୍ସ'ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, କମ୍ପାନୀର ଅଧକ୍ଷ ପଦରୁ ଜୁକରବର୍ଗ ଇସ୍ତଫା ଦିଅନ୍ତୁ ବୋଲି ନିବେଶକମାନେ ଚାପ ପକାଇବା ଆରମ୍ଭ କରିଛନ୍ତି।



- ସମାଲୋଚନା ଚପାଇବା ଉଦ୍ୟମ
- ଫେସ୍‌ବୁକ୍ ପକ୍ଷରୁ ପବ୍ଲିକ ରିଲେଶନ କମ୍ପାନୀ ନିଯୁକ୍ତି କରାଯାଇଥିଲା
- ବିଫଳତା ଘୋଡ଼ାଇବା ଲାଗି ବିରୋଧୀ କମ୍ପାନୀଙ୍କ ଉପରେ ଦୋଷ ଲଦିବାକୁ ଅପଚେଷ୍ଟା ଅଭିଯୋଗ

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଫେସ୍‌ବୁକ୍ ନିଜ ବିରୋଧରେ ହେଉଥିବା ସମାଲୋଚନାକୁ ଚପାଇବାକୁ ଉଦ୍ୟମ କରୁଛି। ସେଥିଲାଗି ଏକ ପବ୍ଲିକ ରିଲେସନ କମ୍ପାନୀକୁ ନିଯୁକ୍ତ କରାଯାଇଛି। ଏହା ଜାଣିବା ପରେ ନିବେଶକମାନେ ଉତ୍କ୍ଷିପ୍ତ ହୋଇଉଠିଛନ୍ତି। ଏଥିରେ କୁହାଯାଇଛି ଯେ, ଜୁକରବର୍ଗ ନିଜ ଉପରୁ ଦୋଷ ଖସାଇ ନିୟୁତପତି ନିବେଶକ ଜର୍ଜ ସୋରସଙ୍କ ଉପରେ ଏହାକୁ ଲଦୁଛନ୍ତି। ସୂଚନାଥାଉ କି, ୨୦୧୬ରେ ଅନୁଷ୍ଠିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ରୁଷ୍‌ର ହସ୍ତକ୍ଷେପ ରୋକିବାରେ ଉକ୍ତ ସୋସିଆଲ ମିଡିଆ କମ୍ପାନୀ ବିଫଳ ହେବା ପରେ ଚାରିଆଡୁ ସମାଲୋଚନାର ଝଡ ବହି ଚାଲିଛି। ସେହିଦିନଠାରୁ ଉକ୍ତ କମ୍ପାନୀ ଉପରେ ନିବେଶକ ଖପ୍ପା ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ୮.୫ ମିଲିୟନ ପାଉଣ୍ଡ ଶେୟାର କିଣିଥିବା ଟ୍ରିଲିୟମ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ଜୋନାସ କ୍ରୋନ ଗତ ରାତିରେ ଅଧକ୍ଷ ପଦରୁ ଜୁକରବର୍ଗଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି ଯେ, ଫେସ୍‌ବୁକ୍ ଅଜବ ବ୍ୟବହାର କରୁଛି। ଏହା ଠିକ୍ ନୁହେଁ। କମ୍ପାନୀର ଅଧକ୍ଷ ଏବଂ ସିଇଓ ଜଣେ ବ୍ୟକ୍ତି ହେବା ଅନୁଚିତ୍। ଅନ୍ୟପକ୍ଷରେ ପବ୍ଲିକ ରିଲେସନ କମ୍ପାନୀ କିଭଳି କାର୍ଯ୍ୟ କରୁଛି ତା'ର ସମୀକ୍ଷା ଲାଗି ଗତ ମାସରେ ପଲିସି ଆଣ୍ଡ କମ୍ୟୁନିକେଶନ୍ସର ନୂଆ ଗ୍ଲୋବାଲ ମୁଖ୍ୟ ଭାବେ ସାର୍ ନିକ୍ କ୍ଲେଗ୍‌ଙ୍କୁ ନିଯୁକ୍ତ କରାଯାଇଥିଲା। ସମାଲୋଚନାକୁ କିଭଳି ପରିଚାଳନା କରିବାକୁ ହେବ ଏହାକୁ ନେଇ ସେ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଉଲ୍ଲେଖଥାଉ କି, ୨୦୦୪ରେ ଫେସ୍‌ବୁକ୍ ସ୍ଥାପନ କରି ଅଧକ୍ଷ ତଥା ସିଇଓ ଭାବେ ସେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନିକଟରେ କମ୍ପାନୀର ୬୦ ପ୍ରତିଶତ ଶେୟାର ରହିଛି।

## ନୂଆ ନିଯୁକ୍ତି



### ଆଦିତ୍ୟ ଘୋଷ

ହସ୍ପିଟାଲିଟି ଷ୍ଟାର୍ଟ ଅପ୍ ଓୟୋ ହୋଟେଲ ଏହାର ନୂଆ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ଆଦିତ୍ୟ ଘୋଷଙ୍କୁ ନିଯୁକ୍ତି ଦେଇଛି। ଘୋଷ ଡିସେମ୍ବର ୧୦ରୁ ଭାରତ ତଥା ଦକ୍ଷିଣ ଏସିଆ ଦାୟିତ୍ୱରେ କାର୍ଯ୍ୟ କରିବେ। ସେ ବିମାନ କମ୍ପାନୀ ଇଣ୍ଡିଗୋରେ ଦୀର୍ଘଦିନ ଧରି ସଭାପତି ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରହିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସେ କମ୍ପାନିରୁ ଇସ୍ତଫା ଦେଇଥିବା ଜଣା ପଡିଛି। ଜରୁରୀ ସ୍ଥିତି ପରିଚାଳନା, ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ପାଇଁ ଘୋଷ ବେଶ୍ ଜଣାଶୁଣା। ଏହି ନେତୃତ୍ୱ କମ୍ପାନୀକୁ ଅଭିବୃଦ୍ଧି ଦିଗରେ ନେବା ସହ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ସକ୍ଷମ ହେବୁ ବୋଲି ଓୟୋ ହୋଟେଲର ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ଥୋମାସ କୁରିଏନ୍

ଓରାକଲର ପୂର୍ବତନ ପ୍ରଡକ୍ଟ ମୁଖ୍ୟ ଥୋମାସ କୁରିଏନଙ୍କୁ ଗୁଗୁଲ ଏହାର କ୍ଲାଉଡ ଡିଭିଜନର ସିଇଓ ଭାବେ ନିଯୁକ୍ତ କରିଛି। ଗୁଗୁଲ କ୍ଲାଉଡକୁ ପରବର୍ତ୍ତୀ ସ୍ତରକୁ ନେବାରେ ଏହି ନିଯୁକ୍ତି ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଡାଏନ ଗ୍ରେନଙ୍କ ସ୍ଥାନରେ କୁରିଏନ କାର୍ଯ୍ୟ କରିବେ। ଏ ନେଇ ଏକ ବ୍ଲଗ ପୋଷ୍ଟରେ କୁରିଏନ୍ ସୂଚନା ଦେଇଛନ୍ତି। ସେ ଓରାକଲ କମ୍ପାନୀରେ ଦୀର୍ଘ ୨୨ ବର୍ଷର ଅଭିଜ୍ଞତା ଲାଭ କରିଛନ୍ତି। ଅପରପକ୍ଷରେ ଗ୍ରେନ ଆଲଫାବେଟ୍ ବୋର୍ଡର ନିର୍ଦ୍ଦେଶକ ରହିବେ ବୋଲି ଜଣା ପଡିଛି।



## ସଂକ୍ଷେପରେ

### ୩୦ରେ ଅବସର ନେବେ ଆଧିଆ

**ନୂଆଦିଲ୍ଲୀ,୧୭-୧୧:** ଅର୍ଥ ସଚିବ ହସମୁଖ ଆଧିଆ ଚଳିତ ମାସ ୩୦ରେ ଅବସର ନେବେ। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଶନିବାର ଫେସ୍‌ବୁକ୍ ଜରିଆରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶରେ ଜିଏସ୍‌ଟି ଲାଗୁ କରିବାରେ ଆଧିଆଙ୍କ ଯୋଗଦାନକୁ ଏହି ଅବସରରେ ସେ ପ୍ରଶଂସା କରିଛନ୍ତି। 'ଡ. ହସମୁଖ ଅଧିଆ ଅବସର ନେଉଛନ୍ତି' ଶୀର୍ଷକରେ ନିଜ ପୋଷ୍ଟରେ ଜେଟ୍‌ଲୀ ଦର୍ଶାଇଛନ୍ତି ଯେ, ଗୁଜରାଟ କ୍ୟାଡର ଏହି ଆଇଏଏସ୍ ଅଧିକାରୀ ଜିଏସ୍‌ଟି ଲାଗୁ କରିବା, ରାଜସ୍ୱ ସଚିବ ଭାବେ ଟିକସ ଆଦାୟ ବଢ଼ାଇବା ଆଦି ବିଭିନ୍ନ କ୍ଷେତ୍ରରେ ଗତ ୪ ବର୍ଷ ହେବ କାର୍ଯ୍ୟକରି ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ। ନଭେମ୍ବର ୩୦ ପରେ ସେ ଦିନଟିଏ ପାଇଁ ଆଉ ଚାକିରି କରିବେ ନାହିଁ ବୋଲି ପୂର୍ବରୁ ଜଣାଇ ଦେଇଥିଲେ। ଅବସର ପରେ ମଧ ସେ ବ୍ୟକ୍ତିଗତ କାର୍ଯ୍ୟରେ ଲିପ୍ତ ହେବେ ବୋଲି ଜଣାପଡିଛି। ଅବଶିଷ୍ଟ ସମୟକୁ କେନ୍ଦ୍ର ସରକାର ଅନ୍ୟକାର୍ଯ୍ୟରେ ଲଗାଇବାକୁ ଚାହୁଁଛନ୍ତି। ସେ ଲେଖିଛନ୍ତି ଯେ, ଡ. ଆଧିଆ, ୧୫ତମ ଅର୍ଥ କମିଶନ ସଦସ୍ୟ ଶକ୍ତିକାନ୍ତ ଦାସ, ଆର୍ଥିକ ସେବା ବିଭାଗ ସଚିବ ଅଞ୍ଜୁଲେ ଛିବ ଦୁଗଲ ବିମୁଦ୍ରୀକରଣକୁ ଆଗେଇ ନେଇଥିଲେ।

### ଏମ୍‌ଡି, ସିଇଓଙ୍କ ଦରମା କମୁଛି

**ନୂଆଦିଲ୍ଲୀ,୧୭-୧୧:** କମ୍ପାନୀମାନଙ୍କ ଆୟ କମୁଥିବାରୁ ସିଇଓ ଓ ଏମ୍‌ଡି ମାନଙ୍କ ଦରମା ଉପରେ ଏହାର ପ୍ରଭାବ ପଡୁଛି। କିଛି କ୍ଷେତ୍ରରେ ମାନ୍ଦାବସ୍ଥାର ପ୍ରଭାବ ଦେଖାଦେବାରୁ ସେମାନଙ୍କ ଦରମା ପ୍ରାୟ ୮% ହ୍ରାସ ପାଇଛି। ୨୦୧୬ରେ ଏମାନଙ୍କ ଆୟ ୧୬% ବୃଦ୍ଧି ପାଇଥିଲା। ପ୍ରାଇମ ଡାଟାବେସ୍‌ର ରିପୋର୍ଟ ଅନୁଯାୟୀ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥିବା କମ୍ପାନୀମାନଙ୍କ ହାରାହାରି ଦରମା ବାର୍ଷିକ ୨.୬୯ କୋଟି ଟଙ୍କା ରହିଛି। ଗତ ବର୍ଷ ଏହା ୨.୪୮ କୋଟି ଟଙ୍କା ଥିଲା।

# ମେକ୍ ଇନ୍ ଓଡ଼ିଶାରେ ନାଲ୍‌କୋର ହାଇଟେକ୍ ପାଭିଲିୟନ

**ଭୁବନେଶ୍ୱର,୧୭-୧୧**

ଦେଶର ଚତୁର୍ଥ ଶିଳ୍ପ ବିପ୍ଲବ ପ୍ରବେଶ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ, ରୋବୋଟିକ୍ସ, ଅଗମେଣ୍ଟେଡ୍ ରିୟଲିଟିର ପ୍ରୟୋଗ ଦ୍ୱାରା ନାଲ୍‌କୋ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ନାଲ୍‌କୋ ଅଧକ୍ଷ ତପନ କୁମାର ଚାନ୍ଦ ଏହା କହିଛନ୍ତି। ନିକଟରେ ଶେଷ ହୋଇଥିବା ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୧୮ରେ କମ୍ପାନୀର ହାଇଟେକ୍ ପାଭିଲିୟନକୁ ଉଦ୍‌ଘାଟନ କରି ଚାନ୍ଦ କହିଛନ୍ତି, ଇଣ୍ଡଷ୍ଟ୍ରି ୪.୦ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପୁଞ୍ଜି ନିବେଶରେ ବ୍ୟାପକ ହ୍ରାସ ଘଟିବ।




ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ସ୍ଥାନ ବଜାୟ ରଖିବା ଲାଗି ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭ ଉଦ୍ୟୋଗଗୁଡିକ ନେବା ଉଚିତ। ନୂତନ ଆହ୍ୱାନର ସମ୍ମୁଖୀନ ହେବା ଲାଗି ନାଲ୍‌କୋ ପ୍ରସ୍ତୁତ ବୋଲି ସେ କହିଛନ୍ତି। କମ୍ପାନୀର ସଫଳତା ତଥା ଅନ୍ୟାନ୍ୟ ବୈଷୟିକ ଦକ୍ଷତାକୁ ଏହି ଷ୍ଟଲରେ ପ୍ରଦର୍ଶନ କରାଯାଇଥିଲା।

# ଅନୁଗୋଳରେ ଶିଳ୍ପ ପାର୍କ କରିବ ଜେଏସ୍‌ପିଏଲ୍

**ଭୁବନେଶ୍ୱର,୧୭-୧୧**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ୍) ଅନୁଗୋଳଠାରେ ଏକ ଶିଳ୍ପ ପାର୍କ ପ୍ରତିଷ୍ଠା କରିବ। ଉକ୍ତ ପାର୍କରେ ନିବେଶକଙ୍କୁ ଜମି, ଜଳ, ବିଦ୍ୟୁତ ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ। ମେକ୍ ଇନ୍ ଓଡିଶା କନକ୍ଲେଭ-୨୦୧୮ ଅବସରରେ ଜେଏସ୍‌ପିଏଲ୍ ଅଧକ୍ଷ ନବୀନ ଜିନ୍ଦଲ ଏହି ସୂଚନା ଦେଇଛନ୍ତି। ୨୦୩୦ ସୁଦ୍ଧା କମ୍ପାନୀ ଓଡିଶାରେ ଏହାର ନିବେଶ ପରିମାଣକୁ ୪୫,୦୦୦ କୋଟି ଟଙ୍କାରୁ ବୃଦ୍ଧି କରି ୧ ଲକ୍ଷ କୋଟି ଟଙ୍କା କରିବ।



ଅନୁଗୋଳସ୍ଥିତ ଇସ୍ପାତ କାରଖାନାର କ୍ଷମତା ୬ ନିୟୁତ ଟନ୍‌ରୁ ବଢାଇ ୨୦ ନିୟୁତ ଟନ କରିବାକୁ କମ୍ପାନୀ ଯୋଜନା ରଖିଛି। ଘରୋଇ କଞ୍ଚାମାଲ ବ୍ୟବହାର ଦ୍ୱାରା ରାଜ୍ୟରେ ବାର୍ଷିକ ୬ ନିୟୁତ ମେଗା ଟନ୍ ଇସ୍ପାତ କାରଖାନା ସ୍ଥାପନ ଲାଗି କମ୍ପାନୀ ୨୦୦୩ରେ କାର୍ଯ୍ୟ ଆରମ୍ଭ କରିଥିଲା ବୋଲି ଜିନ୍ଦଲ ସୂଚନା ଦେଇଛନ୍ତି।

# ହୋଣ୍ଡା ଏସିଆନ୍ ଜର୍ଣ୍ଣି ଉଦ୍‌ଯାପିତ



**ଭୁବନେଶ୍ୱର,୧୭-୧୧**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ 'ଏସିଆନ ଜର୍ଣ୍ଣି ୨୦୧୮'ଉଦ୍‌ଯାପିତ ହୋଇଯାଇଛି। ଏହା ହୋଣ୍ଡାର ବଡ ବାଇକଗୁଡିକର ଏକ କାରାଭାନ। ଉକ୍ତ କାରାଭାନ ମାଲେସିଆ ଉପଦ୍ୱୀପରୁ ବାହାରି ମାଲେସିଆ ମୋଟୋ ଜିପିରେ ପହଞ୍ଚିଥିଲା। ଭାରତରେ ମୋଟର ସ୍ପୋର୍ଟସକୁ ଲୋକପ୍ରିୟ କରାଇବା ଲକ୍ଷ୍ୟରେ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତରୁ ୫ ଚାଳକ ଅଂଶ ଗ୍ରହଣ କରିଥିଲେ। ଏଥିରେ ହୋଣ୍ଡାର ଗୋଲ୍ଡ ୱିଙ୍ଗ, ଆଫ୍ରିକା ଟ୍ୱିନ, ସିବି ୧୦୦୦ ଆର୍, ସିବି ୧୧୦୦କୁ ଚଳାଇବାକୁ ସୁଯୋଗ ପାଇଥିଲେ। ୬ ଦେଶର ୬୦ ଚାଳକ ଏଥିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଗ୍ରାହକ, ସାମ୍ବାଦିକ, ହୋଣ୍ଡା ଡିଲର ଏବଂ ସହଯୋଗୀ ସାମିଲ ଥିବା କମ୍ପାନୀ ପ୍ରକାଶ କରିଛି।

# ଆମ୍ରି ପକ୍ଷରୁ ମଧୁମେହ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୭-୧୧**

ଆମ୍ରି ହସ୍ପିଟାଲ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ମଧୁମେହ ସଂକ୍ରାନ୍ତ ସଚେତନତା ଲାଗି ହସ୍ପିଟାଲ ପକ୍ଷରୁ ଏକ ୱାକାଥନ ବିଜେବି ନଗରଠାରେ ଅନୁଷ୍ଠିତ ହୋଇଥିଲା। ସିଲଭର ଏଜ୍ ଫାଉଣ୍ଡେଶନ ଫର ଏଲଡର୍ସର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା। ବିଜେବିନଗର ପିପୁଲ୍ସ ଆସୋସିଏଶନଠାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ୨୦୦ରୁ ଅଧିକ ବରିଷ୍ଠ ନାଗରିକ ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମଧୁମେହ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମଧୁମେହ ରୋଗ ବିଶେଷଜ୍ଞ ଡା.ରିତେଶ ଅଗ୍ରୱାଲ, ଆମ୍ରିର ଭିପି ତଥା ୟୁନିଟ ମୁଖ୍ୟ ଲକ୍ଷ୍ମୀ ନାରାୟଣ ରେଡ୍ଡୀ ଚିନ୍ନମ, ଭିପି ଦିଲୀପ କୁମାର ପାତ୍ର, ସିଲଭର ଏଜ୍ ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ଅମର ଜ୍ୟୋତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଏସ୍‌ବିଆଇର କ୍ଷୁଦ୍ର ବ୍ୟବସାୟୀ ମେଳା



**ଭୁବନେଶ୍ୱର,୧୭-୧୧**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ-୩ ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆଠାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମଧମ-କ୍ଷୁଦ୍ର ବ୍ୟବସାୟୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଏସ୍‌ବିଆଇ ଅଧକ୍ଷ ରଜନିଶ କୁମାର, ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ସବୁ ଜିଲାରୁ ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ବ୍ୟବସାୟ ଏବଂ କଳାର ପ୍ରଦର୍ଶନ କରିଥିଲେ। ମେଳାରେ ୨୫ଟି ଷ୍ଟଲ ସ୍ଥାପନ ହୋଇଥିଲା। ଷ୍ଟଲଗୁଡିକରେ ହସ୍ତଶିଳ୍ପ, କୁଟିରଶିଳ୍ପ, ପାରମ୍ପରିକ କଳାର ପ୍ରଦର୍ଶନ ହୋଇଥିଲା। ଏସ୍‌ବିଆଇ ନାରୀ ସଶକ୍ତୀକରଣ, ଜନସାଧାରଣଙ୍କ ବିକାଶ ଏବଂ ରାଜ୍ୟରେ ଉନ୍ନତି ଦିଗରେ ସହଭାଗୀ ହୋଇପାରିଛି ବୋଲି କୁମାର ଏହି ଅବସରରେ କହିଥିଲେ।

# ଏୟାର ଏସିଆ ପକ୍ଷରୁ ବିଗ୍ ସେଲ୍

**ଭୁବନେଶ୍ୱର,୧୭-୧୧**

ଏୟାର ଏସିଆ ବିଗ୍ ସେଲ୍ ଦ୍ୱାରା ଗ୍ରାହକଙ୍କୁ ଯାତ୍ରା କ୍ଷେତ୍ରରେ ରିହାତି ସୁବିଧା ଦେଉଛି। ଏହା ଯାତ୍ରୀଙ୍କୁ ଏସିଆ, ଅଷ୍ଟ୍ରେଲିଆ ଭଳି ୧୨୦ରୁ ଊର୍ଦ୍ଧ୍ୱ ଗନ୍ତବ୍ୟସ୍ଥଳ ସହ ସଂଯୋଗ କରୁଛି। ବିଗ୍ ସେଲ୍‌ରେ ବୁକିଂ କରିଥିବା ଗ୍ରାହକମାନେ ୬ ମେ ୨୦୧୯ରୁ ୪ ଫେବୃୟାରୀ ୨୦୨୦ ମଧ୍ୟରେ ଭ୍ରମଣ ପାଇବେ। ଏଥି ପାଇଁ ଚଳିତ ମାସ ୧୧ରୁ ୧୮ଯାଏ ବୁକିଂ ସୁବିଧା ରହିଥିବା କମ୍ପାନୀ ପ୍ରକାଶ କରିଛି। ଏଥିରେ ଘରୋଇ ଯାତ୍ରା ପାଇଁ ୱାନ-ୱେ ଭଡ଼ା ସର୍ବନିମ୍ନ ୩୯୯ ଟଙ୍କା ଏବଂ ଅନ୍ତର୍ଜାତୀୟ ଯାତ୍ରା ପାଇଁ ୱାନ-ୱେ ଭଡ଼ା ସର୍ବନିମ୍ନ ୧,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ଦେଶ ମଧ୍ୟରେ ୨୧ ଗନ୍ତବ୍ୟସ୍ଥଳକୁ ଗ୍ରାହକ ଚୟନ କରିପାରିବେ। ଗ୍ରାହକମାନେ କୁଆଲାଲମ୍ପୁର, ବ୍ୟାଙ୍କକ୍, କ୍ରାବି, ସିଡନୀ, ଅକଲ୍ୟାଣ୍ଡ, ମେଲବର୍ଣ୍ଣ, ସିଙ୍ଗାପୁର, ବାଲି ଭଳି ଅନ୍ୟାନ୍ୟ ସ୍ଥାନ ଚୟନ କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।


NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ସରକାର
DSPL - 191

## ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

## ମାନସିକ ରୋଗ ସମ୍ପର୍କରେ ଜାଣିବା କଥା

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

### ମାନସିକ ରୋଗର ଲକ୍ଷଣ

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

### ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।**

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

10036/13/0001/1819

# 'କଳିଙ୍ଗ ବିଶ୍ୱର ଶ୍ରେଷ୍ଠ ଷ୍ଟାଡିୟମ ହୋଇପାରିବ'

ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୫ ଷ୍ଟାଡିୟମ ମଧ୍ୟରେ ସ୍ଥାନ ପାଇପାରିବ। ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ) ସଭାପତି ନରିନ୍ଦର ବାତ୍ରା ଏ କଥା ପ୍ରକାଶ କରିଛନ୍ତି। ଶୁକ୍ରବାର ରାଜ୍ୟ ସଚିବାଳୟଠାରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ୨୦୧୮ ପରିଚାଳନା ପରିଷଦର ବୈଠକ ବସିଥିଲା। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ କୁମାର ଦେବ ସଭ୍ୟମାନଙ୍କୁ ବିଶ୍ୱକପ୍ ପାଇଁ ହୋଇଥିବା ବିଭିନ୍ନ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଉଦ୍‌ଘାଟନୀ ଉତ୍ସବ, ମ୍ୟାଚ ଏବଂ ସିଟି ଫେଷ୍ଟିଭାଲ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏଫ୍‌ଆଇଏଚ୍ ସଭାପତି ବାତ୍ରା ପ୍ରଥମେ ସାହାଯ୍ୟ ଓ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାକୁ ଭାରତର କ୍ରୀଡ଼ା ରାଜଧାନୀ ବୋଲି କହିଥିଲେ। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୫ ଷ୍ଟାଡିୟମ ମଧ୍ୟରେ ଅନ୍ୟତମ ହୋଇପାରିବ। ହକି ବିଶ୍ୱକପ୍ ସଫଳତାର ସହିତ ଆୟୋଜନ ହୋଇପାରିବ ବୋଲି ସେ ଦୃଢତାର ସହିତ କହିଥିଲେ। କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବକୁ ଆକର୍ଷଣୀୟ କରିବା ଲାଗି ସବୁମତେ ଉଦ୍ୟମ ହେଉଛି। ଉଦ୍‌ଘାଟନୀ ଉତ୍ସବ ମଞ୍ଚର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମର ଆସନ କ୍ଷମତା ୧୦,୦୦୦ରୁ କମ୍ ରହିବ। ସର୍ବସାଧାରଣଙ୍କ ପାଇଁ ଟିକେଟ ବିକ୍ରି କେବଳ ଅନ୍‌ଲାଇନ (WWW.TICKETGENIE.IN.)ରେ ହେବ, ଆଉଟଲେଟ୍‌ରେ ନୁହେଁ। ଟିକେଟ ବିକ୍ରି କେବେ ଆରମ୍ଭ ହେବ ତାହା ଯଥେଷ୍ଟ ସମୟ ପୂର୍ବରୁ ଜଣାଇ ଦିଆଯିବ। ପାସ୍ ବ୍ୟବସ୍ଥା ରହିବ ନାହିଁ। ସମସ୍ତଙ୍କୁ ଅଫିସିଆଲ ଟିକେଟ ଅପରେଟରଙ୍କଠାରୁ ଟିକେଟ କ୍ରୟ କରିବାକୁ ହେବ। ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ଦେଖିବା ଲାଗି ଜନତାଙ୍କ ଆଗ୍ରହକୁ ସମ୍ମାନ ଜଣାଇ କଟକର ବାରବାଟୀ ଷ୍ଟାଡିୟମରେ ଅନୁରୂପ ଉତ୍ସବର ଆୟୋଜନ କରାଯାଇଛି। ବିଶିଷ୍ଟ ସଙ୍ଗୀତକାର ଏ.ଆର. ରହମନ ଉଭୟ ସ୍ଥାନରେ ତାଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବେ। ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଏବଂ ୨୮ତାରିଖରେ ବାରବାଟୀ ଷ୍ଟଡିୟମରେ। କଟକରେ ଆୟୋଜିତ କାର୍ଯ୍ୟକ୍ରମରେ କେତେଜଣ ବଲିଉଡ ସେଲିବ୍ରିଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହକି ବିଶ୍ୱକପ୍ ସମୟରେ ଭୁବନେଶ୍ୱର ସହର ବାସିନ୍ଦା ସିଟି ଫେଷ୍ଟିଭାଲରେ ମଜା ନେଇପାରିବେ। ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲ, ଆର୍ଟ ଟେଲ୍, ଷ୍ଟୋରିଟେଲିଂ ଫେଷ୍ଟିଭାଲ, ଫୁଡ୍ ଫେଷ୍ଟିଭାଲ ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ବୈଠକରେ ଟ୍ରାଫିକ୍, ସାଧାରଣ ଗମନାଗମନ ଏବଂ ପାର୍କିଂ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ଆୟୋଜନ ଯେପରି ସୁଚାରୁରୂପେ ସମ୍ପନ୍ନ ହୁଏ ସେ ଦିଗରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରସ୍ତୁତି କାର୍ଯ୍ୟ ନେଇ ସନ୍ତୋଷ ପ୍ରକାଶ କରିବା ସହ ଏହି ବିଶ୍ୱକପ୍ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଆଶା ପ୍ରକାଶ କରି କହିଥିଲେ। ପରିଚାଳନା ପରିଷଦ ବୈଠକରେ ଆହୁରି ମଧ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲକ୍ରିଷ୍ଣନ, ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା, ଏସିଏସ୍ ଫାଇନାନ୍ସ ତୁହିନ କାନ୍ତ ପାଣ୍ଡେ, ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ, ପୋଲିସ କମିଶନର ସତ୍ୟଜିତ ମହାନ୍ତି ଏବଂ ଅନ୍ୟ ବହୁ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।



ପୁରୁଷ ହକି ବିଶ୍ୱକପ୍ ୨୦୧୮ ପରିଚାଳନା ପରିଷଦ ବୈଠକରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବୃନ୍ଦ।

**ବିଶ୍ୱକପ୍ ଉଦ୍‌ଘାଟନୀ**

- ଟିକେଟ୍ ବିକ୍ରି କେବଳ ଅନଲାଇନ୍‌ରେ ହେବ
- ପାସ୍ ବ୍ୟବସ୍ଥା ରହିବ ନାହିଁ
- ୨୭ରେ କଳିଙ୍ଗ ଷ୍ଟାଡିୟମ ଓ ୨୮ରେ ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ହେବ
- ଉଭୟ ସ୍ଥାନରେ ସଂଗୀତକାର ଏ.ଆର. ରହମନ କାର୍ଯ୍ୟକ୍ରମ ପରିବେଷଣ କରିବେ

# ପାକିସ୍ତାନ ଖେଳାଳିଙ୍କୁ ଭିଜା ମିଳିଲା

**ହକି ବିଶ୍ୱକପ୍**

କରାଚି, ୧୭।୧୧(ପି.ଟି.)

ଚଳିତ ମାସ ଶେଷ ଭାଗରେ ଭୁବନେଶ୍ୱରରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ଏକ ଖୁସି ଖବର। ଭିଜା ଓ ପ୍ରାୟୋଜକ ସମସ୍ୟା ଲାଗି ଚାରିଥର ବିଶ୍ୱ ଚାମ୍ପିୟନ ପାକିସ୍ତାନ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ନେଇ ଯେଉଁ ସମସ୍ୟା ଦେଖାଦେଇଥିଲା, ତାହାର ଏବେ ସମାଧାନ ହୋଇଯାଇଛି। ଭାରତୀୟ ହାଇକମିଶନ ପାକିସ୍ତାନ ଖେଳାଳିଙ୍କୁ ଭିଜା ଇସ୍ୟୁ କରିସାରିଥିବାବେଳେ ଟିମ୍‌ର ନୂତନ ପ୍ରାୟୋଜକ ବିଶ୍ୱକପ୍‌ରେ ଅଂଶଗ୍ରହଣ ଲାଗି ଖର୍ଚ୍ଚ ବାବଦକୁ ୯ ମିଲିୟନ ପାକିସ୍ତାନ ଅର୍ଥରାଶି ରିଲିଜ୍ କରିସାରିଛି। ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍)ର ସମ୍ପାଦକ ଶାହବାଜ ଅହମ୍ମଦ ଏନେଇ ସ୍ପଷ୍ଟ କରିଛନ୍ତି। ତେବେ ଦଳର ନୂତନ ମୁଖ୍ୟ କୋଚ୍ ତାକିର ଦାର୍ ଓ ସହାୟକ କୋଚ୍ ଡାନିଶ କଲିମ୍‌ଙ୍କୁ ଭିଜା ପ୍ରଦାନରେ ବିଳମ୍ବ ହୋଇଥିବା ସେ କହିଛନ୍ତି। 'ଟିମ୍ ସହ ମୁଖ୍ୟ କୋଚ୍ ଓ ସହାୟକ କୋଚ୍ ନିକଟରେ ଯୋଗ ଦେଇଥିବାରୁ ସେମାନଙ୍କ ଦରଖାସ୍ତ ପ୍ରସ୍ତୁତ କରିବାରେ ବିଳମ୍ବ ହୋଇଛି। କିନ୍ତୁ ଏହି ଦୁଇଜଣଙ୍କୁ ଖୁବ୍ ଶୀଘ୍ର ଭିଜା ପ୍ରଦାନ କରାଯିବା ନେଇ ଭାରତୀୟ ହାଇକମିଶନ ପ୍ରତିଶ୍ରୁତି ଦେଇଥିବା' ଶାହବାଜ କହିଛନ୍ତି। 'ଭିଜା ସମସ୍ୟାର ସମାଧାନ ଆମ ଲାଗି ଏକ ବଡ଼ ଆଶ୍ୱସ୍ତି। ଦୁଇବର୍ଷ ତଳେ ଜାତୀୟ ଜୁନିୟର ଦଳ ସମାନ ଭିଜା ସମସ୍ୟା ଲାଗି ଜୁନିୟର ବିଶ୍ୱକପ୍‌ରେ ଅଂଶଗ୍ରହଣ କରିପାରି ନ ଥିଲା। ସେହିଭଳି ନୂଆ ପ୍ରାୟୋଜକ ୯ ମିଲିୟନ ପାକିସ୍ତାନ ଅର୍ଥରାଶି ରିଲିଜ କରିସାରିଛି। ଏହି ଅର୍ଥରାଶି ଖେଳାଳି ଓ ଅଫିସିଆଲଙ୍କ ଦୈନିକ ଖର୍ଚ୍ଚ ଭରଣା କରିବାରେ ସହାୟକ ହେବ। ଆମେ ମଧ୍ୟ ବିମାନ ଟିକେଟ କିଣିସାରିଲୁଣି' ବୋଲି ଶାହବାଜ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ପାକିସ୍ତାନ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସଂସ୍କରଣ (୧୯୭୧)କୁ ମିଶାଇ ମୋଟ୍ ଉପରେ ତଥା ସର୍ବାଧିକ ୪ଥର ଟାଇଟଲ ବିଜୟୀ ହୋଇଛି।

# ଭାରତୀୟ ମହିଳା ଟି୨୦ ବିଶ୍ୱକପ୍ ଦଳରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୧୭।୧୧:** ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ଖେଳୁଥିବା ଭାରତୀୟ ଦଳରେ ଏକ ପରିବର୍ତ୍ତନ କରାଯାଇଛି। ଆହତ ସମସ୍ୟା କାରଣରୁ ପେସର ପୂଜା ବସ୍ତ୍ରକାର ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ସେ ଅଭ୍ୟାସ ମ୍ୟାଚ୍ ବେଳେ ଆହତ ହୋଇଥିଲେ। ତାଙ୍କ ବଦଳରେ ଦେବିକା ବୈଦ୍ୟାଙ୍କୁ ଦଳରେ ସ୍ଥାନ ଦିଆଯାଇଛି। ଟୁର୍ନାମେଣ୍ଟରେ ବୈଦ୍ୟାଙ୍କୁ ଖେଳିବା ଲାଗି ଟେକ୍‌ନିକାଲ କମିଟି ମଞ୍ଜୁରୀ ଦେଇଛି। ଭାରତ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଟି୨୦ ଖେଳିଥିବା ବସ୍ତ୍ରକାର ଏବେ ଗୋଇଠିଜନିତ ଆହତ ସମସ୍ୟାରୁ ଫେରିଥିଲେ। ସେ ମହିଳା ଚ୍ୟାଲେଞ୍ଜର ଟ୍ରଫି ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରୁ ବାଦ୍‌ପଡ଼ିଥିଲେ।

# ମ୍ୟାଚ୍ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ

**ସି.କେ. ନାଇଡୁ ଟ୍ରଫି**

**କଟକ ଅଫିସ,୧୭।୧୧:** ଗୋଆର ସାନଗୁଏମ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା-ଗୋଆ ମ୍ୟାଚ୍ ଡ୍ର ରହିଛି। ତେବେ ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ଭିତ୍ତିରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି । ୨ଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ହାସଲ କରି ଦଳ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି । ତୃତୀୟ ଦିବସ ଖେଳ ଶେଷସୁଦ୍ଧା ଓଡ଼ିଶା ୪ ଉଇକେଟ ହରାଇ ୨୦୮ ରନ୍ କରିଥିଲା। ୪ର୍ଥ ଦିବସରେ ଦଳ ଆଉ ୫ ଉଇକେଟ ହରାଇ ୯୮ରନ୍ ଯୋଡ଼ିବା ପରେ ଦ୍ୱିତୀୟ ଇନିଂସ୍ ଘୋଷଣା କରିଥିଲା। ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୯ ଉଇକେଟ ହରାଇ ମୋଟ୍ ୩୦୬ ରନ୍ ସଂଗ୍ରହ କରଥିଲା। ଅନ୍ତିମ ଦିବସରେ ସୌରଭ କନୌଜିଆ(୪୧ରନ୍) ଓ କ୍ଷମାସାଗର ବଳ(୨୮ରନ୍) ଦ୍ରୁତ ଇନିଂସ୍ ଖେଳି ଆଉଟ ହୋଇଥିଲେ। ଗୋଆ ପକ୍ଷରୁ ୱାଇ. ଧୀରଜ ସର୍ବାଧିକ ୩ଟି ଉଇକେଟ ଦଖଲ କରିଛନ୍ତି । ଦ୍ୱିତୀୟ ଇନିଂସ୍‌ରେ ଗୋଆ ୫୮ ଓଭର ଖେଳି ୩ ଉଇକେଟରେ ୧୨୨ ରନ୍ କରିଥିଲା। ଓପନର ଇଶାନ ଗଡ଼େକର ସର୍ବାଧିକ ୫୫ ରନ୍ କରିଛନ୍ତି । ଓଡ଼ିଶା ପକ୍ଷରୁ ଆଶିଷ ରାୟ ୨ଟି ଉଇକେଟ ଦଖଲ କରିଥିଲେ। ସୂଚନାଥାଉ କି, ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୨୯୩ ରନ୍ କରିଥିଲା। ଜବାବରେ ଘରୋଇ ଗୋଆ ଦଳ ୨୩୭ ରନ୍‌ରେ ସୀମିତ ରହିଥିଲା।

# ରୋମାଞ୍ଚକ ସ୍ଥିତିରେ କାଣ୍ଡି ଟେଷ୍ଟ

**କାଣ୍ଡି(ଶ୍ରୀଲଙ୍କା), ୧୭।୧୧(ଏଏଫ୍‌ପି):** ଘରୋଇ ଶ୍ରୀଲଙ୍କା ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଟେଷ୍ଟ ସିରିଜର ୨ୟ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ୩୦୧ ରନର ଟାର୍ଗେଟ୍‌କୁ ପିଛା କରୁଥିବା ଶ୍ରୀଲଙ୍କା ଶନିବାର ୪ର୍ଥ ଦିବସ ଖେଳ ଶେଷ ସୁଦ୍ଧା ୭ ଉଇକେଟ୍ ହରାଇ ୨୨୬ ରନ କରିଛି। ରବିବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଶ୍ରୀଲଙ୍କା ବିଜୟ ଲାଗି ଆଉ ୭୫ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ଭ୍ରମଣକାରୀ ଇଂଲଣ୍ଡ ସିରିଜ ବିଜୟଠାରୁ ୩ ଉଇକେଟ୍ ପଛରେ ରହିଛି। ପୂର୍ବରୁ ପ୍ରଥମ ମ୍ୟାଚ୍ ଜିତି ଇଂଲଣ୍ଡ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳୀୟ ସ୍କୋର ମାତ୍ର ୨୬ ରନ ହୋଇଥିବାବେଳେ ଆଗଧାଡ଼ିର ୩ ଉଇକେଟ ହରାଇଥିଲା। ତେବେ ଅନ୍ୟତମ ଓପନର୍ ଦିମୁଥ କରୁଣାରତ୍ନେ (୫୭)ଙ୍କ ସମେତ ମଧ୍ୟକ୍ରମରେ ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ (୮୮ ରନ୍) ଓ ରୋସନ ସିଲ୍‌ଭା (୩୭) ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ମ୍ୟାଚ୍‌କୁ ଜୀବନ୍ତ କରିଥିଲେ। ଚା'ପାନ ବିରତି ପରେ ବର୍ଷା ହେବାରୁ ଶନିବାରର ଖେଳକୁ ବନ୍ଦ କରିଦିଆଯାଇଥିଲା। ନିରୋଶାନ ଡିକ୍‌ୱେଲା ୨୭ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ସଫଳ ବୋଲରଭାବେ ଇଂଲଣ୍ଡ ପକ୍ଷରୁ ଜ୍ୟାକ୍ ଲିଚ୍ ୪ଟି ଓ ମୋଇନ ୨ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସିରିଜକୁ ବରାବର୍ କରିବାକୁ ହେଲେ ଶ୍ରୀଲଙ୍କାକୁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇଛି। **ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ- ୨୯୦ ଓ ୩୪୬ ଅଲ୍‌ଆଉଟ୍। ଶ୍ରୀଲଙ୍କା- ୩୩୬ ଓ ୨୨୬/୭ (ଡିକ୍‌ୱେଲା ୨୭*, ମାଥ୍ୟୁସ ୮୮, ଲିଚ୍ ୪/୭୩)।


## Government of Odisha "e" procurement Notice
### TENDER CALL NOTICE
**Identification No.01/SE NH SBP of 2018-19**
**(Bid No.01 SENH SBP of 2018-19)** No.34-b

| Sl. No. | Name of the works | Estimated cost in Rupees | Period of completion in calendar month | Date / time for receipt of bids | Name and address of the officer inviting tender |
|---|---|---|---|---|---|
| 1. | "Repair to NH-59 from Km 57.500 to 68.290 KM such as providing BC and patch repair with 50mm thick BM for the year 2018-19 | Rs.1,21,99,676.00 | 3 (Three) calendar months | 10.00 AM of Dt.26.11.2018 to 5.00 PM of Dt.10.12.2018 | Er. Upendra Kumar Mund, Superintending Engineer, N.H. Circle, Sambalpur |

Further details can be seen from the "e" procurment website **www.tendersorissa.gov.in**.
**Sd./- Superintending Engineer**
**N.H. Circle, Sambalpur**
34021/11/0004/1819

## ODISHA STATE BEVERAGES CORPORATION LIMITED
**(A GOVERNMENT OF ODISHA UNDERTAKING)**
**2nd FLOOR, FORTUNE TOWERS, CHANDRASEKHARPUR, BHUBANESWAR-751023 (ODISHA)**
CIN: U51228OR2000SGC006372
Tel: 0674-2303972(0) Fax: 0674-2302963, Email:- osbcltd@gmail.com, Website: https://osbc.co.in
Ref. No. 1693/OSBC/4428 Date: 16.11.2018

### ADVERTISEMENT FOR RECRUITMENT OF ASSISTANT MANAGERS
No.CAD-1030: The Odisha State Beverages Corporation Ltd. (OSBC Ltd.), a Public Sector Undertaking (PSU) of Government of Odisha, invites applications for the posts of Assistant Manager as detailed below.

| Name of the Post | No. of Vacancies | Remuneration |
|---|---|---|
| Assistant Manager | ST-2<br>SC-2<br>SEBC-1<br>UR-6(W-2)<br>Total - 11 (W-2) | Rs.9300/- - Rs.34800/- with a grade pay of Rs.4600/- as per the 6th Pay Commission Scale and fits at Rs.44,900/- in level 1 of Matrix 10 (First Schedule of ORSP Rule-2017) as per the 7th Pay Commission Scale. |

The details along with prescribed Application Form are available on the official website of OSBC Ltd. **https://osbc.co.in**.
The last date and time for receipt of duly filled in Application Form along with required documents from the interested candidates is 07.12.2018 by 6 P.M.
36003/11/0007/1819 **Sd./- Managing Director**

## ତହସିଲଦାରଙ୍କ କାର୍ଯ୍ୟାଳୟ, କେନ୍ଦୁଝର
No. 73-F
**ସଂଖ୍ୟା ୬୭୮୬, ତାରିଖ : ୧୪.୧୧.୨୦୧୮**

### ଇସ୍ତାହାର
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଓ କେନ୍ଦୁଝର ତହସିଲ ଅନ୍ତର୍ଗତ ପଳାଶପଙ୍ଗା ରାଜସ୍ୱ ମଣ୍ଡଳ ଅଧୀନରେ ମୁରୁସୁଆଁ ମୌଜା ଖାତା ନଂ ୧୪୬ (ଆ.ଅ.ଅ) ପ୍ଲଟ ନଂ ୯୭୧ (ଆଂଶିକ) ରକବା - ଏ ୮.୭୦ ଡେ. ରେ ଅବସ୍ଥିତ ଥିବା ଲଘୁଖଣିଜ ଦ୍ରବ୍ୟ (ପଥର) ସୈରାତ ଉତ୍ସଟିକୁ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। ସୈରାତ ଉତ୍ସକୁ ଲିଜ୍ ସୂତ୍ରରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି / ସଂସ୍ଥା ବାର୍ଷିକ ଅନ୍ୟୂନ ୬୦୦୦.୦୦ (ଛଅ ହଜାର) ଘନ ମିଟର ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବାକୁ ଓ ନିର୍ଦ୍ଧାରିତ ହାରରେ ରୟାଲିଟ୍, ଅନ୍ୟାନ୍ୟ ସରକାରୀ ଦେୟ ଜମାଦେବା ପାଇଁ ସକ୍ଷମ ଥିବା ଆବଶ୍ୟକ। ଆଗ୍ରହୀ ବ୍ୟକ୍ତି ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତା. ୦୬.୧୨.୨୦୧୮ ରୁ ତା. ୧୫.୧୨.୨୦୧୮ ଅପରାହ୍ନ ଘ. ୫.୦୦ ମଧ୍ୟରେ ନିମ୍ନଲିଖିତ କାଗଜପତ୍ର ସହ ଜଉମୁଦ ବାକ୍ସରେ ଆବେଦନ ପତ୍ର ଜମା କରିପାରିବେ। ଜଉମୁଦ ଖୋଲା ହେବା ପାଇଁ ତା ୧୮.୧୨.୨୦୧୮ ସମୟ ଦିବା ୧୧.୦୦ କୁ ନିର୍ଦ୍ଧାରିତ କରାଯାଇଛି। ଜଉମୁଦ ଖୋଲା ସମୟରେ ଆବେଦନକାରୀ ବା ସେମାନଙ୍କ ପ୍ରତିନିଧି ଉପସ୍ଥିତ ରହିପାରିବେ। କୌଣସି କାରଣ ନ ଦର୍ଶାଇ ସୈରାତ ଉତ୍ସର ଲିଜ୍ ପ୍ରସ୍ତାବକୁ ସ୍ଥଗିତ/ ରଦ୍ଦ ବା ସର୍ତ୍ତ ପରିବର୍ତ୍ତନ କରିବାର କ୍ଷମତା, କ୍ଷମତାସମ୍ପନ୍ନ ଅଧିକାରୀଙ୍କର ରହିଅଛି। ପୂର୍ବରୁ ସୈରାତ ଉତ୍ସ ନିଲାମ ନେଇ ବକେୟା ରଖିଥିବା ବ୍ୟକ୍ତି / ଚୁକ୍ତି ଖିଲାପ କରିଥିବା ବ୍ୟକ୍ତି / ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ଦ୍ୱାରା ଦଣ୍ଡିତ ବ୍ୟକ୍ତି ଲିଜ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ତତ୍କ୍ଷଣାତ୍ ଅଗ୍ରାହ୍ୟ କରାଯିବ। ନିର୍ଦ୍ଧାରିତ ତାରିଖରେ ଲିଜ୍ ସ୍ଥିରୀକୃତ ହୋଇନପାରିଲେ, ସୈରାତ୍ ଉତ୍ସକୁ ଲିଜ୍ ନେବା ପାଇଁ ଆଗ୍ରହୀ ବ୍ୟକ୍ତି ପୁନଃ ତା ୨୭.୧୨.୨୦୧୮ ଓ ତା ୦୪.୦୧.୨୦୧୯ ଅଫିସ୍ କାର୍ଯ୍ୟ ସମୟରେ ଉପସ୍ଥିତ ରହି ଆବେଦନ ପତ୍ର ଜଉମୁଦ ବାକ୍ସରେ ଜମା କରିପାରିବେ ଓ ଯଥାକ୍ରମେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଆବେଦନକାରୀ ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଆବେଦନ ପତ୍ର ଖୋଲାଯିବ / କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆବେଦନ ପାଇଁ ଆବଶ୍ୟକ ପଡୁଥିବା କାଗଜର ବିବରଣୀ
୦୧. ଦରଖାସ୍ତ - ଫର୍ମ "**M**" ତିନି କପି ସହ
୦୨. ଟ୍ରେଜେରି ଚାଲାଣ ଟ. ୧୦୦୦/- (ଏକ ହଜାର ଟଙ୍କା) ମାତ୍ର, ଯାହାକି Non refundable, under head of account "0853-Non-ferrous Mining and Metallurgical Industries-102-Mineral Concession Fees, Rent, and Royalties'.
୦୩. ଆଫିଡେଭିଟ୍ (ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ଅନୁଯାୟୀ କୌଣସି ବକେୟା ରାଜସ୍ୱ ନ ଥିବା ସମ୍ବନ୍ଧେ)
୦୪. ଟ.୧୦.୦୦ ଲକ୍ଷ (ଦଶ ଲକ୍ଷ)ର ଶୋଧ ପ୍ରମାଣପତ୍ର (Solvency Certificate)(ଏକ ବର୍ଷର ଅବଧି ଥିବା) ଓ earnest money ଆକାରରେ ଟ ୫୦,୦୦୦ (ପଚାଶ ହଜାର) ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର, କେନ୍ଦୁଝରଙ୍କ ନାମରେ ପ୍ରଦାନ
୦୫. ରାଜସ୍ୱ ଅଧିକାରୀଙ୍କ ଠାରୁ ଅଚଳନ୍ତି (immovable) ସମ୍ପତ୍ତିର ତାଲିକା

ଲିଜ୍ ସମ୍ବନ୍ଧୀୟ ବିବରଣୀ ତହସିଲ କାର୍ଯ୍ୟାଳୟରେ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଓ DIO, NIC, Keonjharଙ୍କ Website ରେ ଉପଲବ୍ଧ ହୋଇପାରିବ।
24158/11/0003/1819 **ସ୍ୱା./- ତହସିଲଦାର, କେନ୍ଦୁଝର**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER SAMBALPUR
### SHORT TENDER CALL NOTICE
No. Drugs & chemical / 5154/2018-19 Date: 16.11.2018

**No. 575-E-:** Sealed tenders are invited from registered Firms / Suppliers / Manufacturers / authorized distributors for supply of Drugs, Chemical & Consumable to the undersigned. Details regarding items with terms and condition may be downloaded from district website www.sambalpur.nic.in. The tenders should reach to the office of the undersigned on or before Date 30.11.2018 upto 4 PM through Sped Post / Registered Post / Courier Service only. The tender will be opened on 01.12.2018 at 12.00Noon in the office chamber of undersigned. The undersigned reserves the right to reject any or all the tenders without assigning any reason.

*Sd./- Chief District Medical & Public Health Officer, Sambalpur*
10049/11/0059/1819

GOVERNMENT OF ODISHA
## Office of the Superintending Engineer Central Minor Irrigation Circle, Bhubaneswar
Tel No.: (0674) 2540559, e-Mail ID: cmic.bbsr@gmail.com
"e" Procurement Notice
Identification No- SECMIC 06/2018-19
No. 3535/ CMIC., Dated 15.11.2018

**No.795-A:-** The Superintending Engineer, Central Minor Irrigation Circle, Bhubaneswar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1 | Name of works | : | Civil Construction & Improvement works (Detailed as per annexure) |
| 2 | Total No. of works | : | 2 Nos. |
| 3 | Estimated Cost | : | Rs. 160.00 to Rs. 208.00 Lakh (As per Annexure attached) |
| 4 | EMD | : | 1% of cost put to tender. |
| 5 | Class of Contractor | : | B & A Class |
| 6 | Period of Completion | : | 11 (Eleven) calendar months including Monsoon. |
| 7 | Date & time of Availability of Bid Document in the Portal | : | 20.11.2018 at 10.00 AM to 05.12.2018 upto 5.00 PM |
| 8 | Last date/ Time for receipt of Bids in the Portal | : | 05.12.2018 upto 5.00 PM |
| 9 | Date/ Time of Opening of Technical Bid | : | 06.12.2018 at 11 AM |
| 10 | Date/ Time of Opening of Financial Bid | : | To be intimated after evaluation of Technical Bid. |
| 11 | Date of open lottery if required. | : | On 14.12.2018 at Office of the Superintending Engineer, Central M.I. Circle, Plot No. A-8/2, Bhoinagar, Bhubaneswar-22. |
| 12 | Name and address of the Officer Inviting Bid. | : | Superintending Engineer, Central Minor Irrigation Circle, Bhubaneswar, Pin-751022. |
| 13 | Mode of Payment of Bid Cost & Bid Security | : | Govt. of Odisha has introducted e-payment gateway into the portal for payment of cost of Bid & Bid security/ EMD.The process of using e-payment gate is mentioned in the "procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the "e" Procurement Portal "https://tendersorissa.gov. |

Further details can be seen from the "e" Procurement Portal https://tendersorissa.gov.in.

**Annexure**

| Sl. No. | Name of Work | Approximate value of works put to tender (rs. in Lakhs) | E.M.D./ Bid security in (Rs.) | Cost of document (Rs.) | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IMPROVEMENT TO MODANALLA MIP (RES) IN KHANDAPADA BLOCK OF NAYAGARH DIST UNDER IMPROVEMENT TO TANK SCHEME 2018-19 | 208.00 | 208000/- | 10000.00 | B & A Class | 11 Calendar months (including rainy season) |
| 2 | IMPROVEMENT TO MAHISANALLA MIP (RES) IN DASAPALLA BLOCK OF NAYAGARH DIST UNDER IMPROVEMENT TO TANK SCHEME 2018-19 | 160.88 | 161000/- | 10000.00 | B & A Class | 11 Calendar months (including rainy season) |

**Sd./- (Er. S.K. Pradhan)**
**Superintending Engineer, Central Minor Irrigation Circle, Bhubaneswar**
32179/11/0011/1819

## BERHAMPUR MUNICIPAL CORPORATION
### QUOTATION CALL NOTICE
**No. 18855/** **Dt. 15.11.18**

**No.346-C:-** The Municipal Commissioner, Berhampur Municipal Corporation invites sealed quotations from reputed agencies/firms/manufacturers/dealers/suppliers for "Supply of Home appliance for SUH at Ananda Sarani under Berhampur Municipal Corporation".

The quotations should reach the undersigned by Regd. Post/Speed Post only on or before 24.11.18 by 2.00 P.M. and will be opened on the same day at 4.00 P.M. in the office chamber of the undersigned in presence of the quotioners or their authorized agents who intend to attend. The rate to be quoted shall be inclusive of all taxes, handling and transportation/ delivery charges. No extra cost on any account whatsoever will be admissible. Conditional quotations will be rejected immediately. The rate should be written clearly and legibly without any error or overwriting and both in figures and in words. In case of difference or rates or any ambiguity over rates, then the rates written in words will be taken into consideration. Each quotationer should furnish copy of PAN Card and VAT Clearance Certificate along with copy of previous such orders and credentials issued by any Govt. Office/ Organization in favour of him/her/them. The quotationer should furnish E.M.D. for an amount of Rs. 5000/- (Rupees five thousand only) only in shape of Bank Draft/ Pay order/ Challan showing Cash deposited in Berhampur Municipal Corporation Treasury/ NSC or Fixed Deposit in any scheduled Bank or Post Office Saving Bank Account or Post Office Time Deposit Account duly pledged in favour of the Municipal Commissioner, Berhampur Municipal Corporation. Further clarifications can be obtained from this office on any working day. The undersigned reserves the right to accept or reject any quotation without assigning any reason thereof. The quotationers should submit their offers in the following manner. This is for unit price only and quantity will be intimated as per requirement. The quotationer can quote for supply of single items or whole items as their capacity.

| Sl. No. | Description | Unit | Rate quoted | |
|---|---|---|---|---|
| | | | In Figure | In Words |
| 1 | ISI marked Iron Double Decker cot/bed with 18 Gauge base & 16 Gauge let Size L. 6 ft X W 3 ft X H 6ft | Each | | |
| 2 | Masquito Net (single) (Cotton materials used for Bunk Bed Size 6 Ft X 3.5 ft X 6ft | Each | | |
| 3 | Mattress (Single (5 ft X 6 ft X 4") foam materials | Each | | |
| 4 | Receptionist wooden Table of Rectangular shape with one side dran for keeping of office accessories (Size 5' X 3' X 3') Top is finished with Sunmica (Teak coloured | Each | | |
| 5 | Plastic Armed Chair (ISI marked) for Common space for visitor and beneficiaries (adult persons) | Each | | |

**Sd./- Commissioner,**
**Berhampur Municipal Corporation**
13035/11/0153/1819

“ଏଟିପି ଫାଇନାଲ୍ସ ଇଭେଣ୍ଟରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳିଙ୍କ ସହିତ ଖେଳିଥିବାରୁ ଆଗକୁ ଫ୍ରାନ୍ସ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍ ପାଇଁ ଏହା ନୈତିକ ମନୋବଳ ବୃଦ୍ଧିରେ ସହାୟକ ହେବ।

**–ମାରିନ ସିଲିକ୍, କ୍ରୋଏସିଆ ଟେନିସ୍ ଖେଳାଳି**



“ବ୍ରାଜିଲ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏକ ବିବାଦୀୟ ଗୋଲ୍‌ରେ ଉରୁଗୁଏ ପରାସ୍ତ ହୋଇଛି। ତେଣୁ ଆମ ଦଳର ପ୍ରଦର୍ଶନରେ ମୁଁ ଖୁସୀ।

**–ଲୁଇସ୍ ସୁଆରେଜ, ଉରୁଗୁଏ ଫୁଟ୍‌ବଲ ଖେଳାଳି**



## ସଂକ୍ଷେପରେ

### ବିଶ୍ୱ ଜୁନିୟର ଚାମ୍ପିୟନଶିପ
## ସେମିରେ ଲକ୍ଷ୍ୟ ସେନ

**ମାର୍ଖାମ(କାନାଡା),୧୭।୧୧(ପି.ଟି.):** ଭାରତୀୟ ଯୁବ ଶଟଲର ଲକ୍ଷ୍ୟ ସେନ ଏଠାରେ ଚାଲିଥିବା ବିଶ୍ୱ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ୟ ମାଲେସିଆର ଏଦିଲ ଶୋଲେ ସାଦିକିନ ୨୧-୮, ୨୧-୧୮ ଗେମ୍‌ରେ ହରାଇ ଦେଇଛନ୍ତି। ବିଶ୍ୱର ୩ୟ ର୍‍ୟାଙ୍କଧାରୀ ଲକ୍ଷ୍ୟଙ୍କୁ ଏହି ବିଜୟ ଲାଗି ୩୧ ମିନିଟ ଲାଗିଥିଲା। ମୁକାବିଲାର ପ୍ରଥମ ଗେମ୍‌ରେ ପ୍ରତିପକ୍ଷ ଖେଳାଳି ସେନଙ୍କ ସମ୍ମୁଖୀନ ହୋଇ ପାରି ନ ଥିଲେ। ଦ୍ୱିତୀୟ ଗେମ୍‌ରେ ମାଲେସିଆ ଖେଳାଳି ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ସେନଙ୍କୁ ଜିତିବାରୁ ରୋକିପାରି ନ ଥିଲେ। ସେମିଫାଇନାଲରେ ଭାରତୀୟ ଖେଳାଳି ଟପ୍ ସିଡ୍ ଥାଇଲାଣ୍ଡର କୁନଲାଭଟ ଭିତିଡ୍‌ସାମଙ୍କୁ ଭେଟିବେ। ଅନ୍ୟପକ୍ଷରେ ବିଷ୍ଣୁ ବର୍ଦ୍ଧନ ପଞ୍ଜଲା ଓ ଶ୍ରୀକ୍ରିଷ୍ଣା ସାଇ ପୋଦିଲେଙ୍କ ପୁରୁଷ ଯୋଡ଼ି କ୍ୱାର୍ଟର ଫାଇନାଲ ବାଧା ଅତିକ୍ରମ କରିପାରି ନାହାନ୍ତି। ଏହି ଯୋଡ଼ିକୁ ୧୧-୨୧, ୮-୨୧ ଗେମ୍‌ରେ କୋରିଆର ତାଇ ୟାଙ୍ଗ ଶିନ ଓ ଚାନ ୱାଙ୍ଗ ପରାସ୍ତ କରିଛନ୍ତି।

### ଏସିଆନ୍ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍
## ମାଲେସିଆକୁ ଡବଲ ସଫଳତା

**ଭୁବନେଶ୍ୱର, ୧୭।୧୧(ସ୍ପୋର୍ଟ୍ସ ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଏସିଆନ୍ ବୋଉଲ୍ସ ସ୍ପୋର୍ଟ୍ସ କନ୍‌ଫେଡେରେଶନ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ଓ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଥାଇଲାଣ୍ଡ ଡବଲ ସଫଳତା ପାଇଛି। ପେଟାନ୍‌କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ଡବଲ୍ସ ଫାଇନାଲରେ ଥାଇଲାଣ୍ଡ ୧୩-୫ ପଏଣ୍ଟରେ କାମ୍ବୋଡ଼ିଆକୁ ପରାସ୍ତ କରିଛି। ପ୍ରଥମ ସେମିଫାଇନାଲରେ କାମ୍ବୋଡ଼ିଆ ୧୩-୫ରେ ଚାଇନିଜ୍ ତାଇପେକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ଥାଇଲାଣ୍ଡ ୧୩-୬ରେ ମାଲେସିଆକୁ ପରାସ୍ତ କରିଥିଲା। ପୁରୁଷ ଡବଲ୍ସ ଫାଇନାଲରେ ଥାଇଲାଣ୍ଡ ୧୩-୬ରେ କାମ୍ବୋଡ଼ିଆକୁ ପରାସ୍ତ କରିଛି। ପ୍ରଥମ ସେମିଫାଇନାଲରେ ଏହି ଦଳ ଚାଇନିଜ୍ ତାଇପେକୁ ୧୩-୭ ଓ ଦ୍ୱିତୀୟ ସେମିରେ କାମ୍ବୋଡ଼ିଆ ୧୩-୨ରେ ମାଲେସିଆକୁ ପରାସ୍ତ କରିଛି।

## ଶତକରୁ ବଞ୍ଚିତ ହେଲେ ପାର୍ଥିବ ପଟେଲ

**ମାଉଣ୍ଟ ମଙ୍ଗାନୁଇ,୧୭।୧୧:** ଏଠାରେ ଭାରତ ଏ’ ଓ ନ୍ୟୁଜିଲାଣ୍ଡ ଏ’ ଖେଳାଯାଉଥିବା ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଭଳି ଦ୍ୱିତୀୟ ଦିନ ମଧ୍ୟ ବ୍ୟାଟ୍ସମ୍ୟାନଙ୍କ କବ୍‌ଜାରେ ରହିଥିଲା। ପୂର୍ବ ଦିନର ସ୍କୋର ୩୪୦/୫ରୁ ଭାରତ ଏ’ଦଳ ବ୍ୟାଟିଂ ଆରମ୍ଭ କରିଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ପାର୍ଥିବ ପଟେଲ ଅଳ୍ପକେ ଶତକରୁ ବଞ୍ଚିତ ରହିଛନ୍ତି। ସେ ୧୩୬ ବଲ ସମ୍ମୁଖୀନ ହୋଇ ୯୪ ରନ୍ କରିଥିଲେ। ତାଙ୍କ ଇନିଂସ୍‌ରେ ୧୧ ଚୌକା ସାମିଲ ଥିଲା। ଏହାବାଦ ବିଜୟ୍ ଶଙ୍କରଙ୍କ ୬୨ ଓ କିଷ୍ଣାପ୍ପା ଗୌଥମଙ୍କ ୪୭ ରନ୍ ଯୋଗୁ ଭାରତ ଏ’ ଦଳ ୮ ଉଇକେଟ ହରାଇ ୪୬୭ ରନ୍ କରିଥିବାବେଳେ ଇନିଂସ ସମାପ୍ତି ଘୋଷଣା କରିଥିଲା। ଘରୋଇ ଦଳ ପାଇଁ ବ୍ଲାଇର ଟିକନର ୪ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଏ’ ଦଳ ଶେଷ ପର୍ଯ୍ୟନ୍ତ ଖେଳି ଏକ ଉଇକେଟ ହରାଇ ୧୭୦ ରନ୍ କରିଛି। ଦଳ ପକ୍ଷରୁ ହାମିଶ ରଦରଫର୍ଡ ୧୦୦ ଓ ଟିମ ସେଇଫର୍ଟ ୧୩ ରନ୍ କରି ଅପରାଜିତ ଅଛନ୍ତି।

## ବିର୍ଲାଙ୍କ ପୁଅ ଆର୍ଯ୍ୟମାନଙ୍କ ଶତକ

**କୋଲକାତା,୧୭।୧୧:** ଦେଶର ଶ୍ରେଷ୍ଠ ୧୦ ଧନୀମାନଙ୍କ ମଧ୍ୟରୁ ଅନ୍ୟତମ କୁମାର ମଙ୍ଗଳମ ବିର୍ଲା। ତାଙ୍କ ପୁଅ ଆର୍ଯ୍ୟମାନ ମଧ୍ୟପ୍ରଦେଶ ପକ୍ଷରୁ ଚଳିତ ସିଜନରେ ପ୍ରଥମ ଶ୍ରେଣୀ ଖେଳୁଥିବା ବେଙ୍ଗଲ ବିପକ୍ଷରେ କ୍ୟାରିୟର ପ୍ରଥମ ଶତକ ହାସଲ କରିଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ଆର୍ଯ୍ୟମାନ ୧୮୯ ବଲରୁ ୧୦୩ ରନ୍ କରି ଇଡେନ ଗାର୍ଡେନଠାରେ ଖେଳାଯାଇଥିବା ମ୍ୟାଚ୍‌କୁ ଡ୍ର’ ରଖିଥିଲେ। ଶତକ ପରେ ପରିବାର ପରିବର୍ତ୍ତେ ନିଜ ସଫଳତାରେ ପରିଚିତ ହେବାକୁ ସେ କହିଛନ୍ତି। ଏଥିପୂର୍ବରୁ ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ସେ ୫୧ ରନ୍‌ର ଇନିଂସ ଖେଳିଥିଲେ। ସେ ଗତ ସିଜନରେ ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ।






କଟକରେ ଚାଲିଥିବା ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ଉଷୁ ଇଭେଣ୍ଟରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଆଜିଠାରୁ ସାହାଣୀ କପ୍

**କଟକ ଅଫିସ,୧୭।୧୧:** ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାରଠାରୁ ସମ୍ବଲପୁରରେ ଆରମ୍ଭ ହେବ ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍। ସମ୍ବଲପୁର, ହୀରାକୁଦ, କୁଚିଣ୍ଡା, ନାକଟିଦେଉଳରେ ପ୍ରତିଯୋଗିତାର ଭେନ୍ୟୁ ସ୍ଥିର କରାଯାଇଛି। ୨୭ଟି ଜିଲା ଦଳ ଏଥିରେ ଅଂଶଗ୍ରହଣ କରିବେ। ହୀରାକୁଦ ଭେନ୍ୟୁରେ ସୁନ୍ଦରଗଡ଼-ଗଞ୍ଜାମ, ସମ୍ବଲପୁର ଭେନ୍ୟୁରେ ପୁରୀ-ନୟାଗଡ଼, କୁଚିଣ୍ଡା ଭେନ୍ୟୁରେ ଝାରସୁଗୁଡ଼ା-ଖୋର୍ଦ୍ଧା, ନାକଟିଦେଉଳ ଭେନ୍ୟୁରେ ଦେବଗଡ଼-ଢେଙ୍କାନାଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହେବ। ୨୪ ଓ ୨୫ ତାରିଖରେ ସେମିଫାଇନାଲ ଖେଳାଯିବାକୁ ଥିବା ବେଳେ ୨୭ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର
## ଉଷୁରେ ଏସ୍‌ଏସ୍‌ବି ଦଳଗତ ଚାମ୍ପିୟନ

**କଟକ ଅଫିସ,୧୭।୧୧**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପ୍‌ରେ ଶନିବାର ଉଷୁ ପ୍ରତିଯୋଗିତା ଖେଳାଯାଇଥିଲା। ପୁରୁଷ ବର୍ଗରେ ୧୧ ଓ ମହିଳା ବର୍ଗରେ ୮ଟି ଇଭେଣ୍ଟ ହୋଇଥିଲା। ଉଭୟ ବର୍ଗରେ ସର୍ବାଧିକ ପଦକ ସହ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି) ଦଳଗତ ଭାବେ ଚାମ୍ପିୟନ ହୋଇଥିଲା। ମହିଳା ବର୍ଗରେ ଏସ୍‌ଏସ୍‌ବି ୭ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ମୋଟ୍ ୩ଟି ପଦକ ଜିତିଛି। ପୁରୁଷ ବର୍ଗରେ ଓଡ଼ିଶାକୁ ୨ଟି ବ୍ରୋଞ୍ଜ ମିଳିଥିଲା। ୫୬ କେଜି ଓ ୬୫ କେଜି ବିଭାଗରେ ଓଡ଼ିଶା ଏହି ଦୁଇଟି ସଫଳତା ହାସଲ କରିଥିଲା। ସେହିପରି ମହିଳା ବର୍ଗରେ ଓଡ଼ିଶା ମାତ୍ର ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛି। ୪୫ କେଜି ବର୍ଗରେ ଓଡ଼ିଶା ପୋଲିସର ବର୍ଷା ରୌପ୍ୟ ଜିତିଥିଲେ। ରାଜ୍ୟ ପରିବହନ ଆୟୁକ୍ତ ସଞ୍ଜୀବ ପଣ୍ଡା, ପୋଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଡିଜି ବିନୟତୋଷ ମିଶ୍ର, କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଅଷ୍ଟ୍ରେଲିଆକୁ ହରାଇଲା ଦକ୍ଷିଣ ଆଫ୍ରିକା

**ଗୋଲ୍ଡକୋଷ୍ଟ, ୧୭।୧୧(ଏଏଫ୍‌ପି)**

କୁଇନ୍ସଲାଣ୍ଡର କାରା ଓଭାଲଠାରେ ଶନିବାର ଖେଳାଯାଇଥିବା ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୨୧ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ବର୍ଷାଜନିତ କାରଣରୁ ମ୍ୟାଚ୍‌କୁ ୧୦ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୬ ଉଇକେଟ ବିନିମୟରେ ୧୦୮ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୮୭ ରନ୍ କରିଥିଲା। ଦଳକୁ ଜିତାଇବାରେ ସ୍ୱିଡ୍‌ଷ୍ଟର କ୍ରିସ୍ ମୋରିସ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ଓପନିଂ ଓଭରରେ ଡି’ ଆର୍ସି ଶର୍ଟଙ୍କୁ ବିନା କୌଣସି ରନ୍‌ରେ ଆଉଟ୍ କରିଦେଇଥିବାବେଳେ କ୍ରିସ୍ ଲିନ୍‌ଙ୍କୁ ୧୪ ରନ ସ୍କୋରରେ ପାଭିଲିୟନ ପଠାଇ ଦେଇଥିଲେ। ଏକଦା ଦୁଇ ଓଭରରେ ୧ ଉଇକେଟ ବିନିମୟରେ ୨୧ ରନ୍ କରିଥିବା ଅଷ୍ଟ୍ରେଲିଆ ୬୦ ରନ୍ କରି ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। ୭ମ ଓଭରରେ ଆଲେକ୍ସ କାରେ ୮ ରନ କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ଦଳର ଟପ୍ ସ୍କୋରର ଥିଲେ ଗ୍ଲେନ ମାକ୍ସୱେଲ। ସେ ୨୩ ବଲ୍‌ରୁ ୩୮ ରନ୍ କରିଥିଲେ। ମାତ୍ର ଚାପରେ ଥିବାରୁ ହାତଖୋଲା ଶଟ୍ ଖେଳିପାରି ନ ଥିଲେ। ପାୱାର ପ୍ଲେ ବେଳେ ଦକ୍ଷିଣ ଆଫ୍ରିକା ୧ ଉଇକେଟ ବିନିମୟରେ ୪୨ ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆ ଏହାର ୩ ବ୍ୟାଟ୍ସମ୍ୟାନଙ୍କୁ ହରାଇ ମାତ୍ର ୨୭ ରନ୍ କରିଥିଲା। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ୧୦୮ରନ୍ କରିପାରିଥିଲା। ଅଷ୍ଟ୍ରେଲିଆର ଆଣ୍ଡ୍ରେ ଟାଇ ଓ ନାଥାନ କୋଲଟର ନାଇଲ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଦଳ ପକ୍ଷରୁ ଓପ୍‌ନର କ୍ୱିଣ୍ଟନ ଡି’କକ୍ ଦୁଇଟି ଛକା ସହ ୧୬ ବଲ୍‌ରୁ ୨୨ରନ୍ କରିଥିବାବେଳେ ଅଧିନାୟକ ଫାଫ୍ ଡୁ’ପ୍ଲେସି ୧୫ ବଲ୍‌ରୁ ୨୭ ରନ୍ କରିଥିଲେ। ଏହି ଏକମାତ୍ର ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜକୁ ଦକ୍ଷିଣ ଆଫ୍ରିକା ୨-୧ରେ ଜିତି ସାରିଥିଲା।

## ଫାଇନାଲ୍‌ରେ ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧା

**ବାଲେଶ୍ୱର ଅଫିସ,୧୭।୧୧**

ବାଲେଶ୍ୱର ପର୍‌ମିଟ୍ ପଡ଼ିଆରେ କ୍ଲବ ‘ୟୁ ଆଣ୍ଡ ମି’ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

ସର୍ବଭାରତୀୟ ଚାମ୍ପିୟନଶିପ୍‌ର ପ୍ରଥମ ମ୍ୟାଚ୍ ତାମିଲନାଡୁ ଏଫ୍‌ଆଇସି ଏକାଡେମୀ ଓ ବାରିପଦା କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତାମିଲନାଡୁ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ୍ ହରାଇ ୨୧୪ ରନ୍ କରିଥିଲା। ଦଳ ତରଫରୁ ସୁଧନ ୬୬, ରାଜକୁମାର

**ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି୨୦**

୫୧, ସଞ୍ଜୀୟ ୟାଦବ ୪୧ ରନ୍ କରିଥିବା ବେଳେ କଳିଙ୍ଗ ତରଫରୁ ସଞ୍ଜୀୟ ସାହୁ ଓ ହରିଶଙ୍କର ଘୋଷ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ କଳିଙ୍ଗ ୧୭.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୧ ରନ୍ କରି ପରାଜିତ ହୋଇଥିଲା। ତାମିଲନାଡୁ ତରଫରୁ ରାଜକୁମାର, ସଞ୍ଜୀୟ ୟାଦବ, ମଜହର ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ରାଜକୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିପ୍ରହରରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁ ଆର୍ମି ସର୍ଭିସ୍ କର୍ପସ୍ ଏବଂ ସେରସା ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେରସା ରାଞ୍ଚି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ୍ ହରାଇ ୨୦୫ ରନ୍ କରିଥିଲା। ଦଳ ତରଫରୁ ମୋହିତ କୁମାର ୧୧୧ ରନ୍ ଓ ୱାଲଟର ଟୋପ ୪୪ ରନ୍ କରିଥିଲେ। ବେଙ୍ଗାଲୁରୁ ତରଫରୁ ଇର୍ଫାନ ଖାଁ ଓ ଅଭିଷେକ ସିହ୍ନା ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ବେଙ୍ଗାଲୁରୁ ୧୨.୪ ଓଭରରେ ନିଜର ସମସ୍ତ ଉଇକେଟ ହରାଇ ୯୪ ରନ୍ କରି ପରାଜୟ ବରଣ କରିଥିଲା। ମୋହିତ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଟୁର୍ଣ୍ଣାମେଣ୍ଟର ପ୍ରଥମ ରାତ୍ରି ସେମିଫାଇନାଲ ମ୍ୟାଚ୍ ଛତିଶଗଡ଼ ଫରେଷ୍ଟ ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛତିଶଗଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ଖୋର୍ଦ୍ଧା ରେଲୱେ ଦଳ ୧୫.୫ ଓଭରରେ ୨ ଉଇକେଟ୍ ବିନିମୟରେ ନିଜର ବିଜୟ ଲକ୍ଷ୍ୟ ହାସଲ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଅଙ୍କିତ୍ ୟାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଶନିବାର ରାତିରେ ଫ୍ୟୁଚର୍ ଇଣ୍ଡିଆ କ୍ରିକେଟ୍ ଏକାଡେମୀ ଏବଂ ସାଉଥ୍ ଇଣ୍ଡିଆନ୍ ରେଲୱେ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଛି। ଅସିତ ପଟ୍ଟନାୟକ, ପ୍ରୀତିରଞ୍ଜନ ବିଜୟ ସିଂ, ଅଶ୍ୱିନୀ ସାମଲ ଖେଳ ପରିଚାଳନା କରିଥିଲେ।




ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

## ଅଭିଜ୍ଞ ଡିଫେଣ୍ଡର କୋଥାଜିତ୍

**ପୂରା ନାମ:** କୋଥାଜିତ୍ ସିଂ ଖଡଙ୍ଗବାମ୍
**ଜନ୍ମ:** ଇମ୍ଫାଲ, ମଣିପୁର
**ବୟସ:** ୨୬
**ସ୍ପୋର୍ଟ୍ସ:** ଫିଲ୍ଡ ହକି
**ପ୍ଲେଇଙ୍ଗ୍ ପୋଜିଶନ:** ସେଣ୍ଟର ହାଫ୍
**କୋଚ୍:** ମାଇକେଲ ନୋବ୍ସ
**ପିତା:** ଖଡଙ୍ଗବାମ୍ ଧନଞ୍ଜୟ ସିଂ
**ମାତା:** ଖଡଙ୍ଗବାମ୍ ଅଙ୍ଗବି ପ୍ରଭାବତୀ ଦେବୀ
**ମେଡାଲ ରେକର୍ଡ:** ୨୦୧୫ ହକି ୱାର୍ଲ୍ଡ ଲିଗ୍, ରାୟପୁର: ବ୍ରୋଞ୍ଜ୍; ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଗ୍ଲାସଗୋ: ରୌପ୍ୟ

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରର ଆଉ ଜଣେ ଖେଳାଳି ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ଦଳର ଉପ- ଅଧିନାୟକ ଚିଙ୍ଗ୍‌ଲେନସାନା ସିଂ କଙ୍ଗୁଜାମଙ୍କୁ ବାଦ୍ ଦେଲେ ମଣିପୁରର କୋଥାଜିତ୍ ସିଂ ଖଡଙ୍ଗବାମ ମଧ୍ୟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଜଣେ ମିଡ୍‌ଫିଲ୍ଡର ହିସାବରେ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ସେ ଏହି ମେଗା ଇଭେଣ୍ଟରେ ଡିଫେଣ୍ଡର ଭୂମିକାରେ ଅବତୀର୍ଣ୍ଣ ହେବେ। ପି. ନିଳକୋମଲ ଓ କେଏସ୍ ଥୋଇବାଙ୍କ ପରେ ସେ ମଣିପୁରର ତୃତୀୟ ହକି ଖେଳାଳିଭାବେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଛନ୍ତି। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସ୍କଟ୍‌ଲାଣ୍ଡର ଗ୍ଲାସଗୋରେ ଅନୁଷ୍ଠିତ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ଖେଳି ସେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପେନାଲ୍ଟି ଶୁଟ୍ ଆଉଟ୍‌ରେ ୪-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ସେ ଭାରତ ପାଇଁ ଏକମାତ୍ର ଗୋଲ ସ୍କୋର କରିଥିଲେ।

ଭାରତୀୟ ଜୁନିୟର ଦଳର ଉପ ଅଧିନାୟକ ଭାବେ ସେ ସୁଲତାନ ଅଫ ଜୋହର କପ୍‌ରେ ଦାୟିତ୍ୱ ନିଭାଇଛନ୍ତି। ମାତ୍ର ୧୪ ବର୍ଷ ବୟରୁ ସେ ମଣିପୁରର ପୋଷ୍ଟେରିୟର ହକି ଏକାଡେମୀରେ ଭର୍ତ୍ତି ହୋଇଥିଲେ। ୨୦୦୯ରେ ସେ ଲକ୍ଷ୍ନୌସ୍ଥିତ ସାଇ ସେଣ୍ଟରରେ ଯୋଗ ଦେଇଥିଲେ। ସେ ଜଣେ ଶାନ୍ତ ସ୍ୱଭାବର ଖେଳାଳି ଥିଲେ ଓ ପାସ୍ ଦେବାରେ ତାଙ୍କ ପାଖରେ ଉତ୍କୃଷ୍ଟତା ଥିଲା। ନିଜର ଅସାଧାରଣ ସ୍କିଲ ପାଇଁ ସେ କୋଚ୍ ଓ ଅଧିନାୟକଙ୍କର ପ୍ରିୟ ଥିଲେ। ବିଭିନ୍ନ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟରେ ସେ ନିଜର ସ୍କିଲ ପ୍ରମାଣିତ କରିଛନ୍ତି।

୨୦୧୧ରେ ଅନୁଷ୍ଠିତ ୩୪ତମ ରାଞ୍ଚି ନ୍ୟାଶନାଲ ଗେମ୍ସରେ ଦମ୍‌ଦାର ପ୍ରଦର୍ଶନ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ୨୦୧୨ରେ ଏକ ଟେଷ୍ଟ ସିରିଜରେ ଅଂଶଗ୍ରହଣ କରି ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଏହାପରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଲଣ୍ଡନ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ମଧ୍ୟ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଗୋଟିଏ ପରେ ଗୋଟିଏ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟ ଖେଳି ସେ ନିଜର ପ୍ରତିଭା ପ୍ରମାଣ କରିବା ସହ ଭାରତୀୟ ଦଳର ନିୟମିତ ସଦସ୍ୟ ବନିଯାଇଥିଲେ। ଇଣ୍ଡିଆନ ଅଏଲରେ ଚାକିରି କରୁଥିବା କୋଥାଜିତ୍ ଆଗାମୀ ବିଶ୍ୱକପ୍‌ରେ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ହେଡ୍ କୋଚ୍ ହରେନ୍ଦ୍ର ସିଂ ମଧ୍ୟ ତାଙ୍କ ଉପରେ ଭରସା ରଖିଛନ୍ତି। ଏପର୍ଯ୍ୟନ୍ତ ସେ ଭାରତ ପାଇଁ ୧୮୬ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିସାରିଛନ୍ତି।

୨୦୧୨ ଅଲିମ୍ପିକ୍ସରେ ତାଙ୍କୁ ଅନ୍ତିମ ୧୬ ଜଣିଆ ଦଳରେ ସାମିଲ କରା ନ ଯାଇ ଷ୍ଟାଣ୍ଡବାଇ ଖେଳାଳିଭାବେ ଦଳରେ ରଖାଯାଇଥିଲା। ଅବଶ୍ୟ ଏହା ତାଙ୍କୁ ନିରାଶ କରିଥିଲା। ସକାରାତ୍ମକ ଦୃଷ୍ଟଭଙ୍ଗୀ ପାଇଁ ସେ କୋଚ୍‌ଙ୍କ ସମେତ ଦଳର ଅନ୍ୟ ଖେଳାଳିଙ୍କ ନିକଟରେ ସେ ବେଶ୍ ପ୍ରିୟ ରହିଆସିଛନ୍ତି। କୋଚ୍ ଓ ଅଧିନାୟକଙ୍କ ସହ ତାଙ୍କର ସହଯୋଗୀ ମନୋଭାବ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ପିତା ଖଡଙ୍ଗବାମ ଧନଞ୍ଜୟ ସିଂ ଓ ମା’ ଖଡଙ୍ଗବାମ ଅଙ୍ଗବି ପ୍ରଭାବତୀ ଦେବୀଙ୍କର ୪ ପୁଅଙ୍କ ମଧ୍ୟରୁ ସେ ଅନ୍ୟତମ। କୋଥାଜିତଙ୍କ ସମେତ ତାଙ୍କ ଅନ୍ୟ ୩ ଭାଇ ମଧ୍ୟ ହକି ଖେଳ ସହ ଜଡିତ ରହିଆସିଛନ୍ତି। ନିଜର ଧୀର, ମନ୍ଥର ଓ ଶାନ୍ତ ସ୍ୱଭାବ କାରଣରୁ ସେ ଅନ୍ୟ ଖେଳାଳିମାନଙ୍କଠାରୁ ସ୍ପଷ୍ଟ ଭାବେ ଭିନ୍ନ ଜଣାପଡନ୍ତି। ବିଶ୍ୱକପ୍‌ରେ ତାଙ୍କୁ କୋଚ୍ ଯେଉଁ ଦାୟିତ୍ୱ ଦେବେ ତାହାକୁ ସେ ପଡିଆରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ ବୋଲି କୋଥାଜିତ୍ କୁହନ୍ତି। ଭୁବନେଶ୍ୱରର ଘରୋଇ ଦର୍ଶକଙ୍କ ସାମ୍ନାରେ ଆମେ ଭଲ ଖେଳିବୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ୨୬ ବର୍ଷରେ ପଦାର୍ପଣ କରିଥିବା କୋଥାଜିତ୍‌ଙ୍କ ଫିଟ୍‌ନେସ ବେଶ୍ ଉଚ୍ଚକୋଟୀର। ଶେଷ ପର୍ଯ୍ୟନ୍ତ ଲଢିବା ଓ ହାର ନ ମାନିବାର ପ୍ରବୃତ୍ତି ଯୋଗୁ ସେ ଭାରତୀୟ ଦଳରେ ଆହୁରି କିଛି ବର୍ଷ ସକ୍ରିୟ ରହିବେ ବୋଲି ଆଶା କରାଯାଉଛି। ତେବେ ଆଗାମୀ ବିଶ୍ୱକପ୍‌ରେ ସେ ଦଳରେ କିପରି ସନ୍ତୁଳନ ରକ୍ଷା କରିବା ଭୂମିକା ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। କୋଥାଜିତ୍‌ଙ୍କୁ ବାଦ ଦେଲେ ଭାରତୀୟ ଦଳରେ ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, ସୁରେନ୍ଦ୍ର କୁମାର ଓ ଅମିତ ରୋହିଦାସଙ୍କ ଭଳି ଡିଫେଣ୍ଡର ରହିଛନ୍ତି। ବିଶ୍ୱକପ୍‌ରେ ଅନ୍ତିମ ଏକାଦଶରେ ସାମିଲ ହେବାକୁ ହେଲେ ଏମାନଙ୍କ ମଧ୍ୟରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତା ହେବ। ତେବେ ପରିଶେଷରେ ଏହା ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଇଞ୍ଜୁରି କାରଣରୁ ଏସ.ଭି. ସୁନୀଲ ଓ ରୁପିନ୍ଦର ପାଲ ସିଂଙ୍କ ଭଳି ତାରକା ଖେଳାଳି ଭାରତୀୟ ଦଳରୁ ବାଦ ପଡିଥିବାରୁ କୋଥାଜିତ ଓ ଅନ୍ୟ ଖେଳାଳିଙ୍କ ଗୁରୁତ୍ୱ ବଢିଯାଇଛି।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ନଭେମ୍ବର ୧୮/୨୦୧୮ Bhubaneswar, Sunday, November 18/ 2018

## ସଂକ୍ଷେପରେ

### ରାଷ୍ଟ୍ରପତିଭବନରୁ ପ୍ରକାଶ ପାଇଲା ବିଜ୍ଞପ୍ତି

### ଡ.ଅକ୍ଷୟ୍ ମିଶ୍ର ଓଡ଼ିଶା ହାଇକୋର୍ଟ ବିଚାରପତି

**କଟକ ଅଫିସ, ୧୭।୧୧:** ଅକ୍ଷୟ କୁମାର ମିଶ୍ର ଓଡ଼ିଶା ହାଇକୋର୍ଟର ବିଚାରପତିଭାବେ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ତାଙ୍କ ନାମକୁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିଶ କରାଯାଇଥିଲାବେଳେ ଏବେ ରାଷ୍ଟ୍ରପତିଭବନ ପକ୍ଷରୁ ମିଶ୍ରଙ୍କ ନିଯୁକ୍ତିକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମିଶ୍ର ଏବେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଭାବେ କାର୍ଯ୍ୟ କରୁଛନ୍ତି। ଯାଜପୁର ଜିଲାରେ ଜନ୍ମଗ୍ରହଣ କରିଥିବା ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କଟକର ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଆଇନ ଶିକ୍ଷା ସମାପ୍ତ କରିଥିଲେ। ଇତିମଧ୍ୟରେ ସେ ବଲାଙ୍ଗୀର ଜିଲା ଜଜ୍, ସିବିଆଇ ଜଜ୍ ସମେତ ନ୍ୟାୟିକ ବ୍ୟବସ୍ଥାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।

### ଜାତୀୟ ପ୍ରେସ୍ ଦିବସ ପାଳିତ

**ଯାଜପୁରରୋଡ,୧୭।୧୧(ନି.ପ୍ର.):** ବ୍ୟାସନଗର ସହରରେ ଥିବା ପ୍ରେସ୍ ଫୋରମ୍ ଓ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ୍ ପକ୍ଷରୁ ଶୁକ୍ରବାର ଜାତୀୟ ପ୍ରେସ୍ ଦିବସ ଅନୁଷ୍ଠିତ ହୋଇଯାଇଛି । ବ୍ୟାସନଗର ପ୍ରେସ୍ ଫୋରମ୍ ପକ୍ଷରୁ ବ୍ୟାସନଗର ପ୍ରେସ୍ ଫୋରମ୍ କାର୍ଯ୍ୟାଳୟରେ ସଭାପତି ଅଭୟ କୁମାର ପତିଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରକାଶ ରାଉତ, ଜ୍ଞାନ ଓଝା, ଉଦୟ ଖଣ୍ଡାଇ ପ୍ରମୁଖ ବହୁ ଗଣମାଧମ ପ୍ରତିନିଧି ଯୋଗଦେଇଥିଲେ । ସେହିପରି ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ପ୍ରେସ୍ ଦିବସ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ହରାଧନ ବାନାର୍ଜୀ ଅଧକ୍ଷତା କରିଥିଲେ । ଏହି ଦିବସରେ ଖବରଦାତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାବୁରାମ ଜେନା, ଶରତ ପୋଥାଳ, ଉମାକାନ୍ତ ରାଉତ, ଚିନ୍ତାମଣି ପାଢ଼ୀ, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଦେବେନ୍ଦ୍ର ନାୟକ, ଜ୍ଞାନ ରାଉତ, ବିଶ୍ୱରଞ୍ଜନ ପଟ୍ଟନାୟକ, ପବିତ୍ର ମହାନ୍ତି, ଜଗଦିଶ ମଟାଣିଆ, ବିଜୟ ସାହୁ ଓ ଭରତ ରାଉତ ପ୍ରମୁଖ ବହୁ ଗଣମାଧମ ପ୍ରତିନିଧି ଯୋଗଦେଇଥିଲେ ।

### ନିଖୋଜ ନାବାଳିକାଙ୍କ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୭।୧୧ (ଡି.ଏନ.ଏ.):** ତିରିଙ୍ଗ ଥାନା ଅନ୍ତର୍ଗତ ଦୁମାଡାଣ୍ଡି ଗ୍ରାମରୁ ଗତ ୪ ଦିନ ଧରି ନିଖୋଜ ଥିବା ଜନୈକା ନାବାଳିକାଙ୍କ ମୃତଦେହ ଗ୍ରାମ ପାର୍ଶ୍ୱ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ନାବାଳିକା ବାଲିଆସାହି ବସ୍ତି ଅଞ୍ଚଳର ଅଲିଆ ବୁଡୁଉଲିଙ୍କ ୧୫ ବର୍ଷୀୟା ନାବାଳିକା ଝିଅ ଲିବି ବୁଡୁଉଲି ବୋଲି ଜଣାଯାଇଛି । ସେ ଗତ ବୁଧବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କ ପତ୍ତା ପାଇପାରି ନ ଥିଲେ। ଶୁକ୍ରବାର ଘରଠୁ କିଛି ଦୂର ଜଙ୍ଗଲରେ ଏକ ମୃତଦେହ ଝୁଲୁଥିବା ଖବର ପାଇ ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ।

## ■ ରାମ୍‌କୋକୁ ପୁଣି ଏକ ଅନୁମତି

# ଦୈନିକ ୧୦୦ କିଲୋଲିଟର ଶୋଷିବ ଭୂତଳ ଜଳ

- ■ଖରା ମାସରେ ପାଣି ପାଇଁ ହନ୍ତସନ୍ତ ହେବେ ଅଞ୍ଚଳବାସୀ
- ■ଜନଶୁଣାଣି ନ କରି ଚଳାଇଛି କାରଖାନା କାର୍ଯ୍ୟ
- ■ଜନଶୁଣାଣି ନହେଲେ ଇସି ମିଳିବ ନାହିଁ-ଆରଓ

**ଯାଜପୁର ଅଫିସ,୧୭।୧୧**

ପରିବେଶଗତ ଅନୁମତି(ଏନଭାରମେଣ୍ଟ କ୍ଲିୟରାନ୍ସ) ନାହିଁ କିମ୍ବା ଜନଶୁଣାଣିର ଆୟୋଜନ କରି ନ ଥିବା ଏକ ସିମେଣ୍ଟ କମ୍ପାନୀକୁ ରାଜ୍ୟ ସରକାର ଅଯାଚିତ ଭାବେ ସବୁ ପ୍ରକାର ସୁବିଧା ଯୋଗାଇ ଦେଇ ଆସୁଛନ୍ତି। ଏଥିରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ଆଶୀର୍ବାଦ ରହିଥିବାରୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାଶପୁରଠାରେ ନିର୍ମାଣାଧିନ ରାମ୍‌କୋ ସିମେଣ୍ଟ କାରଖାନାରେ ଏହିସବୁ ବେଆଇନ କାର୍ଯ୍ୟ ଦେଖିବାକୁ ମିଳିଛି। ଏହିକ୍ରମରେ ଚଳିତ ମାସ ପ୍ରଥମ ସପ୍ତାହରେ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ରାମ୍‌କୋକୁ ଦୈନିକ ୧୦୦କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଥମେ ଜନଶୁଣାଣି ଓ ପରେ ପରିବେଶଗତ ଅନୁମତି ନ ମିଳିବା ପର୍ଯ୍ୟନ୍ତ କୌଣସି ପ୍ରଦୂଷଣକାରୀ କାରଖାନା ପ୍ରତିଷ୍ଠା କରି ପାରିବ ନାହିଁ ବୋଲି ଆଇନ ରହିଛି । କିନ୍ତୁ ରାମ୍‌କୋ କ୍ଷେତ୍ରରେ ଏହି ନିୟମ କୌଣସି ଧାର ଧାରୁ ନ ଥିବା ଦେଖିବାକୁ ମିଳୁଛି।

ଓଡ଼ିଶାର ବିକାଶରେ ଶିଳ୍ପ ହିଁ ମୁଖ୍ୟ ଆୟୁଧ। ଏଣୁ ସରକାର ଓ ପ୍ରଶାସନିକ ଅଧିକାରୀ ସବୁବେଳେ କୃଷି ଓ କୃଷକଙ୍କୁ ହେୟ ମନେ କରି ଶିଳ୍ପକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଯାଜପୁର ଜିଲାରେ ଶିଳ୍ପ କମ୍ପାନୀକୁ ଅଖଣ୍ଡ କ୍ଷମତା ଦିଆଯାଇଛି। କିନ୍ତୁ କମ୍ପାନୀ ଦ୍ୱାରା ପ୍ରଭାବିତ ହେଉଥିବା ଲୋକଙ୍କ କଥା ବୁଝିବାକୁ କାହାରି ପାଖରେ ସମୟ ନାହିଁ। କହିବାବାହୁଲ୍ୟ ଯେ, ଗରିବ ଲୋକଙ୍କୁ ଛାଡ଼ି ଅନ୍ୟସମସ୍ତ ପ୍ରଭାବଶାଳୀ ବ୍ୟକ୍ତି କମ୍ପାନୀବାଲାଙ୍କ ଚାଟୁକାର ସାଜିଛନ୍ତି। ଫଳରେ ବିଭିନ୍ନ ମାଧମରେ କମ୍ପାନୀବାଲା ଫାଇଦା ହାସଲ କରିବାକୁ ଲାଗି ପଡ଼ିଛନ୍ତି। ଯିଏ କମ୍ପାନୀବାଲାଙ୍କ ସପକ୍ଷରେ ଯାଉଛନ୍ତି ସେ ରାତାରାତି ଲକ୍ଷପତି ହୋଇ ଯାଉଛି। ବ୍ୟକ୍ତିଗତ ସୁବିଧା ହାତେଇବା ଲାଗି ତାଙ୍କୁ କମ୍ପାନୀବାଲା ଓ ସରକାର ବି ସହଯୋଗ କରୁଛି। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇମାମି ଓ ଜେଏସ୍‌ଡବ୍ଲ୍ୟୁ ଜନଶୁଣାଣିରେ ଲୋକଙ୍କ ସମର୍ଥନ ନେଇ କାରଖାନା ପ୍ରତିଷ୍ଠା କରୁଛନ୍ତି। କିନ୍ତୁ ଏକ ଅଣଓଡ଼ିଆ ସଂସ୍ଥା ରାମ୍‌କୋ ଉପରେ ଜନଶୁଣାଣି ଛାଡ଼ପ୍ରାପ୍ତ କରାଯାଇଛି। ଅନ୍ୟପକ୍ଷେ ନିକଟରେ ଏକ ଓଡିଆ ସିମେଣ୍ଟ କମ୍ପାନୀ ଯାଜପୁର ସିମେଣ୍ଟକୁ ଜନଶୁଣାଣି କରିବାକୁ ବାଧ କରାଯାଇଛି। ତାମିଲନାଡୁ ରାଜ୍ୟର ବିରୁଧୁନଗର ରାଜାପଲୟମ ତହସିଲ ଅଧିନସ୍ଥ ଏହି କମ୍ପାନୀ ୪୪୦କୋଟି ଟଙ୍କା ବ୍ୟୟରେ ୧୦୦ଏକର ଜମିରେ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ନିର୍ମାଣାଧିନ ଅବସ୍ଥାରେ ରହିଛି । କାରଖାନା ଉତ୍ପାଦନ ଆରମ୍ଭ ହେଲେ ବାଟିଜଙ୍ଗା, ଟେଲର, ଥାନୁଆଳ, ଜୋଗଡା, ମୁରାରୀପୁର, ନାନପୁର, ହରିଦାସପୁର, ଉଡଙ୍ଗା, ବାଜବାଟି, ଭାତୁରୁପୋଷି ଓ ରଥିଆ ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେବେ। ଏହାସତ୍ତ୍ୱେ ଜନଶୁଣାଣି ନ ହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜନଶୁଣାଣି ନ କରି ନିର୍ମାଣରେ ଲାଗିଥିବା ଏହି ରାମ୍‌କୋ କମ୍ପାନୀକୁ ଏବେ ଜଳସମ୍ପଦ ବିଭାଗ ପକ୍ଷରୁ ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ମିଳିଛି। ଏଥିପାଇଁ ଗତ ୨୩।୬।୨୦୧୮ରେ ଡିଏଲ୍‌ଇସି ବୈଠକରେ ମଞ୍ଜୁର ହେବା ପରେ ଜାରକା ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୨୭୬୬/ଡବ୍ଲ୍ୟୁଇ/୨୧।୭।୨୦୧୮ରେ ଅନୁପାଳନ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ବିଭୂତିଭୂଷଣ ଧଳ ତାଙ୍କ ପତ୍ରସଂଖ୍ୟା ୨୩୬୫୭/୧।୮।୨୦୧୮ରେ ୧୭ ଦଫା ବିଭିନ୍ନ ସର୍ତ୍ତ ରଖି ଭୂତଳ ଜଳ ବ୍ୟବହାର କରି ପାରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ପତ୍ରସଂଖ୍ୟା ୫୧୬/୧।୩।୨୦୧୬ରେ ସଂସ୍ଥାଗୁଡିକ ନିଜ ନିଜ କାରଖାନା ଅଞ୍ଚଳରେ ବୋରୱେଲ ଖନନ କରି ଭୂତଳ ଜଳ ବ୍ୟବହାର କରୁଥିବାରୁ ଜଳସ୍ତର ନିମ୍ନଗାମୀ ହୋଇ ଖରା ମାସରେ ନଳକୂପଗୁଡିକରେ ଆବଶ୍ୟକ ପାଣି ବାହାରୁ ନ ଥିବା ସ୍ୱୀକାର କରିଛନ୍ତି। ଏଭଳିସ୍ଥଳେ ରାମ୍‌କୋ ଦୈନିକ ୧୦୦କିଲୋଲିଟର ଭୂତଳ ଜଳ ବ୍ୟବହାର କଲେ ନିଶ୍ଚିତ ଭାବରେ ଅଞ୍ଚଳବାସୀ ପାଣି ପାଇଁ କଷ୍ଟ ଭୋଗିବେ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଆଞ୍ଚଳିକ ଅଧିକାରୀ(ଆରଓ) ହାଡ଼ିବନ୍ଧୁ ପାଣିଗ୍ରାହୀଙ୍କୁ ପଚାରିବାରେ ସେ କହିଛନ୍ତି ଜନଶୁଣାଣି ନ ହେଲେ ପରିବେଶଗତ ଅନୁମତି ମିଳିବା କଥା ନୁହେଁ । ପରିବେଶ ଅନୁମତି ମିଳିବା ପୂର୍ବରୁ କମ୍ପାନୀ କାର୍ଯ୍ୟ ଆରମ୍ଭ ହୋଇ ପାରିବ ନାହିଁ । ରାମ୍‌କୋ କ୍ଷେତ୍ରରେ ଫାଇଲ ଦେଖିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପାଣିଗ୍ରାହୀ କହିଛନ୍ତି।

### ଭାଜପା ପକ୍ଷରୁ ଜନପରାମର୍ଶ ଯାତ୍ରା



**ଧର୍ମଶାଳା, ୧୭।୧୧(ଡି.ଏନ୍.ଏ.)**

ଧର୍ମଶାଳା ଭାଜପା ପକ୍ଷରୁ ଶନିବାର ମଧୁସୁଦନପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜନ ପରାମର୍ଶଯାତ୍ରା ଅନୁଷ୍ଠିତ ହୋଇଛି। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ତଥା ଧର୍ମଶାଳା ଭାଜପା ନେତା ରମେଶ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଶନିବାର ମଧୁସୁଦନପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ଭେଟି ରାଜ୍ୟ ସରକାରଙ୍କ ଅପାରଗତା ଓ କେନ୍ଦ୍ର ସରକାରଙ୍କ ଜନହିତକାରୀ କାର୍ଯ୍ୟକ୍ରମ ଉପରେ ବୁଝାଇଥିଲେ। ଏହି ପଦଯାତ୍ରାରେ ଜିଲାପରିଷଦ ସଭ୍ୟ ରଶ୍ମୀରଞ୍ଜନ ନାୟକ, ଗଣେଶ୍ୱର ସାହୁ, ନିରଞ୍ଜନ ବେହେରା, ରଘୁନାଥ ବେହେରା, ବାସୁଦେବ ରାଉତ, ସତ୍ୟାନନ୍ଦ ପାଣି, ସରୋଜ ପରିଡା, ସମିତି ସଭ୍ୟା ଯଶୋଦା ପରିଡା, ଚନ୍ଦ୍ରକାନ୍ତ ପଣ୍ଡିତ ପ୍ରମୁଖ ସହେଯାଗ କରିଥିଲେ।

## ■ ବେଆଇନ ବାଲିଘାଟ ଉପରେ ଚଢ଼ାଉ

# ୮ ଟ୍ରାକ୍ଟର, ୧ ଜେସିବି ଜବତ

**ବିରଜାକ୍ଷେତ୍ର,୧୭।୧୧(ଡି.ଏନ.ଏ.)**

ଯାଜପୁର ତହସିଲଦାର ସୁନୀଲ କୁମାର ମେହେର ଯାଜପୁର ପୋଲିସ ଓ ସଦର ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ବେଆଇନ ଭାବେ ପରିବହନ ହେଉଥିବା ଦେବୀଗଡ଼ା, ନାଥସାହି, ପୁରୁଷୋତ୍ତମପୁର ବାଲି ଘାଟ ଉପରେ ଚଢ଼ାଉ କରି ୮ ଟ୍ରାକ୍ଟର ଓ ୧ ଜେସିବି ଜବତ କରିଛନ୍ତି। ଜେସିବି ଓ ୪ ଟ୍ରାକ୍ଟର ମାଲିକ ଆଫିଡେଭିଟ୍ ଦେଇ ଗାଡ଼ିଗୁଡ଼ିକ ନେଇଥିବା ବେଳେ ଅନ୍ୟ ୪ଟି ଗାଡ଼ି ଥାନାରେ ଜବତ ହୋଇ ରହିଥିବା ତହସିଲଦାର ମେହେର ସୂଚନା ଦେଇଥିଲେ। ଗତ କିଛିଦିନ ତଳେ ଯାଜପୁର ତହସିଲଦାର ବେଆଇନ ବାଲିଘାଟ ଉପରେ ଚଢ଼ାଉ କରି ୩୦ ଟ୍ରାକ୍ଟର ଓ ଜେସିବି ଜବତ କରି ପାଖାପାଖି ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରିଥିଲେ। ଦେବୀଗଡ଼ା, ଗଣେଶ୍ୱରପୁର, ମଲ୍ଲିକାପୁର ପ୍ରଭୃତି ବୈତରଣୀ ଓ ବୁଢ଼ା ନଦୀରୁ ବେଆଇନ ଭାବେ ବାଲି ଉଠାଣ କରୁଥିବା ଗାଡ଼ିକୁ ଜବତ କରିଥିଲେ। ଯୁବ ମହୋତ୍ସବ ଓ ଜିଲା ମହୋତ୍ସବ ଅନୁଷ୍ଠିତ ହେଉଥିବା ଯୋଗୁ ପ୍ରଶାସନିକ ଅଧିକାରୀ ଏଥିରେ ନିୟୋଜିତ ହୋଇପାରୁ ନ ଥିବାରୁ ଏହାର ସୁଯୋଗ ନେଇ ବାଲି ମାଫିଆ ସକ୍ରିୟ ହୋଇ ଉଠିଥିବା ଦେଖିବାକୁ ମିଳିଛି। ସେହିପରି ଯାଜପୁର ବ୍ଲକ ଖରସ୍ରୋତା ନଦୀର କଳସପୁର ଘାଟରୁ ରାତି ୧୧ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ବେଆଇନ ଭାବେ ବାଲି ଉଠାଣ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଗତବର୍ଷ ଏହି ସ୍ଥାନରୁ ବେଆଇନ ଭାବେ ବାଲି ଉଠାଣ ହେଉଥିବା ନେଇ ତତ୍କାଳୀନ ତହସିଲଦାର ଲକ୍ଷ୍ମୀକାନ୍ତ ମିଶ୍ର ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ବାଲିଘାଟ ଉପରେ ଚଢ଼ାଉ କରିଥିଲେ। ଏଥିପ୍ରତି ତହସିଲଦାର ଦୃଷ୍ଟିଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିର୍ମାଣାଧୀନ ରାମ୍‌କୋ କାରଖାନା ସମ୍ମୁଖରେ ଗଣଧାରଣା



ଧାରଣାରେ ବସିଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ।

**ଧର୍ମଶାଳା,୧୭।୧୧(ଡିଏନଏ)**

ଧର୍ମଶାଳା ବ୍ଲକ୍ ହରିଦାସପୁର ସ୍ଥିତ ନିର୍ମାଣଧୀନ ରାମ୍‌କୋ ସିମେଣ୍ଟ କାରଖାନା ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ରାଯାଇଥିଲା। ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି , ଅନାବାଦୀ ଓ ଗୋଚର ଜମି ହଡ଼ପ ଆଦି ୫ଦଫା ଦାବିରେ ଆରୁହା, ହରିଦାସପୁର ଓ ଥାନୁଆଳ ପଞ୍ଚାୟତର ଶତାଧିକ ଲୋକ ଏହି ଗଣଧାରଣାରେ ସାମିଲ ହୋଇଥିଲେ। ମିଳିତ କ୍ରିୟାନୁଷ୍ଠାନ ସଭାପତି ଉତ୍ସବ ସାମଲ , ସମ୍ପାଦକ ସନ୍ତୋଷ ସାହୁ, ସଭ୍ୟ ସୁରେଶ ସାମଲ, ବିପିନ ସାହୁପ୍ରମୁଖ ନିର୍ମାଣାଧିନ କାରଖାନର ଅଧିକାରୀଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

## ଗୋଷ୍ଠୀ ସଙ୍ଘର୍ଷରେ ୭ ଆହତ

**କୋରେଇ,୧୭।୧୧(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତ ପୂର୍ବକୋଟ ସାପ୍ତାହିକ ହାଟରେ ହାଣ୍ଡିଆ ପିଇବା ସମୟରେ ପୂର୍ବ ଶତ୍ରୁତାକୁ ନେଇ ଶନିବାର ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହୋଇଛି। ଫଳରେ ୭ ଜଣ ଆହତ ହୋଇ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏ ନେଇ କୋରେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେମାନେ ହେଲେ ଅସନଗଡ଼ିଆ ଗ୍ରାମର ସୁକାନ୍ତ ଖଟୁଆ(୩୦), ରାଜେନ୍ଦ୍ର ଖଟୁଆ(୨୫), ଋଷି ଖଟୁଆ(୪୫), ରମାକାନ୍ତ ବେହେରା(୩୦), ଜାରା ବେହେରା(୬୦), ରମେଶ ବେହେରା(୩୫) ଓ ଧୀର ପରିଡ଼ା (୩୨)। ପ୍ରକାଶ ଯେ, ଶନିବାର ଅପରାହ୍ନରେ ପୂର୍ବକୋଟ ହାଟରେ ଅସନଗଡ଼ିଆ ଗ୍ରାମର କିଛି ଆଦିବାସୀ ସମ୍ପ୍ରଦାୟର ଲୋକ ହାଣ୍ଡିଆ ପିଇବାକୁ ଯାଇଥିବା ବେଳେ ପୂର୍ବକୋଟ ତେଲେଙ୍ଗାସାହୀର ୨୦ରୁ ଊର୍ଦ୍ଧ୍ୱ ଯୁବକ ମଧ୍ୟ ସେଠାରେ ପହଞ୍ଚିଥିଲେ। ଫଳରେ ପୂର୍ବ ଶତ୍ରୁତାକୁ ନେଇ ତେଲେଙ୍ଗା ସାହିର ଯୁବକ ହଠାତ୍ ଆଦିବାସୀ ଲୋକଙ୍କୁ ଉପରେ ଆକ୍ରମଣ କରିଥିଲେ।

## ବ୍ୟବସାୟୀଙ୍କୁ ମାଡ଼ ମାରି ଲୁଟିନେଲେ ୧.୮୦ ଲକ୍ଷ ଟଙ୍କା

**ଚଣ୍ଡିଖୋଲ,୧୭।୧୧(ଡି.ଏନ୍.ଏ)**

ଚଣ୍ଡିଖୋଲ ଛକରେ ତେଜରାତି ଦୋକାନ କରି ବ୍ୟବସାୟ କରୁଥିବା ରବୀନ୍ଦ୍ର କୁମାର ସାମଲଙ୍କୁ କେତେଜଣ ଦୁର୍ବୃତ୍ତ ମାଡ଼ ମାରି ୧ଲକ୍ଷ ୮୦ହଜାର ଟଙ୍କା ଲୁଟି ନେଇଥିବା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ରବୀନ୍ଦ୍ର ଦୋକାନ ବନ୍ଦ କରି ସ୍କୁଟି ଡିକିରେ ଏହି ଟଙ୍କା ରଖି ଘରକୁ ଫେରୁଥିଲେ। ୫ନଂ (କ) ଜାତୀୟ ରାଜପଥର ବନ୍ଧା-ପଦ୍ମନାଭପୁର ଛକରୁ ନଦୀବନ୍ଧ ରାସ୍ତାରେ କୁଳହରିପୁର ଯାଉଥିବା ବେଳେ ହଠାତ ଏକ ମୋଟର ସାଇକେଲରେ ୩ଜଣ ଯୁବକ ତାଙ୍କ ଗାଡ଼ିକୁ ଅଟକାଇ ଆକ୍ରମଣ କରିଥିଲେ। ଫଳରେ ରବୀନ୍ଦ୍ର ଗୁରୁତର ହୋଇଥିଲେ। ତାଙ୍କୁ ମାଡ଼ ମାରି ନଦୀବନ୍ଧ ରାସ୍ତାରୁ ପ୍ରାୟ ଦଶଫୁଟ ତଳକୁ ଦୁର୍ବୃତ୍ତମାନେ ଠେଲି ଦେଇଥିଲେ ଏବଂ ଗାଡ଼ିରେ ଥିବା ଟଙ୍କାକୁ ନେଇ ଫେରାର ହୋଇଯାଇଥିଲେ। ସେ ଡାକ ପକାଇବା ପରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଖବର ପାଇ ପୋଲିସଙ୍କୁ ଜଣାଇବା ସହ ଆହତ ରବୀନ୍ଦ୍ରଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏବେ ସେ କୁଲେଇଲୋ ହାଡ଼ଭଙ୍ଗା ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଖବର ମିଳିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା ବେଳେ ଏହାକୁ ଅତି ହାଲକା ଭାବେ ନେଇ ଏହା ଏକ ପରିକଳ୍ପିତ ଲୁଟ ଘଟଣା ବୋଲି ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ବେହେରା ପ୍ରକାଶ କରିଛନ୍ତି।

## ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ଦାବିପତ୍ର ପ୍ରଦାନ

**ଧର୍ମଶାଳା,୧୭।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ବିଦ୍ୟୁତ ଉପଖଣ୍ଡ ଅଧିନରେ ଦୀର୍ଘ ଦିନ ଧରି ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦ କରି ଶନିବାର ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାରକା ବିଦ୍ୟୁତ ଉପଖଣ୍ଡ ଅଧିନରେ ପ୍ରତ୍ୟେକ ଦିନ ବିଭିନ୍ନ ସମୟରେ ଅଘୋଷିତ ଭାବେ ୩ରୁ ୪ଘଣ୍ଟା ବିଦ୍ୟୁତ କାଟ ହେବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ମଧ୍ୟ କିଛି ସୁଫଳ ହେଉ ନାହିଁ। ଏହାର ପ୍ରତିବାଦରେ ସ୍ଥାନୀୟ ଜାରକା ଏବଂ ଏହାର ଆଖପାଖ ଅଞ୍ଚଳର କେତେକ ସ୍ୱେଚ୍ଛାସେବୀ ଯୁବକ କମିଟି ଜାରକା ବିଦ୍ୟୁତ ଉପଖଣ୍ଡର ସହକାରୀ ଯନ୍ତ୍ରୀଙ୍କୁ ଭେଟି ବିଦ୍ୟୁତ କାଟ ବନ୍ଦ କରିବା ଲାଗି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ପାଳନ କରା ନ ଗଲେ ଆଗାମୀ ଦିନରେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଗଣାଧାରଣା ଦେବାକୁ କମିଟି ଚେତାବନୀ ଦେଇଛି। ଜାରକା ସମିତି ସଭ୍ୟ ସୁଦାମ ବେହେରା, ମେନ୍ ମାର୍କେଟ ବଣିକ ସଙ୍ଘ ପକ୍ଷରୁ ଅଶୋକ ସାହୁ, ଯୁବନେତା ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ନଭେମ୍ବର, ୨୦୧୮



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର



**ସଂକ୍ଷେପରେ**

## ଦୀପ ନିଆଁ ଲାଗି ମହିଳା ଗୁରୁତର



**ନୟାଗଡ଼ ଅଫିସ,୧୭।୧୧:** ମନ୍ଦିରରେ ଦୀପ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ନୟାଗଡ଼ ନିଉଟାଉନର ରେଣୁବାଳା ସାହୁ (୫୫)। ପ୍ରକାଶ ଯେ, ରେଣୁବାଳା ଶନିବାର ପୂର୍ବାହ୍ନ ୯ଟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ ଦୀପ ଜାଳିଥିଲେ । ମନ୍ଦିରରୁ ଦୀପ ଜାଳି ଫେରୁଥିବାବେଳେ ଅନ୍ୟ ଏକ ଦୀପରୁ ତାଙ୍କ ଶାଢୀ କାନିରେ ନିଆଁ ଲାଗିଯାଇଥଲା। ନିଆଁ ଲାଗିବା ଦେଖି ଦୁଇଜଣ ବ୍ୟକ୍ତି ଏହାକୁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ସେମାନେ ସାମାନ୍ୟ ଆହତ ହୋଇଥିବାବେଳେ ମହିଳା ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ରେଣୁବାଳାଙ୍କୁ କଟକ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।

## ମା'ନାରାୟଣୀ ପୀଠରେ ଭାଗବତ ସପ୍ତାଙ୍ଗ



**ଖଣ୍ଡପଡା,୧୭।୧୧(ସ୍ୱ.ପ୍ର.):** କାର୍ତ୍ତିକ ଏକାଦଶୀଠାରୁ ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ଶନିବାର ବାର୍ଷିକ ଭାଗବତ ସପ୍ତାଙ୍ଗ ପାଳନ କରାଯାଉଛି। ଶ୍ରଦ୍ଧାଳୁମାନେ ଏହି ପବିତ୍ର ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ମା' ନାରାୟଣୀଙ୍କ ପୀଠରେ ପ୍ରାତଃ କାଳରୁ ସମାଗମ ହେଉଥିବା ପରିଲକ୍ଷିତ ହେଉଛି। ଜୀବ ଜଗତର ସର୍ବ କଲ୍ୟାଣ ନିମିତ୍ତ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସପ୍ତାଙ୍ଗ କାର୍ଯ୍ୟର ମୁଖ୍ୟ କର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି।

## ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ



**ଖଣ୍ଡପଡା,୧୭।୧୧ (ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ବେଣାଗାଡିଆଠାରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏହି ଶିବିର ମହେନ୍ଦ୍ର ସ୍ୱାଇଁ ଚାରିଟେବୁଲ ଟ୍ରଷ୍ଟ ଅନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲ ବ୍ଲଡବ୍ୟାଙ୍କର ଡା. ଶ୍ରୀକାନ୍ତ ଦାଶ, ଟେକ୍‌ନିସିଆନ ନିରଞ୍ଜନ ପଣ୍ଡା ଓ ସହକର୍ମୀମାନେ ସହଯୋଗ କରିଥିଲେ। ଶିବିରରେ ୪୦ ଯୁବତୀଯୁବକଙ୍କଠାରୁ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତଦାନ କରିଥିବା ଯୁବତୀଯୁବକଙ୍କୁ ଟ୍ରଷ୍ଟ ପକ୍ଷରୁ ଆୟୋଜକ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ କୃତଜ୍ଞତା ଜଣାଇଥିଲେ ।

## ସପ୍ତାଙ୍ଗ ଉପଲକ୍ଷେ ଗାଁ ଗଣ୍ଡାରେ ଲାଗିଛି ଗହଳି



ଭାପୁର,୧୭।୧୧(ଡି.ଏନ.ଏ.)- କାର୍ତ୍ତିକ ମାସର ଅଁଳା ନବମୀଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ସାତଦିନ ବ୍ୟାପୀ ଗାଁ ଗଣ୍ଡାରେ ସପ୍ତାଙ୍ଗ ବ୍ରତ ପାଳନ କରାଯାଉଛି। ଗାଁର ମନ୍ଦିରମାନଙ୍କରେ ଆକାଶଦୀପ ଜାଳି ପୁରୁଷ ବ୍ୟକ୍ତିମାନେ ହାତରେ ବ୍ରତ ଧାରଣ କରି ଦିନକୁ ଥରେ ଖାଦ୍ୟ ଖାଇ ଭାଗବତ ପୁରାଣ ଶୁଣିଥାନ୍ତି। ଏ ଉପଲକ୍ଷେ ଅଧିକାଂଶ ଗ୍ରାମରେ ରାତି ୪ଟାରୁ ଧାର୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଦିନତମାମ ଜାରି ରହିଛି। ବ୍ଲକର ଖଇରଗାଡ଼ିଆ ଗ୍ରାମ ସହ ବହୁ ଗ୍ରାମରେ ଏହି କାର୍ଯ୍ୟକ୍ରମ ଲାଗି ରହିଛି। ଏ ଉପଲକ୍ଷେ ପ୍ରତ୍ୟହ ଯଜ୍ଞ କାର୍ଯ୍ୟ ଚାଲୁ ରହିଛି। ପୂର୍ଣ୍ଣମୀରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ।

# ଗଣିଆ ସିଏଚ୍‌ସିରେ ରୋଗୀସେବା ବିପର୍ଯ୍ୟସ୍ତ

**ଗଣିଆ,୧୭।୧୧(ଡି.ଏନ୍.ଏ.)**

ନୟାଗଡ ଜିଲା ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଆବଶ୍ୟକ ଡାକ୍ତର ନ ଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଡେପୁଟେଶନରେ ଥିବା ଜଣେମାତ୍ର ଏମ୍‌ବିବିଏସ୍ ଡାକ୍ତର ପ୍ରାୟ ୧୦ ପଞ୍ଚାୟତର ରୋଗୀଙ୍କ ସ୍ୱାସ୍ଥ୍ୟସେବା କଥା ବୁଝୁଛନ୍ତି। ଆୟୁଷ ବିଭାଗର ୨ଜଣ ଡାକ୍ତର ମଧ୍ୟ ପାଳି କରି ଏଠାରେ ରୋଗୀ ଦେଖୁଛନ୍ତି। ମେଡିକାଲ ଅଫିସର ଖୁବ୍ କମ୍ ସମୟ ଆଉଟ୍‌ଡୋରରେ ବସୁଥିବାବେଳେ ଅନ୍ୟ ସମୟରେ ତାଙ୍କ ଦେଖା ମିଳୁନାହିଁ। ଏଠାରେ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଲାଗିରହିଛି। ରୋଗୀଙ୍କୁ ବେଡ୍‌ଶିଟ ଦିଆଯାଉ ନ ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ପ୍ରତି ମଧ୍ୟ ନଜର ଦିଆଯାଉନାହିଁ।

ଗଣିଆ ସିଏଚ୍‌ସିରେ ଜଣେ ମେଡିକାଲ ଅଫିସରଙ୍କ ସମେତ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ,ଏମ୍‌ବିବିଏସ୍ ଓ ଶଲ୍ୟ ଚିକିତ୍ସକ ପଦବୀ ରହିଥିବାବେଳେ ବର୍ତ୍ତମାନ ଜଣେ ମେଡିକାଲ ଅଫିସର ଓ ଜଣେ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି। ବ୍ଲକର ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରମାନଙ୍କୁ ଡେପୁଟେଶନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ କାମ ଚଳାଯାଉଛି। ଫଳରେ ସମ୍ପୃକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ଠପ୍ ହେବାକୁ ବସିଲାଣି। ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କୁ ୨୦୧୫ ସେପ୍ଟେମ୍ବର ମାସରୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ କାର୍ଯ୍ୟ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାକୁ ନେଇ ଛାମୁଣ୍ଡିଆ ଅଞ୍ଚଳବାସୀଙ୍କ ତରଫରୁ ସେହି ମାସ ୧୫ ତାରିଖରେ ରାସ୍ତାରୋକୋ କରାଯାଇଥିଲା। ପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦାଧିକାରୀମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପର୍ଯ୍ୟନ୍ତ ଡାକ୍ତର ଦେବାଶିଷ ଦାଶ ଗଣିଆ ଓ ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହକୁ ୩ଦିନ ଲେଖାଏ ରୋଗୀଙ୍କୁ ଦେଖିବେ ବୋଲି କହିଥିଲେ । ଏଥିସହ ୬ମାସ ମଧ୍ୟରେ ଡାକ୍ତରଙ୍କ ଡେପୁଟେଶନ ନିର୍ଦ୍ଦେଶକୁ ବାତିଲ କରାଯିବ ଓ ସେ ପୂର୍ବପରି ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପରିତାପର ବିଷୟ ଏହି ଘଟଣାର ୩ବର୍ଷ ବିତିଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର କୌଣସି ପଦାଧିକାରୀ ଏହି ଘଟଣାକୁ ନଜର ଦେଇନାହାନ୍ତି। ଫଳରେ ଛାମୁଣ୍ଡିଆ ଅଞ୍ଚଳବାସୀଙ୍କ ତରଫରୁ ପୁଣି ଥରେ ଜନ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି। ସେହିପରି ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏଏନ୍‌ଏମ୍‌ଙ୍କୁ ନିଯୁକ୍ତି କରାଯାଇଛି। ହେଲେ ୪ବର୍ଷ ଧରି ନିଯୁକ୍ତି ପାଇଥିବା ଏଏନ୍‌ଏମ ଜଣକ ଉପରିସ୍ଥ ଅଧିକାରୀଙ୍କୁ ହାତ କରି ଛାମୁଣ୍ଡିଆ ବଦଳରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିଆସୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ମାତ୍ର ଫାର୍ମାସିଷ୍ଟ ରୋଗୀସେବାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରୁଛନ୍ତି। ଏହି ବ୍ଲକର ରାସଙ୍ଗଠାରେ ଥିବା ଅନ୍ୟ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସଙ୍ଗିନ। ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ସେହି ଗ୍ରାମର ବାପୁଜୀ ଯୁବକ ସଂଘ ଗୃହରେ ରୋଗୀ ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ୍ୟ ଏହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ସେହିପରି ଆଡକଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଫାର୍ମାସିଷ୍ଟ ନିଯୁକ୍ତି ପାଇଛନ୍ତି। ଏଠାରେ ନିଯୁକ୍ତି ପାଇଥିବା ଜଣେ ଆୟୁଷ ଡାକ୍ତରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୌଣସି ଦିନ ଦେଖିବାକୁ ପାଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗଣିଆ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଆଗାମୀ ଦିନରେ ଏକ ବଡଧରଣର ଜନ ଆନ୍ଦୋଳନ ମୁଣ୍ଡ ଟେକିବାରେ ଲାଗିଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଫନୀନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଜିଲାରେ ଡାକ୍ତର ସମସ୍ୟା ଲାଗିରହିଛି, ଆମେ କ'ଣ କରିପାରିବୁ ବୋଲି କହି ପ୍ରସଙ୍ଗକୁ ଏଡାଇଦେଇଥିଲେ ।



ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ ଗଦା।



ବିନା ବେଡ୍‌ଶିଟରେ ଖଟରେ ଚିକିତ୍ସିତ ହେଉଛନ୍ତି ଜଣେ ରୋଗୀ।

- ୫ରୁ ୪ ଡାକ୍ତର ପଦବୀ ଖାଲି
- ବ୍ଲକର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସମାନ ସମସ୍ୟା
- ଆଗାମୀ ଦିନରେ ଜନ ଆନ୍ଦୋଳନ ହେବା ସୂଚନା

## ବାହାଡ଼ାଝୋଲାରେ ଷ୍ଟେଟବ୍ୟାଙ୍କର ଶାଖା ଖୋଲିବାକୁ ଦାବି

**ଓଡ଼ଗାଁ,୧୭।୧୧(ସ୍ୱ.ପ୍ର.)**

ନୟାଗଡ ଜିଲାର ନୂଆଗାଁ ବ୍ଲକ ବାହାଡ଼ାଝୋଲାଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଶାଖା ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବ୍ରିଟିଶ ଅମଳରୁ ଏଠାରେ କୃଷିଭିତ୍ତିକ ମାଣିକପାଟଣା ହାଟ ତଥା ଗୋରୁହାଟ ପ୍ରଚଳିତ ଥିବାବେଳେ ଏଠାରେ ଆରଏମସିର କାର୍ଯ୍ୟାଳୟ ରହିଥିଲା । ହେଲେ ସମ୍ପୃକ୍ତ କାର୍ଯ୍ୟାଳୟକୁ ପରବର୍ତ୍ତୀ ସମୟରେ ନୟାଗଡ ଜିଲା ସଦରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ବହୁ କୋଠାବାଡି ଅବ୍ୟବହୃତ ହୋଇ ପଡିରହିଛି । ଏହା ସହିତ ବାହାଡ଼ାଝୋଲା ପଞ୍ଚାୟତ ସମେତ ହରିପୁର, ସୁନାମୁହିଁ, କାପ୍ତାପଲ୍ଲୀ, ବେରୁଆଁବାରୀ ଆଦି ପଞ୍ଚାୟତ ଓ ପଡୋଶୀ ଗଞ୍ଜାମ ଜିଲାର କେତେକ ଗ୍ରାମର ଲୋକ ଏହିଭଳି ଏକ ବ୍ୟବସାୟିକ କେନ୍ଦ୍ର ଉପରେ ନିର୍ଭରଶୀଳ । ଏଠାରେ ଦୁଇଟି ହାଇସ୍କୁଲ, ସ୍ୱାସ୍ଥ୍ୟ ସେବା କେନ୍ଦ୍ର, ପ୍ରାଣୀ ଚିକିତ୍ସା କେନ୍ଦ୍ର, ଯୁକ୍ତ ୨ ଓ ଯୁକ୍ତ ୩ କଲେଜ, ଆଇଟିଆଇ ସହିତ କେତେକ ଘରୋଇ କାଜୁ କାରଖାନା ରହିଛି । ଏତଦବ୍ୟତୀତ ନୂଆଗାଁ ବ୍ଲକର କୌଣସି ସ୍ଥାନରେ ଭାରତୀୟ ଷ୍ଟେଟବ୍ୟାଙ୍କର ଶାଖା ନ ଥିବାରୁ ବାହାଡ଼ାଝୋଲାରେ ଏହାର ଏକ ଶାଖା ଖୋଲିବାକୁ ପୂର୍ବରୁ ଆଞ୍ଚଳିକ ବିକାଶ କମିଟି ତରଫରୁ ନାରାୟଣ ବେହେରା ପ୍ରମୁଖ ଦାବି କରିଥିଲେ । ଏପରିସ୍ଥଳେ ପୁଣି ଥରେ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଏନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ସହପାଠୀଙ୍କ ଚିକିତ୍ସା ପାଇଁ ଟଙ୍କା ମାଗୁଛନ୍ତି କଲେଜ ଛାତ୍ର

**ରଣପୁର,୧୭।୧୧ (ସ୍ୱ.ପ୍ର.)**

ଖୋର୍ଦ୍ଧା ଜିଲା ସିକୋ ଫାଣ୍ଡି ମୁକ୍ତାପୁର ଗ୍ରାମର ସନ୍ତୋଷ କୁମାର ଜେନା। ରଣପୁର ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷବର୍ଷ କଳା ଶ୍ରେଣୀରେ ପଢନ୍ତି। କିଛିଦିନ ପୂର୍ବେ ସେ ବସ୍‌ରେ ଚଢି କଲେଜ ଆସୁଥିଲା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ସେ ଏବେ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିଲେ ମଧ୍ୟ ପରିବାର ପକ୍ଷେ ତାହା ସମ୍ଭବ ହୋଇପାରୁନାହିଁ। ଏପରିସ୍ଥଳେ କଲେଜର ସହପାଠୀମାନେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ସେମାନେ ବୁଲି ବୁଲି ଅର୍ଥ ସଂଗ୍ରହ କରୁଛନ୍ତି। ଶନିବାର ରଣପୁର ବଜାରରେ ବୁଲି ଟଙ୍କା ମାଗୁଥିବା ସାଙ୍ଗମାନଙ୍କ କହିବା ଅନୁଯାୟୀ, ଗତ ମଙ୍ଗଳବାର ପ୍ରତ୍ୟେକ ଦିନ ପରି ବସ୍‌ରେ ଚଢି କଲେଜ ଆସିବା ପାଇଁ ସିକୋଠାରେ ଅପେକ୍ଷା କରିଥିଲେ ସନ୍ତୋଷ। କିଛି ସମୟ ପରେ ବସ୍ ପହଞ୍ଚିବାରୁ ସମସ୍ତ ଛାତ୍ରୀଛାତ୍ର ଚଢିବା ପରେ ସନ୍ତୋଷ ବସ୍ ଗେଟ୍‌ରେ ଉଠିଥିଲେ। ଏହି ସମୟରେ ହେଲପରଙ୍କ ଇସାରାରେ ଚାଳକ ଗାଡି ଛାଡିଥିଲେ। କିନ୍ତୁ ଭାରସାମ୍ୟ ହରାଇ ସନ୍ତୋଷ ବସ୍‌ରୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅଧିକ ଅର୍ଥ ଆବଶ୍ୟକ ଥିବାବେଳେ ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଲୋକଙ୍କ ପାଇଁ ଏହା ସମ୍ଭବ ହୋଇପାରୁ ନାହିଁ। ଏଥିପାଇଁ ସେମାନେ ବିଭିନ୍ନ ସ୍ଥାନ ବୁଲି ଅର୍ଥ ସଂଗ୍ରହ କରୁଥିବା ସନ୍ତୋଷଙ୍କ ସହପାଠୀମାନେ ପ୍ରକାଶ କରିଛନ୍ତି। ଏହାସହ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ସେମାନେ ଦାବି କରିଛନ୍ତି।



ଛାତ୍ରମାନେ ବୁଲି ବୁଲି ଅର୍ଥ ସଂଗ୍ରହ କରୁଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ଶିବିର, ବୃକ୍ଷରୋପଣ

**ଖଣ୍ଡପଡା,୧୭।୧୧ (ସ୍ୱ.ପ୍ର.):** ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ସ୍ୱର୍ଗତ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଶନିବାର ମାଗଣା ସ୍ୱାସ୍ଥ୍ୟ ଶିବିର, ଔଷଧ ବିତରଣ, ବୃକ୍ଷରୋପଣ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ବେଣାଗାଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଶିବିରରେ ସାଇ ଆରୋଗ୍ୟଧାମ କଟକର ଡାକ୍ତର ଦୀପକ ରାଜ ଓ ଡାକ୍ତର ସାଇରାମ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରାୟ ୫ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ସୁପୁତ୍ର ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମରୁ ହଜାର ହଜାର ମହିଳା ଓ ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କଳାପଥର ଶାଖାର ମୁଖ୍ୟ ସଞ୍ଚାଳିକା ବି.କେ. ଯାଜ୍ଞସେନୀ ଓ ଖଣ୍ଡପଡା ଶାଖାର ରାଜଯୋଗୀ ଶିକ୍ଷିକା ବି.କେ. ଶୈଳବାଳା ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ ।

### କୁରାଳ ଜଗୁରାଉତରାୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ବାଇଗୁଣିଆ ୧–୦ ଗୋଲରେ ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ।

**ଓଡ଼ଗାଁ,୧୭।୧୧(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ବ୍ଲକର ସର୍ବବୃହତ ଗ୍ରାମ କୁରାଳ ହାଇସ୍କୁଲ ପଡିଆରେ ଆନ୍ତଃ ଜିଲା ଜଗୁରାଉତରାୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜଗୁରାଉତରାୟ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଆସୋସିଏଶନ ସଭାପତି ତଥା ସରପଞ୍ଚ ଝିଲି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମମତା ବେହେରା ଓ ନୂତନ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବାଇଗୁଣିଆ ଦଳ ପ୍ରତିପକ୍ଷ ଭଞ୍ଜନଗର ଦଳକୁ ୧–୦ ଗୋଲରେ ହରାଇ ବିଜୟୀ ହୋଇଛି । ମ୍ୟାଚର ପ୍ରଥମାର୍ଦ୍ଧର ୨୧ ମିନିଟରେ ବାଇଗୁଣିଆ ଦଳର ୭ ନମ୍ବର ଜର୍ସି ପ୍ରଥମ ବିଜୟ ସୂଚକ ଗୋଲ କରି ଦଳକୁ ଅଗ୍ରଣୀ କରିଥିଲେ । ହେଲେ ପ୍ରଥମାର୍ଦ୍ଧର ଶେଷ ତଥା ଦ୍ୱିତୀୟାର୍ଦ୍ଧର ଅନ୍ତିମ ସମୟ ପର୍ଯ୍ୟନ୍ତ ଭଞ୍ଜନଗର ଦଳ ସଂଘର୍ଷପୂର୍ଣ୍ଣ କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ ସୁଦ୍ଧା କୌଣସି ଗୋଲ ହାସଲ କରିପାରିନଥିଲା। ଫଳରେ ବାଇଗୁଣିଆକୁ ବିଜୟୀ ଘୋଷିତ କରାଯାଇଥିଲା । ମନୋରଞ୍ଜନ ଦାଶ, ବୈକୁଣ୍ଠ ନାଥ ପାଲ, କୈଳାଶ ପ୍ରଧାନ ଓ ସୁବାସ ଚନ୍ଦ୍ର ସାହୁ ମ୍ୟାଚ ପରିଚାଳନା କରିଥିଲେ ।

# ଭାପୁର ବ୍ଲକର ୧୯ ପଞ୍ଚାୟତର ୧୧୭୬ ଜଣଙ୍କୁ ଭତ୍ତା ବଣ୍ଟନ କରାଯିବ

**ଭାପୁର,୧୭।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକର ବହୁ ବୃଦ୍ଧାବୃଦ୍ଧଙ୍କ ଭତ୍ତା ମଞ୍ଜୁର ହୋଇଥିଲେ ହେଁ ଅର୍ଥ ନ ଥିବାରୁ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଉନାହିଁ। ଏ ନେଇ ଗତ ମାସରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଖଣ୍ଡପଡ଼ା ବିଧାୟକ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଥିଲେ। ଏହାପରେ ମନ୍ତ୍ରୀ ଭାପୁର ବ୍ଲକର ୧୧୭୬ ଜଣଙ୍କୁ ଭତ୍ତା ଦିଆଯିବ ବୋଲି ଚିଠି ଲେଖି ଜଣାଇଛନ୍ତି। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୁଡି ଚିଠି ନମ୍ବର ୫୫, ତାରିଖ ୧୬।୧୧।୨୦୧୮ରେ ଜଣାଇଛନ୍ତି ଯେ ବ୍ଲକର ୧୯ ପଞ୍ଚାୟତର ୧୧୭୬ ଜଣଙ୍କୁ ଖୁବ୍‌ଶୀଘ୍ର ଭତ୍ତା ପ୍ରଦାନ କରାଯିବ। ସେମାନେ ହେଲେ ଚକ୍ରଧରପ୍ରସାଦର ୭୩, ବିଜିପୁରର ୩୨ଜଣ, ଧାନଚାଙ୍ଗଡ଼ାର ୪୩, ଫତେଗଡ଼ର ୧୩୦ଜଣ, ଗୋଳାପୋଖରୀର ୯୪ଜଣ, କଇଁଫୁଲିଆର ୨୬ଜଣ, କରବରର ୮୫ଜଣ, କେନ୍ଦୁପଲ୍ଲୀର ୨୦ଜଣ, ନିମାଣୀର ୫୧ଜଣ, ପଦ୍ମାବତୀର ୬୭ଜଣ, ପଥରଚକଡ଼ାର ୪୨ଜଣ, ରାକମାର ୩୪ଜଣ, ଶାଳପଡ଼ାର ୧୦୨ଜଣ, ଶାସନର ୩୩ଜଣ, ବଡ଼ସହରାର ୫୫ଜଣ, ବାଘୁଆପଲ୍ଲୀର ୧୦୦ଜଣ, ବାଇଗୁଣିଆର ୮୨ଜଣ, ବାଉଁଶବାଟୀର ୫୧ଜଣ ଓ ଭଗବାନପୁରର ୫୬ଜଣଙ୍କୁ ଭତ୍ତା ପ୍ରଦାନ କରାଯିବ।

# ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଖଣ୍ଡପଡା,୧୭।୧୧(ସ୍ୱ.ପ୍ର.)**

କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ବିଦ୍ୟାଳୟର ସମସ୍ତ ଛାତ୍ରୀ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶୁକ୍ରବାର ପୂର୍ବାହ୍ନରେ ନୀଳମାଧବ ଜୀଉଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମାପନ ପାଇଁ ଶ୍ରୀ ଜୀଉଙ୍କ ଆଜ୍ଞାମାଳ ଆଣିଥିଲେ । ପରେ ଏକ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ପଲଟନ ପଡିଆକୁ ଆସିଥିଲେ। ସେଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେଶ କୁମାର ସାହୁ କ୍ରୀଡା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀମାନଙ୍କ ମଧ୍ୟର ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।



କ୍ରୀଡ଼ା ପତାକା ଉତ୍ତୋଳନ କରୁଛନ୍ତି ଅତିଥି।

### ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଆଗରେ କେନାଲ

# ଗାର୍ଡୱାଲ୍ ନିର୍ମାଣ ପାଇଁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ

**ରଣପୁର,୧୭।୧୧ (ସ୍ୱ.ପ୍ର.)**

ବିଦ୍ୟାଳୟ ପାଖରେ ପୋଖରୀ, ନାଳ କିମ୍ବା ରାସ୍ତା ଥିଲେ ଏହା ଚତୁଃପାର୍ଶ୍ୱରେ ପାଚେରି କରାଯିବାର ନୟମ ରହିଛି। ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକ କାଣ୍ଡପଡା ପଞ୍ଚାୟତର ସୁକଳ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏହି ବିଦ୍ୟାଳୟ ଆଗରେ କେନାଲ ଯାଇଥିଲେ ସୁଦ୍ଧା ସୁରକ୍ଷା ପ୍ରାଚୀର ନ ଥିବାରୁ ଛୋଟ ପିଲାଙ୍କ ପାଇଁ ସର୍ବଦା ବିପଦପୂର୍ଣ୍ଣ ହୋଇରହିଛି। ବିଦ୍ୟାଳୟ ପାଚେରି ସହିତ କେନାଲରେ ଗାର୍ଡୱାଲ୍ ନିର୍ମାଣ ପାଇଁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ପରିପ୍ରେକ୍ଷୀରେ କେନାଲ ପାର୍ଶ୍ୱରେ ଗାର୍ଡୱାଲ୍ ନିର୍ମାଣ ପାଇଁ ସୁକଳ ଅଙ୍ଗନୱାଡି କେନ୍ଦ୍ର କର୍ମୀ ଗାୟତ୍ରୀ ଦାସ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଆକାରରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗରୁ ପ୍ରକାଶ ଯେ, ସୁକଳ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଛି। ଏଠାକୁ ପାଠ ପଢିବା ପାଇଁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହିତ ୫୦ ଊର୍ଦ୍ଧ୍ୱ ଅଙ୍ଗନୱାଡି ଶିଶୁ ଆସିଥାନ୍ତି। ବିଦ୍ୟାଳୟ ଆଗରେ କଙ୍କଡାଝର ନଦୀର ଏକ ଶାଖା କେନାଲ ପ୍ରବାହିତ ହେଉଛି। ବର୍ଷାଋତୁରେ ଅଧିକ ବର୍ଷା ହେଲେ କେନାଲ ପାଣି ବିଦ୍ୟାଳୟ ପରିସରରେ ପ୍ରବେଶ କରିଥାଏ । ଫଳରେ ଛାତ୍ରୀଛାତ୍ର ପାଠ ପଢିବାକୁ ଯାଇପାରି ନ ଥାନ୍ତି। ପୁଣି ଜଳ ସ୍ରୋତ ଯୋଗୁ କେନାଲ ପାର୍ଶ୍ୱ ଖାଇବାରେ ଲାଗିଛି । ଏହାକୁ ନେଇ ଆଗାମୀ ଦିନରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ତୁରନ୍ତ ଏଠାରେ ଏକ ଗାର୍ଡୱାଲ୍ ସହିତ ବିଦ୍ୟାଳୟ ଚାରିପାଖରେ ପାଚେରି ନିର୍ମାଣ କରାଗଲେ ଛାତ୍ରୀଛାତ୍ରଙ୍କ ସହିତ ଶିଶୁମାନେ ନିରାପଦ ରହିବେ ବୋଲି ଦର୍ଶାଇଛନ୍ତି।



ସ୍କୁଲ ସମ୍ମୁଖରେ ରହିଥିବା କେନାଲ।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର



ଭାପୁର,୧୭।୧୧(ଡି.ଏନ.ଏ.)- ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଶନିବାର ନୟାଗଡ଼ ଜିଲା ଭାପୁର ବାଇପାସ୍ ରାସ୍ତା ପାଥପୁର ଚେକଗେଟର ଅନତିଦୂରରେ ଏହି ଦୁର୍ଘଟଣା ଘଟିଛି । ଫତେଗଡ଼ ଥାନା ନୀଳକଣ୍ଠପ୍ରସାଦ ଗ୍ରାମର ବାବୁଲି ନାୟକ ଓ ମନୋଜ ନାୟକ ଗୋଟିଏ ବାଇକରେ ଆସୁଥିଲା ବେଳେ କଟକ ଜିଲା ବୈଦେଶ୍ୱର ଥାନା ଖଜୁରିପଦା ଗ୍ରାମର ରବିନାରାୟଣ ପ୍ରଧାନ ଅନ୍ୟ ଏକ ବାଇକରେ ଯାଉଥିଲେ। ଦୁଇଟି ଯାକ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୩ଜଣ ଯାକ ପିଚୁରାସ୍ତାରେ ପଡି ଗୁରୁତର ହୋଇଥିଲେ। ଭାପୁରରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବ



ଭାପୁର,୧୭।୧୧(ଡିଏନ.ଏ.): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨ୟ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ବିରଞ୍ଚି ନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପରିଚାଳନା କମିଟି ଉପସଭାପତି ପ୍ରବୋଧ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ଗୟାଧର ପରିଡ଼ା ଓ ମୁଖ୍ୟବକ୍ତା ଭାବେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲା ଓଷ୍ଟା ସଭାପତି ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ମୂଲ୍ୟବୋଧ ଭିତ୍ତିକ ଜ୍ଞାନ ଆହରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ହିମାଂଶୁ ଶେଖର ମାର୍ଥା, ଶୁଭଲକ୍ଷ୍ମୀ ରାଉତ, ଓମପ୍ରକାଶ ମହାପାତ୍ର, ସୁଦୀପ୍ତ ସାହୁ ଓ ଦୀପକ କୁମାର ସାହୁଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବର ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଭା ପୂର୍ବରୁ ଏକ ପାଠ୍ୟଚକ୍ରକୁ ରାଜସୁନାଖଳା ଅରବିନ୍ଦ ଶିକ୍ଷାକେନ୍ଦ୍ରର ଅଧକ୍ଷ ସୁନୀଲ କୁମାର ପୃଷ୍ଟି ଉଦ୍ଘାଟନ କରିଥିଲେ।

## ପଥପ୍ରାନ୍ତସଭାରେ ଯୋଗଦେଲେ ବିଧାୟକ ଦାମ
# ଅରୁଣଙ୍କୁ ହଟାଇବାକୁ ଦାମଙ୍କ ଆହ୍ୱାନ




ମଞ୍ଚରେ ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ସହ ଅନ୍ୟମାନେ ।



ପଥପ୍ରାନ୍ତ ସଭାରେ ଯୋଗଦେଇଥିବା ଜନସାଧାରଣ।

**ନୟାଗଡ଼ ଅଫିସ,୧୭।୧୧**

■ କାନ୍ଦିବା ଛାଡ଼ି ରାଗନ୍ତୁ ନୟାଗଡ଼ବାସୀ
■ ରାଜ୍ୟ ସରକାରଙ୍କୁ ବର୍ଷିଲେ

ରାଜ୍ୟ ସରକାର ଦୁର୍ନୀତିକୁ ନୀତି କରିଛନ୍ତି। ନବୀନ ସରକାର ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଥିବା ଅଭିଯୋଗ କରି ୨୦୧୯ ନିର୍ବାଚନରେ ବିଜେଡ଼ିକୁ ହଟାଇବାକୁ ନୟାଗଡ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ପାରାଦୀପ ବିଧାୟକ ଦାମୋଦର ରାଉତ। ଏଥିସହ ବିଧାୟକ ଅରୁଣ କୁମାର ସାହୁଙ୍କୁ ହଟାଇ ନୟାଗଡ଼ରେ ପରିବର୍ତ୍ତନ ଆଣିବାକୁ ଦାମ ଆହ୍ୱାନ ଦେଇଛନ୍ତି। ନୟାଗଡ଼ ପ୍ରଜା ଆନ୍ଦୋଳନ ସଙ୍ଗଠନ ଏବଂ ଓଡ଼ିଶା ସୂଚନା ଅଧିକାର ଅଭିଯାନର ମିଳିତ ଆନୁକୂଲ୍ୟରେ ଶନିବାର ନୟାଗଡ ଦୁର୍ଗାମଣ୍ଡପ ପଡ଼ିଆଠାରେ ପ୍ରଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, ଅତ୍ୟାଚାର ଓ ଗୁଣ୍ଡାରାଜ କବଳରୁ ରାଜନୀତିକୁ ମୁକ୍ତ କରିବା ଲକ୍ଷ୍ୟରେ ଏହି ସଭା ହେଉଥିବା ସୂଚନା ଦିଆଯାଇଥିଲା। ଏଥିରେ ପାରାଦୀପ ବିଧାୟକ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କୁ ବର୍ଷିଥିଲେ। ପ୍ରାୟ ୧ ଘଣ୍ଟା ୧୦ ମିନିଟ ସମୟ ଭାଷଣ ଦେଇ ବିଧାୟକ ଦାମ ରାଜ୍ୟ ସରକାର ଓ ନୟାଗଡ଼ର ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ କଡା ସମାଲୋଚନା କରିଥିଲେ। ବିଧାୟକ ଅରୁଣଙ୍କ ଚରିତ୍ର ସଂହାର କରିବାକୁ ମଧ୍ୟ ପଛାଇ ନ ଥିଲେ। ଅରୁଣଙ୍କ ଛାତ୍ର ଜୀବନଠାରୁ ଆରମ୍ଭ କରି ରାଜନୈତିକ କ୍ୟାରିୟରରେ କରିଥିବା ବିଭିନ୍ନ ଦୁର୍ନୀତି ବିଷୟରେ ସୂଚନା ଦେଇଥିଲେ। ମୋତିଲାଲ ଗୌଡ଼ଙ୍କଠାରୁ ଆରମ୍ଭ କରି ବ୍ରହ୍ମବିଭ୍ରାଟ,ବମିଖାଲ ପୋଲ ଭୁଶୁଡ଼ାଇବା କମ୍ପାନୀରେ ଟଙ୍କା ଲାଗିବା, ରାଇସ ମିଲ, କୁକୁଡ଼ା ଫାର୍ମ ଆଦିରେ ଅରୁଣ ସମ୍ପୃକ୍ତ ଥିବା ବିଷୟରେ ଦାମ ସୂଚନା ଦେଇ ବିଷୋଦ୍ଗାର କରିଥିଲେ। ଓଡ଼ିଶା ବର୍ତ୍ତମାନ ଋଣ ଭାରରେ ବୁଡ଼ିଥିବା ବେଳେ ଯୋଜନା କାହା ପାଇଁ ବୋଲି ସେ ପ୍ରଶ୍ନ କରିବା ସହ ଆଗାମୀ ନିର୍ବାଚନରେ ବିଜେଡିକୁ ହଟାଇବାକୁ ନୟାଗଡବାସୀଙ୍କୁ ଆହ୍ୱାନ କରିଥିଲେ। ସେହିପରି ନୟାଗଡବାସୀ କାନ୍ଦିବା ଛାଡି ରାଗନ୍ତୁ ବୋଲି ଦାମ ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ତଥା ସ୍ତମ୍ଭକାର ସତ୍ୟପ୍ରକାଶ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଜଣଙ୍କ ପାଖରେ କ୍ଷମତା କେନ୍ଦ୍ରୀଭୂତ ହେଉଥିବାରୁ ସ୍ୱେଚ୍ଛାଚାରିତା ବୃଦ୍ଧି ପାଉଛି ବୋଲି କହିଥିଲେ। ତେଣୁ ସରକାର ପରିବର୍ତ୍ତନ ପାଇଁ ମଧ ସେ ଆହ୍ୱାନ ଦେଇଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀରୁ ପର ଘରର ବିଲେଇ ହଟାଇବାକୁ ନାୟକ ଅନୁରୋଧ କରିଥିଲେ। ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ନବୀନ ପଟ୍ଟନାୟକ ସ୍ୱଚ୍ଛ ଶାସନ ଦେଖେଇ ହେଉଥିବାବେଳେ ତାଙ୍କ ଦଳର ନେତା, ମନ୍ତ୍ରୀ ଖଣିଠାରୁ ଆରମ୍ଭ କରି ବିଭିନ୍ନ ଦୁର୍ନୀତିରେ ବୁଡ଼ି ରହିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ରବି ଦାଶ, ଦଳିତ ନେତା ଅବଦୁଲ ୱାଲିମ,ନାରୀନେତ୍ରୀ ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଚନ୍ଦ୍ରବିଜୟୀ ମିଶ୍ରଙ୍କ 'କାନ୍ଦୁଛି ନୟାଗଡ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଯେଉଁଥିରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ ଦୁର୍ନୀତି ଓ ଚାଞ୍ଚଲ୍ୟକର କଥା ପ୍ରକାଶ ପାଇଛି ବୋଲି ଲେଖକ ସୂଚନା ଦେଇଛନ୍ତି। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରହ୍ଲାଦ ବରାଡ଼, ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ, ପ୍ରଜା ଆନ୍ଦୋଳନ ଆବାହକ ପ୍ରଦୀପ ଜେନା ଏବଂ ପ୍ରଜା ଆନ୍ଦୋଳନର ଅଧକ୍ଷ ଦୀପ୍ତି ରଞ୍ଜନ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବାରିପଦା ସମାବେଶରେ ବିଧାୟକ ଅରୁଣ ବିଧାୟକ ଦାମଙ୍କ ସଭା ଭଣ୍ଡୁର କରିବା ପାଇଁ ଚେଷ୍ଟା କରିଥିବା ନେଇ କୁହାଯାଉଥିବା ବେଳେ ଦାମ ନୟାଗଡ଼ ଯାଇ ଅରୁଣଙ୍କ କଥା ବୁଝିବେ ବୋଲି କହିବା ପରେ ଶନିବାର ସଭା ନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ଭରି ରହିଥିଲା। ଫଳରେ ଶନିବାର ଦୁର୍ଗାମଣ୍ଡପ ପଡ଼ିଆରେ ହଜାର ହଜାର ଜନ ସମାବେଶ ହୋଇଥିବାର ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ କାଳେ କିଛି ଅଘଟଣ ଘଟିବ ସେହି ଭୟ ମଧ ଆୟୋଜନକାରୀଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା। ତେବେ ପ୍ରଶାସନ ପକ୍ଷରୁ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଛାତ୍ରୀ ଅପହରଣ ଓ ଅସଦାଚରଣ ମାମଲା
# ଜେଲ ଗଲେ ୪ ଯୁବକ

**ରଣପୁର,୧୭।୧୧ (ସ୍ୱ.ପ୍ର.)**



ଗିରଫ ୪ ଯୁବକ।

ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଅପହରଣ ପରେ ଅସଦାଚରଣ କରିବା ୪ ଯୁବକଙ୍କୁ ମହଙ୍ଗା ପଡିଛି । ପୋଲିସ ସମ୍ପୃକ୍ତ ୪ ଯୁବକଙ୍କୁ ଗିରଫ କରି ଶନିବାର ନୟାଗଡ଼ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ନୟାଗଡ ଜେଲକୁ ପଠାଇ ଦିଆଯାଇଛି। ଗିରଫ ଯୁବକମାନେ ହେଲେ ରଣପୁର ଥାନା ନରସିଂହପୁର ଗ୍ରାମର ଲିଙ୍ଗରାଜ ସାମନ୍ତ, ସୁବ୍ରତ ବଳିୟାରସିଂହ, ଜିତେନ୍ଦ୍ର ସାମନ୍ତ ଓ ମନୋରଞ୍ଜନ ଜେନା। ଏମାନଙ୍କ ବୟସ ୨୦ରୁ ୨୨ବର୍ଷ ମଧ୍ୟରେ ହେବ। ସୂଚନାଯୋଗ୍ୟ ଗତ ସୋମବାର ରାତି ୯ଟାରେ ୧୫ବର୍ଷୀୟା ଛାତ୍ରୀଜଣକ ଟ୍ୟୁଶନ ସାରି ଘରକୁ ଫେରୁଥିବାବେଳେ ୪ ଯୁବକ ତାଙ୍କୁ ଅପହରଣ କରିନେଇ ଅସଦାଚରଣ କରିଥିଲେ। ଆପୋସ ସମାଧାନ ମାଧ୍ୟମରେ ଘଟଣା ଚପାଇଦେବାକୁ ଉଦ୍ୟମ ହେଉଥିବାବେଳେ ଗତ ବୁଧବାର ଏ ନେଇ ଦୈନିକ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଗୁରୁବାର ଛାତ୍ରୀଙ୍କ ପରିବାର ଲୋକେ ଏ ନେଇ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୨୩୦/୧୮ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା।

## ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଖଣ୍ଡପଡା,୧୭।୧୧ (ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ପାଟଣା ଦକ୍ଷିଣଚଣ୍ଡୀ ଛକଠାରେ ଶନିବାର ଶ୍ରୀ ନାରାୟଣ, ମା'ତାରିଣୀ, ମା' ସନ୍ତୋଷୀ ଓ ଶ୍ରୀ ସାଇବାବାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗର୍ଭ ଧାରଣ ଓ କଳସ ଶୋଭାଯାତ୍ରା କରାଯାଇଥିଲା। ସକାଳେ ଶତାଧିକ ମହିଳା ଶ୍ରୀ ନୀଳମାଧବ ମନ୍ଦିର ପାଦଦେଶରେ ପ୍ରବାହିତ ମା' ଗଙ୍ଗାଙ୍କ ଘାଟରୁ ପୁଣ୍ୟତୋୟା ମହାନଦୀରୁ ଜଳପୂର୍ଣ୍ଣ କଳସ ଧାରଣ କରି ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳକୁ ଯାଇଥିଲେ। ପରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ୧୮ ତାରିଖରେ ମହାସ୍ନାନ କରାଯିବା ପରେ ୧୯ ତାରିଖରେ ପୂର୍ଣ୍ଣାହୁତି ସହିତ ବିଗ୍ରହ ପ୍ରତିଷ୍ଠା କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ଓ ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ।

# ଅଁଳା ନବମୀରେ ରାଧାପାଦ ଦର୍ଶନ

**ଖଣ୍ଡପଡା,୧୭।୧୧(ସ୍ୱ.ପ୍ର.)**





ଓଡ଼ଗାଁର ଶ୍ରୀରଘୁନାଥଜୀଉ ଓ କଣ୍ଟିଲୋ ନୀଳମାଧବଜୀଉଙ୍କ ସ୍ୱତନ୍ତ୍ର ବେଶ।

ପବିତ୍ର କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିରେ କଣ୍ଟିଲୋ ନୀଳମାଧବ ପୀଠ ରାଧାମୋହନ ଜୀଉ ମଠରେ ଶନିବାର ଅଁଳା ନବମୀ ପାଳିତ ହୋଇଯାଇଛି। ଆଜିର ଦିନରେ ଶ୍ରଦ୍ଧାଳୁମାନେ ଶ୍ରୀରାଧା ଓ ମାତା ସୀତାଙ୍କ ପାଦ ଦର୍ଶନ କରିଥାନ୍ତି। ଏଥିଲାଗି ମଠ ଓ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା । ଶ୍ରୀ ଜୀଉଙ୍କ ଦର୍ଶନ ପରେ ଭକ୍ତମାନେ ନିକଟସ୍ଥ ମା'ନାରାୟଣୀଙ୍କୁ ଦର୍ଶନ କରିଥିଲେ। ସେହିପରି ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଅଁଳା ନବମୀ ପାଳନ ହୋଇଥିଲା। ଶ୍ରୀ ରାଧାଙ୍କ ପାଦ ଦର୍ଶନ ପାଇଁ ସିଧାମୂଳା ଗ୍ରାମ ମଣିକର୍ଣ୍ଣିକା ପାହାଡ ଉପରେ ବିରାଜିତ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ହଜାର ହଜାର ଭକ୍ତ ଓ ହବିଷିଆଳିଙ୍କ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁମାନେ ଅଁଳା ବୃକ୍ଷମୂଳେ ପୂଜାର୍ଚ୍ଚନା କରି ସକାଳ ୭ଟାରେ ରାଧାଙ୍କ ପାଦ ଦର୍ଶନ କରିଥିଲେ। ଏହି ଅବସରରେ ମହିଳାମଣ୍ଡଳ ପକ୍ଷରୁ ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଧାମୂଳାସ୍ଥ ଶିବ ମନ୍ଦିରରେ ୭ଦିନ ବ୍ୟାପୀ ଦୀପ ଯଜ୍ଞ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଖଣ୍ଡପଡା, ମର୍ଦ୍ଦରାଜପୁର ଓ ଆଖପାଖ ଅଞ୍ଚଳର ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଖଣ୍ଡପଡା ଗୋପୀନାଥ ମନ୍ଦିର ପରିସରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଖଣ୍ଡପଡା ନିକଟ ବଡ଼ ଟାସରା ସୀତାରାମ ଆଶ୍ରମଠାରେ ଶ୍ରୀ ସରଜୁ ଦାସଜୀ ମହାରାଜଙ୍କ ଆନୁକୂଲ୍ୟରେ ନାମଯଜ୍ଞ, ଘୃତଯଜ୍ଞ, ହନୁମାନ ଚାଳିଶା ଓ ଅନ୍ନଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ମହିଳା ଓ ପୁରୁଷ ଆଶ୍ରମ ନିକଟରେ ଥିବା ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କରି ସେଠାରେ ପରମ୍ପରା ଅନୁଯାୟୀ ବଣଭୋଜି କରୁଥିବା ଦେଖିବାକୁ ମିଳିଥିଲା।

**ଓଡ଼ଗାଁ,(ସ୍ୱ.ପ୍ର.):** ନୟାଗଡ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଶନିବାର ପବିତ୍ର ଅଁଳା ନବମୀରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭୋର ସମୟରୁ ମଙ୍ଗଳ ଆଳତି, ମଇଲମ ଆଦି ପରେ ଶ୍ରୀଜୀଉମାନେ ଅଁଳାମାଳ ପରିଧାନ କରି ମନୋମୁଗ୍ଧକର ବେଶ ହୋଇଥିଲେ। ବିଶେଷତଃ ରାମ ଓ ଲକ୍ଷ୍ମଣ ବେନି ଭାଇଙ୍କ ସହିତ ମାତା ଜାନକୀ ପରମ୍ପରା ଅନୁସାରେ ଓଡ଼ିଆଣୀ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ପାଦ ଦର୍ଶନ ଦେଇଥିଲେ । ଏଥିସହିତ ମନ୍ଦିରରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅଁଳା ପ୍ରସାଦ ବଣ୍ଟନ କରାଯାଇଥିଲା । ସେହିପରି ରାଧାକାନ୍ତ ମଠରେ ବିଜେ ଶ୍ରୀଜୀଉମାନେ ମଧ ଅଁଳା ମାଳ ପରିଧାନ କରିଥିବା ବେଳେ ଶ୍ରଦ୍ଧାଳୁ ମାନେ ରାଧାରାଣୀଙ୍କ ପାଦ ଦର୍ଶନ କରିଛନ୍ତି ।

**ଗଣିଆ,(ଡି.ଏନ.ଏ.):** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଅଁଳା ନବମୀ ପାଳିତ ହୋଇଯାଇଛି। ବ୍ଲକର ଈଶ୍ୱରପୁର, ହରିପୁର, ଧୂଆଁମଡା, ଛାମୁଣ୍ଡିଆ, ବେଲପଡା, ରାଉତପଡା, ଗଣିଆ, ଇନ୍ଦିପଟା, ରାସଙ୍ଗ, କାଦୁଆ ଆଦି ଗ୍ରାମରେ ବହୁ ମହିଳା ହବିଷିଆଳି ଏହି ଉତ୍ସବ ପାଳନ କରୁଥିବା ଦେଖାଯାଇଥିଲା। ଈଶ୍ୱରପୁର ଗ୍ରାମର ମହିଳାମାନେ ନିକଟସ୍ଥ କୁଶଭଦ୍ରା ପାହାଡକୁ ଯାଇ ଅଁଳା ଗଛ ମୂଳେ ମହାଲକ୍ଷ୍ମୀ ଓ ଶ୍ରୀ ରାଧାକୃଷ୍ଣଙ୍କ ଫଟୋଚିତ୍ର ରଖି ପୂଜାର୍ଚ୍ଚନା କରିଥିଲେ । ପରେ ଖିରି ଓ ଖେଚୁଡି ଭୋଗ କରି ପିଲାମାନଙ୍କୁ ବାଲ୍ୟଲୀଳା କରାଯାଇଥିଲା।



ଗଣିଆ ଈଶ୍ୱରପୁର ଗ୍ରାମର ହବିଷିଆଳିମାନେ ଅଁଳାନବମୀ ପାଳନ କରୁଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୧୮।୧୧।୨୦୧୮ (ରବିବାର)

■ ଆହାର କେନ୍ଦ୍ର ଉଦ୍‌ଘାଟନ
**ସ୍ଥାନ :** ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, **ସମୟ**– ପୂର୍ବାହ୍ନ ୧୦ଟା

■ ଜିଲାସ୍ତରୀୟ ଚାରଣ କର୍ମୀ ସମ୍ମିଳନୀ
**ସ୍ଥାନ:** ଶ୍ରୀ ଜଗନ୍ନାଥ ମନ୍ଦିର, ନନ୍ଦୀଘୋର, ଓଡ଼ଗାଁ , **ସମୟ:** ପୂର୍ବାହ୍ନ ୧୦ଟା

■ ବଲାଙ୍ଗୀପାର୍କର ଭିତ୍ତିପ୍ରସ୍ତର ସ୍ଥାପନ
**ସ୍ଥାନ :** ବଲାଙ୍ଗୀବନ୍ଧ, ଖଣ୍ଡପଡ଼ା ରୋଡ଼, ନୟାଗଡ଼, **ସମୟ :** ଅପରାହ୍ନ ୩ଟା

■ ଭଏସ୍ ଅଫ ନୟାଗଡ଼ ଗ୍ରାଣ୍ଡ ଫାଇନାଲ୍
**ସ୍ଥାନ :** ଖେଳପଡ଼ିଆ, ନୟାଗଡ଼, **ସମୟ**– ଅପରାହ୍ନ ୫ଟା

■ କାର୍ତ୍ତିକେଶ୍ୱର ପ୍ରଭୁଙ୍କ ପୂଜା ଉତ୍ସବ
**ସ୍ଥାନ:** ସିଙ୍ଗାରପଲ୍ଲୀ ବଡ଼ସାହି, ନୂଆଗାଁ, **ସମୟ:** ସକାଳ ୯ଟା

■ ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ
**ସ୍ଥାନ :** ବଡ଼ମୂଳ, ଗଣିଆ, **ସମୟ :** ପୂର୍ବାହ୍ନ ୧୦ଟା

■ ସ୍ୱର୍ଗତ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ
**ସ୍ଥାନ :** ବେଣାଗାଡ଼ିଆ, ଖଣ୍ଡପଡ଼ା, **ସମୟ**– ପୂର୍ବାହ୍ନ ୧୦ଟା

■ ଭାଗବତ ସପ୍ତାଙ୍ଗ
**ସ୍ଥାନ:** ମା' ନାରାୟଣୀ ପୀଠ, ପଥରଚକଡ଼ା, ଭାପୁର, **ସମୟ:** ସକାଳ ୬ଟା

■ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ପୂଜ୍ୟପୂଜା ଉତ୍ସବ
**ସ୍ଥାନ :** ଦଶଦୋଳ ପଡ଼ିଆ, ଖଳିସାହି, ଖଣ୍ଡପଡ଼ା, **ସମୟ :** ପୂର୍ବାହ୍ନ ୧୦ଟା

■ ସିଧାମୂଳା ଶିବମନ୍ଦିରରେ ୫ ଦିନିଆ ଦୀପଦାନ କାର୍ଯ୍ୟକ୍ରମ
**ସ୍ଥାନ :** ସିଧାମୂଳ ସେତୁ ନିକଟ, ଖଣ୍ଡପଡ଼ା, **ସମୟ**– ସନ୍ଧ୍ୟା ୬ଟା ୩୦

■ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା
**ସ୍ଥାନ:** ଦକ୍ଷିଣଚଣ୍ଡୀ ଛକ, କଣ୍ଟିଲୋ, ଖଣ୍ଡପଡ଼ା, **ସମୟ:** ପୂର୍ବାହ୍ନ ୧୦ଟା

■ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୩ୟ ବାର୍ଷିକ ଉତ୍ସବ
**ସ୍ଥାନ :** ବଡ଼ବାଣପୁର, ନୂଆସାହି, ଖଣ୍ଡପଡ଼ା, **ସମୟ :** ସକାଳ ୧୦ଟା ୩୦

■ ପ୍ରାଥମିକ ଶିକ୍ଷକ ସଂଘର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ
**ସ୍ଥାନ :** ନୀଳମାଧବ କଲ୍ୟାଣମଣ୍ଡପ, ଖଣ୍ଡପଡ଼ା ରୋଡ଼, ନୟାଗଡ଼, **ସମୟ :** ପୂର୍ବାହ୍ନ ୧୧ଟା

### ୧୯।୧୧।୨୦୧୮ (ସୋମବାର)

■ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
**ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ଓଡ଼ଗାଁ, **ସମୟ :** ପୂର୍ବାହ୍ନ ୧୦ଟା

■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ
**ସ୍ଥାନ :** ମିନି ଷ୍ଟାଡ଼ିୟମ, ରଣପୁର, **ସମୟ :** ପୂର୍ବାହ୍ନ ୧୦ଟା ୩୦

■ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦ୍‌ଘାଟନ
**ସ୍ଥାନ :** ନୟାଗଡ଼ ପୁରୁଣା ସହର, **ସମୟ :** ସନ୍ଧ୍ୟା ୭ଟା

■ ଶ୍ରୀ ନୀଳମାଧବଜୀଉଙ୍କ ରାମ ଉତ୍ସବ
**ସ୍ଥାନ :** ନୀଳମାଧବଜୀଉଙ୍କ ରାମମଣ୍ଡପ, **ସମୟ :** ରାତ୍ର ୯ଟା

■ ଅଷ୍ଟପ୍ରହର ନାମଯଜ୍ଞ
**ସ୍ଥାନ :** ଦଧିବାମନଜୀଉ ମନ୍ଦିର, ବହାଡ଼ାଖୋଲା, ନୂଆଗାଁ, **ସମୟ :** ସନ୍ଧ୍ୟା ୬ଟା

■ ଜଗୁ ରାଉତରାୟ ଫୁଟବଲ୍ ଟୁର୍ନାମେଣ୍ଟର ୩ୟ ଦିବସ ମ୍ୟାଚ୍
**ସ୍ଥାନ :** କୁରାଳ ହାଇସ୍କୁଲ ପଡ଼ିଆ, ଓଡ଼ଗାଁ, **ସମୟ :** ଅପରାହ୍ନ ୨ଟା ୩୦

### ୨୦।୧୧।୨୦୧୮ (ମଙ୍ଗଳବାର)

■ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ବୈଠକ
**ସ୍ଥାନ :** ବ୍ଲକ ସମ୍ମିଳନୀ କକ୍ଷ, ନୂଆଗାଁ, **ସମୟ :** ପୂର୍ବାହ୍ନ୧୧ଟା

■ ଜଗୁ ରାଉତରାୟ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ
**ସ୍ଥାନ :** କୁରାଳ ହାଇସ୍କୁଲ ପଡ଼ିଆ, ଓଡ଼ଗା, **ସମୟ :** ଅପରାହ୍ନ ୨ଟା ୩୦

### ୨୧।୧୧।୨୦୧୮ (ବୁଧବାର)

■ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରେମ ପାଇଁ ମହାଭାରତ କଳାକାରଙ୍କ ଯୋଗଦାନ
**ସ୍ଥାନ :** ନୟାଗଡ଼ ପୁରୁଣା ସହର, **ସମୟ :** ସନ୍ଧ୍ୟା ୭ଟା

### ୨୨।୧୧।୨୦୧୮ (ଗୁରୁବାର)

■ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା
**ସ୍ଥାନ :** ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ, ଓଡ଼ଗାଁ , **ସମୟ :** ପୂର୍ବାହ୍ନ ୧୦ଟା

### ୨୩।୧୧।୨୦୧୮ (ଶୁକ୍ରବାର)

■ ବାରେଡ଼ି ଯାତ୍ରା
**ସ୍ଥାନ :** ଦୂତିକେଶ୍ୱର ମହାଦେବଙ୍କ ମନ୍ଦିର, ଓଡ଼ଗାଁ, **ସମୟ :** ସକାଳ ୬ଟା

■ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ
**ସ୍ଥାନ :** ଓଡ଼ଗାଁ ସାଇମନ୍ଦିର, ଓଡ଼ଗାଁ, **ସମୟ :** ପୂର୍ବାହ୍ନ ୧୦ଟା

■ ସାଗର ପୁଷ୍କରିଣୀରେ ବୋଇତ ବନ୍ଦାଣ
**ସ୍ଥାନ :** ପୁରୁଣା ସହର ସାଗର ପୁଷ୍କରିଣୀ, ନୟାଗଡ଼, **ସମୟ :** ସକାଳ ୭ଟା ୩୦

■ ରାମେଶ୍ୱର ମହାପ୍ରଭୁଙ୍କ ପୀଠରେ କାର୍ତ୍ତିକ ଉତ୍ସବ
**ସ୍ଥାନ :** ଉଠାଣିସାହି, ରାମେଶ୍ୱରପୀଠ, ନୂଆଗାଁ, **ସମୟ :** ସକାଳ ୭ଟା

■ ବୋଇତବନ୍ଦାଣ ଉଦ୍‌ଯାପନୀ ଉତ୍ସବ
**ସ୍ଥାନ :** ନୟାଗଡ଼ ପୁରୁଣା ସହର, **ସମୟ :** ସନ୍ଧ୍ୟା ୬ଟା ୩୦

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ଦୁଇ ହାଇୱା ମୁହାଁମୁହିଁ, ଚାଳକ ଗୁରୁତର

**ଖଣ୍ଡପଡା,୧୭।୧୧(ସ୍ୱ.ପ୍ର.)**



ଦୁର୍ଘଟଣାଗ୍ରସ୍ତ ହାଇୱା।

ବାଣପୁର-ଶୂଳିଆ ମୁଖ୍ୟ ରାସ୍ତାର ବାଣପୁର ଗାଁ ମୁଣ୍ଡ ବୁଲାଣିରେ ଶୁକ୍ରବାର ରାତିରେ ଦୁଇଟି ହାଇୱା ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ବିଳମ୍ବିତ ରାତିରେ ସିଧାମୂଳା ନଦୀଘାଟରୁ ବାଲି ବୋଝେଇ ହୋଇଆସୁଥିବା ଓଆର ୦୨ ବିଡି ୮୨୪୪ ହାଇୱା ନୟାଗଡ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗ ଖଣ୍ଡପଡା ପଟୁ ଆସୁଥିବା ଅନ୍ୟ ଏକ ହାଇୱା ସହ ଧକ୍କା ହୋଇଥିଲା। ଖବର ପାଇ କଣ୍ଟିଲୋ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ଗାଡି ଜବତ କରିଥିବା ଫାଣ୍ଡି ଅଧିକାରୀ ରଘୁନାଥ ଷଡଙ୍ଗୀ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଜନବସତି ସ୍ଥାନାନ୍ତର ପାଇଁ ଗୁହାରି
## ଜିଲାପାଳଙ୍କ ଦ୍ୱାରସ୍ଥ ୨ ଗାଁର ଲୋକେ



**ପାରଳାଖେମୁଣ୍ଡି, ୧୭।୧୧(ସ୍ୱ.ପ୍ର.):** ଗଜପତି ଜିଲା ରାୟଗଡ ବ୍ଲକ କଇଁପୁର ପଞ୍ଚାୟତର କଳିଙ୍ଗ ଓ ରାଇସିଂ ଗ୍ରାମବାସୀ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଜନବସତି ସ୍ଥାନାନ୍ତର ପାଇଁ ଉଭୟ ଗ୍ରାମର ଲୋକେ ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ତିତ୍‌ଲି ବାତ୍ୟାରେ କଳିଙ୍ଗ ଗ୍ରାମ ନିକଟ ପାହାଡ ଧସିଯାଇ ଜନବସତିକୁ ମାଡି ବସିଥିବା ଗ୍ରାମବାସୀ କହିଛନ୍ତି । ସେମାନେ ସେଠାରେ ବାସକଲେ ବିପଦର ସମ୍ମୁଖୀନ ହୋଇ ପାରନ୍ତି ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ଅନ୍ୟତ୍ର ସମତଳ ଜାଗାରେ ଜନବସତି ସ୍ଥାପନ କରି ରହିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି କଇଁପୁର ପଞ୍ଚାୟତ ରାଇସିଂ ଗ୍ରାମର ବାସିନ୍ଦା ମଧ ନିଜ ବସତି ସ୍ଥାନାନ୍ତର ପାଇଁ ଜିଲାପାଳଙ୍କୁ ଭେଟିଛନ୍ତି । ବାତ୍ୟା ବେଳେ ପ୍ରବଳ ବର୍ଷା ଓ ପବନ ଯୋଗୁ ରାଇସିଂ ଗ୍ରାମର ଉତ୍ତର ଦିଗରେ ଥିବା ପାହାଡ ଧସି ଗ୍ରାମର ପୂର୍ବ ଓ ପଶ୍ଚିମ ଦିଗରେ ବିରାଟ ନାଳ ସୃଷ୍ଟି ହୋଇଥିବା ଗ୍ରାମବାସୀ କହିଛନ୍ତି । ତେଣୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିବା ସହ ଏଠାରେ ବାସ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ସେମାନଙ୍କୁ ଅନ୍ୟତ୍ର ଥଇଥାନ କରାଯାଉ ବୋଲି ନିବେଦନ ଜଣାଇଛନ୍ତି । ଏହି ଅବସରରେ ନାଏବ ସରପଞ୍ଚ, ଅନୀତା ବଡରଇତ, କେଶବ ଶବର, ଶିବରାମ ଶବର, ଜ୍ୟୋତି ମଣ୍ଡଳ, ଗୁରୁନାଥ ଶବର, କୁଞ୍ଜ ବିହାରୀ ବଡକୁମର, ଶ୍ରୀଧର କାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଇଲ୍ଡ ଲାଇନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୧୭।୧୧(ସ୍ୱ.ପ୍ର.):** କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଗଜପତି ଜିଲା ପାରଳାଖେମୁଣ୍ଡି ଚାଇଲ୍ଡଲାଇନ ପକ୍ଷରୁ ପ୍ରଭା ଚାଇଲ୍ଡଲାଇନ ସହଯୋଗରେସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ଚାଇଲ୍ଡ ଲାଇନ୍‌ସେ ଦୋସ୍ତି-୨୦୧୮' ମାଧମରେ ଶିଶୁମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଶିଶୁମାନଙ୍କ ସହ ବନ୍ଧୁତା ସ୍ଥାପନ କରିବା, ସେମାନଙ୍କୁ ସୁରକ୍ଷା ଦେବା ଏବଂ ଅସହାୟ ସମୟରେ ୧୦୯୮ ଓ ୧୦୦ ନମ୍ବରକୁ ଫୋନ୍ କରି ଜଣାଇବା ପାଇଁ ସଚେତନ କରାଯାଇଥିଲା । ଏହି ଅବସରରେ ପ୍ରଭା ଚାଇଲ୍ଡ ଲାଇନ ଦ୍ୱାରା କାଶୀନଗର ବ୍ଲକ ଖାରଡା ଗ୍ରାମର ବି.ଏନ୍. ନୋଡାଲ ବିଦ୍ୟାଳୟରେ ମଧ ସଚେତନତା କରାଯିବା ସହ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅତିଥି ଭାବେ ଏ.ଆପ୍ପାରାଓ, ଆନନ୍ଦ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ନାୟକ ଯୋଗଦେଇ ଶିଶୁଙ୍କ ପାଇଁ ଥିବା ବିଭିନ୍ନ ସୁରକ୍ଷା ନେଇ ଆଲୋଚନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲ ପ୍ରଭା ଚାଇଲ୍ଡ ଲାଇନର ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଘରଭଙ୍ଗା ସହାୟତା ଦେବାକୁ ଦାବି
## ଉପଜିଲାପାଳଙ୍କୁ ଭେଟିଲେ ଗାଇବା ଗ୍ରାମବାସୀ



**ପାରଳାଖେମୁଣ୍ଡି, ୧୭।୧୧(ସ୍ୱ.ପ୍ର.):** ବାତ୍ୟା ପ୍ରଭାବିତ ଗୁମ୍ମା ବ୍ଲକ ଗାଇବା ଗ୍ରାମର କିଛି ବାସିନ୍ଦା ଶନିବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଠିକ ଭାବେ କ୍ଷୟକ୍ଷତି ଆକଳନ କରି ଘରଭଙ୍ଗା କ୍ଷତିପୂରଣ ଦେବାକୁ ସେମାନେ ଦାବି ଜଣାଇଛନ୍ତି। ଏନେଇ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘରଭଙ୍ଗା କ୍ଷୟକ୍ଷତିର ଆକଳନକରି ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ଗ୍ରାମର ୨୯ଟି ଘର ଅତ୍ୟଧିକ କ୍ଷତି ହୋଇଥିବା ତହସିଲଦାର ରିପୋର୍ଟ ପ୍ରସ୍ତୁତ କରିଥିଲେ। ମାତ୍ର ଏ ନେଇ କିଛି ବ୍ୟକ୍ତି ଅଭିଯୋଗ କରିବାରୁ ଜିଲା ପ୍ରଶାସନ ପକ୍ଷରୁ ନୂତନ ତାଲିକା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏଭଳି ଭାବେ ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ବାରମ୍ବାର ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ ହେଉଛି। ବାତ୍ୟା ପରେ ଯେଉଁ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ତାହା କିପରି ଭୁଲ ହେଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଗାଇବା ଗ୍ରାମରେ ଘରଭଙ୍ଗାଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ରଞ୍ଜିତ ଲିମା, ପୋଲ ପାଣି ପ୍ରମୁଖଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପାରଳାଖେମୁଣ୍ଡି ଆସି ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ଭେଟି ଦାବି ଜଣାଇଛନ୍ତି । ଏହି ଦାବିପତ୍ରର ନକଲ ସେମାନେ ପାରଳାଖେମୁଣ୍ଡି ବିଧାୟକ, ଗୁମ୍ମା ବ୍ଲକ ଅଧକ୍ଷ, ବିଡିଓ ଏବଂ ତହସିଲଦାରଙ୍କ ପାଖକୁ ପଠାଇଛନ୍ତି।

# ସବେରାଙ୍ଗା ବିଦ୍ୟାଳୟ: ୧୪ ଛାତ୍ରଙ୍କୁ ୪ ଶିକ୍ଷକ

**ଦାରିଙ୍ଗବାଡ଼ି, ୧୭।୧୧(ଡି.ଏନ.ଏ)**



ସବେରାଙ୍ଗା ବିଦ୍ୟାଳୟରେ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଉଛନ୍ତି ।

■ପଞ୍ଚମ, ଷଷ୍ଠରେ ନାହାନ୍ତି ପିଲା
■ପାଳିରେ ଚାଲିଛି ଶିକ୍ଷାଦାନ

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡିଛି । କେଉଁଠି ଶିକ୍ଷକ ଭିତ୍ତିଭୂମି ଥାଇ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମୁଛି। ଫଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି । କେତେକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ଯୋଗୁ ଗାଁ କମିଟି, ବିଦ୍ୟାଳୟ ପରିଚାଳନା କମିଟି ସୁପାରିସ କ୍ରମେ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉଛି । ଏଭଳି ଉଦାହରଣ ଡବେରୀ ସେବାଶ୍ରମରେ ଜଣେ ଜନଜାତି ଯୁବତୀଙ୍କୁ ମାସିକ ୧ ହଜାର ଟଙ୍କା ପାରିଶ୍ରମିକ ଦେଇ ନିଯୁକ୍ତି ଦିଆଯାଇଛି । ସେ ନିୟମିତ ଶିକ୍ଷାଦାନ କରୁଛନ୍ତି । କିନ୍ତୁ ସରକାରଙ୍କଠାରୁ ଚାକିରି ପାଇଥିବା ଶିକ୍ଷକ ମଧ ବିଦ୍ୟାଳୟକୁ ନିୟମିତ ଆସୁ ନ ଥିବା ଅଭିଯୋଗ ହେଉଛି । ଏଭଳି ଦେଖିବାକୁ ମିଳିଛି ସିଆଙ୍ଗବାଲି ପଞ୍ଚାୟତ ସବେରାଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ରହିଛି ଆବଶ୍ୟକ ଶ୍ରେଣୀ ଗୃହ ସମେତ ପିଲାଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା। ସେହିପରି ଶତାଧିକ ଛାତ୍ର ପାଠ ପଢ଼ିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। କିନ୍ତୁ, ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଯୋଗୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି । ଉକ୍ତ ବିଦ୍ୟାଳୟରେ ପଞ୍ଚମ ଏବଂ ଷଷ୍ଠ ଶ୍ରେଣୀରେ କୌଣସି ଛାତ୍ରୀଛାତ୍ର ନାମ ଲେଖି ନ ଥିବା ବେଳେ ପ୍ରଥମରେ ୫, ଦ୍ୱିତୀୟରେ ଜଣେ, ତୃତୀୟରେ ୨ ଜଣ, ଚତୁର୍ଥରେ ୪ ଏବଂ ସପ୍ତମରେ ୨ଜଣ ମିଶି ୧୪ ଜଣ ରହିଛନ୍ତି। ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସରକାରୀ ନିୟମଠାରୁ ଅଧିକ ଶିକ୍ଷକ ରହିଛନ୍ତି । ମୋଟ ୪ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି । ଆବଶ୍ୟକତାଠାରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି । ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଥିବା ଜଣାପଡ଼ିଛି। ସେହିପରି ସେମାନଙ୍କୁ ଅଦ୍ୟାବଧି ପୋଷାକ ଦିଆଯାଇ ନ ଥିବାରୁ କେତେକ ଛାତ୍ର ଅଙ୍ଗନୱାଡ଼ିରେ ପଢୁଥିବା ସମୟର ପୋଷାକ ପିନ୍ଧି ବିଦ୍ୟାଳୟରେ ବସିଥିବା ଦେଖିବାକୁ ମିଳିଛି । ଏନେଇ ସନ୍ଦେହ ଦେଖାଯାଇଥିଲେ ସୁଦ୍ଧା ଶନିବାର ଦାୟିତ୍ୱରେ ଥିବା ଶିକ୍ଷକ ମିତାଞ୍ଜଳୀ ପ୍ରଧାନ କହିଛନ୍ତି, ସମସ୍ୟା ଯୋଗୁ ପୋଷାକ ବଣ୍ଟନ ହୋଇପାରିନାହିଁ । ଏଣୁ ସେମାନେ ଅଙ୍ଗନୱାଡ଼ି ପୋଷାକ ପିନ୍ଧିଥିବା କହିଛନ୍ତି । ସେହିପରି ଛାତ୍ରୀଛାତ୍ର ସଂଖ୍ୟା କମ୍ ଯୋଗୁ ପଢ଼ାଇବାକୁ ସେତେଟା ଆଗ୍ରହ ରହୁ ନ ଥିବା ଶିକ୍ଷୟିତ୍ରୀ ପ୍ରଧାନ କହିଛନ୍ତି। ବିଦ୍ୟାଳୟକୁ ନିୟମିତ ଶିକ୍ଷକ ଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ବିଇଓ ପୁରେନ୍ଦ୍ର ବେହେରା କହିଛନ୍ତି, ସେଠାରେ କେତେ ଛାତ୍ରୀଛାତ୍ର ପଢୁଛନ୍ତି ମୁଁ ଜାଣିନାହିଁ। ବୁଝି କହିବି ବୋଲି କହିବା ସହ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପଚାରି ବୁଝିବାରୁ ସେ କହିଛନ୍ତି, ଏନେଇ ତଦନ୍ତ କରିବି, ଶନିବାର କେଉଁ କାରଣରୁ ୪ ଜଣଙ୍କ ବଦଳରେ ୨ଜଣ ଶିକ୍ଷୟିତ୍ରୀ ଉପସ୍ଥିତ ରହିଛନ୍ତି ସେ ସମ୍ପର୍କରେ ତଦନ୍ତ ହେବ ବୋଲି କହିଛନ୍ତି । ଏନେଇ ଦାରିଙ୍ଗବାଡ଼ି ଶିକ୍ଷକ କଲ୍ୟାଣ ସଂଘ ସଭାପତି ଯାମିନୀକାନ୍ତ ପତ୍ରା ଅଭିଭାବକଙ୍କୁ ଦାୟୀ କରିଛନ୍ତି, ଅଭିଭାବକ ତାଙ୍କ ପିଲାଙ୍କୁ ଜିଲା ବାହାରେ ଘରୋଇ ଅନୁଷ୍ଠାନରେ ଛାଡ଼ି ଦେଉଛନ୍ତି । ଏଥି ପାଇଁ ସରକାର ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଶଙ୍କରାଖୋଲ, ୧୭।୧୧ (ଡି.ଏନ.ଏ.)**

ଚକାପାଦ ବ୍ଲକ ଶଙ୍କରାଖୋଲ ବଜାରରେ ଥିବା ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଶନିବାର ବିଜୁ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଧାୟକ ପ୍ରତିନିଧି ଖଗେଶ୍ୱର ପଟ୍ଟନାୟକ, ସରପଞ୍ଚ ଚିତ୍ର କହଁର, ସମିତି ସଭ୍ୟ ବିଷ୍ଣୁ ଚରଣ ଦିଗାଳ, ନାଏବ ସରପଞ୍ଚ ତରସିଲା ମଳିକ, ତଲାରିମାହା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦିଗାଳ, ଲ୍ୟାମ୍ପ ଶାଖା ପରିଚାଳକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଉଚ୍ଚ ବିଦ୍ୟାଳୟ, ଉଚ୍ଚ ବାଳିକା ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଯୋଗଦେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥି ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଯୁବବାହିନୀର ସଭାପତି ମନୋଜ କୁମାର ଦିଗାଳ, ବସନ୍ତ ଦଳବେହେରା, ଟୁଟୁ ବିନ୍ଧାଣୀ, ସୁନୀଲ ରଣା ପ୍ରମୁଖ ପରିଚାଳନା କରିଥିଲେ।

# ହିରୋ ଡେଷ୍ଟିନିର ବଜାର ପ୍ରବେଶ

**ଫୁଲବାଣୀ ଅଫିସ, ୧୭।୧୧**

ଫୁଲବାଣୀ ନାରାୟଣୀ ମୋଟର୍ସ ପକ୍ଷରୁ ଶନିବାର ନୂଆ ସ୍କୁଟର ଡେଷ୍ଟିନି ୧୨୫ର ବଜାରପ୍ରବେଶ କରାଯାଇଛି । ମୁଖ୍ୟଅତିଥି ଭାବେ ମୋଟର ଯାନ ନୀରିକ୍ଷକ ଗତିକୃଷ୍ଣ ସାମନ୍ତରାୟ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସ୍କୁଟର ଅନ୍ୟ ଅଟୋମୋବାଇଲ ଉଦ୍ୟୋଗର ସମସ୍ତ ସ୍କୁଟରଠାରୁ ଦୁଇ ପାଦ ଆଗରେ। ୧୧୦ ସିସି ବିଶିଷ୍ଟ ସ୍କୁଟରର ଦାମ୍ ଯାହା ରହିଛି, ୧୨୫ ସିସି ଡେଷ୍ଟିନି ମଧ ସେହି ଦାମରେ ଉପଲବ୍ଧ ହେବ। ଏଥିସହ ଅନ୍ୟ ସ୍କୁଟର ତୁଳନାରେ ଅଧିକ ମାଇଲେଜ ପ୍ରଦାନ କରିବ। ହିରୋ ପକ୍ଷରୁ ଗ୍ରାହକଙ୍କୁ ୫ ବର୍ଷର ୱାରେଣ୍ଟି ପ୍ରଦାନ କରାଯିବ ବୋଲି ନାରାୟଣୀ ମୋଟର୍ସ ମ୍ୟାନେଜିଂ ପାର୍ଟନର ଆଲୋକ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ଫୁଲବାଣୀର ୨ଜଣ ନୂତନ ଗ୍ରାହକଙ୍କୁ ଡେଷ୍ଟିନ ପ୍ରଦାନ କରାଯାଇଥିଲା। ଜୁନିୟର ଏମ୍‌ଭିଆଇ ଦେବାଶିଷ ମଲ୍ଲିକ, ଟ୍ରାଫିକ ଇନ୍ସପେକ୍ଟର ସତିଶ କୁମାର ପାଢ଼ୀ, ଜି. ଉଦୟଗିରି ମହାବୀର ମୋଟର୍ସର ସ୍ୱତାଧିକାରୀ ଚତୁର୍ଭୁଜ ସାହୁ, ବାଲିଗୁଡା ସାଇ ମୋଟର୍ସର ସଂଜୀବ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣୀ ମୋଟର୍ସର ରହିମ ସାହୁ, ଦେବେନ୍ଦ୍ର କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଦୁଇ ନୂଆ ଗ୍ରାହକଙ୍କ ସହ ଅତିଥି ।

# ଜନଜାତି ମହୋତ୍ସବ ଉଦ୍‌ଯାପିତ



ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଆଦିବାସୀମାନେ ।

**ଫୁଲବାଣୀ ଅଫିସ, ୧୭।୧୧**

ଫୁଲବାଣୀ ବ୍ଲକ ସାର୍ତାଗୁଡା ଗ୍ରାମ ଖେଳ ପଡିଆରେ ଦୁଇଦିନ ଧରି ଚାଲିଥିବା ଜନଜାତି ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ପକ୍ଷରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଆଦିବାସୀମାନଙ୍କ ମଧରେ ସଂଗୀତ, ବକ୍ତୃତା, କୁଇଜ୍, ନାଚ, ଝୋଟି, ଚିତ୍ରାକ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗ୍ରୁପ ପକ୍ଷରୁ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଆଦିବାସୀ ସଂସ୍କୃତି ସହ ଜଡିତ ସାମଗ୍ରୀମାନ ବହୁ ସଂଖ୍ୟାରେ ବିକ୍ରି ହୋଇଥିଲା। ଶୁକ୍ରବାର ଉତ୍ସବ ଉପଲକ୍ଷେ ଜନଜାତିଙ୍କ ଏକ ରାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ସାର୍ତାଗୁଡା ଖେଳ ପଡିଆରେ ପହଂଚିଥିଲା। ଆଦିବାସୀମାନେ ସେମାନଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବାଦ୍ୟର ତାଳେ ତାଳେ ରାଲିରେ ନୃତ୍ୟ କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ଅଧ୍ୟକ୍ଷ ରୋଦନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ଆଦିବାସୀଙ୍କ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ଶନିବାର ବହୁ ସଂଖ୍ୟାରେ ଆଦିବାସୀ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବିଡିଓ ସୁବ୍ରତ କୁମାର ଜେନାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

### 'ହକି ପାଇଁ ଦୌଡ'
## ୨୫ରେ ଜିଲାସ୍ତରୀୟ ମିନି ମାରାଥନ

ପାରଳାଖେମୁଣ୍ଡି, ୧୭।୧୧(ସ୍ୱ.ପ୍ର.)– ଗଜପତି ଜିଲାସ୍ତରୀୟ ମିନି ମାରାଥନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଚଳିତ ନଭେମ୍ବର ୨୭ରୁ ଡିସେମ୍ବର ୧୬ତାରିଖ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱକପ ହେବାକୁ ଯାଉଛି। ଏହି ଉପଲକ୍ଷେ ଜିଲାସ୍ତରୀୟ ମିନି ମାରାଥନ ଆସନ୍ତା ୨୫ତାରିଖରେ ଆୟୋଜନ ହେବ ବୋଲି ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ମାରାଥନରେ ୧୭ରୁ ୪୦ବର୍ଷ ବୟସର ମହିଳା ଓ ପୁରୁଷ ଭାଗନେବେ। ଏହି ମିନି ମାରାଥନର ମୁଖ୍ୟ ବାର୍ତ୍ତା 'ହକି ପାଇଁ ଦୌଡ' ବୋଲି କ୍ରୀଡା ଅଧିକାରୀ ତ୍ରିପାଠୀ କହିଛନ୍ତି। ପାରଳାଖେମୁଣ୍ଡି ସହରସ୍ଥ ଗଜପତି ଷ୍ଟାଡିୟମ ପରିସରରୁ ମିନି ମାରଥନ ବାହାରି ସହରର ବିଭିନ୍ନ ମୁଖ୍ୟରାସ୍ତା ଦେଇ ବେତାଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ନିକଟରେ ଶେଷ ହେବ ବୋଲି ଜଣାପଡିଛି । ଏଥିପାଇଁ ପୂର୍ବରୁ ପ୍ରତିଯୋଗୀମାନେ ନିଜର ନାମ କ୍ରୀଡା ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ କରିବେ। ପାରଳାଖେମୁଣ୍ଡି ସହର ସମେତ ପ୍ରତ୍ୟେକ ପଞ୍ଚାୟତସ୍ତରରେ ମଧ ଏହି ମିନି ମାରାଥନ ଆୟୋଜନ ହେବ ବୋଲି ବୋଲି ଜିଲା କ୍ରୀଡା ବିଭାଗ ପକ୍ଷରୁ କୁହାଯାଇଛି ।

# କଳିଙ୍ଗ ମହାବିଦ୍ୟାଳୟ ପକ୍ଷରୁ ସଚେତନତା ପଦଯାତ୍ରା

**ଜି.ଉଦୟଗିରି, ୧୭।୧୧(ଡି.ଏନ.ଏ.)**

ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ କଳିଙ୍ଗ ମହାବିଦ୍ୟାଳୟର ଏନ୍‌ସିସି, ଯୁବ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଡ. ସରୋଜ କୁମାର ପରିଡ଼ା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଏନସିସି ଅଧିକାରୀ ଦ୍ୱିତୀକୃଷ୍ଣ ଖଣ୍ଡୁଆଳ, ଯୁବ ରେଡକ୍ରସ କାଉନସିଲର ଡ. ନଳିନୀ କୁମାର ପାଣିଗ୍ରାହୀ, ରୂପବନ୍ତ ଭୋଇ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ମାନସ ରଞ୍ଜନ ରାଉତରାୟ, ବିପୁଳଭୁଜ ମାଝି, ଝୁନୁମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତାଧର୍ମୀ ପ୍ଲାକାର୍ଡ ଧରି ଇନ୍ଦିରା ପଡ଼ିଆ ଗ୍ରାମରୁ ସହର ପରିକ୍ରମା କରିଥିଲେ । ବାହ୍ୟ ମଳତ୍ୟାଗର ଅପକାରିତା ସମ୍ପର୍କରେ ଛାତ୍ରୀଛାତ୍ରମାନେ ଗ୍ରାମବାସୀଙ୍କୁ ସଚେତନ କରିବାକୁ ଚେଷ୍ଟା କରିଥିଲେ । ଅଧ୍ୟାପକ ସୁଧାଂଶୁ ଶେଖର ମେହେର, ରାଜେଶ ବାଗ, ଦିଲୀପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ସଚେତନତା ପଦଯାତ୍ରା।

# ରାପିଡ୍ ଆକ୍ସନ ଟିମ୍‌ର ବିଦ୍ୟାଳୟ ପରିଦର୍ଶନ

**ଦାରିଙ୍ଗବାଡି, ୧୭।୧୧(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସମେତ ଟିକାବାଲି ଏବଂ ରାଇକିଆ ଅଞ୍ଚଳରେ ଶନିବାର ରାପିଡ୍ ଆକ୍ସନ ଟିମ୍ ପରିଦର୍ଶନ କରିଛନ୍ତି। ସେମାନେ ଦାରିଙ୍ଗବାଡିର ମାଓବାଦୀ ପ୍ରବଣ ଭ୍ରମରବାଡି ଅଞ୍ଚଳର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ସମେତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିବା ସହ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସହ ପ୍ରଶ୍ନ ପଚାରିଥିଲେ। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଏବଂ ସପ୍ତମ ଛାତ୍ରୀଛାତ୍ରଙ୍କୁ ମଧ ଟିମ୍ ପକ୍ଷରୁ ପାଠ ପଢ଼ାଯାଇଥିଲା । ବିଦ୍ୟାଳୟର ପରିବେଶ ଅନ୍ୟ ବିଦ୍ୟାଳୟ ଅପେକ୍ଷା ଭଲ ରହିଥିବା ବେଳେ ମଧ୍ୟାହ୍ନ ଭୋଜନ ଛାତ୍ରୀଛାତ୍ର ଖାଇବା ବେଳେ ଏଣେତେଣେ ନବସାଇ ଶୃଙ୍ଖଳିତ ଭାବେ ଗୋଟିଏ ଲମ୍ବାଧାଡିରେ ବସାଇ ଖାଇବାକୁ ଦେବାକୁ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳଭଦ୍ର ମଲ୍ଲିକଙ୍କୁ ପରାମର୍ଶ ଦେଇଥିଲେ। ଏହି ଟିମ୍‌ରେ କନ୍ଧମାଳ ଜିଲା ମାଇନିଂ ଅଫିସର ପି.ଏସ.କେ ବଳ ଏବଂ ଜିଲା ସାମାଜିକ ସମୀକ୍ଷକ ଦୁଃଶାସନ ସିଂ ରହିଥିଲେ। ସେମାନେ ଉକ୍ତ ପଞ୍ଚାୟତର ଅନ୍ୟ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବୁଲି ଦେଖିଛନ୍ତି। କନ୍ଧମାଳ ଜିଲାପଳ ଡ. ବୃନ୍ଦା ଡିଙ୍କ ନିର୍ଦ୍ଦେଶକ୍ରମେ କନ୍ଧମାଳ ଜିଲାରେ ଏହି ଟିମ୍ ବୁଲୁଥିବା ମାଇନିଂ ଅଫିସର ବଳ କହିଛନ୍ତି। ବିଦ୍ୟାଳୟରେ ସମସ୍ତ ଶିକ୍ଷକ ରହିଥିବାବେଳେ ଏବିଇଓ ବିନାୟକ ମହାପାତ୍ର, ସିଆରସିସି ପ୍ରଭୋଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ରାପିଡ ଆକ୍ସନ ଟିମ ଭ୍ରମରବାଡିରେ ପାଠ ପଢ଼ାଉଛନ୍ତି।

# ମାନବ ଚାଲାଣ, ବାଲ୍ୟ ବିବାହ ରୋକିବାକୁ ସଚେତନତା

**ଦାରିଙ୍ଗବାଡ଼ି, ୧୭।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ଅନୁସୂଚିତ ଜନଜାତି, ଜାତି ବିଭାଗର ବାଳିକା ସେବାଶ୍ରମରେ ମାନବ ଚାଲାଣ ରୋକିବା ସହ ବାଲ୍ୟ ବିବାହ ରୋକିବା ଦିଗରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦାରିଙ୍ଗବାଡ଼ି ସବଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଙ୍କୁ ମାନବ ଚାଲାଣ, ବାଲ୍ୟ ବିବାହ ରୋକିବା ଦିଗରେ ସଚେତନ କରାଇଥିଲେ । ବିଶେଷ କରି ଛାତ୍ରୀଙ୍କୁ କେହି ଫଲୋ କରୁଥିଲେ କିମ୍ବା ନିଜକୁ ଅସୁରକ୍ଷିତ ଭାବୁଥିଲେ ପୋଲିସକୁ ଫୋନ କରିବା ସହ ବାଲ୍ୟ ବିବାହ ସମ୍ପର୍କରେ କ'ଣ ସବୁ ଆଇନ ରହିଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ସହ ଭଲ ପାଠପଢ଼ି ଉଚ୍ଚ ଶିକ୍ଷିତ ହେବା ପରିବାରରେ ବାପା, ମା'ଙ୍କ ସମେତ ସମସ୍ତଙ୍କ ଉପଦେଶ ଶୁଣିବା ଉପରେ ପରାମର୍ଶ ଦେଇଥିଲେ । ସେହିପରି ନାବାଳିକା ବଳାତ୍କାର ହେଲେ କ'ଣ ସବୁ ଆଇନ ରହିଛି ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଦାରିଙ୍ଗବାଡ଼ି ଅଞ୍ଚଳରେ ବିଭିନ୍ନ ସମୟରେ ଦଲାଲ୍‌ମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ ନେଇ ବିଶେଷ କରି କେରଳ, ସୁରଟ, ଚେନ୍ନାଇ, ଆନ୍ଧ୍ର ପ୍ରଦେଶରେ ବିକ୍ରି କରି ଦେଉଥିବା ନେଇ ସେ ସତର୍କ କରାଇବା ସହ ଏଥିରୁ ନିବୃତ୍ତ ରହିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ସେହିପରି ୧୮ ବର୍ଷରୁ କମ୍ ବୟସର ଝିଅମାନେ ବିବାହ ନ କରିବାକୁ ସେ ପରାମର୍ଶ ଦେଇଥିଲେ । ଅଜଣା ଲୋକଙ୍କଠାରୁ ଦୂରରେ ରହିବାକୁ କୁହାଯାଇଥିଲା । କୌଣସି ପ୍ରକାରେ ବାଲ୍ୟ ବିବାହକୁ ପରିବାର ଲୋକ ପ୍ରଶ୍ରୟ ଦେଲେ ଶୀଘ୍ର ପୋଲିସ କଲ୍ କରିବା କିମ୍ବା ପୋଲିସର ସହାୟତା ନେବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା। ଏହି କାର୍ଯକ୍ରମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନାଟକ ମାଧ୍ୟମରେ ଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଏଥିରେ ନାଟ୍ୟ ନିର୍ଦ୍ଦେଶକ ସାରଦା ଚରଣ ବଳିଆରସିଂଙ୍କ ତତ୍ତ୍ୱାବଧାନରେ କଳାକାର କୁମୁଦ ଚନ୍ଦ୍ର ନାୟକ, ସୁଶୀଳ ପ୍ରଧାନ, ବ୍ରହ୍ମାନନ୍ଦ ନାୟକ, ବୁଲେ ପ୍ରଧାନ, ଲୁଇସା ପରିଚ୍ଛା, ସଞ୍ଜିତା ନାୟକ, ମମତା ପ୍ରଧାନ, ଏବାଜିନୀ ପ୍ରଧାନ ଓ ନିମୁମା ପ୍ରଧାନ ପ୍ରମୁଖ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ସମେତ ଅନ୍ୟ ଶିକ୍ଷକ ଉପସ୍ଥିତ ଥିଲେ।



ସବ୍‌ଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ ଉପସ୍ଥିତ ଛାତ୍ରୀଙ୍କୁ ସଚେତନ କରାଉଛନ୍ତି ।